

କାର୍ଯ୍ୟକାରୀ ହେବ ୪୫ହଜାର କୋଟିର ପ୍ରକଳ୍ପ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
Google Play | App Store



'ଛାବା' ପାଇଁ ୫ ମାସ ମରାଠୀ ଶିଖିଲେ ରଶ୍ମିକା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୫ Vol. 21 No-275 3 JANUARY 2025 FRIDAY BHUBANESWAR ଶୁକ୍ରବାର, ୩ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଘନ କୁହୁଡ଼ି ପାଇଁ ୩ ଜିଲ୍ଲାକୁ ୱାର୍ଣ୍ଣିଂ

ଭୁବନେଶ୍ୱର, ୨।୧ (ଭାସ୍କର ନ୍ୟୁଜ): ଶୁକ୍ରବାର ଘନ କୁହୁଡ଼ି ପାଇଁ ରାଜ୍ୟର ୩ ଜିଲ୍ଲା ନିମନ୍ତେ ସତର୍କ ସୂଚନା ଭୁବନେଶ୍ୱର ପାଣିପାଗ ବିଭାଗ ଜାରି କରିଛି। ସେହି ଜିଲ୍ଲାଗୁଡ଼ିକ ହେଲା ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳ। ଏହି ଘନକୁହୁଡ଼ି ସମୟରେ ଦୃଶ୍ୟମାନ କ୍ଷମତା ୨୦୦ ମିଟରରୁ କମ୍ ରହିପାରେ ବୋଲି ବିଭାଗ ଆକଳନ କରିଛି। ତେଣୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

### ପ୍ରଜ୍ଞାପନ ମେଢ ତାଲିକାରେ ନାହିଁ ଓଡ଼ିଶା

ନୂଆଦିଲ୍ଲୀ, ୨।୧: ଆସନ୍ତା ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀରେ ଆୟୋଜିତ ପରେଡ଼ରେ ସ୍ଥାନ ପାଇବାକୁ ଥିବା ପ୍ରଜ୍ଞାପନ ମେଢ ତାଲିକାରେ ଓଡ଼ିଶାର ନାଁ ନାହିଁ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ରାଜ୍ୟକୁ ମେଢ ନେଇ ଚିଠି କରାଯାଇଥିବାବେଳେ ଓଡ଼ିଶାକୁ ଚିଠି କରାଯାଇନାହିଁ। ଯେଉଁସବୁ ରାଜ୍ୟର ପ୍ରଜ୍ଞାପନ ମେଢ ସ୍ଥାନ ପାଇବ, ସେଗୁଡ଼ିକ ହେଲା ଆନ୍ଧ୍ର, ବିହାର, ଗୋଆ, ଗୁଜରାଟ, ହରିଆଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ତ୍ରିପୁରା, ଉତ୍ତରାଖଣ୍ଡ, ୟୁପି ଓ ପଶ୍ଚିମବଙ୍ଗ।

## ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ

# ସଂଗ୍ରାମୀମାନେ ଅମୂଲ୍ୟ ରତ୍ନ



**ବଢ଼ିଲା ସଂଗ୍ରାମୀଙ୍କ ପେନ୍‌ସନ୍**

**ସେମାନଙ୍କ ତ୍ୟାଗର ମୂଲ୍ୟ ଦେଇହେବ ନାହିଁ**

**ଜରୁରିକାଳୀନ ପରିସ୍ଥିତି ଗଣତନ୍ତ୍ରର କଳାଦାଗ**

ଭୁବନେଶ୍ୱର, ୨।୧ (ଭାସ୍କର ନ୍ୟୁଜ): ସ୍ୱାଧୀନତା ସଂଗ୍ରାମୀମାନେ ଆମର ଅମୂଲ୍ୟ ରତ୍ନ । ସେମାନେ ଯେଉଁ ତ୍ୟାଗ କରିଛନ୍ତି ତା'ର ମୂଲ୍ୟ କେହି ଦେଇ ପାରିବେ ନାହିଁ । ଆମେ କେବଳ ତାଙ୍କୁ ସମ୍ମାନ ଦେଇ ପାରିବା ଏବଂ ସେମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ସଦନ ପଡିଆ ଠାରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନାର୍ଥେ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନସନକୁ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ରାଜ୍ୟର ଜେଲ୍ ଯାଇଥିବା (ବନ୍ଦୀ) ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପେନସନକୁ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ସହିତ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନେ ପୂର୍ବରୁ ୯ ହଜାର ଟଙ୍କା ପାଉଥିବା ବେଳେ ଏବେ ମାସକୁ ୧୫ ହଜାର ଟଙ୍କା ପାଇବେ । କେନ୍ଦ୍ର ସରକାରଙ୍କ ପେନ୍‌ସନ୍ ପାଉଥିବା ସଂଗ୍ରାମୀମାନଙ୍କୁ (କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ରତା ସୈନିକ ସମ୍ମାନ) ରାଜ୍ୟ ସରକାର ମାସକୁ ଅତିରିକ୍ତ ୮ ହଜାର ଟଙ୍କା ପ୍ରତୀକ ଭତ୍ତା ପ୍ରଦାନ କରୁଥିଲେ । ଏହି ଭତ୍ତାକୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଜରୁରୀ କାଳୀନ ପରିସ୍ଥିତିକୁ ଗଣତନ୍ତ୍ରର ଏକ କଳା ଦାଗ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ସମୟରେ ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରି ମିସା ଆଇନରେ ଗିରଫ ହୋଇଥିବା ସମସ୍ତ ସଂଗ୍ରାମୀମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନସନ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଶାର ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଦିବସକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଭାବେ ପାଳନ କରାଯାଉଛି । ଡଃ ମହତାବଙ୍କ କୃତି ଓ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଏବଂ ତାଙ୍କ ଅବଦାନର ସମ୍ମାନାର୍ଥେ ଚଳିତ ବର୍ଷ ଡଃ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ରାଜ୍ୟ ତଥା ରାଷ୍ଟ୍ରସ୍ତରରେ ଏକ ବର୍ଷବ୍ୟାପୀ ପାଳନ କରାଯାଉଛି । ଡଃ ମହତାବଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ତାଙ୍କ ଜୀବନୀ ଉପରେ ବାୟୋପିକ୍ ନିର୍ମାଣ କରାଯିବ । ତାଙ୍କ ରଚିତ ପୁସ୍ତକ ଓ ଆଲେଖ୍ୟ ଗୁଡ଼ିକର ବିଭିନ୍ନ ଭାଷାରେ ପୁନଃ ପ୍ରକାଶନ, ତାଙ୍କ ଜନ୍ମସ୍ଥାନ ● ପୃଷ୍ଠା ୫ ଦେଖନ୍ତୁ



ଭୁବନେଶ୍ୱର ବିମାନବନ୍ଦରରେ ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଆଇଏଏସ୍ ସ୍ତରରେ ଅଦଳବଦଳ

# ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦରୁ ହଟିଲେ ଅରିନ୍ଦମ

ଭୁବନେଶ୍ୱର, ୨।୧ (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ବୁଧବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ପ୍ରାୟ ୫ ମାସ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିବା ଅରିନ୍ଦମ ଡାକୁଆଙ୍କୁ ବଦଳି କରାଯାଇ ପୌର ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ତାଙ୍କ ସ୍ଥାନରେ କିଏ ଏହି ପଦ ସମ୍ଭାଳିବେ ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ । ଶ୍ରୀ ଡାକୁଆଙ୍କୁ ପୌର ପ୍ରଶାସକ ସହ ନଗରଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଏନବିଏସ୍ ରାଜପୁତଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଟି ଆଓ ହେଲେ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ। ସେହିପରି ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଦକ୍ଷତା ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନୁରୂପ ଭାବେ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ଡାକୁଆ ୨୦୧୩ ଜୁଲାଇରୁ ୨୦୧୪ ଅଗଷ୍ଟ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଚମ୍ପୁଆର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେ ବଲାଙ୍ଗୀର, ନୟାଗଡ଼ ଓ କଟକ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ପରେ ଗତ ଜୁଲାଇରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିଲେ।







ବାଲୁଗାଁ (ଭାସ୍କର ନ୍ୟୁଜ): ଡିଏଭି ଗୁରୁକୁଳ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବାଣପୁର ବଜାରରେ ସଚେତନତା କାର୍ଯ୍ୟକ୍ରମ କରିବା ସହ ସ୍ଲୋଗାନ ଦେଇଥିଲେ। ଜନଗହଳି ପୂର୍ଣ୍ଣ ସ୍ଥାନରେ ନିୟମ ଭଙ୍ଗ କରିବା ଚାଳକ ମାନଙ୍କୁ ଅଭିନବ ଉପାୟରେ ଗୋଲାପ ଫୁଲ ଦେଇ ଓ ନିୟମ ପାଳନ କରୁଥିବା ଚାଳକ ମାନଙ୍କୁ ମିଠା ଖୁଆଇ ସଚେତନତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଣପୁର ଥାନା ଆଇଆଇସିଙ୍କ ସମେତ ବାଣପୁରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ ଓ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ବିଦ୍ୟାଳୟର ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ତ୍ରିପାଠୀ, ଚେୟାରମେନ ପ୍ରଶାନ୍ତ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଶିକ୍ଷକ ପ୍ରେମଦୀପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ପୁରୀରେ ରାଜ୍ୟପାଳ ଶ୍ରୀଜଗନ୍ନାଥଙ୍କୁ କଲେ ଦର୍ଶନ



ଭୁବନେଶ୍ୱର/ପୁରୀ (ଭାସ୍କର ନ୍ୟୁଜ): ଓଡ଼ିଶାରେ ପହଞ୍ଚିଲେ ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ସ୍ୱାଗତ ଜଣାଇଥିଲେ। ରାଜଭବନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହାପରେ ଶ୍ରୀ କମ୍ଭମପତି ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଲୋଡ଼ିଥିବା ସୂଚନା ମିଳିଛି । ତେବେ ରାଜ୍ୟପାଳ ପୁରୀ ରାଜଭବନରେ ରାତ୍ରୀଯାପନ କରିବେ। ଶୁକ୍ରବାର

## ଆଜି ଶପଥ ଗ୍ରହଣ

ସକାଳେ ଭୁବନେଶ୍ୱର ଫେରି ରାଜଭବନରେ ରାଜ୍ୟପାଳ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ ଗତମାସ ୨୪ ତାରିଖରେ ରାଷ୍ଟ୍ରପତି ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଥିଲେ। ଏଥିପୂର୍ବରୁ ସେ ମିଜୋରାମର ରାଜ୍ୟପାଳ ରହିଥିଲେ। ଛାତ୍ର ରାଜନୀତିରୁ କ୍ୟାରିଅର ଆରମ୍ଭ କରିଥିବା ଡକ୍ଟର କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନ ସମୟରେ ଗିରଫ ହୋଇ ୬ ମାସ ଜେଲ୍ ଯାଇଥିଲେ। ୧୯୯୯ ମସିହାରେ ପ୍ରଥମ ଥରପାଇଁ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ରେ କମ୍ଭମପତି ବିଶାଖାପାଟଣା ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ।

# ଟ୍ରକ ଚାପାରେ ନାବାଳକ ମୃତ

କରଞ୍ଜିଆ (ଭାସ୍କର ନ୍ୟୁଜ): ଗୁରୁବାର ୪୯ ନଂ ଜାତୀୟ ରାଜପଥର ଯଶିପୁର ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ମୁଖରେ ଟ୍ରକ ଚାପାରେ ଜଣେ ୭ ବର୍ଷ ବୟସର ନାବାଳକଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ଘଟିବା ପରେ ପ୍ରାୟ ୫ ଘଣ୍ଟା ଧରି ଶବ ସହ ମୃତକଙ୍କ ପରିବାର ଲୋକେ ରାସ୍ତା ଉପରେ ବସି ରହିବା ଫଳରେ ରାଜପଥରେ ଯାନବାହାନ ଚଳାଚଳ ଠପ୍ ହୋଇଥିଲା । ରାସ୍ତାରୋକ ପ୍ରତ୍ୟାହାର ପାଇଁ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, ଯଶିପୁର ବିଡ଼ିଓ ମାଧବଚନ୍ଦ୍ର ବିରୁଆ, ଯଶିପୁର ତହସିଲଦାର ଶର୍ମିଷ୍ଠା ସାହୁ, ଥାନା ଅଧିକାରିଣୀ ସଂଯୁକ୍ତା ମହାଲିକ ମୃତକଙ୍କ ପରିବାର ଲୋକଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ପ୍ରଶାନିକ ଅଧିକାରୀଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିଥିଲେ । ଏ ସମ୍ପର୍କରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କ ଗଣମାଧ୍ୟମ ପ୍ରଭାରୀ ମନୋରଞ୍ଜନ ତିରିଆ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି, ସେଠାରେ ପୂର୍ବରୁ ଉପସ୍ଥିତ ମନ୍ତ୍ରୀଙ୍କ ଅନ୍ୟତମ ପ୍ରତିନିଧି ବନୋଜ କୁମାର କାଲୁଣ୍ଡିଆଙ୍କ ସହ ମୃତକ ନାବାଳକର ପିତାମାତା ଏବଂ ପରିଜନଙ୍କ ସହିତ ଆଲୋଚନା କରିଥିଲେ । ଉକ୍ତ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଜିଲ୍ଲାପାଳ ହେମକାନ୍ତ ସୋୟ ୨ ଲକ୍ଷ ଟଙ୍କା ଏବଂ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପାଇଁ ଘୋଷଣା କରିଥିବା ସମ୍ପର୍କରେ ଅବଗତ କରାଇବା ପରେ ଆତ୍ମୀୟମାନେ ଶବକୁ ବ୍ୟବଚ୍ଛେଦ କରାଇବା ପାଇଁ ରାଜି ହୋଇଥିଲେ । ମିଳିଥିବା ସୂଚନା ଅନୁସାରେ ଆଜି ପୂର୍ବାହ୍ନ ସାଢେ ୧୧ଟା ସମୟରେ ବିଶୋଇ ବ୍ଲକ ଖଡମବେଡା ପଞ୍ଚାୟତ ଅନ୍ତର୍ଗତ ଚୁଆକାଙ୍କର ଗ୍ରାମର ଶିକ୍ଷକ ଜୟପାଲ ପୂର୍ତ୍ତି ତାଙ୍କ ପତ୍ନୀ ଏବଂ ଶିଶୁପୁତ୍ରଙ୍କ ସହିତ ରରୁଆଁ ବ୍ଲକ ଅନ୍ତର୍ଗତ କୋଦଲିଧୁଆସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଜୟପାଲ ଗୋଟିଏ ମୋଟର ସାଇକେଲ ଏବଂ ତାଙ୍କ ସ୍ତ୍ରୀ ପୁଅ ଅଭିନନ୍ଦନ(୭) ସହିତ ଗୋଟିଏ ସ୍କୁଟି ଯୋଗେ ବିଶୋଇ ପଟୁ ଯଶିପୁର ଆଡକୁ ଯାଉଥିଲେ । ଏହି ସମୟରେ ଗୋଟିଏ ଟ୍ରକ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଯାହାଫଳରେ ସ୍କୁଟି ପଛ ପଟେ ବସିଥିବା ପୁଅ ଛିଟିକି ପଡି ତଳେ ପଡି ଯିବା ପରେ ତାଙ୍କରି ମୁଣ୍ଡକୁ ଟ୍ରକ ଚାପି ଦେବାରୁ ଘଟଣା ସ୍ଥଳରେ ତାଙ୍କରି ମୃତ୍ୟୁ ଘଟିଥିଲା । ସଙ୍ଗେ ସଙ୍ଗେ ଉତ୍ତ୍ୟକ୍ତ ଜନସାଧାରଣ ଏକାଠି ହେବା ସହିତ ରାସ୍ତାର ତୁରନ୍ତ ମରାମତି ସାଙ୍ଗକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇଁ ଅଡ଼ି ବସିବାରୁ ୫ ଘଣ୍ଟା ଧରି ଯାନବାହାନ ଚଳାଚଳ ବନ୍ଦ ହୋଇଥିଲା । ଉପଜିଲ୍ଲାପାଳ, ଉପଖଣ୍ଡ ପୋଲିସ ଅଧିକାରୀ, ଯଶିପୁର ତହସିଲଦାର, ବିଡ଼ିଓ, ଥାନା ଅଧିକାରିଣୀ ପ୍ରମୁଖ ମୃତକ ଅଭିନନ୍ଦନର ପରିବାର ବର୍ଗଙ୍କୁ ରାସ୍ତାରୋକରୁ ହଟିବା ପାଇଁ ଦୀର୍ଘ ସମୟ ଧରି ଆଲୋଚନା କରି ବିଫଳ ହୋଇଥିଲେ । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କ ମିଡ଼ିଆ ପ୍ରଭାରୀ ମନୋରଞ୍ଜନ ତିରିଆ ଘଟଣାସ୍ଥଳକୁ ଆସି ମନ୍ତ୍ରୀଙ୍କ ଅନ୍ୟତମ ପ୍ରତିନିଧି ବନୋଜ କାଲୁଣ୍ଡିଆଙ୍କ ସହିତ ମୃତକଙ୍କ ଆତ୍ମୀୟଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା ପରେ ମୃତକଙ୍କ ପରିବାର ଲୋକେ ଶବକୁ ବ୍ୟବଚ୍ଛେଦ ପାଇଁ ଛାଡିବା ପାଇଁ ରାଜି ହେବାରୁ ରାସ୍ତାରୋକ ପ୍ରତ୍ୟାହୃତ ଥିଲା ।

# ଠେଙ୍ଗାରେ ପିଟିପିଟି ହତ୍ୟା

କେନ୍ଦୁଝର (ଭାସ୍କର ନ୍ୟୁଜ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। କେନ୍ଦୁଝର ସଦର ଥାନା ଡୁଙ୍ଗୁରିଡିହି ଗ୍ରାମରେ ଏହି ଅଘଟଣ ଘଟିଛି। ପୋଲିସ ଅଭିଯୁକ୍ତକୁ ଗିରଫ କରିଛି।

# ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲେ କଲେଜ ଅଧକ୍ଷା



ପରଜଙ୍ଗ (ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କୁ ପରଜଙ୍ଗ ମହାବିଦ୍ୟାଳୟର ଅଧକ୍ଷା ସ୍ମିତାରାଣୀ ସାହୁ ଭେଟି ୨୦୨୫ ନବ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ଏହି ଉପଲକ୍ଷେ ଅଧକ୍ଷା ଶ୍ରୀମତୀ ସାହୁ ବିଧାୟକ ଶ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ଶୁଭେଚ୍ଛା ବାର୍ତ୍ତା ଜଣାଇବା ସହ ଉଭୟଙ୍କ ମଧ୍ୟରେ କଲେଜର ଉର୍ନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ନିବେଦନ ରଖି ସ୍ୱଳ୍ପ ସମୟ ଆଲୋଚନା କରିଥିଲେ ।

# ଡକ୍ଟର ହରେକୃଷ୍ଣ ମହତାବଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡକ୍ଟର ହରେକୃଷ୍ଣ ମହତାବଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ, ଆଧୁନିକ ଓଡିଶା ନିର୍ମାଣର ବିଶ୍ୱକର୍ମା ତଥା ସ୍ୱାଧୀନତା ସଂଗ୍ରାମୀ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ବାର୍ଷିକୀରେ ବିନମ୍ର ଶ୍ରଦ୍ଧାଞ୍ଜଳି। ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ଓଡ଼ିଶାରେ ରାଜନୈତିକ ଓ ସାମାଜିକ ଉତ୍ଥାନ କ୍ଷେତ୍ରରେ ମହତାବଙ୍କ ଅବଦାନ ଥିଲା ଅତୁଳନୀୟ।

## ଆଜିଠୁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା

# ଆରମ୍ଭ ହେବ କଂସ ରାଜୁତି



ବରଗଡ଼ (ଭାସ୍କର ନ୍ୟୁଜ): ରାତି ପାହିଲେ ଆରମ୍ଭ ହେବ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ। ମହାରାଜା କଂସଙ୍କ ଅଟ୍ଟହାସ୍ୟରେ ପ୍ରକମ୍ପିତ ହେବ ମଥୁରାନଗରୀ। ଶୁକ୍ରବାରଠାରୁ ଆରମ୍ଭ ହେବ ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚରେ ଧନୁଯାତ୍ରା। ୩ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ୧୧ଦିନ ଧରି ଏହି ମହୋତ୍ସବ ଚାଲୁ ରହିବ। ଧନୁଯାତ୍ରା ପାଇଁ ବରଗଡ଼ ସହର ସାଜିବ ମଥୁରା ନଗରୀ, ଅମ୍ବାପାଲି ପାଲଟିବ ଗୋପପୁର ଓ ସହର ମଧ୍ୟରେ ବୋହିଯାଉଥିବା ଜିରାନଦୀ ହେବ ଯମୁନା ନଦୀ। ମଞ୍ଚ ପ୍ରସ୍ତୁତକୁ କଳାକାର ପ୍ରସ୍ତୁତ। ଗୋପପୁରରେ ଲୀଳାଖେଳା କରିବେ ମହାପ୍ରଭୁ କୃଷ୍ଣ ବଳରାମ। ଏଥିପାଇଁ ପୁରା ବରଗଡ଼ ସହର ସଜେଇ ହୋଇଛି। ସବୁଠି ଉତ୍ସାହ ଓ ଉଦ୍ଦୀପନା। କୃଷ୍ଣ ପ୍ରେମରେ ବିଭୋର ହେବେ ଗୋପୀ, ଗୋପାଙ୍ଗନା ଓ ଗୋପପୁରବାସୀ। କଂସ ମହାରାଜାଙ୍କ ନ୍ୟାୟ ବିଚାର ଓ କୃଷ୍ଣଙ୍କ ପ୍ରେମରେ ବିମୋହିତ ହେବେ ଲୋକେ। ବରଗଡ଼ ଓ ଅମ୍ବାପାଲି ସହରର ୨୭ଟି ଖୋଲା ରଙ୍ଗମଞ୍ଚରେ ଅଭିନୟ କରିବେ କଳାକାର। ମହାରାଜା କଂସ ଓ ଅନ୍ୟ କଳାକାରମାନଙ୍କ ପାଇଁ ହାତୀ, ଘୋଡ଼ା, ଓଟ ପହଞ୍ଚିଥିବାବେଳେ କେବଳ ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରାଯାଇଛି। ଲୋକଙ୍କ ସୁରକ୍ଷା ପାଇଁ ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ଟ୍ରାଫିକ ବ୍ୟବସ୍ଥା ଓ ସୁରକ୍ଷା ପାଇଁ ୨୦ ପ୍ଲାଟୁନ୍ ଫୋର୍ସ ସହ ୧୫୦ଜଣ ପୋଲିସ ଅଫିସର ନିୟୋଜିତ ହୋଇଛନ୍ତି।

# 'ଜମ୍ମୁ-କାଶ୍ମୀର ଆଣ୍ଡ୍ ଲଦାଖ୍ : ଥ୍ରୋ ଦ ଏଜେସ୍' ପୁସ୍ତକ ଶାହଙ୍କ ଦ୍ୱାରା ଉନ୍ମୋଚିତ




ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ନୂଆଦିଲ୍ଲୀ ସ୍ଥିତ ଡ. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ ଗୁରୁବାର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ କରକମଳରେ "ଜମ୍ମୁ-କାଶ୍ମୀର ଆଣ୍ଡ୍ ଲଦାଖ୍ : ଥ୍ରୋ ଦ ଏଜେସ୍" ('ଜମ୍ମୁ ଓ କଶ୍ମୀର ଏବଂ ଲଦାଖ: ନିରନ୍ତରତା ଏବଂ ସଂଯୋଗର ଏକ ଐତିହାସିକ ବିବରଣୀ)' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନ୍ୟାସନାଲ ବୁକ ଟ୍ରଷ୍ଟ(ଏନବିଟି) ଏବଂ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ(ଆଇସିଏଚଆର)ର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ଏହି ପୁସ୍ତକକୁ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଲୋକାର୍ପିତ କରାଯାଇଛି । ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ଶ୍ରୀ ଶାହ କହିଛନ୍ତି ଯେ ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ରହିବ । ଏହାକୁ ଆଇନର କୌଣସି ଧାରା ବଦଳାଇପାରିବ ନାହିଁ । ଜମ୍ମୁ-କଶ୍ମୀରର ଇତିହାସ ଓ ସାଂସ୍କୃତିକ ଐତିହ୍ୟକୁ ପୁନରୁଦ୍ଧାର କରିବା ଦିଗରେ ମୋଦୀ ସରକାର କାର୍ଯ୍ୟ କରୁଛନ୍ତି । ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପୁସ୍ତକ ଜମ୍ମୁ-କଶ୍ମୀର ଏବଂ ଲଦାଖର ଗୌରବମୟ ୩୦୦୦ ବର୍ଷର ଐତିହାସିକ ଯାତ୍ରାକୁ ସମର୍ପିତ । ଏହି ପୁସ୍ତକରେ ପ୍ରାଚୀନ କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ଏବଂ ଲଦାଖର ଯାତ୍ରା ଉପରେ ବର୍ଣ୍ଣନା କରାଯାଇଛି । ଏହି ଅଞ୍ଚଳର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଏବଂ ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି । ଜମ୍ମୁ-କଶ୍ମୀର ଏବଂ ଲଦାଖ ବିଷୟକୁ ନେଇ ତିଆରି କରାଯାଇଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ଏହି ପୁସ୍ତକ ଏକ ଅଭୂତପୂର୍ବ ଦସ୍ତାବିଜ ଏବଂ ଭଲ ପ୍ରୟାସ । ଆମେ ସଠିକ୍ ଇତିହାସ ଓ ତଥ୍ୟ ଉପସ୍ଥାପନ କରିବା ପ୍ରେରଣା ନେଇ କାମ କରୁଛୁ । ଜମ୍ମୁ, କାଶ୍ମୀର ଓ ଲଦାଖର ଅଲୌକିକ ସଂସ୍କୃତିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଅଗଷ୍ଟ ୫, ୨୦୧୯, ଜମ୍ମୁ-କଶ୍ମୀର ଓ ଲଦାଖ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା । ଏହି ପୁସ୍ତକରେ ଧାରା ୩୭୦ର ଐତିହାସିକ ଦିଗକୁ ମଧ୍ୟ ସ୍ଥାନ ଦିଆଯାଇଛି । ଭାରତର ବିଭିନ୍ନ କୋଣ ଅନୁକୋଣରେ ସମୃଦ୍ଧ ସଂସ୍କୃତି, ଭାଷା, ଲିପି, ଆଧ୍ୟାତ୍ମିକ ବିଚାର, ବ୍ୟାପାର ଏବଂ ବାଣିଜ୍ୟର କେନ୍ଦ୍ର ଭାବରେ କାଶ୍ମୀରର ଭୂମିକା ଏବଂ ଦେଶରେ ଏହାର ବିସ୍ତାର ବିଷୟରେ ପ୍ରାମାଣିକ ଭାବେ ପୁସ୍ତକରେ ବର୍ଣ୍ଣନା କରାଯାଇଛି । ଏହି ତଥ୍ୟଭିତ୍ତିକ ପୁସ୍ତକର ଉନ୍ମୋଚନ ପାଇଁ ଶ୍ରୀ ପ୍ରଧାନ ଗୃହମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଲେଖକ, ଶିକ୍ଷାବିତ୍, ଶିକ୍ଷା ମନ୍ତ୍ରଣାଳୟର ଅଧିକାରୀ ଏବଂ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ ।

# ବିଜ୍ଞାନ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ




ଗୋପ (ଭାସ୍କର ନ୍ୟୁଜ): ପ୍ରଥମେ ଗୋପ ବ୍ଲକ ସ୍ତରରେ ପରେ ଜିଲ୍ଲା ସ୍ତରରେ ମନୋନୀତ ହେବାପରେ ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳାରେ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋପର ବିଜ୍ଞାନ ପ୍ରକଳ୍ପଟି ଜାତୀୟ ସ୍ତରକୁ ମନୋନୀତ ହୋଇଛି। ଏହି ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବରପାଲି, ବରଗଡ ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ତିରିଶଟି ଜିଲ୍ଲାରୁ ଛାତ୍ରଛତ୍ରୀଙ୍କ ଦ୍ୱାରା ୨୧୦ଟି ପ୍ରକଳ୍ପ ଆଣିଥିଲେ । ଏଥି ମଧ୍ୟରୁ ୨୮ ଟି ପ୍ରକଳ୍ପ ଜାତୀୟ ସ୍ତରକୁ ମନୋନୀତ ହୋଇଅଛି । ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ 'ସେଭ୍ ଏଲପିଜି, ସେଭ୍ ଇଆର୍ଥ' ପୁରୀ ଜିଲ୍ଲା ରୁ ଏକମାତ୍ର ପ୍ରକଳ୍ପ ଭାବେ ଜାତୀୟସ୍ତରକୁ ମନୋନୀତ ହୋଇଛି। ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଅଦି ସକାସ, ବିଜ୍ଞାନ ଶିକ୍ଷକ ଦେବାଶିଷ ପାତ୍ର ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନଙ୍କ ପ୍ରେରଣାରେ ଏହା ହୋଇପାରିଛି । ଦୀର୍ଘ ୪୪ ବର୍ଷ ପରେ ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ଏହି ପ୍ରକଳ୍ପଟି ଜାତୀୟ ସ୍ତରରେ ମନୋନୀତ ହୋଇଥିବାରୁ ଅଭିଭାବକମାନେ ପ୍ରଶଂସା କରିଛନ୍ତି ।

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल बोकारो

सूचना

इस कार्यालय द्वारा ई– अल्पकालीन निविदा आमंत्रण सूचना संख्या:- 27/2024-25/RWD/EE/BOKARO दिनांक – 27.09.2024 अन्तर्गत समाचार पत्रों में पी0आर0नं0–337343 Rural Work Department (24-25) D के द्वारा प्रकाशित निविदा को अपरिहार्य कारण से रद्ध किया जाता है।

कार्यपालक अभियंता
ग्रामीण कार्य विभाग
कार्य प्रमंडल, बोकारो

PR 343411 Rural Work Department (24-25)_D

e-mail : eerw_sunabeda@yahoo.co.in

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA

O-1123

e-Procurement Notice for Building works
Identification No Online Tender /10/RWD-SBD/2024-25

Letter No. 23 / Date: 02.01.2025

01. Name of the work :: Building works Semiliguda, Pottangi, Lamtaput Laxmipur block
02. Total Number of works :: 11 nos works
03. Estimated cost :: 2.00 to 8.00 lakhs
04. Class of Contractor :: "C" & "D" Class
05. Period of Completion :: 02 months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/10/ RWD-SBD /2024-25 | 06.01.2025 at 11.00 a.m | 16.01.2025 upto 17.00 p.m |

Further details can be seen from the website www.tendersorissa.gov.in

Sd/-Superintending Engineer,
Rural Works Division: Sunabeda.

OIPR 25059/11/0010/2425

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, राँची

ई–निविदा आमंत्रण सूचना
PR No. 340601 Rural Work Department (24-25)#D
पत्रांकः– दिनांक–
ई–निविदा संख्याः–23/2024-25/RWD /EE/RANCHI

| क्र0 सं0 | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/RANCHI/ 74/2024-25 | रातू | ब्रजपुर ग्राम में अम्बा रोरी शाहदेव साहू के घर से कमला देवी के घर तक पथ निर्माण कार्य। (लं0– 1.000 कि0मी0)। | 1,19,80,500.00 | एक करोड़ उन्नीस लाख अस्सी हजार पाँच सौ रूपये मात्र। | 9 माह | प्रथम |
| 2 | RWD/RANCHI/ 75/2024-25 | नगड़ी | प्रगति नगर सपारोम में पी0डब्लू0डी0 रोड से अल्ट्राटेक मिक्सिंग प्लॉट होते हुए बाला जी राईस मिल तक पथ निर्माण कार्य (लं0– 1.250 कि0मी0)। | 2,01,47,600.00 | दो करोड़ एक लाख सैंतालीस हजार छः सौ रूपये मात्र। | 12 माह | प्रथम |
| 3 | RWD/RANCHI/ 76/2024-25 | रातू | जामुन टंगरा बगीचा टोली प्राथमिक विद्यालय से संतोष गुप्ता के घर तक पथ निर्माण कार्य (लं0– 1.540 कि0मी0)। | 1,62,98,200.00 | एक करोड़ बासठ लाख अन्ठानबे हजार दो सौ रूपये मात्र। | 9 माह | प्रथम |

1. वेबसाईट में निविदा प्रकाशन की तिथिः–06.01.2025
2. ई–निविदा प्राप्ति की अंतिम तिथि एवं समयः–25.01.2025 अपराह्न 5.00 बजे तक।
3. निविदा खोलने की तिथि एवं समयः–27.01.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 343430 (REO) 24-25 (D)

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, राँची

ई–निविदा आमंत्रण सूचना
PR No. 340599 Rural Work Department(24-25):D
पत्रांकः– दिनांक–
ई–निविदा संख्याः–22/2024-25/RWD /EE/RANCHI

| क्र0 सं0 | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/RANCHI/ 72/2024-25 | राहे | अम्बाझरिया मुख्य पथ से बान्दुलोहार राम मंदिर तक पथ निर्माण कार्य। (लं0– 1.150 कि0मी0)। | 2,21,93,200.00 | दो करोड़ एक्कीस लाख तिरनबे हजार दो सौ रूपये मात्र। | 12 माह | प्रथम |
| 2 | RWD/RANCHI/ 73/2024-25 | राहे | डोकाद पंचायत के डोकाद मुख्य पथ से राजाबेड़ा तक पथ निर्माण कार्य (लं0– 1.500 कि0मी0)। | 1,72,52,100.00 | एक करोड़ बहत्तर लाख बावन हजार एक सौ रूपये मात्र। | 9 माह | प्रथम |

1. वेबसाईट में निविदा प्रकाशन की तिथिः–06.01.2025
2. ई–निविदा प्राप्ति की अंतिम तिथि एवं समयः–25.01.2025 अपराह्न 5.00 बजे तक।
3. निविदा खोलने की तिथि एवं समयः–27.01.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची

PR 343415 REO(24-25).D

झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड
(झारखण्ड सरकार का उपक्रम)
का0: अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, 455/A, रोड नं0–5, अशोक नगर, राँची
E-mail – md_jsfdc@yahoo.co.in / mdjsfdc@gmail.com
TOLL FREE NO. 18008891131

ई–निविदा सूचना संख्या ल0 व0 प0 प0 (के0 प0)–03/2025
वर्ष 2025 मौसम में झारखण्ड राज्य में संग्रहित होनेवाली
केन्दू पत्ती की अग्रिम बिक्री हेतु ई–निविदा
अतिअल्पकालीन ई–निविदा सूचना

विगत वर्ष की शंति वर्ष 2025 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण अनुसार प्राप्त की जायेंगी।

| निविदा चक्र (निविदा रिफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| पन्द्रहवाँ चक्र (KL/15/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 09.01.2025 14.01.2025 | 16.01.2025 |
| सोलहवाँ चक्र (KL/16/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 17.01.2025 20.01.2025 | 22.01.2025 |
| सत्रहवां चक्र (KL/17/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 24.01.2025 28.01.2025 | 30.01.2025 |
| अठारहवाँ चक्र (KL/18/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 31.01.2025 05.02.2025 | 07.02.2025 |
| उन्निसवाँ चक्र (KL/19/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 10.02.2025 15.02.2025 | 18.02.2025 |
| बीसवाँ चक्र (KL/20/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 19.02.2025 24.02.2025 | 27.02.2025 |
| इक्कीसवाँ चक्र (KL/21/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 28.02.2025 05.03.2025 | 07.03.2025 |
| बाईसवाँ चक्र (KL/22/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 10.03.2025 17.03.2025 | 19.03.2025 |
| तेईसवाँ चक्र (KL/23/2025) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 21.03.2025 26.03.2025 | 28.03.2025 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेज की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–
(1) उप निदेशक (विपणन), राँची, 8986653797(3) TOLL FREE NO. 18008891131
(2) उप निदेशक (मुख्यालय), राँची, 9431402051

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, राँची

PR 343389 (Jharkhand State Forest Development Corp Ltd)24-25*D

ଓଡ଼ିଶା ଭାସ୍କର

# ମହାନଗର



କଟକ(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ପ୍ରତାପନଗରୀସ୍ଥିତ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ(ୱାଲମି)ରେ ଗୁରୁବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ପଞ୍ଚାୟତ ମାଧ୍ୟମରେ କିପରି ସମସ୍ତ ସୁବିଧା ସୁଯୋଗପ୍ରାପ୍ତ କରି ଶସକ୍ତ ହୋଇପାରିବେ ତାହା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା। ଚାଷୀମାନେ ପାଣି ପଞ୍ଚାୟତର ସମସ୍ତ ସୁବିଧାକୁ ବିନିଯୋଗ କରି ବିଭିନ୍ନ ପ୍ରକାରର ଚାଷ କରି ଲାଭବାନ ହେବା ସହ ପ୍ରାକୃତିକ ଦୁର୍ବିପାକରୁ ନିଜର ଫସଲକୁ କିପରି ସୁରକ୍ଷା ଦେଇପାରିବେ ସେ ଦିଗରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଇଂ.ନିରଞ୍ଜନ ରାଉତ, ମୁଖ୍ୟବକ୍ତା ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନର ମୁଖ୍ୟ ସଂଯୋଜକ ଡଃ. ସ୍ୱଧନ୍ୟ ପାତ୍ର ଏବଂ ସମ୍ମାନିତ ଅତିଥି ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ ଯୁଗ୍ମ ନିର୍ଦ୍ଦେଶକ ଇଂ.ଚନ୍ଦ୍ରଶେଖର ସେଠୀ, ନିର୍ବାହୀଯନ୍ତ୍ରୀ ଉଠା ଜଳସେଚନ ଇଂ. ନିରଞ୍ଜନ ନାୟକ ଯୋଗ ଦେଇଥିଲେ । ପାଣି ପଞ୍ଚାୟତ ନୋଡାଲ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ବାଞ୍ଚଳ କଟକ ଇଂ.ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଇଂ.ବିଜୟ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଇଂ.ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



### ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ପ୍ରସ୍ତୁତି ବୈଠକ

# ସକାଳ ୮.୩୦ରେ ଜାତୀୟ ପତାକା ଉତ୍ତୋଳନ କରିବେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ୭୬ ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଏ ସଂକ୍ରାନ୍ତରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବାବେଗର ପ୍ରତୀକ । ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ୮.୩୦ରେ ଜାତୀୟ ପତାକା ଉତ୍ତୋଳନ କରିବେ ଓ ଅଭିବାଦନ ଗ୍ରହଣ କରିବେ । ତେଣୁ ଉକ୍ତ ସମାରୋହର ପ୍ରସ୍ତୁତିର ବିଭିନ୍ନ ଦିଗକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ସାଧାରଣତନ୍ତ୍ର ଦିବସ ସମାରୋହରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ବରପୁତ୍ରଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ମୁଖ୍ୟ ଆଧାର ରୂପେ ଗ୍ରହଣ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପ୍ରଦର୍ଶିତ ହେବାକୁ ଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢଗୁଡ଼ିକ ବିଷୟରେ ମଧ ଆଲୋଚନା ହୋଇଥିଲା । ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ, ବସ୍‌ଷ୍ଟାଣ୍ଡ ଆଦିରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଭାତରେ ରାମଧୁନ୍ ପରିବେଷଣ ଦ୍ୱାରା ଦେଶପ୍ରେମ ଉଦ୍ରେକକାରୀ ପରିବେଶ ସୃଷ୍ଟି କରିବା ପାଇଁ ସମ୍ଭାବିତ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପତାକା ଉତ୍ତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବ ସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା ଆଦି ବଷୟରେ ଆଲୋଚନା ହୋଇଥିଲା । ଏହି ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାରେ ଆଲୋକ ସଜ୍ଜାର ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ । ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ । ପାଖରେ ଉପସ୍ଥିତ ଅଛନ୍ତି ବିଧାନସଭା ସଚିବ ଦାଶରଥୀ ଶତପଥୀ ।

## ରାଜଧାନୀରେ ପୁଣି କଳାକନା ବୁଲାଇଲେ ଲୁଟେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ପୁଣି କଳାକନା ବୁଲାଇଲେ ଲୁଟେରା । ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଘରୁ ଲୁଟ ହୋଇଛି । ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ ନେଇ ଥାନାରେ ଅଭିଯୋଗ ହୋଇଛି । ଘରେ କେହି ନଥିବା ବେଳେ କବାଟ ତାଡି ଘରେ ପଶି ଥିଲେ ଲୁଟେରା । ଘର ଖୋଲା ଥିବା ଦେଖି ପଡୋଶୀ ବ୍ୟାଙ୍କ କର୍ମଚାରୀ ଅନୁପ ସାହୁଙ୍କୁ ଖବର ଦେଇଥିଲେ । ଅଭିଯୋଗ ଆଧାରରେ ତଦନ୍ତ କରୁଛି ଧଉଳି ଥାନା ପୋଲିସ । ଘଟଣା ଘଟିଛି ଧଉଳି ଥାନା ଶିଶୁପାଳଗଡ଼ ଅନୁବିହାର ଅଞ୍ଚଳରେ । ପରିବାର ଲୋକେ ନୂଆ ବର୍ଷ ଛୁଟିରେ ବାହାରକୁ ପିକନିକ ଯାଇଥିବା ବେଳେ ଏଭଳି ଲୁଟ ହୋଇଛି । ଗତ ୩ ଦିନ ତଳେ ଅନୁବିହାରର ଗୋଟିଏ ଡୁପ୍ଲେକ୍ସରୁ ଲୁଟ୍ ହୋଇଥିବା ବେଳେ ଆଉ ଗୋଟିଏ ଡୁପ୍ଲେକ୍ସରୁ ଲୁଟ୍ ଉଦ୍ୟମ ହୋଇଥିଲା । ତେବେ ବାରମ୍ବାର ଏଭଳି ଲୁଟ୍‌ପାଟ୍ ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି ।

### ଶେଷ ପର୍ଯ୍ୟାୟରେ ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି

# ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ମାରାଥନ୍ ପରିଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ଜାନୁଆରୀ ୮ ତାରିଖରୁ ଭୁବନେଶ୍ୱରରେ ଏକାଠି ହେବେ ପ୍ରବାସୀ ଭାରତୀୟ । ହଜାର ହଜାର ଅତିଥି ସାମିଲ ହେବାକୁ ଥିବା ଏହି ସମ୍ମିଳନୀକୁ ସଫଳତାର ସହ ଆୟୋଜନର ପ୍ରସ୍ତୁତି ଯୁଦ୍ଧକାଳୀନ ଭିତିରେ ଚାଲିଛି । ଏଜେଇ ହୋଷ୍ଟ ରାଜଧାନୀ ଭୁବନେଶ୍ୱର । ସରକାର ମଧ ଅତିଥେୟତାରେ ଯେପରି କୌଣସି ହେଳା ନହୁଏ ସେ ନେଇ ଯତ୍ନବାନ ଅଛନ୍ତି । ରାସ୍ତାକଡର ସୌନ୍ଦର୍ଯ୍ୟ , କାନ୍ଥବାଡରେ ଓଡିଶାର ପାରମ୍ପାରିକ ଚିତ୍ରର ଗାଥା ଦେଖିବାକୁ ମିଳିଲାଣି । ତେବେ ରାଜଧାନୀର ପରିମଳ ବ୍ୟବସ୍ଥା, ଆନୁସଙ୍ଗିକ ପ୍ରସ୍ତୁତି ଆଦି ସଂପର୍କରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ପ୍ରତ୍ୟୁଷରୁ ଏୟାରପୋର୍ଟ ଛକରୁ ଆରମ୍ଭ କରି ନନ୍ଦନକାନ ପର୍ଯ୍ୟନ୍ତ ପ୍ରମୁଖ ରାସ୍ତା ଓ ସଂଲଗ୍ନ ଅଂଚଳର ପରିମଳ ବ୍ୟବସ୍ଥା, ରାସ୍ତାକଡର ସୌନ୍ଦର୍ଯ୍ୟ , କାନ୍ଥବାଡରେ ଓଡିଶାର ପାରମ୍ପାରିକ ଚିତ୍ରର ଗାଥା ଆଦି ପରଦର୍ଶନ କରି ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ତୁରନ୍ତ ହମ୍ପସ, ଖାଲ ସ୍ଥାନ, ଅସଜଡା ଜାଗାକୁ ସଜାଡ଼ିବା ଉପରେ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ସହରକୁ ସଫା ରଖିବାକୁ ପରାମର୍ଶ ଦେଇଛନ୍ତି । ଏୟାରପୋର୍ଟରୁ ପ୍ରଦର୍ଶନୀ ପଡିଆ ସମେତ ନନ୍ଦନକାନନ ଏବଂ ରାଜଧାନୀର କିଛି ଅଞ୍ଚଳ ବୁଲିବା ସହିତ ପ୍ରବାସୀ ଖାଇବେ ପାରମ୍ପରିକ ଓଡ଼ିଆ ଖାଦ୍ୟ, ଦେଶୀ ଖାଦ୍ୟର ମଜା ନେବେ ପ୍ରବାସୀ ବୋଲି ମନ୍ତ୍ରୀ ଡାଃ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ଏହି ପରିଦର୍ଶନ କାଳରେ ବି.ଏମ୍.ସି କମିଶନର ରାଜେଶ ପ୍ରଭାକର ପାଟିଲ , ବିଡିଏ ଭିସି ତିରିମାଳା ନୟକଙ୍କ ସହିତ ଟିମ୍ ବି ଏମ୍ ସି ଓ ବିଡିଏ , ପୁର୍ତ୍ତବିଭାଗର ଯନ୍ତ୍ରୀ ପ୍ରମୁଖ ସାମିଲ ହୋଇଥିଲେ ।



ରାସ୍ତାକଡ ଓ ଡ୍ରେନ୍ ସମେତ ପ୍ରତ୍ୟେକ ସ୍ଥାନର ପରିମଳ ବ୍ୟବସ୍ଥା ସଂପର୍କରେ ତଦାରଖ

# ବାଣୀବିହାର ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା

- ୫ ଡ୍ରୋଜର, ୨୦୦ କର୍ମଚାରୀ ନିୟୋଜିତ
- ପ୍ରତିବାଦରେ ୭ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱରର ଗରିବ ଲୋକଙ୍କୁ ଏକ ପ୍ରକାର ବଳି ପକାଇବାକୁ ଲାଗିଛନ୍ତି ରାଜ୍ୟ ସରକାର। ଗୁରୁବାର ସକାଳ ୭ ଘଟିକା ସମୟରେ ପୋଲିସ୍ ଓ ବିଏମ୍‌ସିର ୨ଶହ କର୍ମଚାରୀ ୫ଟି ଡ୍ରୋଜର ଧରି ବାଣୀବିହାରରେ ଥିବା ୫୦ଟି ଦୋକାନ ଉଚ୍ଛେଦ କରିବା ପାଇଁ ପହଞ୍ଚି ଯାଇଥିଲେ। ହଠାତ୍ ରାକ୍ଷସଙ୍କ ଭଳି ବୁଲ୍ ଡ୍ରୋଜର ଗୋଟିଏ ପରେ ଗୋଟିଏ ଦୋକନ ଉଚ୍ଛେଦ କରି ଚାଲିଥିଲା। ଦୋକାନୀ ମାଲିକମାନେ ଘରୁ ଆସି ଦୋକାନ ପାଖରେ ପହଂଚିଲା ବେଳକୁ ଦୋକାନସବୁ ମାଟିରେ ମିଶିଯାଇଛି ଓ ଦୋକାନର ଆସବାବ ପତ୍ର କାଢି ନପାରି ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ଉଚ୍ଛେଦ ସମୟରେ ଅଶୋକ ପାଇକରାୟଙ୍କ ଓମ୍‌ଫେଡ଼ରେ ଥିବା ପାଖାପାଖି ୧୦ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଅନ୍ୟ ଦୋକାନୀମାନଙ୍କ ପାଖାପାଖି ୫୦ ଲକ୍ଷ ଟଙ୍କାରୁ ଅଧିକ ସାମଗ୍ରୀ ନଷ୍ଟ ହୋଇଛି ବୋଲି ଦୋକାନୀମାନେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ଭୁବନେଶ୍ୱରରେ ହକି ଖେଳ ସମୟରେ ଉଠାଦୋକାନ ଉଚ୍ଛେଦ କରି ବିଜେଡ଼ି ସରକାରର ପତନ ଘଟିଥିବା ବେଳେ ବର୍ତ୍ତମାନର ବିଜେପି ସରକାର ସେହି ଉଠାଦୋକାନୀମାନଙ୍କୁ ମନଇଚ୍ଛା ଉଚ୍ଛେଦ କରି ଚାଲିଥି-ବାରୁ ବିଜେପି ସରକାରର ମଧ କେଉଁ ସମୟରେ ପତନ ଘଟିବ ତାହା କେହି କହିପାରିବ ନାହିଁ। ବିଜେପିର ଏହି ଉଚ୍ଛେଦ ନୀତିକୁ ଉଠାଦୋକାନୀମାନେ ତୁଣ୍ଡ ବାଇଦ ସହସ୍ରକୋଷ ଭଳି ପ୍ରଚାର କରି ବିଜେପି ସରକାରର ପତନ ଘଟାଇବା ପାଇଁ ଉଦ୍ୟମ କରିପାରନ୍ତି। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି ଯେ, ଉଠାଦେକାନ ଆଇନରେ ଅଛି ପ୍ରତ୍ୟେକ ଫୁଟପାଥର ଏକ ତୃତୀୟାଂଶ ହେଉଛି ଉଠାଦୋକାନୀ ମାନଙ୍କର। କିନ୍ତୁ ଯେଉଁମାନେ ଫୁଟପାଥରେ ଏକ ତୃତୀୟାଂଶରେ ବସି ବ୍ୟବସାୟ କରୁଛନ୍ତି, ସେମାନଙ୍କୁ ବିଏମ୍‌ସି ଉଚ୍ଛେଦ କରିବା ନିୟମ ବିରୋଧୀ। ଦରକାର ପଡ଼ିଲେ ବିଏମ୍‌ସିକୁ କାଠଗଡ଼ାକୁ ଟଣାଯିବ ବୋଲି ଶ୍ରୀଯୁକ୍ତ ସାହୁ କହିଛନ୍ତି। ଆଗାମୀ ୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରାଯିବ ବୋଲି ଶ୍ରୀଯୁକ୍ତ ସାହୁ ଚେତାବନୀ ଦେଇଛନ୍ତି।

## ନକଲି ସିମେଣ୍ଟ ଜବତ: ଦୁଇ ଗିରଫ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବଡ଼ଗଡ଼ ଥାନା ପୋଲିସ ଗୁରୁବାର ଟଙ୍କପାଣି ରୋଡ୍ ଅଞ୍ଚଳରୁ ନକଲି ସିମେଣ୍ଟ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ପାହାଳ ଥାନା ଜୟପୁରର ଦୁର୍ଗାଚରଣ ସାମଲ(୫୩) ଓ ସଞ୍ଜୟ ରାଉତରାୟ(୫୨) । ଟଙ୍କପାଣି ରୋଡ୍‌ରେ ସ୍ମୃତି ଏଣ୍ଟରପ୍ରାଇଜେସ୍ ନାମରେ ଏକ ଗୋଦାମ କରି ଏଠାରେ ସେମାନେ ନକଲି ସିମେଣ୍ଟ ପ୍ରସ୍ତୁତ କରି ଏହାକୁ ଡାଲମିଆ, ଡିଏସ୍‌ପି ବ୍ରାଣ୍ଡରେ ବିକ୍ରି କରୁଥିଲେ । ପୋଲିସ ଏଠାରୁ ୧୪୦ ପ୍ୟାକେଟ୍ ନକଲି ସିମେଣ୍ଟ ଜବତ କରିବା ସହ ଗୋଟିଏ ଟାଟା ୪୦୭କୁ ମଧ ଜବତ କରିଛି ।

## ଗୋଟିଏ ଆକାଉଣ୍ଟରେ ରହିବ ରୋଗୀଙ୍କ ସମସ୍ତ ପୂର୍ବ ଡାଟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏଣିକି ଆଉ ମାଳ ମାଳ ପ୍ରେସକ୍ରିପସନ ଧରିକି ରୋଗୀ ବୁଲିବେ ନାହିଁ । ଗୋଟିଏ ଆକାଉଣ୍ଟରେ ରହିବ ରୋଗୀଙ୍କ ସମସ୍ତ ପୂର୍ବ ଡାଟା । ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଖୁବ ଶୀଘ୍ର ସରକାର ଲାଗୁ କରିବାକୁ ଯାଉଛନ୍ତି ନେସନାଲ ଡିଜିଟାଲ ହେଲଥ ମିଶନ । ନେସନାଲ ହେଲଥ ଅଥରିଟି ଅଣ୍ଡର ରେ ରହିବ ଏହି କାର୍ଡ । ଏହି କାର୍ଡର ନାମ ରହିବ ଆୟୁଷ୍ମାନ ଭାରତ ହେଲଥ ଆକାଉଣ୍ଟ ବା ଆଭା ପପୁଲେସନ ଅନୁଯାୟୀ ଆଭା କାର୍ଡ ଆକାଉଣ୍ଟ ସମସ୍ତ ରେଜିଷ୍ଟ୍ରେସନ କରିପାରିବେ । କ୍ୟୁ ଆର କୋର୍ଡ ସ୍କାନ କଲେ ପୂର୍ବ ରୋଗ ସମ୍ବନ୍ଧୀୟ ସବୁ ଡାଟା ପାଇହେବ । ନେସନାଲ ଡିଜିଟାଲ ହେଲାଥ ମିଶନ ଅନୁଯାଇ ଏହା ପାଇହେବ । ଅନଲାଇନରେ ଆବେଦନ କରିହେବ କାର୍ଡ । ଆୟୁଷ୍ମାନ ଭାରତ ସହିତ ମିଳିବ ଏହି କାର୍ଡ । ଫେବୃଆରୀ ପୂର୍ବରୁ କାର୍ଡ ବାଂଟିବା ନେଇ ଯୋଜନା କରୁଛନ୍ତି ସରକାର ।

## ରାଜଧାନୀରେ ହତ୍ୟାକାଣ୍ଡ !

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ହତ୍ୟାକାଣ୍ଡ । ପୁନମା ଗେଟ ରେଳ ଧାରଣାରୁ କ୍ଷତାକ୍ତ ମୃତ ଦେହ ଉଦ୍ଧାର ହୋଇଛି । ମୃତକଙ୍କ ନାଁ ସ୍ୱରାଜ ବେହେରା । ତାଙ୍କ ପିଠି ଏବଂ ଦେହରେ କ୍ଷତଚିହ୍ନ ଥିବାରୁ ହତ୍ୟା ଅଭିଯୋଗ ଆଣିଛନ୍ତି ମୃତକଙ୍କ ଭାଇ । ସ୍ୱରାଜଙ୍କୁ କେହି ହତ୍ୟା କରି ରେଳ ଲାଇନକୁ ଫିଙ୍ଗି ଦେଇଥିବା ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ତାଙ୍କ ଭାଇ । ଘଟଣା ସ୍ଥଳରେ ଜିଆରପି ପୋଲିସ ପହଞ୍ଚି ଖୋଳତାଡ଼ କରୁଛି । ମୃତଦେହ ଜବତ କରି ସବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ ।

## ହାଇୱା ଧକ୍କାରେ ଶିଶୁକନ୍ୟା ମୃତ

କଟକ(ଭାସ୍କର ନ୍ୟୁଜ): ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ ନିକଟବର୍ତ୍ତି ରିଂବନ୍ଧରେ ହାଇୱା ଧକ୍କାରେ ଏକ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ଜଣକ ହେଲେ ତୁଳସୀପୁର ଅଂଚଳରେ ରହୁଥିବା କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ସସ୍ମିତା ରାଉତଙ୍କ ଝିଅ ସମ୍ପୂର୍ଣ୍ଣା ରାଉତ(୬) ଓରଫ ଶ୍ରଦ୍ଧା। ମଙ୍ଗଳାବାଗ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଘଟଣାସ୍ଥଳରୁ ଜବତ କରିଛି। ସୂଚନା ଅନୁସାରେ, ସମ୍ପୂର୍ଣ୍ଣା କିଛି ଦିନ ତଳେ ଚୌଦ୍ୱାରରେ ରହୁଥିବା ନିଜ ମାଉସୀ ତଥା ସସ୍ମିତାଙ୍କ ଭଉଣୀ ପୁଷ୍ପିତା ସିହ୍ନାଙ୍କ ଘରକୁ ଯାଇଥିଲେ। ପୁଷ୍ପିତା, ତାଙ୍କ ସ୍ୱାମୀ ସ୍ୱରୂପ, ଝିଅ ଇତିଶ୍ରୀ(୮) ଓ ଝିଆରୀ ସମ୍ପୂର୍ଣ୍ଣା ଏକ ସ୍କୁଟିରେ କଟକ ତୁଳସୀପୁର ଯାଉଥିଲେ। ସେମାନେ ରିଂବନ୍ଧରେ ଯାଉଥିବା ବେଳେ କର୍କଟ କେନ୍ଦ୍ର ନିକଟରେ ଏକ ହାଇୱା ପଛପଟୁ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ସ୍କୁଟି ଆଗ ଭାଗରେ ଛିଡ଼ା ହୋଇ ଯାଉଥିବା ସମ୍ପୂର୍ଣ୍ଣା ହାଇୱା ଆଗକୁ ଛିଟିକି ପଡ଼ିଥିଲେ। ହାଇୱା ତାଙ୍କ ଉପରେ ଚଢ଼ିଯାଇଥିଲା। ଏହା ଦେଖି ଅନ୍ୟ ପଥଚାରୀମାନେ ଦୌଡ଼ି ଆସି ସମ୍ପୂର୍ଣ୍ଣାକୁ ମୁମୁର୍ଷୁ ଅବସ୍ଥାରେ ଏସସିବି ମେଡିକାଲ ନେଇଯାଇଥିଲେ। ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ସ୍କୁଟି ଚାଳକ ହାଇୱାର ଦୁଇ ଚକା ମଝିରେ ପଡ଼ି ଅଳ୍ପକେ ବର୍ତି ଯାଇଛନ୍ତି। ହେଲେ ତାଙ୍କର ଗୋଟିଏ ହାତ ଭାଙ୍ଗିଯାଇଛି। ମଙ୍ଗଳାବାଗ ଥାନା ପୋଲିସ ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟସ୍ତବହୁଳ ରିଂବନ୍ଧରେ ଟ୍ରାଫିକ ପୋଲିସ ନରହିବା ଏବଂ କଟକଣା ସମୟରେ ଭାରୀଯାନ ଚଳପ୍ରଚଳକୁ ବିରୋଧ କରି ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତ ସମ୍ପୂର୍ଣ୍ଣାଙ୍କ ମାଉସୀ ପୁଷ୍ପିତା ହାଇୱା ଚାଳକ ବିରୋଧରେ ଦେଇଥିବା ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଛି। ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୋଲିସ ଜବତ କରିଥିବା ବେଳେ ଚାଳକଙ୍କୁ ଗିରଫ କରିଛି।

## ମହତାବଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡକ୍ଟର ହରେକୃଷ୍ଣ ମହତାବଙ୍କୁ ସ୍ମରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ, ନବଉତ୍କଳର ନିର୍ମାତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ 'ଉତ୍କଳ କେଶରୀ' ଡଃ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି । ଡକ୍ଟର ମହତାବ ଆମ ଓଡ଼ିଆ ଜାତିକୁ ନୂଆ ଦିଗଦର୍ଶନ ଦେଇଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱ ଏବଂ ଆଦର୍ଶ ସମସ୍ତ ଯୁବପିଢ଼ିଙ୍କୁ ପ୍ରେରିତ କରିବ ।

## ବିଧାନସଭା ପରିସରରେ ଡ. ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆମ ଦେଶ ପରାଧୀନ ଥିବାବେଳେ ବିଦେଶୀ ଶାସନର ଅତ୍ୟାଚାର ନିପୀଡ଼ନ ଓ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରି ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ ବୀର ସଂଗ୍ରାମୀମାନେ ନିଜ ଜୀବନକୁ ବାଜି ଲଗାଇ ମୁକ୍ତି ସଂଗ୍ରାମର ମଶାଲ ପ୍ରଜ୍ୱଳିତ କରି ରଖିଥିଲେ ସେମାନଙ୍କ ମଧ୍ୟରେ ଡ. ହରେକୃଷ୍ଣ ମହତାବ ଥିଲେ ଅଗ୍ରଗଣ୍ୟ । ସେ ଏକାଧାରରେ ଥିଲେ ରାଷ୍ଟ୍ରନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସମାଜସେବକ, କବି, ସାହିତ୍ୟିକ, ରାଜନୀତିଜ୍ଞ, କୁଟନୀତିଜ୍ଞ, ସାମ୍ବାଦିକ, ନିର୍ଭୀକ କରିତ୍‌କର୍ମା ତଥା ନବ ଉତ୍କଳର ନିର୍ମାତା । ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ଡ. ମହତାବ ଜଣେ ବ୍ୟକ୍ତିବିଶେଷ ନଥିଲେ । ସେ ଥିଲେ ଓଡ଼ିଶାର ଏକ ବହୁମୁଖୀ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ, ଏପରିକି ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତାର ପରିସ୍ଫୁଟନ ହେଉଥିଲା । ଯଥାର୍ଥରେ ସେ ଥିଲେ ଉତ୍କଳକେଶରୀ । ଓଡ଼ିଶାର ପ୍ରାଣ ଡ. ମହତାବ ଜଣେ ସୁଯୋଗ୍ୟ କର୍ମବୀର ଓ ସ୍ୱାଭିମାନର ମହାନାୟକ ଥିଲେ । ପ୍ରଚଣ୍ଡ ପ୍ରତିଭାଧାରୀ ଡ. ମହତାବଙ୍କ ଦାନ ଅବିସ୍ମରଣୀୟ । ୧୯୮୭ ମସିହା ଜାନୁଆରୀ ୨ରେ ତାଙ୍କର କର୍ମମୟ ଜୀବନର ଅବସାନ ଘଟିଲା । ସ୍ୱର୍ଗତ ମହତାବଙ୍କ ୩୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଓଡ଼ିଶା ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଅଖିଳ ଚନ୍ଦ୍ର ନାୟକ, ନୀଳମଣି ବିଶୋଇ, ବିଧାନସଭାର ସଚିବ ଦାଶରଥି ଶତପଥୀ ପ୍ରମୁଖ ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# କଟକ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ



କଟକ(ଭାସ୍କର ନ୍ୟୁଜ): ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡକ ଦୁର୍ଘଟଣା ରୋକିବା ପାଇଁ ଡିଭାଇଡର ସ୍ଥାପନ, ଜେବ୍ରା କ୍ରସିଂ ନିର୍ମାଣ, ଆଲୋକ ବ୍ୟବସ୍ଥା ଉପଲବ୍ଧ କରାଇବା, ବେଆଇନ୍ ପାର୍କିଂ ତଥା ସଡକ ପାର୍ଶ୍ୱର୍ରେ ବେଆଇନ୍ ଜବରଦଖଲ ଉଚ୍ଛେଦ, ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଇବା, ହେଲମେଟବିହୀନ ଓ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କ ଉପରେ ଅଙ୍କୁଶ ଲଗାଇବା ତଥା ସବୁବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ମତପ୍ରକାଶ ପାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧକ୍ଷତା କରି ସଡକ ସୁରକ୍ଷା ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ । ଚଳିତ ମାସ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ମାସ ପାଳନ କରାଯାଉଥିବାରୁ ଜିଲ୍ଲାରେ ବିଭନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଉପଲକ୍ଷେ ଦୁଇଟି ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ବୈଠକରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେନ୍ଦ୍ର ପଣ୍ଡା, ଏସିପି ଟ୍ରାଫିକଙ୍କ ସମେତ ବରିଷ୍ଠ ପଦାଧିକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସଡକ ନିର୍ମାଣ ବିଭାଗର ସମସ୍ତ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରାଞ୍ଚଳ ପରିବହନ ଉପାୟୁକ୍ତ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଇଂ.ବିରଞ୍ଚି ନାରାୟଣ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

କଟକ(ଭାସ୍କର ନ୍ୟୁଜ): ସାମାଜିକ ସଂଗଠନ ବିବେକ ନନ୍ଦ ଯୁବ ସଂଗଠନ ତରଫରୁ କଟକ ରେଳ ଷ୍ଟେସନ, ରାଣୀହାଟ ଘଣ୍ଟା ଘର ଏବଂ ଗଡଗଡ଼େଶ୍ୱର ମନ୍ଦିର ନିକଟବର୍ତ୍ତି ରାସ୍ତା କଡରେ ରାତ୍ରିଯାପନ କରୁଥିବା ବାସହୀନ ଅସହାୟ ଦୁଖୀ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଂଗଠନ ତରଫରୁ ସିଦ୍ଧାର୍ଥ ସିଂ, ଜଗନ୍ନାଥ ସ୍ୱାଇଁ, ବିନୋଦ କୁମାର ପଣ୍ଡା, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ସୌମେନ୍ଦ୍ର କୁମାର ସାହୁ, ଦୀପ୍ତି ରଞ୍ଜନ ରାୟ. ସକିଲ ଏକତାର, ମିହିର ରଞ୍ଜନ ସାହୁ, ପ୍ରଦୀପ କୁମାର ବାରିକ, ଜନ ଆଶିଷ ବରାଳ, ବିଶ୍ୱନାଥ ଧୀର ସୁବୋଧ ସେଠୀ, ଧୀରେନ୍ଦ୍ର ସେଠି, ସୟଦ ଶେଖାୱତ୍ ଅଲି ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ।


# ଆରମ୍ଭ ହେବ କୃଷି ଓଡ଼ିଶା-୨୦୨୫

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆସନ୍ତାକାଲିଠାରୁ ୩ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା, ବିଜୁପଟ୍ଟନାୟକ ଖେଳ ପଡ଼ିଆରେ କୃଷି ଓଡ଼ିଶା-୨୦୨୫ର ଆୟୋଜନ ହେବାକୁ ଯାଉଛି । ଏହି ସମାରୋହ ଆସନ୍ତାକାଲି ଦିନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉଦ୍‌ଘାଟନ ହେବ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦବୋଧନ ଦେବେ । କୃଷି ଓଡ଼ିଶା-୨୦୨୫ ର ବିଷୟବସ୍ତୁ ରହିଛି ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଏକ ପ୍ରୟାସ । ପ୍ରଥମଦିନର ବିଷୟବସ୍ତୁ ରହିବ ଜଳବାୟୁ ଉପଯୋଗୀ ଖାଦ୍ୟ ପଦ୍ଧତି ଓ ଜଳବାୟୁ ତ୍ୱରିତ ଉଦ୍ୟାନକୃଷି । ଦ୍ୱିତୀୟ ଦିବସ ମୃତ୍ତିକା ସ୍ୱାସ୍ଥ୍ୟ, ପ୍ରାକୃତିକ କୃଷି ଓ ଏହାର ମୂଲ୍ୟଶୃଙ୍ଖଳା ଏବଂ ତୃତୀୟ ଦିବସର ବିଷୟ ହେଉଛି ପାଣି ପଞ୍ଚାୟତ ପକ୍ଷ ପାଳନ ସହିତ ଧାରାବାହିକ ଜଳଶାସନ ନୀତି । ଓଡ଼ିଶାରେ ପୋଷଣଯୁକ୍ତ ଖାଦ୍ୟ ପଦ୍ଧତି ସହିତ ସ୍ଥାନୀୟ ଅର୍ଥନୀତିକୁ ସଶକ୍ତ କରିବା ସହିତ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହାର ମୂଳ ଲକ୍ଷ୍ୟ । ପାରସ୍ପରିକ ସଂଯୁକ୍ତ ଲକ୍ଷ୍ୟ ମାଧ୍ୟମରେ ଖାଦ୍ୟ ନିରାପତ୍ତା ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି । ସରକାରଙ୍କ ଦ୍ୱାରା ଆୟୋଜିତ ଏହି ୩ ଦିନର କାର୍ଯ୍ୟକ୍ରମ ରାଜ୍ୟର ଯୁବବର୍ଗଙ୍କୁ କୃଷି, ଉଦ୍ୟାନକୃଷି, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ନିଜର କ୍ୟାରିଅର ଗଢ଼ିବାକୁ ପ୍ରୋତ୍ସାହିତ କରିବ । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦ ହଜାର କୃଷକ, କୃଷିଜୀବୀ ମହିଳା, ସ୍ୱୟଂସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଅଣସରକାରୀ ଗୋଷ୍ଠୀ, ପାଣି ପଞ୍ଚାୟତ ସଭ୍ୟ, କୃଷି ଉଦ୍ୟୋଗୀ, ରପ୍ତାନୀକାରୀ, ଛାତ୍ରଛାତ୍ରୀ ଓ ଗବେଷକବୃନ୍ଦ ଏଥିରେ ଅଂଶଗ୍ରହଣ କରିବେ । ରାଜ୍ୟର ୪ଟି ବିଭିନ୍ନ ସରକାରୀ ବିଭାଗ, କେନ୍ଦ୍ର ସରକାର, ଭାରତୀୟ କୃଷି ଗବେଷଣା ପରିଷଦ, ସିଜିଆଇଏଆର ପ୍ରତିଷ୍ଠାନ, ବେସରକାରୀ ସଂଗଠନ, ସମନ୍ୱୟରେ ୧୩ ଗୋଟି ବୈଷୟିକ ଅଧିବେଶନର ମଧ ଆୟୋଜନ କରାଯାଉଛି । କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର, ସେମିନାର କାର୍ଯ୍ୟକ୍ରମ ରହିଛି । କୃଷକ ସମୃଦ୍ଧି କେନ୍ଦ୍ର, ଅନୁଭୂତି ଶିକ୍ଷା କେନ୍ଦ୍ର, କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ । ୨୦୦ରୁ ଅଧିକ ଷ୍ଟଲରେ ବିଭିନ୍ନ କୃଷିଜାତ ଦ୍ରବ୍ୟ ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କୁଇଜ୍, ତର୍କ, ଗଳ୍ପ କଥନ, କବିତା ଆବୃତ୍ତି, ବ୍ୟଙ୍ଗ ଆକୃତି ପ୍ରତିଯୋଗିତା କରାଯିବା ସହିତ ଆଭାସୀ ଅନୁଭୂତି କେନ୍ଦ୍ର, କୃଷକ ସୁଗମ କେନ୍ଦ୍ର ଓ ପରୀକ୍ଷାମୂଳକ ଶିକ୍ଷା କେନ୍ଦ୍ରର ଆୟୋଜନ କରାଯାଇଛି । ରାଜ୍ୟର ୩୦ ଗୋଟି ଜିଲ୍ଲାର କୃଷି ଓ ଆନୁଷଙ୍ଗୀକ କୃଷି କ୍ଷେତ୍ରରେ ସଫଳ କୃଷି ପ୍ରଦର୍ଶନ କରିଥିବା ଅଗ୍ରଣୀ କୃଷକ, କୃଷି ଉଦ୍ୟୋଗୀ, ସ୍ୱୟଂସହାୟକ ଗୋଷ୍ଠୀ/କୃଷକ ଉତ୍ପାଦକ ସଂଗଠନଙ୍କୁ ସମ୍ବର୍ଦ୍ଧିତ କରାଯିବ ।


## ୬ରେ ଡବଲ ଡେକର ବସ୍‌ର ଲୋକାର୍ପଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୬ ତାରିଖରେ ଡବଲ ଡେକର ବସ୍ ହେବ ଲୋକାର୍ପଣ । ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ରାସ୍ତା କାମ, ସଫେଇ ଓ ସାଜସଜ୍ଜା କାମ ନେଇଥିବା ଅଧିକାରୀ ଓ ଏହି ଦାୟିତ୍ୱରେ ଥିବା ବିଭାଗୀୟ ସରକାରୀ ଅଧିକାରୀଙ୍କ ସହ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ତୁରନ୍ତ ହମ୍ପସ, ଖାଲ ସ୍ଥାନ, ଅସଜଡା ଜାଗାକୁ ସଜାଡ଼ିବା ଉପରେ ବିଭାଗୀୟ ଯନ୍ତ୍ରୀଙ୍କୁ ଦେଲେ ନିର୍ଦ୍ଦେଶ। ସହରକୁ ସଫା ସହିତ ଏୟାରପୋର୍ଟରୁ ପ୍ରଦର୍ଶନୀ ପଡିଆ ସମେତ ନନ୍ଦନକାନନ ଏବଂ ରାଜଧାନୀର କିଛି ଅଞ୍ଚଳ ବୁଲିଲେ ବିଭାଗୀୟ ମନ୍ତ୍ରୀ । ପ୍ରବାସୀ ଖାଇବେ ପାରମ୍ପରିକ ଓଡ଼ିଆ ଖାଦ୍ୟ। ଦେଶୀ ଖାଦ୍ୟର ମଜା ନେବେ ପ୍ରବାସୀ। ପ୍ରଦର୍ଶନୀ ପଡ଼ିଆରେ ଆଦିବାସୀ ମେଳା ସହ ହେବ ଫୁଡ୍ ଫେଷ୍ଟ ଭଳି ସିଟି ଆକ୍ଟିଭେଶନ କାର୍ଯ୍ୟକ୍ରମ ହେବ । ନିଜର ପାରିପାର୍ଶ୍ୱକୁ ସଫା କରିବା ଲାଗି ରାଜଧାନୀରେ ଥିବା କର୍ପୋରେଟ ସମେତ ବିଭିନ୍ନ ଅଫିସ ଓ ବ୍ୟବସାୟୀଙ୍କ ଅନୁରୋଧ କଲେ ନଗର ଉନ୍ନୟନ ମନ୍ତ୍ରୀ।

# ଆଦିବାସୀ ମେଳା ନେଇ ପ୍ରସ୍ତୁତି ଆରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଆଦିବାସୀ ମେଳା ୨୦୨୫ । ଏନେଇ ରାଜଧାନୀରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି । ସହର ମଧ୍ୟରେ ଆଦିବାସୀ ଗ୍ରାମର ଭ୍ରମ ସୃଷ୍ଟି କରିବ ଚଳିତ ବର୍ଷର ଆଦିବାସୀ ମେଳା । ପ୍ରଥମକରି ଓଡ଼ିଶାରେ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ଦିବସକୁ ଧ୍ୟାନରେ ରଖି ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଜାନୁଆରୀ ୫ ତାରିଖରୁ ଜାନୁଆରୀ ୧୬ ତାରିଖ ଯାଏଁ ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡିଆଠାରେ ଆଦିବାସୀ ମେଳାର ଆୟୋଜନ କରିବାକୁ ଯାଉଛି । ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ହେବ ଆଦିବାସୀ ଗ୍ରାମ, ଆଦିବାସୀ ହାଟ, କଳା ଓ ହସ୍ତଶିଳ୍ପ ଗ୍ରାମ, ଜନଜାତି ଖାଦ୍ୟ ଫୁଡ୍ କୋର୍ଟ, ଲାଇଭ୍ ଡେମନଷ୍ଟ୍ରେସନ୍, ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ । ଚଳିତ ବର୍ଷ ୨୦ଟି ଆଦିବାସୀ କୁଟିର ନିର୍ମାଣ କରାଯାଉଥିବା ବେଳେ ୧୪୭ ଟି ଷ୍ଟଲ୍‌ରେ ଆଦିବାସୀ ସାମଗ୍ରୀ ବିକ୍ରିବଟା ହେବ । ଏଥିସହ କଳା ଓ ହସ୍ତଶିଳ୍ପ ଗ୍ରାମ ପାଇଁ ୪୦ଟି ଷ୍ଟଲ୍ ପ୍ରସ୍ତୁତ କରାଯାଉଥିବା ବେଳେ ୧୫ଟି ଷ୍ଟଲ୍‌ରେ ଲାଇଭ୍ ଡେମନଷ୍ଟ୍ରେସନ୍‌ର ସୁବିଧା ରହିବ । ଏଥିସହ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍‌ର ୫ଟି ଗ୍ୟାଲେରୀରେ ବିର୍ସାମୁଣ୍ଡାଙ୍କ ଜୀବନୀ, ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ଗ୍ୟାଲେରୀ, ଚିତ୍ରାଙ୍କନ ପ୍ରଦର୍ଶନୀ, ମିନି ଥିଏଟର୍ ଓ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ । ପ୍ରତି ସନ୍ଧ୍ୟାରେ ଆଦିବାସୀ ନୃତ୍ୟସଙ୍ଗୀତର ପରିବେଷଣ କରାଯିବା ସହ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଲେଜର୍ ଶୋ, ଓଡ଼ିଶାର ଜନଜାତି ସମ୍ପ୍ରଦାୟଭିତ୍ତିକ ଡ୍ରୋନ୍ ଶୋ, ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ପର୍ଯ୍ୟବେଶିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ, ଫ୍ୟାସନ୍ ଶୋ ଏବଂ ଫାୟର୍ ୱାର୍କ ଶୋର ମଧ ଆୟୋଜନ କରାଯିବ ।



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।"

-ବି.ଆର୍ ଆମ୍ବେଦକର




# ଚାଷୀଙ୍କୁ କେନ୍ଦ୍ରର ନବବର୍ଷ ଭେଟି

## ଆଲୋଚନା ଦ୍ୱାରା ଆନ୍ଦୋଳନର ଅନ୍ତ ଘଟୁ

ନୂତନ ବର୍ଷର ପ୍ରଥମ ଦିନରେ ଭାରତର ଚାଷୀମାନଙ୍କୁ ମିଳିଛି ବଡ଼ ଉପହାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଞ୍ଜାବ ସମେତ ଉତ୍ତର ଭାରତର ଅନେକ ଅଞ୍ଚଳରେ ଏବେ ଚାଷୀମାନଙ୍କର ଆନ୍ଦୋଳନ ମୁଣ୍ଡ ଟେକିଥିବା ବେଳେ ମୋଦି ସରକାରଙ୍କ ଏଭଳି ପଦକ୍ଷେପ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ବର୍ତ୍ତମାନ ଜାରି ଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅବଧି ୨୦୨୫-୨୬ ବର୍ଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହି ଯୋଜନା ବାବଦରେ ବ୍ୟୟବରାଦ ୬୯ ହଜାର ୫୧୬କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଗତ ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥରାଶି ଖର୍ଚ୍ଚ କରାଯିବ। ସେହିପରି କୃଷି କ୍ଷେତ୍ରରେ ବୈଷୟିକ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ଲାଗି ସରକାର ପଦକ୍ଷେପ ଗ୍ରହଣ କରିବେ। ଏ ବାବଦରେ ୮୪୦ କୋଟି ଟଙ୍କାର ନୂତନ ପାଣ୍ଠିର ବ୍ୟବସ୍ଥା ହୋଇଛି। ସାର ଯୋଗାଣ କ୍ଷେତ୍ରରେ ସବ୍‌ସିଡି ବ୍ୟବସ୍ଥା ଚାଲୁ ରଖିବାକୁ ନିଷ୍ପତ୍ତି ହୋଇଛି। ଡି.ଏ.ପି ସାରର ୫୦ କିଲୋ ବ୍ୟାଗ୍ ପୂର୍ବଭଳି ୧୩୫୦ଟଙ୍କାରେ ଯୋଗାଇ ଦିଆଯିବ। ମନ୍ତ୍ରିମଣ୍ଡଳ ଡି.ଏ.ପି ସାର ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକ ପାଇଁ ୩୮୫୦କୋଟି ଟଙ୍କାର ସବ୍‌ସିଡି ଘୋଷଣା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସ୍ୱତନ୍ତ୍ର ଡି.ଏ.ପି ପ୍ୟାକେଜ୍ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ। ଚଳିତ ୨୦୨୫ ମସିହାର ଜାନୁଆରୀରୁ ଡିସେମ୍ବର ମାସ ମଧ୍ୟରେ ଚାଷୀମାନେ ଏହି ପ୍ୟାକେଜ୍‌ର ସୁବିଧା ପାଇବେ। ଅନ୍ୟାନ୍ୟ ଦେଶରେ ଡି.ଏ.ପି ସାର ୫୦ କିଲୋ ବ୍ୟାଗ୍ ୩ହଜାର ଟଙ୍କା ଥିବାବେଳେ ଭାରତର ଚାଷୀଙ୍କୁ ୧୩୫୦ ଟଙ୍କାରେ ଯୋଗାଯିବା ସେମାନଙ୍କ ପାଇଁ ଲାଭପ୍ରଦ ହେଉଛି। ବଜାରର ସ୍ଥିତି ଖରାପ ଥିଲେ ମଧ୍ୟ ଚାଷୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ଷମତାସୀନ ହେବାପରେ ୨୦୨୪ ପର୍ଯ୍ୟନ୍ତ ଦଶବର୍ଷ ମଧ୍ୟରେ ଭାରତର ଚାଷୀଙ୍କୁ ୧୧.୯ ଲକ୍ଷ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରିଛନ୍ତି। ପୂର୍ବ ଦଶବର୍ଷ ୨୦୦୪-୨୦୧୪) ତୁଳନାରେ ଏହା ଦୁଇଗୁଣ ବୋଲି ଜଣାପଡିଛି। ଉଦ୍ଭାବନ ଓ ବୈଷୟିକ କ୍ଷେତ୍ର ପାଇଁ ବରାଦ ହୋଇଥିବା ୮୪୦ କୋଟି ଟଙ୍କାର ପାଣ୍ଠି ତ୍ୱରିତ୍ ବୀମା ଦାବି ସମାଧାନରେ ସହାୟକ ହେବ ବୋଲି ଆଶା କରାଯାଉଛି। ଫସଲବୀମା ଯୋଜନାକୁ ଅଧିକ ଗ୍ରହଣୀୟ କରିବା ପାଇଁ ଏହାକୁ ସମ୍ପୂର୍ଣ୍ଣ ଡିଜିଟାଲ କରିବାକୁ ନିଷ୍ପତ୍ତି ହୋଇଛି। ଦେଶର ଉତ୍ତର-ପୂର୍ବ ରାଜ୍ୟ ଓ ହିମାଳୟ ସନ୍ନିକଟବର୍ତ୍ତୀ ରାଜ୍ୟଗୁଡ଼ିକରେ ଏଥିନେଇ ପାଣ୍ଠି ଅନୁପାତ ୯୦:୧୦ ରହିଥିବା ବେଳେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ୫୦:୫୦ ଧାର୍ଯ୍ୟ ହୋଇଛି। କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକର ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ତାଙ୍କ ସରକାର କୃଷକ ସଶକ୍ତିକରଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଚାଷୀ ଭାଇ ଭଉଣୀମାନେ କଠିନ କରିଶ୍ରମ କରି ଦେଶବାସୀଙ୍କୁ ଖାଦ୍ୟଶସ୍ୟ ଯୋଗାଉଥିବାରୁ ସେ ପ୍ରଶଂସା କରିଥିଲେ। ତେବେ କେନ୍ଦ୍ରର ଏହି ନବବର୍ଷ ଭେଟି ଆନ୍ଦୋଳନରତ ଚାଷୀମାନଙ୍କ ଦ୍ୱାରା କେତେଦୂର ଗ୍ରହଣୀୟ ହେବ, ତାହା ଏ ଯାବତ୍ ସ୍ପଷ୍ଟ ହୋଇନାହିଁ। ମାତ୍ର ସେମାନଙ୍କର ଏକ ମୁଖ୍ୟ ଦାବି ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି) ଧାର୍ଯ୍ୟକୁ ଆଇନଗତ ସ୍ୱୀକୃତି ପ୍ରଦାନ ନେଇ କେନ୍ଦ୍ର ସରକାର ନିରବ ରହିବା ସଙ୍ଗେ ସଙ୍ଗେ ମନ୍ତ୍ରିମଣ୍ଡଳରେ କୌଣସି ନିଷ୍ପତ୍ତି ହୋଇନାହିଁ। ତଥାପି ଚାଷୀମାନଙ୍କ ସ୍ୱାର୍ଥ ସହ ଦେଶର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆପୋଷ ଆଲୋଚନା ମାଧ୍ୟମରେ ଆନ୍ଦୋଳନର ଅନ୍ତ ଘଟାଇବା ଏକାନ୍ତ ଜରୁରି।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ନେତାଜୀଙ୍କ ଦୃଷ୍ଟିରେ ଜାତିର ଜନକ



ପ୍ରହ୍ଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ଓ ଭାରତର ଜାତୀୟତାବାଦୀ ଆନ୍ଦୋଳନର କୋଟି କୋଟି ଜନତାଙ୍କ ହୃଦୟର ମୁକୁଟବିହୀନ ସମ୍ରାଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ସ୍ୱାଧୀନତା ସଂଗ୍ରାମ ପାଇଁ ସମର୍ପିତ ଦୁଇଟି ଦିବ୍ୟ ଆତ୍ମା। ସେମାନଙ୍କର ଲକ୍ଷ୍ୟ ଗୋଟିଏ ଥିଲେ ବି ପଥ ଥିଲା ପୃଥକ। ଏ ପରିପ୍ରେକ୍ଷୀରେ ଏହି ଦୁଇ ମହାମନିଷୀଙ୍କୁ ଠିକଣା ଭାବେ ବୁଝିନପାରି ଓ ଅନୁସରଣ ନକରି କେତେକ ଅପପ୍ରଚାର କରନ୍ତି ଭାରତମାତାର ଏ ଦୁଇ ବିଭୂତିଙ୍କୁ ପରସ୍ପରର ଶତ୍ରୁ ଭାବେ। କିନ୍ତୁ ଉଭୟ ନେତାଙ୍କ ଆଚରଣ ଓ ଉଚ୍ଚାରଣ ଏବଂ ଇତିହାସର ଦସ୍ତାବିଜ୍ କୁହେ ଭିନ୍ନ କଥା।

ଗାନ୍ଧୀଜୀଙ୍କ ଠାରୁ ନେତାଜୀ ବୟସରେ ପ୍ରାୟ ୨୬ ବର୍ଷ ସାନ, ଏକପ୍ରକାର ପୁଅ ବୟସର। ଉଭୟଙ୍କ ତ୍ୟାଗ ଏବଂ ଦେଶ ମାତୃକା ପାଇଁ ସେବା ଓ ସମର୍ପଣର ଭାବ ଅନନ୍ୟ। ସେଇଥିପାଇଁ ତ ଏ ଦୁଇ ମହାପୁରୁଷଙ୍କୁ ଏ କୃତଜ୍ଞ ଜାତି ଶତାଧିକ ବର୍ଷ ଧରି ମନେ ରଖିଛି ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ଝୁରିବାକୁ ବାଧ୍ୟ ହେବ ବି।

ନେତାଜୀଙ୍କ ଜନ୍ମ ଓଡ଼ିଶାର କଟକ ମାଟିରେ। ଏଇଠି ବି ତାଙ୍କ ବାଲ୍ୟଶିକ୍ଷା। ପରେ କଲିକତା ଓ ବିଲାତରେ ପାଠ ପଢ଼ିବା ସହ ସେତେବେଳର ମର୍ଯ୍ୟାଦା ସମ୍ପନ୍ନ ଆଇସିଏସ୍ ଚାକିରି ପାଇଁ ମନୋନୀତ ହୋଇଥିଲେ। କିନ୍ତୁ ଭାରତମାତାକୁ ବ୍ରିଟିଶ୍ ଶୃଙ୍ଖଳରୁ ଉଦ୍ଧାର କରିବା ପାଇଁ ଯାହାଙ୍କ ମନ ଓ ପ୍ରାଣ ବ୍ୟାକୁଳିତ ହେଉଥିଲା ସେ କ'ଣ ବ୍ରିଟିଶ୍ ସରକାର ଅଧିନରେ ଉଚ୍ଚ ପଦବୀରେ ଗୋଲାମୀ କରିପାରିଥାନ୍ତେ? ଏ ସଂକ୍ରାନ୍ତରେ ଦୃଢ଼ ନିଷ୍ପତ୍ତି ନେଇ ସେ ଭାରତ ଫେରି ବିଭିନ୍ନ ପର୍ଯ୍ୟାୟରେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତାଙ୍କ ଯୁବ ନେତୃତ୍ୱ, ଉଦାମତ୍ତା ଓ ବଜ୍ର ଆହ୍ୱାନ ନୂଆ ଶିହରଣ ସୃଷ୍ଟି କରିଥିଲା। ୧୯୩୪ରୁ ଗାନ୍ଧୀଜୀ ଓ ୧୯୩୯ରୁ ନେତାଜୀ କଂଗ୍ରେସର ସଭ୍ୟପଦ ଛାଡ଼ିଥିଲେ। ଇତିହାସର ଏହା ଭିନ୍ନ ପ୍ରସଙ୍ଗ। ଭାରତ ମାଟିରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀ ସତ୍ୟାଗ୍ରହର ଅମ୍ଳାନ ଅସ୍ତ୍ର ପ୍ରୟୋଗ କରୁଥିବା ବେଳେ ନେତାଜୀ ଜୀବନକୁ ବାଜି ଲଗାଇ ବିଦେଶ ଚାଲିଯାଇ ସେଠାରୁ ଇଂରେଜ ଶାସନର ମୂଳୋତ୍ପାଟନ ପାଇଁ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ।

ଗାନ୍ଧୀଜୀ ସତ୍ୟ, ଅହିଂସା, ସତ୍ୟାଗ୍ରହ, ସ୍ୱଦେଶୀ ଓ ଅସହଯୋଗ ବଳରେ ସ୍ୱାଧୀନତା ଆନ୍ଦୋଳନ ଚଳାଇ ସୂତା ଖିଅରେ ସ୍ୱରାଜ ଆସିବ ବୋଲି କହୁଥିବା ବେଳେ ନେତାଜୀ କିନ୍ତୁ ସଶସ୍ତ୍ର ସଂଗ୍ରାମରେ ବ୍ରିଟିଶ୍‌ଙ୍କୁ ଭାରତରୁ ନିପାତ କରିବାକୁ ଚାହୁଁଥିଲେ। ଫରାସୀ ଓ ରୁଷ୍ ବିପ୍ଲବର ଇତିହାସ ନେତାଜୀଙ୍କୁ ପ୍ରଭାବିତ କରିଥିଲା। ଦେଶର ସ୍ୱାଧୀନତା ପାଇଁ ବିଦେଶୀ ରାଷ୍ଟ୍ରର ସାମରିକ ସହାୟତା ଏମିତିକି ସଶସ୍ତ୍ର ବିପ୍ଳବ ଦ୍ୱାରା ବିଦେଶୀ ଶାସନର ଅବସାନ ଘଟାଇବା ସପକ୍ଷରେ ଥିଲେ ନେତାଜୀ। ଶତ୍ରୁର ଶତ୍ରୁକୁ ମିତ୍ର କରି ସଶସ୍ତ୍ର ସଂଗ୍ରାମ ପାଇଁ ସେ ନେତୃତ୍ୱ ନେଇଥିଲେ ଇଣ୍ଡିଆନ ନ୍ୟାସନାଲ ଆର୍ମି ଓ ଫ୍ରି ଇଣ୍ଡିଆ ସେଣ୍ଟରର। ରୁଷିଆ, ଜର୍ମାନୀ ଓ ଇଟାଲୀର ସେତେବେଳର ନେତା ଷ୍ଟାଲିନ୍, ମୁସୋଲିନି ଓ ହିଟଲରଙ୍କ ସହ ସମ୍ପର୍କ ସ୍ଥାପନ କରି ବ୍ରିଟିଶ୍ ବିରୁଦ୍ଧରେ ନେତାଜୀ ଯୁଦ୍ଧ ଘୋଷଣା କରିଥିଲେ। ଅଟକ ବନ୍ଦୀ ଥିବା ବେଳେ ବ୍ରିଟିଶ୍ ପୁଲିସକୁ ଚକମା ଦେଇ ସେ ବିଦେଶ ଚାଲିଯାଇ ସେଠାରେ ଆଇଏନ୍‌ଏକୁ ସଂଗଠିତ କରି ରେଙ୍ଗୁନ୍ ପଟୁ ବ୍ରିଟିଶଙ୍କୁ ତଡ଼ିବା ଲାଗି ସାମରୀକ ଅଭିଯାନ ମଧ୍ୟ ଆରମ୍ଭ କରିଥିଲେ। ନେତାଜୀଙ୍କର ଆହ୍ୱାନ ଥିଲା, 'ମତେ ତମେ ରକ୍ତ ଦିଅ, ମୁଁ ତମକୁ ସ୍ୱାଧୀନତା ଦେବି।' ଗାନ୍ଧୀଜୀଙ୍କ ଅହିଂସା ନୀତିର ଏହା ପରିପନ୍ଥୀ ଥିଲେ ବି ନେତାଜୀଙ୍କ ଦେଶାତ୍ମବୋଧକୁ ମୁକ୍ତକଣ୍ଠରେ ସ୍ୱୀକାର କରି ଗାନ୍ଧୀଜୀ ତାଙ୍କୁ ସମ୍ବୋଧନ କରୁଥିଲେ ପାଟ୍ରିଅଟ୍ ଅଫ୍ ପାଟ୍ରିଅଟ୍ ବୋଲି।

୧୯୪୨ରେ ଗାନ୍ଧୀଜୀ ଭାରତଛାଡ଼ ଆନ୍ଦୋଳନର ବିଗୁଲ ବଜାଇ ଦେଶବାସୀଙ୍କୁ 'କର ବା ମର' ଆହ୍ୱାନ ଦେଇ ସ୍ୱାଧୀନତା ଆନ୍ଦୋଳନ ନିର୍ଣ୍ଣାୟକ ମୋଡରେ ପହଞ୍ଚାଇଥିଲେ। ଲକ୍ଷାଧିକ ସଂଗ୍ରାମୀଙ୍କ କାରାବରଣ, ସହସ୍ରାଧିକଙ୍କ ଜୀବନଦାନ ଓ ଅଗଣିତ ଦେଶପ୍ରେମୀଙ୍କ ନିର୍ଯାତନାବରଣ ସମଗ୍ର ବିଶ୍ୱକୁ ଚମକାଇ ଦେଲା। ଏହି ସମୟରେ ୧୯୪୪ ଜୁଲାଇ ୬ ତାରିଖରେ ଦକ୍ଷିଣ-ପୂର୍ବ ଏସିଆର କୌଣସି ଏକ ସ୍ଥାନରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଦେଶବାସୀଙ୍କୁ ଦେଇଥିବା ଆଇଏନ୍‌ଏ ରେଡ଼ିଓର ବେତାର ଭାଷଣରେ ଗାନ୍ଧୀଜୀଙ୍କୁ ଜାତିର ଜନକ ଭାବେ ସମ୍ବୋଧନ କରିଥିଲେ। ନେତାଜୀଙ୍କୁ ନିଖୋଜ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତାଙ୍କ ପୁତୁରା ଶିଶିର କୁମାର ବୋଷ୍‌ଙ୍କ ଦ୍ୱାରା ରଚିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ପୁସ୍ତକରେ ଏ କଥା ଉଲ୍ଲେଖ ରହିଛି। ଏହି ବେତାର ଭାଷଣରେ ନେତାଜୀ କହିଥିଲେ, 'ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଆଜାଦ୍ ହିନ୍ଦ୍ ଫୌଜ୍‌ର ସୈନ୍ୟମାନେ ଭାରତ ମାଟିରେ ସାହସର ସହ ଲଢ଼ୁଛନ୍ତି... ଏହି ସଶସ୍ତ୍ର ସଂଗ୍ରାମ ଶେଷ ବ୍ରିଟିଶ୍ ଲୋକଟିକୁ ଭାରତ ମାଟିରୁ ବିତାଡ଼ିତ କରିବା ଯାଏଁ ଓ ନୂଆଦିଲ୍ଲୀର ଭାଇସରାୟଙ୍କ ପ୍ରାସାଦ ଉପରେ ଆମ ଜାତୀୟ ତ୍ରିରଙ୍ଗା ପତାକା ଗର୍ବର ସହ ଉଡ଼ିବା ଯାଏଁ ଚାଲିବ। ହେ ଜାତିର ପିତା- ଭାରତର ମୁକ୍ତି ପାଇଁ ଏହି ପବିତ୍ର ସଂଗ୍ରାମରେ ଆମେ ଆପଣଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା କାମନା କରୁଛୁ।' ନେତାଜୀ ଗାନ୍ଧୀଜୀଙ୍କୁ ଜାତିର ଜନକ ଭାବେ ସମ୍ବୋଧନ କରିବା ପରେ ଲୋକେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନରେ ବି ଏହିଭଳି ଡାକି ଆସୁଛନ୍ତି।

ନେତାଜୀ କଲିକତାର ପ୍ରେସିଡେନ୍ସି ଜେଲ୍‌ରେ ବନ୍ଦୀ ଥିବା ବେଳେ ୧୯୪୦ ମସିହାରେ ବ୍ରିଟିଶ୍ ସରକାରଙ୍କୁ ଯେଉଁ ପତ୍ର ଲେଖିଥିଲେ ତାହା ବେଶ୍ ପ୍ରଣିଧାନ ଯୋଗ୍ୟ। ଏଠାରେ ଉଲ୍ଲେଖନୀୟ ଯେ ସେଠାରେ କାରାରୁଦ୍ଧ ଥାଇ ନେତାଜୀ ପୂର୍ବବଙ୍ଗର ଢାକା ନିର୍ବାଚନ ମଣ୍ଡଳୀରୁ କେନ୍ଦ୍ରୀୟ ବିଧାନସଭାକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ଏହି ଐତିହାସିକ ପତ୍ରର ଗୋଟିଏ ସ୍ଥାନରେ ଲେଖା ଅଛି, 'କଷ୍ଟ ସହିଷ୍ଣୁତା ଓ ତ୍ୟାଗର ଫଳ କେବେ ବ୍ୟର୍ଥ ଯାଏନାହିଁ..... ମରଣଶୀଳ ପୃଥିବୀରେ ସବୁକିଛି କ୍ଷୟିଷ୍ଣୁ ଓ ନିଶ୍ଚୟ କ୍ଷୟ ପାଇବ- କିନ୍ତୁ ଚିନ୍ତା, ଆଦର୍ଶ ଓ ସ୍ୱପ୍ନ କେବେ କ୍ଷୟ ହୁଏ ନାହିଁ। ଗୋଟିଏ ଚିନ୍ତା ବା ଆଦର୍ଶର ସଫଳତା ପାଇଁ ଜଣେ ଲୋକର ମୃତ୍ୟୁ ହୋଇପରେ, କିନ୍ତୁ ତାଙ୍କ ମୃତ୍ୟୁ ପରେ ସେହି ଚିନ୍ତା ବା ଚେତନା ହଜାର ହଜାର ଜୀବନ ମାଧ୍ୟମରେ ପୁଣି ପ୍ରକଟିତ ଓ ବିକଶିତ ହୋଇଥାଏ..... ଗୋଟିଏ ଆଦର୍ଶ ପାଇଁ ଜଣେ ଯଦି ବଞ୍ଚିଥାଏ ଓ ସେଥିପାଇଁ ମୃତ୍ୟୁବରଣ କରେ, ତାହାଠାରୁ ବଳି ଜୀବନର ଆଉ ବଡ଼ ସଫଳତା କ'ଣ ଥାଇପାରେ..... ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପରିବର୍ତ୍ତନର ସନ୍ଧିକ୍ଷଣରେ ଶାନ୍ତିରେ ଆତ୍ମବଳିଦାନ ଅପେକ୍ଷା ଜୀବନର ଆଉ କେଉଁ ସାର୍ଥକ ପରିସମାପ୍ତି ହୋଇପାରେ?' ଏହି ଦିବ୍ୟ ଉକ୍ତି ଉଭୟ ଗାନ୍ଧୀଜୀ ଓ ନେତାଜୀଙ୍କ ଅବର୍ତ୍ତମାନରେ ପ୍ରତିଫଳିତ। ଏଠାରେ ଉଲ୍ଲେଖନୀୟ ଯେ ଏହି ଦୁଇ ଦିବ୍ୟାତ୍ମାଙ୍କ ମଧ୍ୟରେ ନୀତି ଓ ଆଦର୍ଶଗତ ଫରକ ଥିଲା, କିନ୍ତୁ ସେମାନଙ୍କ ଅବିଚଳିତ ଲକ୍ଷ୍ୟ ଥିଲା ଦେଶର ସ୍ୱାଧୀନତା ହାସଲ କରିବା ପାଇଁ। ଉଭୟ ଉଭୟଙ୍କ ଦେଶପ୍ରେମ ଓ ତ୍ୟାଗକୁ ବିଭିନ୍ନ ସମୟରେ ଭୂରି ଭୂରି ପ୍ରଶଂସା କରିଛନ୍ତି।

କେବଳ ସେତିକି ନୁହେଁ ଗାନ୍ଧୀଜୀଙ୍କ ସହ କାରାରୁଦ୍ଧ ଥିବା ବେଳେ ୧୯୪୪ ଫେବୃଆରୀ ୨୨ରେ ତାଙ୍କ ସହଧର୍ମିଣୀ ଓ ସହକର୍ମିଣୀ କସ୍ତୁରବାଙ୍କ ଦେହାନ୍ତ ହୋଇଥିଲା ଏବଂ ଆଗା ଖାଁ ପ୍ୟାଲେସ୍ କ୍ୟାମ୍ପ ଜେଲ୍ ପରିସର ମଧ୍ୟରେ ତାଙ୍କ ଚିତା ମଧ୍ୟ ଜଳିଥିଲା। ଏ ଖବର ପାଇ ନେତାଜୀ ସୁଭାଷ ଯେଉଁ ଆବେଗଭରା ବାର୍ତ୍ତା ଦେଇ ପ୍ରତିଶୋଧ ଚାହିଁଥିଲେ ତାହା ଥିଲା ଦେଶପ୍ରେମରେ ଭରପୂର ସର୍ବଶ୍ରେଷ୍ଠ ଶୋକାଞ୍ଜଳି। ଏଥିରେ ନେତାଜୀ ଉଲ୍ଲେଖ କରିଥିଲେ, 'ଶ୍ରୀମତୀ କସ୍ତୁରବା ଗାନ୍ଧୀଙ୍କ ପରଲୋକ ହୋଇଛି। ବ୍ରିଟିଶ୍ ସରକାରଙ୍କ ପୁନାରେ ଥିବା ଏକ ଜେଲ୍‌ରେ ୭୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ଦେଶର ୩୮ କୋଟି ୮୦ ଲକ୍ଷ ଲୋକ ଏବଂ ବିଦେଶରେ ଥିବା ମୋର ସହଯୋଦ୍ଧାମାନଙ୍କ ସହିତ ମୁଁ କସ୍ତୁରବାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରୁଛି। ତାଙ୍କର ଯେଭଳି ଦୁଃଖଦ ବିୟୋଗ ଘଟିଲା ତାହା ନିଶ୍ଚିତ ଭାବରେ ଗୋଟିଏ ଗୋଲାମ ଦେଶର ଜଣେ ଅଧିବାସୀଙ୍କ ପାଇଁ ବେଶ୍ ସମ୍ମାନଜନକ ଓ ଗୌରବମୟ। ଭାରତ ପାଇଁ ତାଙ୍କ ମୃତ୍ୟୁ ଏକ ଅପୂରଣୀୟ କ୍ଷତି ....... ବସ୍ତୁତଃ ଇଂରେଜ ସରକାର ମହାତ୍ମା ଗାନ୍ଧୀଙ୍କୁ କଷ୍ଟ ଦେଇ ତାଙ୍କ ଶରୀର ଓ ମନୋବଳକୁ ଭାଙ୍ଗିଦେବା ଲାଗି କସ୍ତୁରବାଙ୍କୁ ଠିକଣା ଭାବେ ଚିକିତ୍ସା ସୁବିଧା ଯୋଗାଇନଥିଲେ। ଏ ପରିପ୍ରେକ୍ଷୀରେ ଇଂରେଜ ସରକାର ପାଇଁ ମୁଁ କେବଳ ଘୃଣା ହିଁ ବ୍ୟକ୍ତ କରିପାରେ। କସ୍ତୁରବାଙ୍କର ଯେଭଳି ନିଧନ ହେଲା ତାହାକୁ ମୁଁ ବ୍ରିଟିଶ୍ ସରକାରର ଏକ ନିର୍ମମ ହତ୍ୟାକାଣ୍ଡ ବୋଲି ଅଭିହିତ କରି ଏହି ଦୋଷରେ ସରକାର ଦୋଷୀ ବୋଲି କହିପାରେ। କସ୍ତୁରବା ବାସ୍ତବରେ ଏକ ସହିଦର ମୃତ୍ୟୁ ଲାଭ କରିଛନ୍ତି। ଗାନ୍ଧୀଜୀ ଓ ତାଙ୍କ ମହାନ୍ ପତ୍ନୀ କସ୍ତୁରବା ଜେଲ୍ ଭିତରେ ମରିବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ଜେଲ୍‌ରୁ ମୁକୁଳିବା ପାଇଁ ସେମାନେ ଚାହୁଁନଥିଲେ। ଇଂରେଜମାନେ ଚକ୍ରାନ୍ତ କରିଥିଲେ ଯେ ଗାନ୍ଧୀଜୀଙ୍କ ଆଖି ଆଗରେ କସ୍ତୁରବା ଛଟପଟ୍ ହୋଇ ମରନ୍ତୁ। ଇଂରେଜମାନଙ୍କ ଏହି ଅପରାଧିକ ମାନସିକତା ପୂରଣ ହୋଇଛି। ଏହି ମୃତ୍ୟୁ ଜଘନ୍ୟ ହତ୍ୟାକାଣ୍ଡଠାରୁ କମ୍ ନୁହେଁ। ବ୍ରିଟିଶ୍ ସରକାର ଗାନ୍ଧୀଜୀ ଓ ଭାରତୀୟମାନଙ୍କୁ ଭଲ ଭାବରେ ବୁଝିନାହାନ୍ତି। ସେମାନେ ଗାନ୍ଧୀଜୀ ଓ ଭାରତୀୟମାନଙ୍କୁ ଯେତେ ମାନସିକ ଓ ଶାରୀରିକ ନିର୍ଯାତନା ଦେଲେ ମଧ୍ୟ ଗାନ୍ଧୀଜୀ ତାଙ୍କ ନିଷ୍ପତ୍ତିରୁ ଇଞ୍ଚେ ହେଲେ ହଟିବେ ନାହିଁ। ଦେଶ ବିଦେଶରେ ରହୁଥିବା ଭାରତୀୟମାନେ କସ୍ତୁରବାଙ୍କ ଦୁଃଖଦ ମୃତ୍ୟୁରୁ ସ୍ପଷ୍ଟ ଜାଣିପାରୁଛନ୍ତି ଯେ ହୃଦୟହୀନ ଇଂରେଜ ସରକାର ଜଣ ଜଣ କରି ଆମ ନେତାମାନଙ୍କୁ ମାରିଦେବାର ନିଷ୍ପତ୍ତି ନେଇଛି ....... କସ୍ତୁରବାଙ୍କ ଭଳି ଜଣେ ମହାନ୍ ମହିଳା ବାସ୍ତବରେ ଭାରତୀୟମାନଙ୍କ ପାଇଁ ମା' ଭଳି। ତାଙ୍କ ପ୍ରତି ନମ୍ରତାର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ଏ ଗଭୀର ଶୋକ ସମୟରେ ଗାନ୍ଧୀଜୀଙ୍କ ପ୍ରତି ମଧ୍ୟ ସମବେଦନା ଜଣାଉଛି। କସ୍ତୁରବାଙ୍କ ନିକଟ ସମ୍ପର୍କରେ ଅନେକଥର ଆସିବାର ସୌଭାଗ୍ୟ ମୋତେ ମିଳିଛି। ସେ ଭାରତୀୟ ନାରୀ ଜାତିର ଆଦର୍ଶ। ଶକ୍ତିଶାଳୀ, ଧୈର୍ଯ୍ୟବତୀ, ନୀରବ ସାଧିକା ତଥା ଆତ୍ମନିର୍ଭରଶୀଳ ମଧ୍ୟ ଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନରେ ଲକ୍ଷ ଲକ୍ଷ ମହିଳା ସାମିଲ ହେବା ପଛରେ କସ୍ତୁରବାଙ୍କର ପ୍ରେରଣା ଥିଲା। ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହରେ ବି ତାଙ୍କର ଢେର୍ ଯୋଗଦାନ ଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ମହିଳାମାନେ ଯେପରି ଅଧିକ ସଂଖ୍ୟାରେ ସାମିଲ ହୋଇପାରିବେ ସେ ଦିଗରେ ସେ ଅନେକ କାମ କରିଛନ୍ତି ଏବଂ ପୁଅମାନେ ଏ କ୍ଷେତ୍ରରେ ଝିଅମାନଙ୍କଠାରୁ ଯେପରି ପଛରେ ପଡ଼ି ନ ଯାଆନ୍ତି ସେଥିଘେନି ଆହ୍ୱାନ ମଧ୍ୟ ସୃଷ୍ଟି କରିଥାନ୍ତି। ସ୍ୱାଧୀନତା ଆନ୍ଦୋଳନରେ ବହୁବାର କାରାବରଣ କରିବା ସଙ୍ଗେ ସଙ୍ଗେ ଜଣେ ସଚ୍ଚା ସତ୍ୟାଗ୍ରହୀ ଭାବେ ମଧ୍ୟ କାମ କରିଯାଇଛନ୍ତି ....... ଯେ ପର୍ଯ୍ୟନ୍ତ ଭାରତରେ ଇଂରେଜ ଶାସନ ରହିଥିବ ସେ ପର୍ଯ୍ୟନ୍ତ ସେମାନଙ୍କ ଅତ୍ୟାଚାର ଚାଲିଥିବ। ଭାରତର ଯୁବକ ଯୁବତୀମାନେ ବ୍ରିଟିଶ ସାମ୍ରାଜ୍ୟକୁ ସମ୍ପୂର୍ଣ୍ଣ ଭାବେ ବିଲୋପ କରି କସ୍ତୁରବାଙ୍କ ମୃତ୍ୟୁର ପ୍ରତିଶୋଧ ନେଇପାରିବେ। ପୂର୍ବ ଏସିଆରେ ରହୁଥିବା ଭାରତୀୟମାନେ ଇଂରେଜ ଶାସନ ବିରୁଦ୍ଧରେ ଯୁଦ୍ଧ ଚଳାଇଛନ୍ତି ଏବଂ ସେମାନଙ୍କ ଉପରେ ସ୍ୱତନ୍ତ୍ର ଦାୟିତ୍ୱ ରହିଛି। ଏଠି ରହୁଥିବା ପ୍ରତ୍ୟେକ ଭଉଣୀଙ୍କର ଯୁଦ୍ଧରେ ଭାଗ ନେବା ଏକ ପରମ କର୍ତ୍ତବ୍ୟ। ଦୁଃଖର ଏହି ମୁହୂର୍ତ୍ତରେ ଆମେ ଆଉଥରେ ପବିତ୍ର ଶପଥ ନେବା ଯେ ଶେଷ ଇଂରେଜ ଯେ ପର୍ଯ୍ୟନ୍ତ ଭାରତରୁ ବିଦା ନ ନେଇଛି ସେ ପର୍ଯ୍ୟନ୍ତ ଆମେ ସବୁ ଆମର ସଶସ୍ତ୍ର ସଂଗ୍ରାମ ଅବ୍ୟାହତ ରଖିବା।'

### ଗାନ୍ଧୀ ବିଚାର

କସ୍ତୁରବାଙ୍କ ମୃତ୍ୟୁପରେ ତାଙ୍କୁ ସହିଦର ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ଭାରତୀୟ ମାତୃଜାତିର ପ୍ରତୀକ ଭାବେ ଉଲ୍ଲେଖ କରି ତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପଇଁ ଏହା ଥିଲା 'Homage to Mother of the Indian People' ଶୀର୍ଷକ ଆଲେଖ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଅବେଗଭରା ବଜ୍ର ଆହ୍ୱାନର କିୟଦଂଶ। ନେତାଜୀଙ୍କ ବିମାନ ଦୁର୍ଘଟଣାଜନିତ ମୃତ୍ୟୁ ସମ୍ବାଦକୁ ଗାନ୍ଧୀଜୀ ଅସ୍ୱୀକାର ଓ ଅଗ୍ରାହ୍ୟ କରିବା ସଙ୍ଗେ ସଙ୍ଗେ ସେ ବଞ୍ଚିଥିବା ଘେନି ଦୃଢ଼ୋକ୍ତି କରୁଥିଲେ। ନେତାଜୀ ବି ଅନ୍ତର୍ଦ୍ଧାନ ହେବା ପୂର୍ବରୁ ତାଙ୍କ ଆଇଏନ୍‌ଏକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧୀଜୀଙ୍କ ସହ ସାମିଲ୍ ହେବାକୁ କହିଥିଲେ। ନୋଆଖାଲିରେ ଗାନ୍ଧୀଜୀଙ୍କ ପଦଯାତ୍ରା, କଲିକତାରେ ଶାନ୍ତି ଅଭିଯାନ ଏବଂ ୧୯୪୭ ଅଗଷ୍ଟ ୧୫ରେ ବେଲିଆଘାଟର ଦଙ୍ଗା ବିଧ୍ୱସ୍ତ ଅଞ୍ଚଳରେ ଗାନ୍ଧୀଜୀ ଗଭୀର ମନସ୍ତାପରେ ବିନିଦ୍ର ରଜନୀ କାଟିଥିବା ବେଳେ ଏମିତିକି ୧୯୪୮ ଜାନୁଆରୀ ୩୧ ତାରିଖର ଗାନ୍ଧୀଜୀଙ୍କ ମହାଯାତ୍ରାରେ ଆଇଏନ୍‌ଏର ବହୁ ଯବାନ ସାମିଲ ଥିଲେ। ଆତତାୟୀର ଗୁଳିଚୋଟରେ ଶହୀଦ ହେବାର ସପ୍ତାହକ ପୂର୍ବରୁ ୧୯୪୮ ଜାନୁଆରୀ ୨୩ରେ ନେତାଜୀଙ୍କ ଜନ୍ମଦିନରେ ଗାନ୍ଧୀଜୀ ପ୍ରାର୍ଥନା ସଭାରେ ଯେଉଁ ବକ୍ତବ୍ୟ ରଖିଥିଲେ ତାହା ଇତିହାସର ଦସ୍ତାବିଜ। କିନ୍ତୁ ଗାନ୍ଧୀ ଓ ନେତାଜୀଙ୍କ ଆନ୍ଦୋଳନ ଓ ଅଭିଯାନରେ ଆଦୌ କେବେ ସାମିଲ ନଥିବା କିଛି ଗୋଷ୍ଠୀ କିନ୍ତୁ ଇତିହାସର କଦର୍ଥ କରି ଯେଉଁ ଭିନ୍ନ ଚିତ୍ର ରଖିଛନ୍ତି ତାହା ସତ୍ୟର କଷଟି ପଥରରେ ଯେ ବାରମ୍ବାର ମିଥ୍ୟା ପ୍ରମାଣିତ ହେଉଛି ତାହା ସେମାନେ ବୁଝିବା ଆବଶ୍ୟକ।

# ନୂଆବର୍ଷର କଥା



ଡାକ୍ତର ଦିଲ୍ଲୀପ କୁମାର ମହାରଣା
ଶିଖରପୁର ଉପରସାହି, କଟକ
ମୋ: ୯୪୩୮୫୮୩୨୮୯

କ୍ୟାଲେଣ୍ଡରରୁ ବିଦାୟ ନେଇଛି ପୁରୁଣା ବର୍ଷ, ପଦାର୍ପଣ କରିଛି ନୂଆବର୍ଷ। ସତରେ ପ୍ରତିଥର ଏହି ନୂଆବର୍ଷ, ନୂଆସ୍ପର୍ଶ, ନୂଆ ଭାବନା ଆଉ ଅନେକ କିଛି ନୂଆ କରିବାର ସ୍ୱପ୍ନ ସନ୍ଦେଶ ନେଇ ଆସିଥାଏ ନିଜର ଚିହ୍ନାଜଣା ମଣିଷଙ୍କ ପାଖକୁ। ସମ୍ପ୍ରତି ନୂଆବର୍ଷରେ ସାଧାରଣତଃ ଧୂମ୍ରପାନ ବା ମଦ୍ୟପାନ କିମ୍ବା ଓଜନ କମାଇବା ଭଳି ଶପଥ ନେଉଛନ୍ତି। ତେବେ ଏହିକଥା ପଛର ଏକ କୌତୁହଳି କାହାଣୀଟି ମନେପଡ଼େ। ଏହି ଦିନରେ ବାବିଲୋନ୍‌ର ପୁରାତନ ଲୋକମାନେ ପଡ଼ିଶା ଘରୁ ଉଧାର ଆଣିଥିବା କୃଷି ଉପକରଣ ଗୁଡ଼ିକୁ ଫେରାଇବାର ଶପଥ ନେଉଥିଲେ। ତେବେ ଦେଖାଯାଉଛି ଯେ ବିଶ୍ୱରେ ପାଳିତ ହେଉଥିବା ସବୁ ସାଂସ୍କୃତିକ ଓ ଧାର୍ମିକ ପର୍ବ ବା ଉତ୍ସବ ଭିତରେ ନୂଆବର୍ଷ ସବୁଠାରୁ ଲୋକପ୍ରିୟ। ତେବେ ପ୍ରାୟତଃ ସବୁ ଦେଶରେ ଜାନୁୟାରୀ ମାସର ପ୍ରଥମ ଦିନଟିକୁ ନୂଆବର୍ଷ ଭାବରେ ବେଶ୍ ଧୁମ୍‌ଧାମରେ ପାଳନ କରାଯାଉଛି। ପ୍ରତିଟି ସଭ୍ୟତା ଓ ଧର୍ମ ତଥା ଲୋକବିଶ୍ୱାସର ରୀତିନୀତି ଅନୁଯାୟୀ ନିଜସ୍ୱ ବର୍ଷ ଗଣନା ରୀତି ରହିଥିବାରୁ ଅନ୍ୟଦିନରେ ମଧ୍ୟ ନୂଆବର୍ଷ ପାଳନ କରାଯାଏ । ଏହି ପରମ୍ପରାଟି କ୍ରମଶଃ ଲୋପ ପାଇବାକୁ ବସିଥିଲେ ମଧ୍ୟ ଅନେକ ସ୍ଥାନରେ ସଚେତନତା ସୃଷ୍ଟି କରାଯାଉଛି ଯାହାକି ବାସ୍ତବିକ ପ୍ରଂଶସନୀୟ ଓ ଖୁସିର ବିଷୟ।

ତେବେ ଓଡ଼ିଆ ନୂଆବର୍ଷ ବିଷୁବ ସଂକ୍ରାନ୍ତୀ ବା ପଣା ସଂକ୍ରାନ୍ତୀରେ ପଡ଼ିଥାଏ। ୧୯୩୬ ସାଲରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶା ଗଠିତ ହେଲା। ନୂଆବର୍ଷଟି ଆମେ କାହିଁକି ପାଳନ କରିଥାଉ? ବାସ୍ତବିକ ନୂଆବର୍ଷ ପାଳନର ମୁଖ୍ୟ ଲକ୍ଷ୍ୟ ହେବାକଥା ପୁରୁଣା ବର୍ଷର ଦୁଃଖ ଓ ଲୁହକୁ ପଛରେ ପକାଇ ସ୍ୱପ୍ନ ଦେଖିବା, ଯୋଜନା କରିବା ଏକ ନୂଆ ସମ୍ଭାବନା ପାଇଁ। ଯଦି ଆମେମାନେ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ ନକରିବା ତେବେ ମନେହେବ ଯେପରି ନୂଆବର୍ଷ ମାତ୍ର ଗୋଟିଏ ଦିନ ପାଇଁ ହିଁ ଆସିଥିଲା। ତେବେ ଯାହାହେଉନା କାହିଁକି ବେପାର ବଣିଜର ପସରା ଭିତରେ କେକ୍ କଟା, ମେସଜ୍ ଦିଆନିଆ, ଫାର୍ମ ହାଉସରେ ବିଳମ୍ବିତ ପାର୍ଟି ଆଉ ସକାଳୁ ମନ୍ଦିର ଦେବାଳୟରେ ଭିଡ଼ ଜମାଇଲେ ସତରେ କ'ଣ ନୂଆବର୍ଷର ଯଥାର୍ଥତା ରହିବ। ଦେଖାଯାଉଛି ଦିନକୁ ଦିନ ମଣିଷର ପ୍ରକୃତି ବଦଳୁ ନାହିଁ। ଦିନ କିନ୍ତୁ ବଦୁଳି ଯାଉଛି। ଲୋକଚରିତ୍ର ସମ୍ପ୍ରତି ଘୋର ଅବକ୍ଷୟର ସୁଅରେ। ମଣିଷକୁ ମଦ ଯେ ପିଇବା ସମିଚିନ ନୁହେଁ ଚୋରୀ କରିବା ପାପ, ମାତ୍ର ସମାଜକୁ ଦୁର୍ବ୍ୟବହାର କରିବା ତ ଦୂରର କଥା ଆଡ଼ଆଖିରେ ଚାହିଁବା ମହାପାତକ। ଏକଥା ଲୋକଚରିତ୍ରକୁ ଜଣାଇବାକୁ ହେଉଛି ତା'ପୁଣି ଆଇନର ଦ୍ୱାହିରେ ଏହାଠାରୁ ଦୁଃଖଦାୟକ ବେଦନାପ୍ରଦ ପ୍ରସଙ୍ଗ ଆଉ ବା କ'ଣ ଥାଇପାରେ।

ସମ୍ପ୍ରତି ମେଦବୃଦ୍ଧି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କେବଳ ନିୟମିତ କେତୋଟି ଅଭ୍ୟାସ ଜାରି ରଖିଲେ ଓଜନ ହ୍ରାସ ସମସ୍ୟା ହେବନାହିଁ। ଏହା ଆମ୍ଭେମାନେ ସମସ୍ତେ ଭଲ ଭାବରେ ଜାଣିଛେ। ତଥାପି ଫାଷ୍ଟଫୁଡ୍, ନନ୍‌ଭେଜ, ଗରିଷ୍ଠ ଖାଦ୍ୟ, ତେଲଭାଜୀ, ଯାବତୀୟ ଲାଳସାର ଶିକାର ହୋଇ ପେଟ ଭର୍ତ୍ତି କରିବାକୁ ଭୁଲୁନାହୁଁ। ବଜାରର ଦରଦାମ୍ ଯାହା ଭଲ ଭାବରେ ହେଜିଲୁଣୁ ତଥାପି ଘରର ଯାବତୀୟ ଫରମାଇସ୍ ପୂରଣ କରିବା ପାଇଁ କାହା ପାଖରେ ହାତପାତିବାକୁ ପଡୁ ବ୍ୟାଙ୍କ ଲୋନ୍ ବି ହେଉ କିମ୍ବା ଦୋନମ୍ବରୀ ପଇସାର ସାହାରାରେ କିନ୍ତୁ ଯାହାବି ହେଲେ ଜୀବନଶୈଳୀକୁ ବଦଳାଇବାକୁ ପ୍ରଚେଷ୍ଟା ଜାରି ରଖିଛୁ। ଏହାକୁ ଆମ୍ଭେମାନେ କିନ୍ତୁ ଦେହସୁଆ ଭାବରେ ନିଜ ଚିନ୍ତାଚେତନା ଭିତରେ ସ୍ଥାନ ଦେଇସାରିଲୁଣି। ସରକାରୀ ମାଲ ଦରିଆ ମେ ଡାଲ। ଏ ଧାଡ଼ିର ମର୍ମ ବୁଝାଉଛି। ଚାରିଆଡ଼ ଆଖି ପକାଇ ଦେଖୁଛେ କେଉଁଠି ସରକାରୀ, ଗୋଚର, ଅନାବାଦି ବା କୌଣସି ନିରାଶ୍ରୟ ଲୋକର ଜାଗାଟି ପଡ଼ିଛି ତାକୁ ମଠ ମନ୍ଦିର ନାମରେ ହେଉ ବା ଯେ କୌଣସି ବାଟରେ ହେଉ ଯଦି ଆମେ କବ୍‌ଜା କରିପାରିଲେ ତା'ହେଲେ କଚେପୁଅ ବାର। ସରକାରୀ ଜାଗାକୁ ଜବରଦଖଲ କରି ସମାଜପତିଙ୍କ ପ୍ରିୟପାତ୍ର ହୋଇପାରିଲେ ଜାଗାଟି ଆଉ କେହି ଦଖଲ କରିବା ପାଇଁ ସାହାସ ବି କରିବେ ନାହିଁ। ଆଉ ସରକାର ଯଦି ଜବରଦଖଲ ହଟାଇବା ପାଇଁ ଆଇନର ସାହାଯ୍ୟ ନିଅନ୍ତି ତେବେ ତା'କୁ ହଟାଇବା ପାଇଁ ବି ବୁଦ୍ଧିବାଟର ତରିକା ଆମ୍ଭମାନଙ୍କୁ ବେଶ୍ ଜଣା। ଘରପାଖରେ ନୂଆ ପଡ଼ୋଶୀଟିଏ ମୁଣ୍ଡ ଗୁଞ୍ଜିବାକୁ ପହଞ୍ଚିଛନ୍ତି । ଆମର କିନ୍ତୁ ସେଥିପାଇଁ ସାହାଯ୍ୟ ତ ଦୂରର କଥା ଏପରି ଫୋପଡା ବ୍ୟବହାର ଦବା ପାଇଁ ପଛଉ ନାହିଁ ଯେ ନୂଆଲୋକଟି କ'ଣ ଯେ ଭାବୁଥିବ ତାହା ପାଇଁ କ'ଣ ଚିନ୍ତା ରହୁଛି?

ପ୍ରତିବର୍ଷ ଏହି ନୂଆବର୍ଷଟି ଆସୁଛି। ଫୁଲବାଲା ଠାରୁ ଡାଏରୀ ବାଲା, ଫୋନ୍ କାର୍ଡ଼ ବାଲାଙ୍କ ଠାରୁ ମାଛ, ମାଂସବାଲା, ମଦ ଦୋକାନୀ ଠାରୁ ବକ୍ସିସ୍ ନେଲାବାଲା ସମସ୍ତେ ଲାଭବାନ ହୋଇଥାନ୍ତି। ହେଲେ ଆମ୍ଭମାନଙ୍କ ହାତରେ ଯେ କୋଟି କୋଟିର ଅମୂଲ୍ୟ ସମ୍ପଦ ଲାଭ ରହିଛି ତାହାକୁ ଆମେ ସମସ୍ତେ ଭୁଲି ଯାଉଛେ। ଆମ୍ଭେମାନେ କେଭେ ଚିନ୍ତା କରିଛେ ଯେ, ଆମ ଘରେ ଜୀବନ୍ତ ଭଗବାନ ରହିଛନ୍ତି ସେ ହେଉଛନ୍ତି ଆମର ପିତାମାତା। ଆଉ ଲକ୍ଷ୍ମୀ ତ ସ୍ୱୟଂ ସେଠାରେ ବିରାଜମାନ। କେବେ ଖୁସି ଓ ଆନନ୍ଦ ପାଇବା ପାଇଁ ଆଧାତ୍ମିକ ଚେତନାକୁ ନିଜ ଭିତରେ ଜାଗ୍ରତ କରିବା ପାଇଁ ଚେଷ୍ଟା କରୁନାହୁଁ। ସଦାସର୍ବଦା ପରନିନ୍ଦା, କାହାକୁ ଅସୁବିଧାରେ ପକାଇବାରେ ଚିନ୍ତନ, କୁଭାବନା, ପରଶ୍ରୀକାତରତା ପରି ବଦଭ୍ୟାସକୁ ଦୂରେଇ ରଖୁନାହୁଁ। ବାସ୍ତବିକ ଶାନ୍ତି କ'ଣ ଆମେ ମାନେ ପାଇ ପାରିବା। ତା'ହେଲେ ନୂଆ ବର୍ଷ କ'ଣ ପାଇଁ ଓ କେଉଁମାନଙ୍କ ପାଇଁ? ବାସ୍ତବିକ ନୂଆବର୍ଷାର ଭେଳିକି ନାମରେ ଆମେ ନିଜକୁ ସିନା ଠକୁଛେ କିନ୍ତୁ କେବେ ଭାବନା ରାଜ୍ୟକୁ ବିବେକକୁ ସତରେ କ'ଣ ପ୍ରଶ୍ନ କରିପାରିବା ବାସ୍ତବିକ ଆମ୍ଭେମାନେ ନୂଆବର୍ଷ ସହ ନୂଆ ଚେତନା, ନୂଆ ଭାବନା ନେଇ ନିଜକୁ ନୂଆ ରୂପରେ ସଂସ୍କାରିତ କରିବା ପାଇଁ ଦିବ୍ୟପଥର ଅନୁଗାମୀ ହେବା ପାଇଁ ବ୍ରତୀ ରଖିବାତ। ସତରେ ମାନବ ଜାତି ଶ୍ରଦ୍ଧା ସମ୍ପନ୍ନ, ସଦ୍‌ଗୁଣର ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ହୃଦୟଙ୍ଗମ କରି ଜୀବନଯାପନ କରିବା ଏକାନ୍ତ ପ୍ରୟୋଜନ ।

# ଓରମାସ ଉତ୍ପାଦରେ ଖଣ୍ଡୁଆ ପାଟ

ବିପିନ ବିହାରୀ ରାଉତ
*ଯୁଗ୍ମ ନିର୍ବାହୀ ଅଧିକାରୀ, ଓରମାସ, ଭୁବନେଶ୍ୱର*

ଓଡ଼ିଆଙ୍କ ଜନଜୀବନରେ ଖଣ୍ଡୁଆ ପାଟର ମହକ, ଆଦର, ସମ୍ମାନ, ଭଲ ପାଇବା କାହିଁରେ କେତେ। ଖଣ୍ଡୁଆ ବୋଇଲେ ଶ୍ରୀମନ୍ଦିରର ଶ୍ରୀଜୀଉଙ୍କ ବ୍ୟବହୃତ ଲାଲ ରଙ୍ଗର ପାଟବସ୍ତ୍ରକୁ ବୁଝାଏ। ଖଣ୍ଡୁଆ, ପାଟ ବା ଟସର ସୂତାରେ ବୁଣାଯାଇ ତହିଁରେ ନାନାଦି ପଶୁ, ପକ୍ଷୀ, ଜୀବ, ମନୁଷ୍ୟ, ବୃକ୍ଷ, ଲତା, ମନ୍ଦିର ଓ ଦେବତାଙ୍କର ଚିତ୍ର ଭିନ୍ନ ଭିନ୍ନ ରଙ୍ଗରେ ଖୁବ କୁଶଳତାର ସହ ଆବେଗମୟ ଚିତ୍ରିତ ହୋଇଥାଏ। ଓଡ଼ିଶାର କେତେକ ଗଡ଼ଜାତର କୌଳିକ ବୃତ୍ତିର ତନ୍ତୀମାନେ ଅତି ଉତ୍କୃଷ୍ଟ ଚିତ୍ର ବିଚିତ୍ର ଖଣ୍ଡୁଆ ବୁଣୁଥିଲେ। ଓଡ଼ିଆଙ୍କ ପୋଷାକ ପରିପାଟୀରେ ଖଣ୍ଡୁଆର ସ୍ଥାନ ମଧ୍ୟ ସ୍ୱତନ୍ତ୍ର। କଟକର ମାଣିଆବନ୍ଧ ଓ ନୂଆପାଟଣା ମୂଳକ ଖଣ୍ଡୁଆ ପାଟ ପାଇଁ ଦେଶ ବିଦେଶରେ କେବଳ ବିଖ୍ୟାତ ହୋଇନି ଏଣିକି ବିଧିବଦ୍ଧ ଭାବେ ପ୍ରସ୍ତୁତ ହୋଇଥିବା ପ୍ୟାକେଟ ବକ୍ସ ଭିତରେ ଖଣ୍ଡୁଆ ପାଟ ମିଳିବାର ବ୍ୟବସ୍ଥା ହୋଇଛି। ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କ୍ୟୁଆର କୋର୍ଡ଼ ରହିଥିବା ପ୍ୟାକେଜିଂ ବ୍ୟବସ୍ଥା ସହ ଉନ୍ନତମାନର ହସ୍ତତନ୍ତ ଶାଢ଼ୀ ପ୍ୟାକେଜିଂ ବକ୍ସର ବିଧିବଦ୍ଧ ଭାବେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କର ଏହି ସଫଳମୟ ଲୋକପ୍ରିୟ ଯୋଜନାଟିକୁ ଓରମାସ ନିର୍ବାହ କରିଥିବାବେଳେ କଟକର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ନୌବାଣିଜ୍ୟ ସଂଗ୍ରାହଳୟରେ ଏହାକୁ ଉନ୍ମୋଚନ କରିଛନ୍ତି। ଅନେକ ସ୍ୱତନ୍ତ୍ରତା ଏହି ପ୍ୟାକେଜିଂ ବ୍ୟବସ୍ଥା ଭିତରେ ରହିଛି। ଅତ୍ୟନ୍ତ ସୁରକ୍ଷିତ ରହିଥିବା କ୍ୟୁଆରକୋର୍ଡ଼କୁ ଜଣେ ନିଜ ମୋବାଇଲରେ ସ୍କାନ କରିବା ମାତ୍ରେ ଏହା ଶାଢ଼ୀର ପ୍ରସ୍ତୁତ କର୍ତ୍ତା, ସ୍ଥାନ ବିଶେଷ ଓ ସୂତାର ମାନ ଠାରୁ କାରିଗରଙ୍କ ପରିଚୟଙ୍କ ଠାରୁ ଅନେକ ସାମଗ୍ରୀକ ତଥ୍ୟ ମିଳିବାର ବ୍ୟବସ୍ଥା ହୋଇଛି।

ଓରମାସ ପକ୍ଷରୁ ସରକାରଙ୍କ ଲୋକପ୍ରିୟ ସ୍ୱାବଲମ୍ବୀ ଯୋଜନା ଗୁଡ଼ିକ କିପରି ଗ୍ରାମାଞ୍ଚଳରେ ରହିଥିବା ମୂଳ ଉତ୍ପାଦକ ଗୋଷ୍ଠୀମାନଙ୍କ ପାଖରେ ପହଞ୍ଚିବ ଓ ସେମାନଙ୍କ ପ୍ରସ୍ତୁତ ତଥା ବିଭିନ୍ନ ଉତ୍ପାଦର ବିକାଶ ସହ ବିବିଧକରଣ, ଖୁଚୁରା ବିକ୍ରୟ ସହ ନିଜ ବ୍ରାଣ୍ଡର ଉନ୍ନତିକରଣ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେହିପରି କଟକ ଜିଲ୍ଲାରେ ରହିଥିବା ବିଭିନ୍ନ ହସ୍ତ ପ୍ରସ୍ତୁତ ସାମଗ୍ରୀ ଓ ସେମାନଙ୍କର ସାମଗ୍ରିକ ବିବରଣୀ ତଥ୍ୟ ପୁସ୍ତିକାଟି ମଧ୍ୟ ଲୋକାର୍ପଣ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ମାନ୍ୟବର ଜିଲ୍ଲାପାଳଙ୍କ ପ୍ରେରଣାଦାୟୀ ମାର୍ଗ ଦର୍ଶନ। କାରୀଗରମାନେ ଆତ୍ମନିର୍ଭରଶୀଳ ହୋଇ ନିଜ ଉତ୍ପାଦ ସାମଗ୍ରୀଗୁଡ଼ିକୁ ଅଧିକରୁ ଅଧିକ ଉପଯୋଗ କରିବା ପାଇଁ ଗୁରୁତ୍ୱ ଦେବା ସହ ବ୍ରାଣ୍ଡିଂ ଓ ପ୍ୟାକେଜିଂକୁ ଗୁରୁତ୍ୱ ଦେଇ ନିଜ ନିଜର ଉତ୍ପାଦକୁ ଅଧିକ ଆକର୍ଷଣୀୟ ତଥା ବଜାର ଉପଯୋଗୀ କରାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେସର୍ସ, ଆରଜିବି, ଅଗ୍ରୋଟେକ ଲିମିଟେଡ, ମେସର୍ସ ପ୍ରିମିୟର, ଇରିଗେସ, ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କଟକ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓରମାସ ଯୁଗ୍ମ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ସାନ୍ଧୁଲ ରାମା ରାଓ, ଜୟ ଭାରତ ସ୍ପାଇସର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା, ଶିବାନୀ ଟ୍ରେଡ଼ର୍ସ, ଶ୍ୟାମ ହରବାଲ, ଜୀବନଜ୍ୟୋତି ହରବାଲ, ଉତ୍କଳ ଇଣ୍ଟରନ୍ୟାସନାଲ ଆଗ୍ରିସୋଲ, ଜୁବିସ ଡିଜାଇନର ହାଉସ, ଓଡ଼ିଟ୍ରାଇବ, ସାଇ ଏକ୍ସପର୍ଟ, ପ୍ରିମିୟର ଇରିଗେସନ ଏଜିଟେକ୍, ଭିଲ୍ଲାମାର୍ଟ, ରାଜୀବ ଆଗ୍ରୋଟେକ ଆଦି ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଜନଜୀବନ ଓ ଜନ ଚେତନାରେ ଆଦର ମହକ ରଖିଥିବା ଖଣ୍ଡୁଆ ପାଟ ଏବେ ସମସ୍ତଙ୍କ ହାତ ପାହାନ୍ତାରେ ଘରେ ଘରେ ହିଁ ଉପଲବ୍ଧ ହୋଇପାରିବ ଏହା ହିଁ ସବୁଠାରୁ ଓରମାସର ଲୋକପ୍ରିୟ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଜଗତସିଂହପୁର (ଭାସ୍କର ନ୍ୟୁଜ): ଆଜି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଓ ସଡକ ସୁରକ୍ଷା ସଚେତନତା ରଥ ର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦିପ ପ୍ରଜ୍ୱଳନ ପୂର୍ବକ ସଚେତନତା ରଥର ଉଦଘାଟନ କରିଥିଲେ ଓ ପିଲାମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତାର ପ୍ରସାର ହେବା ସହ ଦୁର୍ଘଟଣାକୁ କମାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଜାତୀୟ ସଡ଼କ ସୁରକ୍ଷା ମାସର କାର୍ଯ୍ୟକ୍ରମ ଜିଲାସ୍ତରରେ କିପରି ପାଳନ ହେବ, ଦୁର୍ଘଟଣାରେ କିପରି ଜୀବନହାନି ହେଉଛି ତାର ପ୍ରତିକାର ବିଷୟରେ ପିଲାମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ଏଥିରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଶ୍ମୀ ରଞ୍ଜନ ସାହୁ ଯୋଗଦେଇ ପିଲାମାନଙ୍କୁ ଉପଦେଶ ଥିଲେ ଯେ, ପିଲାମାନେ ତାଙ୍କର ପରିବାର ସଦସ୍ୟଙ୍କର ପଥ ପ୍ରଦର୍ଶକ ହୋଇପାରିବେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ବିଶିଷ୍ଟ ଶିକ୍ଷାବିତ ଡଃ ସୁରେନ୍ଦ୍ର ତ୍ରିପାଠୀ, ନବୋଦୟ ବିଦ୍ୟାଳୟର ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନ ଶିକ୍ଷକ ରମାକାନ୍ତ ପତି ପିଲାମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ଦେଇଥିଲେ।



### ପାରାଦୀପ ମହୋତ୍ସବ ଉଦ୍‌ଯାପିତ

# ଚିରିଂ ଚିରିଂ ଗୀତରେ ମତୁଆଲା ହେଲେ ଦର୍ଶକ





ପାରାଦୀପ (ଭାସ୍କର ନ୍ୟୁଜ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ଜନ୍ମ ଦିବସ ପାଳନ ପରିପ୍ରେକ୍ଷୀରେ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ପଡିଆ ଠାରେ ଆୟୋଜିତ ପାରାଦୀପ ମହୋତ୍ସବ ବୁଧବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି । ଡିସେମ୍ବର ୨୫ ରୁ ଜାନୁଆରୀ ୧ ତାରିଖ ଦୀର୍ଘ ଆଠଦିନ ବ୍ୟାପି ଚାଲିଥିବା ଏହି ମହୋତ୍ସବରେ ମିନା ବଜାର ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ସନ୍ଧ୍ୟାରେ ପାରାଦୀପର ଆଦିଦେବ ଏଣ୍ଟରଟେନମେଣ୍ଟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ଓ କଳାକାର ମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଚର୍ଚ୍ଚିତ ଚିରିଙ୍ଗ ଚିରିଙ୍ଗ ଗୀତ ଓ ନୃତ୍ୟରେ ମତୁଆଲା ହୋଇଥିଲେ ଦର୍ଶକ । ଏହି କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ସହରାଞ୍ଚଳ ବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ. ମନମୋହନ ସିଂହଙ୍କ ଦେହାନ୍ତ ରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା ଯୋଗୁଁ ତାଙ୍କର ଏହି ଗସ୍ତକୁ ବାତିଲ କରାଯାଇଥିଲା । ତେବେ ଅତିଥିଙ୍କ ଅନୁପସ୍ଥିତିରେ ଅଟଳ ମେମୋରିଆଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ, ସାଧାରଣ ସମ୍ପାଦକ ତଥା ଶିକ୍ଷମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, କୋଷାଧ୍ୟକ୍ଷ ସର୍ବେଶ୍ୱର ଜେନା, କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ବଳିୟାରସିଂହ, ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିବା ବେଳେ ସମାଜସେବା ଏବଂ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ପାରାଦୀପର ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ପାରାଦୀପ ପୋର୍ଟ ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀ, ଭାରତୀୟ ବନ୍ଦର ମଜଦୁର ସଙ୍ଘ ସଭାପତି ରାକେଶ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ନୂଆବର୍ଷ ତୋରଣକୁ ନେଇ ବିବାଦ, ପୋଲିସ୍‌ର ଫ୍ଲାଗମାର୍ଚ୍ଚ



ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ଆଳି ନୂଆବଜାରରେ ୧୫ ଦିନ ପାଇଁ ଲାଗୁହୋଇଛି ବିଏନ୍‌ଏସ୍‌ଏସ୍‌ର ୧୬୩ ଧାରା। ଲଗାତାର ପାଞ୍ଚଦିନ ହେଲା ଆଳି ନୂଆବଜାରର ଦୁର୍ଗାମଣ୍ଡପ ଛକରେ ନୂଆବର୍ଷ ସ୍ୱାଗତ ନିମନ୍ତେ ତୋରଣ ନିର୍ମାଣକୁ କେନ୍ଦ୍ରକରି ବିଜେପି ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ। ଉଭୟ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଏହାକୁ ନେଇ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଗକୁ ଆଇନ ଶୃଙ୍ଖଳା ବିଗିଡିବାର ଆଶଙ୍କାକରି ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ବିଏନ୍‌ଏସ୍‌ଏସ୍ ର ୧୬୩ ଧାରା ଜାରିକରାଯାଇଛି। ଗତ ପାଞ୍ଚଦିନ ତଳେ ଆଳି ଦୁର୍ଗାମଣ୍ଡପ ଛକରେ ନୂଆବର୍ଷ ପାଇଁ ବିଜେପି କର୍ମୀମାନେ ତୋରଣ ନିର୍ମାଣ କରୁଥିବା ବେଳେ ବିଜେଡ଼ି କର୍ମୀ ଏହାକୁ ପ୍ରତିବାଦ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଘଟଣା ସ୍ଥଳରେ ଉଭୟଙ୍କୁ ଘଉଡ଼ାଇ ଦେଇଥିଲା। ପରେ ପୋଲିସ ଓ ସ୍ଥାନୀୟ ପ୍ରଶାସନ ବିଜେଡି ଓ ବିଜେପି କର୍ମୀଙ୍କୁ ଥାନାକୁ ଡାକି ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ହେଲେ ଉଭୟ ଦୁର୍ଗାମଣ୍ଡପ ଛକରେ ତୋରଣ ନିର୍ମାଣ ପାଇଁ ଜିଦରେ ଅଟଳ ରହିଥିଲେ। ପରିସ୍ଥିତିକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଲାଗୁ କରାଯାଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ତଥାପି ଉଭୟ ଦଳ ମଧ୍ୟରେ ଉତ୍ତେଜନା ମୂଳକ ପରିସ୍ଥିତି ରହିଛି। ଫଳରେ ପରିସ୍ଥିତିକୁ ଦେଖି ପୋଲିସ ଘଟଣା ସ୍ଥଳ ଓ ଆଖପାଖ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛି ।

# ସ୍ଥାନାନ୍ତରିତ ହେଲା ସେଣ୍ଟ୍ ଜାଭିୟର ହାଇସ୍କୁଲ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବହୁ ପୁରାତନ ସେଣ୍ଟ ଜାଭିୟର ହାଇସ୍କୁଲର ବହୁ ମେଧାବୀ ଛାତ୍ର ଉତୀର୍ଣ୍ଣ ହୋଇ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ବେଳେ ଦୀର୍ଘଦିନ ହେବ ଅମଲାପଡ଼ାରେ ଚାଲୁଥିବା ଏହି ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି । ସ୍ଥାନାନ୍ତରିତ କରାଯିବା ସମୟରେ ଛାତ୍ର ଓ ଅଭିଭାବକ, ଉଚ୍ଚ ଅଧିକାରୀ ସମେତ ସ୍କୁଲ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ । ଗୁହାଳପଡ଼ା କେନାଲ ରୋଡ଼ ନିକଟରେ ଏହି ହାଇସ୍କୁଲ ଚାଲୁଛି । ଏହି କାର୍ଯ୍ୟକ୍ରମରେ ଚେୟାରମ୍ୟାନ୍ ପ୍ରଭାତ କୁମାର ମିଶ୍ର, ନିମାପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳ ଅଧକ୍ଷା ସସ୍ମିତା ସାହୁ, ଉପଦେଷ୍ଟା କ୍ଷୀରୋଦ କୁମାର ରାୟ ମହାପାତ୍ର, ଅଧକ୍ଷା ମୋନାଲିସା ନାୟକ, ଏସ୍‌ପି ଫାଉଣ୍ଡେସନ୍‌ର ଅଧକ୍ଷ କ୍ୟାପ୍‌ଟେନ୍ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ଏସ୍‌ପି ଗ୍ରୁପ୍‌ର ପ୍ରୋପାଇଟର ବିଲୁପ୍ତା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଅଟେଇ ଜଙ୍ଗଲ ସଫାରୀ ଉଦ୍‌ଘାଟିତ



କେନ୍ଦୁଝର (ଭାସ୍କର ନ୍ୟୁଜ): ଘଟଗାଁ ରେଞ୍ଜ ଅଟେଇ ଜଙ୍ଗଲ ସଫାରୀ ମନ୍ଦିର ପରିସରରେ ଉଦଘାଟିତ ହୋଇଯାଇଛି । କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ.ଡି. ଧନରାଜ, ବିଡ଼ିଓ ଭାଗବତ ପ୍ରସାଦ ମହାପାତ୍ର, ପୋଲିସ ଏସଡିପିଓ ପ୍ରଭାତ ତ୍ରିପାଠୀ, ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା, ସାଂସଦ ପ୍ରତିନିଧି ଅଖିଳ ପାତ୍ର, ବନାଞ୍ଚଳ ଅଧିକାରୀ ତଥା ଏସିଏଫ ପ୍ରଭାତ କୁମାର କୁଅଁର ବିଦ୍ୟୁତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରଂଜିତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ତାରିଣୀ ପୀଠରେ ସଫାରୀ ବୁଲିବା ପାଇଁ ସଫାରୀ କାଉଣ୍ଟରୁ ସାଂସଦ ଶ୍ରୀ ନାଏକ ପ୍ରଥମ ଟିକେଟ ଆଣିଥିଲେ । ମନ୍ଦିର ପରିସରରୁ ୩ଟି ଗାଡ଼ି ଜଙ୍ଗଲ ସଫାରୀ ବୁଲିବାକୁ ଯାଇଥିଲା । ସଫାରୀ ଗାଡି ମୁଖ୍ୟ ଫାଟକ ମୃଗପାହାଡି ଦେଇ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲା । ମୃଗା ପାହାଡି ବନସୁରକ୍ଷା ସମିତି ଆନୁକୂଲ୍ୟରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା । ପରେ ୱାଚ ଟାୱାର, ଭିୟୁ ପଏଣ୍ଟ ଆଦି ସ୍ଥାନ ବୁଲି ଦେଖିଥିଲେ । ଉଲେଖନୀୟ ଯେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଗାଇଡ଼ମାନେ ପ୍ରତି ଗାଡ଼ିରେ ପର୍ଯ୍ୟଟକଙ୍କୁ ନେଇ ଜଙ୍ଗଲ ବୁଲାଇବେ । ବୈତରଣୀ ନଦୀ ଦରଗଡି ଶିଳାର ମନୋରମ ଡ୍ୟାମ, ମୟୁର ଭ୍ୟାଲି, ତୃଣ ଭୋଜି ବନ୍ୟପ୍ରାଣୀଙ୍କ ପାଇଁ ଘାସ ପଡିଆ, ବାଘ ନିରୀକ୍ଷଣ ବ୍ୟବସ୍ଥା, ବନ୍ୟପ୍ରାଣୀଙ୍କ ପାଇଁ ଲଗାଯାଇଥିବା ଟ୍ରାପ କ୍ୟାମେରା ବ୍ୟବସ୍ଥା କରାଯାଇଛି । ଜଙ୍ଗଲରେ ହରିଣ, ଗୟଳ, ସମ୍ବର ଆଦି ବିରଳ ପ୍ରଜାତିର ବନ୍ୟପ୍ରାଣୀ ଓ ପକ୍ଷୀ ଦେଖିବାକୁ ପାଇବେ । ଜଙ୍ଗଲରେ ବହୁ ଔଷଧିୟ ଗଛଗୁଡିକର ଚ଼ିହ୍ନଟ କରାଯାଇ ପର୍ଯ୍ୟଟକଙ୍କୁ ଦେଖିବାର ସହାୟକ ହୋଇପାରିବ। କାର୍ଯ୍ୟକ୍ରମରେ ବନପାଳ ଯତୀନ୍ଦ୍ର ସାହୁ, ସନ୍ତୋଷ ବେହେରା, ଶ୍ରୀମନ୍ତ ବେହେରା, ବନ କର୍ମଚାରୀ ଓମ ପ୍ରକାଶ ଜେନା, ଯଜ୍ଞସେନୀ ଗୋଛାୟତ, ସୁଭାଶିନୀ ଗିରି, ମିନା ଲାଗୁରୀ, ପୂଜାରାଣୀ ବଳ, ରାଜେଶ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଭିଜିଲାନ୍ସ ଜାଲରେ ମେଡ଼ିକାଲ ସୁପରଭାଇଜର



ଧର୍ମଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଡାକ୍ତରଖାନାରେ କାର୍ଯ୍ୟରତ ସୁପରଭାଇଜର ଲକ୍ଷ୍ମୀ ମହାରଣା ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ନିମନ୍ତେ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି । ତଳଝାପି ପଞ୍ଚାୟତର ନିକେସଜୋର ଗ୍ରାମର ଅର୍ଜୁନ ନାଏକ, ବବଲୁ ନାଏକ ଓ ଘସିରାମ ନାଏକଙ୍କ ଠାରୁ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର କରିଦେବା ପାଇଁ ଡାକ୍ତରଖାନାରେ କାର୍ଯ୍ୟରତ ସୁପରଭାଇଜର ଲକ୍ଷ୍ମୀ ମହାରଣା ଲାଞ୍ଚ ମାଗିଥିଲେ । ଏନେଇ ସମସ୍ତେ କଳାହାଣ୍ଡି ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରିଥିଲେ । ଆଜି ସନ୍ଧ୍ୟାରେ ୩ଜଣ ୪ ହଜାର ରଙ୍ଗବୋଳା ଟଙ୍କା ଲକ୍ଷ୍ମୀ ମହାରଣାଙ୍କୁ ଦେବା ପରେ ଆଗରୁ ଛପି ରହିଥିବା ଭିଜିଲାନ୍ସ ଲକ୍ଷ୍ମୀ ମହାରଣାଙ୍କୁ ରଙ୍ଗବୋଳା ଟଙ୍କା ସହ କାବୁ କରିଥିଲେ । ପୂର୍ବରୁ ପ୍ରତ୍ୟେକ ଆବେଦନକାରୀଙ୍କ ଠାରୁ ୨ହଜାର ଲେଖାଏ ଆଦାୟ କରି ପ୍ରମାଣପତ୍ର ଦେଉଥିଲେ । ଯିଏ ଲାଞ୍ଚ ନ ଦେଲା ତାଙ୍କୁ ଲାଞ୍ଚୁଆ ସୁପରଭାଇଜର ମାସ ମାସ ହଇରାଣ ହରକତ କରୁଥିବା ନେଇ ଅଭିଯୋଗ ମଧ୍ୟ ହୋଇଥିଲା । ଚଢ଼ାଉରେ ଭିଜିଲାନ୍ସ ବିଭାଗ ପକ୍ଷରୁ କଳାହାଣ୍ଡି ଭିଜିଲାନ୍ସ ଡିଏସପି ପ୍ରଦୀପ ଆଇଣ୍ଡ, ଇନ୍ସପେକ୍ଟର ପ୍ରମିଳା ସୁନା, ଏଏସଆଇ ସଞ୍ଜୟ କୁମାର ସାହୁ, ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

# କାର୍ ଧକ୍କାରେ ଯୁବକ ଗୁରୁତର

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା-କୋଣାର୍କ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ଯୁବକଙ୍କ ଅବସ୍ଥା ଗୁରୁତର ରହିଛି । ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳର ରାଜା ନାମକ ଯୁବକ ଏକ ସ୍କୁଟିରେ କୋଣାର୍କ ବୁଲିବାକୁ ଯାଇଥିଲେ । ଗୁରୁବାର ଅପରାହ୍ନ ସମୟରେ ନିଜ ସ୍କୁଟି ଯୋଗେ ଦ୍ରୁତ ଗତିରେ ଆସୁଥିବା ବେଳେ ଦିଘାଳୋ ଜଙ୍ଗଲ ନିକଟରେ ପଛପଟୁ ଆସୁଥିବା ଏକ କାର୍ ଧକ୍କା ଦେଇ ଫେରାର ହୋଇଯାଇଛି । ଗୁରୁତର ଅବସ୍ଥାରେ ରାଜା ରାସ୍ତାରେ ପଡ଼ିଥିବା ବେଳେ ଖବର ପାଇ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ରାଜାକୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ । ଏଠାରେ ପ୍ରାରମ୍ଭିକ ଚିକିତ୍ସା ପରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆହତ ଯୁବକଙ୍କ ପରିବାରକୁ ଖବର ଦିଆଯାଇଥିବା ବେଳେ ପରିବାର ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଛନ୍ତି ।

# ସ୍ୱାମୀର ତୀର ମାଡରେ ସ୍ତ୍ରୀ ମୃତ

କେନ୍ଦୁଝର (ଭାସ୍କର ନ୍ୟୁଜ): ସ୍ୱାମୀର ତୀର ମାଡରେ ସ୍ତ୍ରୀର ମୃତ ହୋଇଛି । କେନ୍ଦୁଝର ଜିଲ୍ଲା ବାମେବାରୀ ହାଣ୍ଡିଭଙ୍ଗା ଗାଁର ଏପରି ଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ହତ୍ୟା କରିଛି ସଇତାନ ସ୍ୱାମୀ । ମୃତକ ହେଲେ ବାମେବାରୀ ଥାନା ଅନ୍ତର୍ଗତ ହାଣ୍ଡିଭଙ୍ଗା ଗ୍ରାମର ଦଶର ମୁଣ୍ଡାଙ୍କ ସ୍ତ୍ରୀ ଚିନି ମୁଣ୍ଡା । ସୂଚନା ଅନୁଯାୟୀ, ସ୍ତ୍ରୀର ଚରିତ୍ରକୁ ସନ୍ଦେହକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସର୍ବଦା ଝଗଡା ଲାଗି ରହୁଥିଲା । ବୁଧବାର ବିଳମ୍ବିତ ରାତିରେ ଏନେଇ ତୀବ୍ର ଝଗଡ଼ା ହୋଇଥିଲା । ଶେଷରେ ଦଶର ମୁଣ୍ଡା ଉତ୍ୟକ୍ତ ହୋଇ ଚିନି ମୁଣ୍ଡାଙ୍କୁ ତୀର ମାଡ କରିଥିଲେ । ତୀରଟି ଚିନିଙ୍କ ଛାତିରେ ବାଜିଥିଲା । ସକାଳୁ ଚିନିଙ୍କୁ ଆଣି ଝୁମ୍ପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ କିଛି ସମୟ ପରେ ଚିନିଙ୍କର ମୃତ୍ୟୁ ହୋଇଥିଲା । ସ୍ୱାମୀକୁ ପୋଲିସ ଗିରଫ କରି ଅଧିକ ତଦନ୍ତ କରୁଥିବା ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ରାଜ୍ୟ ସରକାର କୃଷି ତଥା କୃଷକମାନଙ୍କ ଉନ୍ନତି ଓ କ୍ରମବର୍ଦ୍ଧିଷ୍ଣୁ ଜନସମୁଦାୟର ଖାଦ୍ୟ ସୁରକ୍ଷା ନିମନ୍ତେ ଜଳ ସୁରକ୍ଷାର ବିକାଶ ଓ ସଫଳ ପରିଚାଳନା ନିମନ୍ତେ ଗୁରୁତ୍ୱାରୋପ କରୁଛନ୍ତି ବୋଲି ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ମତବ୍ୟକ୍ତ କରିଛନ୍ତି। ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଜଷ୍ଟିଲୋ ଡାକବଙ୍ଗଳାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳସମ୍ପଦ ବିଭାଜନ, କେନ୍ଦ୍ରାପଡ଼ାର ଅଧୀକ୍ଷଣ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥିଭାବେ ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, କେବିକେର ବରିଷ୍ଠ ବୈଜ୍ଞାନିକ ଡ଼. ଅରବିନ୍ଦ ଦାସ, ଉଠା ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ ଦୁଃଶାସନ ଜେନା, ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କୃଷି ଓ କୃଷକଙ୍କ ସଶକ୍ତିକରଣ ନିମନ୍ତେ ପାଣି ପଞ୍ଚାୟତ ନିର୍ବାଚନ ଓ ସଦସ୍ୟଙ୍କ ପ୍ରଶିକ୍ଷଣ ଆବଶ୍ୟକ ରହିଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଜଳ ବଣ୍ଟନ ଜନିତ ବିବାଦର ଗଣତାନ୍ତ୍ରିକ ପଦ୍ଧତିରେ ଅପୋଷ ସମାଧାନ କରିବା ସହ ସେଚାଞ୍ଚଳରେ ଥିବା କ୍ଷେତ୍ରନାଳୀ ଓ ନିଷ୍କାସନ ନାଳି ଇତ୍ୟାଦିର ଉତ୍ତମ ରକ୍ଷଣାବେକ୍ଷଣ ଦ୍ୱାରା ଖରିଫ ଋତୁର ବାଳକ ଜଳକୁ ସଞ୍ଚୟ କରି ରବି ଋତୁରେ ଉପଯୋଗ କରିବା ପାଇଁ ଶପଥ ପାଠ କରାଯାଇଥିଲା। ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର ୧୬କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ।

# ବେକରେ ରଶି ଲଗାଇ ଯୁବକର ଆତ୍ମହତ୍ୟା

ଭଞ୍ଜନଗର (ଭାସ୍କର ନ୍ୟୁଜ): ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ ଗ୍ରାମରେ, ବେକରେ ରସି ଲଗାଇ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଉକ୍ତ ଗ୍ରାମର ବିଭୂତି ବାତିଆ (୨୫) ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଖବର ନେବା ଜଣାପଡିଛି, ବିଭୂତି କୌଣସି କାରଣକୁ ନେଇ ମାନସିକ ଅଶାନ୍ତିରେ ରହିଆସୁଥିଲେ । ବୁଧବାର ରାତିରେ ଘରର ଅନ୍ୟ ଏକ କୋଠରୀରେ ରଶି ଲଗାଇ ବିଭୂତି ଝୁଲୁଥିବାର ପରିବାର ଲୋକେ ଦେଖିବା ପରେ, ଭଞ୍ଜନଗର ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବକୁ ଜବତ କରିବା ସହିତ ତଦନ୍ତକରି ଭଞ୍ଜନଗର ବ୍ୟବଚ୍ଛେଦ ଗୃହକୁ ପଠାଇ ଥିଲେ । ଏହି ଘଟଣାକୁ ନେଇ ଭଞ୍ଜନଗର ଥାନାରେ ୧/ ୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ନେଇ ଥାନାଧିକାରୀ କୁମାର ମୁଦୁଲି ସୁଚନା ଦେଇଛନ୍ତି ।

# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଜଗତସିଂହପୁର (ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୨୬ଦିନ ପ୍ରାତଃ ଘ. ୪.୩୦ ମି ରେ ରାମଧୂନ, ପ୍ରଭାତ ଫେରି ସକାଳ ୬ ଘଟିକା, ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ ଘଟିକା ଏବଂ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ଘ ୮.୩୦ ମି ସମୟରେ ଅନୁଷ୍ଠିତ ହେବ। ପ୍ରତ୍ୟେକ କାର୍ଯ୍ୟାଳୟରେ ନୂତନ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାନୁୟାରୀ ୨୨ ଓ ୨୩ ତାରିଖ ଅପରାହ୍ନ ୩ ଘଟିକା ଓ ୨୪ ତାରିଖ ସକାଳ ୭ଘ.୩୦ ମି ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ। ପ୍ୟାରେଡ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ ଗୋଟି ସାଂସ୍କୃତିକ ଦଳକୁ ବାଛିବେ। ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସ୍ଥାନୀୟ ଅନୁଷ୍ଠାନ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ୟାରେଡ ପରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରାଯିବ। ଏହି ବୈଠକରେ ପୌରପରିଷଦର ଅଧକ୍ଷା ଅର୍ଚ୍ଚନା ସିଂ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଶ୍ମିରଂଜନ ସାହୁ, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜଗତସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା, ପାରାଦ୍ୱୀପ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାବା ଅଭିରାମ ସରସ୍ୱତୀଙ୍କ ତ୍ରିବେଣୀ ଆଳତୀ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକର ଶେଷ ସୀମା ଦୟା, ଭାର୍ଗବୀ, ଲୁଣା ନଦୀର ମିଶ୍ରଣସ୍ଥଳ ବଡଗୋଠ ଠାରେ ଅବସ୍ଥାପିତ ଅନନ୍ତ ନାରାୟଣ ପୀଠ ତ୍ରିବେଣୀ ଘାଟରେ ଆଜି ସଦ୍‌ଗୁରୁ ବାବା ଅଭିରାମ ସରସ୍ୱତୀଙ୍କ ଦ୍ୱାରା ତ୍ରିବେଣୀ ଆଳତି ଶୁଭାରମ୍ଭ ହୋଇଛି । ଏଥିରେ ବ୍ରହ୍ମଗିରି, କଣାସ ଅଞ୍ଚଳ ଭକ୍ତ ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡା, ଅଞ୍ଚଳରୁ ଆସିଥିବା ବାବା ଅଭିରାମଙ୍କ ଶିଷ୍ୟ ବୃନ୍ଦ ଆଳତିରେ ଅଂଶଗ୍ରହଣ କରିଥିଲେ । ଶ୍ରୀଧର ପାଇକରାୟ, କୃଷ୍ଣଚନ୍ଦ୍ର ସାହୁ, ଅଜୟ ସେଠୀ, କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଡଗୋଷ୍ଠୀ ବିକାଶ କମିଟି ପକ୍ଷରୁ ଆଶ୍ରମରେ ବାବା ଓ ଭକ୍ତଙ୍କୁ ସ୍ୱାଗତ କରାଯାଇଥିଲା।

# ରାଷ୍ଟ୍ରୀୟ ଅଧିଭକ୍ତା ପରିଷଦର ବନ୍ଧୁମିଳନ



ପାରାଦୀପ (ଭାସ୍କର ନ୍ୟୁଜ): ନୂଆବର୍ଷ ଆରମ୍ଭର ପ୍ରଥମ ଦିନ ଜଗତସିଂହପୁର ଜିଲ୍ଲାର ଶିଆଳି ଠାରେ ରାଷ୍ଟ୍ରୀୟ ଅଧିଭକ୍ତା ପରିଷଦ ଜିଲ୍ଲା ଶାଖା ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଏଜିଏ, ଉଚ୍ଚ ନ୍ୟାୟାଳୟ, କଟକ ଓ ରାଷ୍ଟ୍ରୀୟ ଅଧିଭକ୍ତା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ତପନ କୁମାର ଦାଶଙ୍କ ସହିତ ସମ୍ମାନିତ ଅତିଥି ଭାବେ କଟକ ବିଭାଗର କ୍ଷେତ୍ର ପ୍ରମୁଖ ଭାବେ କୁଟୁମ୍ବ ପ୍ରବୋଧକ ପ୍ରମୁଖ ରବିନାରାୟଣ ମିଶ୍ର, ସେବା ପ୍ରମୁଖ ବିଜୟ କୁମାର ଦତ୍ତ, ଗ୍ରାମ ବିକାଶ ପ୍ରମୁଖ ମଳୟ କୁମାର ଲେଙ୍କା ଓ ବୌଦ୍ଧିକ ପ୍ରମୁଖ ବିଜୟ କୁମାର ନାୟକଙ୍କ ସମେତ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ କୁମାର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଗଗନ ବିହାରୀ ଦାଶ, ବରିଷ୍ଠ ଆଇନଜୀବୀ ଅତୁଲ୍ୟ କୁମାର ଦାସ, ରାଷ୍ଟ୍ରୀୟ ଅଧିଭକ୍ତା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ମହାନ୍ତି ପ୍ରମୁଖ ବନ୍ଧୁମିଳନ କାର୍ଯ୍ୟକ୍ରମ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ମାନେ 'ରାଷ୍ଟ୍ର ଗଠନରେ ଅଧିଭକ୍ତା ମାନଙ୍କର ଭୂମିକା ଓ କର୍ତ୍ତବ୍ୟ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗଠନ ସମ୍ପାଦକ ରବିନ୍ଦ୍ର କୁମାର ଜେନା ଓ ସଂଗ୍ରାମ କେଶରୀ ନାୟକ ପରିଚାଳନା କରିଥିବା ବେଳେ କୁଜଙ୍ଗ, ଏରସମା, ତିର୍ତ୍ତୋଲ କୋର୍ଟର ଅଧିଭକ୍ତା ମାନେ ଯୋଗଦେଇଥିଲେ ।

# ଆହ୍ୱାନ ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଶିବିର



ପାରାଦୀପ (ଭାସ୍କର ନ୍ୟୁଜ): ଦୀର୍ଘ ୧୦ ବର୍ଷ ଧରି ନବବର୍ଷରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଆସୁଛି । ଏହି ପରିପ୍ରେକ୍ଷୀରେ ନୂତନ ବର୍ଷ ପ୍ରାରମ୍ଭରେ ଫାଉଣ୍ଡେସନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ବୃନ୍ଦାବନ କଲୋନୀ ଶିବମନ୍ଦିର ନିକଟସ୍ଥ ଡକ ରିକ୍ରେସନ କ୍ଲବ ପରିସରରେ ବୁଧବାର ଆୟୋଜିତ ହୋଇଯାଇଛି । କାର୍ଯକ୍ରମରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ପାରାଦୀପ ବନ୍ଦର ଉପମୁଖ୍ୟ ଅର୍ଥ ଅଧିକାରୀ ପ୍ରଶାନ୍ତ କୁମାର ମହାରଣାଙ୍କ ସମେତ ଅନ୍ୟ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକ ଓ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ୧୫୨ ରକ୍ତଦାତା ଉତ୍ସାହର ସହ ରକ୍ତଦାନ କରିଥିଲେ । କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସଭାପତି ସାଗର କୁମାର ବିଶ୍ୱାଳ ଏବଂ ସମ୍ପାଦକ ଇଂ. ପ୍ରଭାସ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଓ ସଦସ୍ୟା ସକ୍ରିୟ ସହଯୋଗ କରଥିଲେ ।

# ନଡ଼ିଆ ଚାରାରୋପଣରେ ଲକ୍ଷ ଲକ୍ଷ ଟଙ୍କା ଚଳୁ: ଏବେ ମୋ ବଗିଚା ଉପରେ ନଜର

କାକଟପୁର (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତରେ ମନରେଗା ଯୋଜନାରେ କ୍ଷେତ ପୋଖରୀ ଖନନ, ନଡ଼ିଆ ଚାରା ରୋପଣରେ ପ୍ରକଳ୍ପ ନଥାଇ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅନୁଦାନ ରାଶି ହରିଲୁଟ ପରେ ଏବେ କାକଟପୁର ବ୍ଲକ ପକ୍ଷରୁ ମନେରେଗା ଯୋଜନାରେ ମୋ ଉପକାରୀ ବଗିଚା ଆଳରେ ହଜାର ହଜାର ଟଙ୍କା ହରିଲୁଟ ପାଇଁ ମସୁଧା ଚାଲିଛି ବୋଲି ପଞ୍ଚାୟତ ବାସୀ ଅଭିଯୋଗ କରିଛନ୍ତି । ଖବରରୁ ପ୍ରକାଶ ପୁରୀ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦୨୨- ୨୩ ଓ ୨୦୨୩- ୨୪ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ କାଦୁଆନୂଆଗାଁ ଗ୍ରାମପଞ୍ଚାୟତରେ କ୍ଷେତ ପୋଖରୀ ଖନନ ଓ ନଡ଼ିଆ ଚାରା ଯୋଗାଣରେ ବ୍ୟାପକ ଅନିୟମିତତା କରାଯାଇ ଏବାବଦରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଛି ବୋଲି ଉକ୍ତ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମସେନ ସେଠୀ, ଦୁର୍ଯ୍ୟୋଧନ ମହାନ୍ତି, ଗଣେଶ ପାତ୍ର , ଗୌତମ ପାତ୍ର, ଧୂଷାସନ ବେହୁରା, ଅଭିମନ୍ୟୁ ବେହୁରା, କପିଳ ନାୟକ, ନବଘନ ବେହେରାଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ବିଭିନ୍ନ ମହଲରେ ଅଭିଯୋଗ କରିବା ସହିତ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ପୁରୀ ଜିଲ୍ଲାପାଳ, ମୃତ୍ତିକା ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ, ଭିଜିଲାନ୍ସ ବିଭାଗ ନିକଟରେ ଦାବି କରିଥିଲେ । କିନ୍ତୁ ଅଭିଯୋଗର ତଦନ୍ତ ନହେବାରୁ ଗତ ୬ ତାରିଖରେ କାକଟପୁର ବ୍ଲକକୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପରିଦର୍ଶନରେ ଆସିଥିବା ସେଣ୍ଟ୍ରାଲ ଏଜି ଅଡିଟ ଟିମ୍‌ର ଅଧିକାରୀଙ୍କୁ ଉପରୋକ୍ତ ଅଭିଯୋଗକାରୀ ଭେଟି ସମାନ ଅଭିଯୋଗ କରିବା ସହ ସୂଚନା ଅଧିକାର ବଳରେ ହସ୍ତଗତ ହୋଇଥିବା ସମସ୍ତ ତଥ୍ୟ ଅଡିଟ ଟିମକୁ ହସ୍ତାନ୍ତର କରି ତଦନ୍ତ ପାଇଁ ଦାବି କରିଥିଲେ । ଶେଷରେ ପୁରୀ ଜିଲ୍ଲାପାଳ ଏହାର ତଦନ୍ତ ପାଇଁ କାକଟପୁର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ତଦନ୍ତକାରୀ ଟିମ କ୍ଷେତ୍ର ପରିଦର୍ଶନ ବେଳେ କେତେକ ହିତାଧିକାରୀ ଆଦୌ ପ୍ରକଳ୍ପ ନକରି ସରକାରୀ ଅର୍ଥ ହାତେଇ ଥିବା ବେଳେ ଆଉ କେତେକ ହିତାଧିକାରୀ ସରକାରୀ ଗାଇଡ଼ଲାଇନ ଅନୁଯାଇ ପ୍ରକଳ୍ପ ନକରି ଲୋକ ଦେଖାଣିଆ ଭାବେ ୪ରୁ ୫ ଟି ନଡ଼ିଆ ଚାରା ରୋପଣ କରି ସରକାରୀ ଅନୁଦାନ ରାଶି ପାଁଛନ୍ତି ବୋଲି ତଦନ୍ତରୁ ଜଣାପଡିଥିଲା । ସେହିଭଳି ପଞ୍ଚାୟତରେ ୨ ଜଣ ହିତାଧିକାରୀ କ୍ଷେତ ପୋଖରୀ ଖୋଳିଥିବା ବେଳେ ଆଉ ୧୦ଜଣ ହିତାଧିକାରୀ ପୋଖରୀ ନଖୋଳି କିଭଳି ସରକାରୀ ଅନୁଦାନ ରାଶି ତାଙ୍କ ବ୍ୟାଙ୍କ ଜମା ଖାତାକୁ ଗଲା ତାହା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । କିନ୍ତୁ ପୁରୀ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ କାଗଜପତ୍ରରେ ସମସ୍ତ ଯୋଜନାର ବାସ୍ତବ ରୂପ ଦେଇ ଏବାବଦରେ ଲକ୍ଷ ଲକ୍ଷ ଟଙ୍କା ପୈଠ କରିଛି ବୋଲି ଦର୍ଶାଇଛି । ଅପରପକ୍ଷରେ ଯେଉଁ ୫୭ ଜଣ ହିତାଧିକାରୀଙ୍କୁ ନଡ଼ିଆ ଚାଷ ପାଇଁ ଚାରା ଯୋଗାଣ ସହ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି ବାସ୍ତବରେ ସେହି ହିତାଧିକାରୀ ମାନଙ୍କ ଖାତା ପ୍ଲଟ ଠିକ ନଥାଇ ମୃତ୍ତିକା ସଂରକ୍ଷଣ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହମତିରେ ଏଭଳି ଅନିୟମିତତା କରାଯାଇଛି ବୋଲି ପଞ୍ଚାୟତର ବହୁ ଲୋକ ତଦନ୍ତରେ ଯାଇଥିବା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଏମିତିକି କାଦୁଆନୂଆଗାଁ ଗ୍ରାମ ପଞ୍ଚାୟତର ହିତାଧିକାରୀଙ୍କୁ ବ୍ଲକର ଅନ୍ୟ ଗ୍ରାମ ପଞ୍ଚାୟତ ଯଥା ଲତାହରଣ, କୁରୁଜଙ୍ଗ, ବାଙ୍ଗୁରୀଗାଁ ଓ ଅବଦାନ ପଞ୍ଚାୟତ ହିତାଧିକାରୀ ବୋଲି ଦର୍ଶାଇ ଅନୁଦାନ ଅର୍ଥ ଚଳୁ କରିଦିଆଯାଇଛି । କିନ୍ତୁ ଅଭିଯୋଗ ଅନୁଯାୟୀ ତଦନ୍ତରେ ବ୍ୟାପକ ଅନିୟମିତତା କରାଯାଇ ସରକାରୀ ଅନୁଦାନ ରାଶି ହରିଲୁଟ ହୋଇଥିବା ଜଣାପଡିଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ବେଳେ ଏବେ ମନେରେଗା ଯୋଜନାରେ ମୋ ଉପକାରୀ ବଗିଚାରେ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ ସରପଞ୍ଚଙ୍କ ମିଳିତ ମେଣ୍ଟରେ ଏବେ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ନେଇ ଜିଓ ଟ୍ୟାକ ଚାଲିଛି । ବିଭାଗୀୟ ମନ୍ତ୍ରୀ ପୁରୀ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ କାଦୁଆନୂଆଗାଁ ଗ୍ରାମପଞ୍ଚାୟତରେ ଜିଓ ଟ୍ୟାଗ୍ କରାଯାଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଠାବ କରିବା ସହିତ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ପଞ୍ଚାୟତ ବାସୀ ଦାବି କରିଛନ୍ତି ।



ଏରସମା,(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବାଲିତୁଠ ଠାରେ ଖୋଲିଥିବା ବିଉଟି ପାର୍ଲରକୁ ଉଦ୍‌ଘାଟନ କଲେ ପୂର୍ବତନ ମନ୍ତ୍ରୀ। ଖବର ଅନୁସାରେ ବାଲିତୁଠ ପେଟ୍ରୋଲ ପମ୍ପ ନିକଟରେ ଯୁବ ସଂଗଠକ ଚନ୍ଦନ ମଲ୍ଲିକଙ୍କ ଭଉଣୀ ସୌଦାମିନୀ ମଲ୍ଲିକ ଏକ ଅତ୍ୟାଧୁନିକ ମଡେଲର ଗ୍ଲାମରିଅସ ବିଉଟି ପାର୍ଲର ନୂଆ ବର୍ଷରେ ଖୋଲିଥିବା ବେଳେ ଏହି ବିଉଟି ପାର୍ଲରକୁ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ଜଗତସିଂହପୁର ଜିଲ୍ଲା ଯୁବ ବିଜେଡ଼ି ସଭାପତି ଆଦିତ୍ୟ ନନ୍ଦନ ଦାସ, ବାଲିକୁଦା ଏରସମା ବିଜେଡି ଯୁବ ସଭାପତି ପାର୍ଥ ସାରଥି ରାଉତ, ସମାଜସେବୀ ଡ଼ ତାମିଲ ପ୍ରଧାନ, ବାଲିତୁଠ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ନିକୁଞ୍ଜ କିଶୋର ଦାଶ, ଯଦୁନାଥ ଖଟୁଆ, ପ୍ରକାଶ ଚନ୍ଦ୍ର ଦାସ, ସମ୍ପଦ କୁମାର ବାରିକ, ବୁଲୁ ମହାପାତ୍ର, ବିଜୟ ଚାନ୍ଦ ନାୟକ, ଶ୍ୟାମ ସୁନ୍ଦର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସାନଘାଗରାରେ ପର୍ଯ୍ୟଟକଙ୍କ ଆସର ଜମିଛି





କେନ୍ଦୁଝର,(ଭାସ୍କର ନ୍ୟୁଜ): ଇଂରାଜୀ ନବବର୍ଷ ୨୦୨୫କୁ ସ୍ୱାଗତ କରିବା ପାଇଁ ସମଗ୍ର କେନ୍ଦୁଝର ଜିଲ୍ଲା ଉତ୍ସବମୁଖର ହୋଇଉଠିଛି। ୨୦୨୫ର ଆଗମନ ସମୟ ଓ ୨୦୨୪ର ବିଦାୟ ସନ୍ଧିକ୍ଷଣରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟଗୀତର ଆସର ଓ ଆତସବାଜି ଓ ଜିରୋ ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୫ ମସିହାର ପ୍ରଥମ ଦିବସରେ କେନ୍ଦୁଝରର ଆରାଧ୍ୟ ଦେବୀ ଘଟଗାଁ ବାସିନୀ ମା’ ତାରିଣୀଙ୍କ ପୀଠ, ମା ଗଡଚଣ୍ଡୀ, ମା ଗଡତାରିଣୀ ଓ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ଓ ଅନ୍ୟାନ୍ୟ ଦେବାଦେବୀ ମନ୍ଦିରରେ ଭକ୍ତମାନଙ୍କର ଭିଡ ପରିଲକ୍ଷିତ ହୋଇଥିଲା। କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ମଧ୍ୟ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ମନ୍ଦିର ସୁପରଭାଇଜର ପଞ୍ଚାନନ ସାହୁ ଓ ଅନ୍ୟ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ସୁଚାରୁରୂପେ ସଂପନ୍ନ ହୋଇଥିଲା। ଏଠାରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଭକ୍ତମାନଙ୍କୁ ସୁରୁଖୁରୁରେ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କେନ୍ଦୁଝରର ଅନ୍ୟତମ ପୁରାତନ ଶକ୍ତିପୀଠ ସିଦ୍ଧମଠ ଠାରେ ଥିବା ସିଦ୍ଧକାଳୀ, ସିଦ୍ଧ ଜଗନ୍ନାଥ, ସିଦ୍ଧ ମହାବୀର ଓ ଧବଳେଶ୍ୱରଙ୍କ ନିକଟରେ ଜନ ସମାଗମ ହୋଇଥିବା ସହ ପୁରୁଣା ରାଜବାଟି ମଧ୍ୟରେ ଥିବା ମା’ ଗଡତାରିଣୀଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ଜିଲ୍ଲାର ଅନ୍ୟାନ୍ୟ ଦେବାଦେବୀ ପୀଠଗୁଡିକରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ନବବର୍ଷ ଅବସରରେ ବାରି ହୋଇ ପଡୁଥିଲା। ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ସାନଘାଗରା, ବଡଘାଗରା, ହାଣ୍ଡିଭଙ୍ଗା, ଖଣ୍ଡାଧାର, ଗୁଣ୍ଡିଚାଘାଗି, ପାଟଣା ପରମେଶ୍ୱର ମନ୍ଦିର, ଭୀମକୁଣ୍ଡ, କାନଝାରୀ, ଆଦି ସ୍ଥାନମାନଙ୍କରେ ଯଥେଷ୍ଟ ଭିଡ ପରିଲକ୍ଷିତ ହୋଇଥିଲା। ରାଜ୍ୟ ତଥା ପୂର୍ବ ଭାରତର ଅନ୍ୟତମ ଆକର୍ଷଣ ପର୍ଯ୍ୟଟନପୀଠ ସାନଘାଗରା ଜଳପ୍ରପାତରେ ନବବର୍ଷ ଦିନ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଓଡିଶାର ପ୍ରସିଦ୍ଧ ପର୍ଯ୍ୟଟନପୀଠ ଭାବରେ ପରିଚିତ କେନ୍ଦୁଝର ଜିଲ୍ଲାର ସାନଘାଗରାରେ ନବବର୍ଷ ଅବସରରେ ପର୍ଯ୍ୟଟକଙ୍କ ଭିଡ ଯୋଗୁଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡିଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ବିଭିନ୍ନ ବସ୍ ଓ ଚାରିଚକିଆ ଯାନରେ ସାନଘାଗରା ନିକଟରେ ପହଞ୍ଚିବା ସହ ବୁଲାବୁଲି ସହ ଭୋଜିର ମଜା ନେଇଥିଲେ। ଏଠାକୁ ଛୁଟି ଆସିଥିବା କୁନି କୁନି ପିଲାଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପର୍ଯ୍ୟନ୍ତ ଏହି ପର୍ଯ୍ୟଟନସ୍ଥଳୀରେ ଭିଡ ଲାଗିଥିଲା। ଏହାର ଚର୍ତୁପାର୍ଶ୍ୱରେ ଭୋଜିର ଆୟୋଜନ ସାଙ୍ଗକୁ ଦର୍ଶକମାନେ ନାଚଗୀତରେ ମସଗୁଲ ଥିବାବେଳେ ସାନଘାଗରା ଜଳପ୍ରସାତ ନିକଟରେ ଦର୍ଶକଙ୍କ ଭିଡ ସବୁବେଳେ ଜମି ରହିଥିଲା। ଅଧିକାଂଶ ପର୍ଯ୍ୟଟକ ଦୋଳି ଖେଳିବା ସହ ଏଠାକାର କୋଳି ଖାଇବା ମଜା ବେଶ ମନଛୁଆଁ ହୋଇଥିଲା। ନିକଟସ୍ଥ ଗୋଲାପ ଉଦ୍ୟାନ ଓ ବଡଘାଗରା ଜଳପ୍ରପାତରେ ପର୍ଯ୍ୟଟକମାନେ ବୁଲିବା ସହ ଅନତି ଦୂରରେ ଥିବା ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ଓ ସିଦ୍ଧମଠ ଦର୍ଶନ ମଧ୍ୟ କରିଥିଲେ। ପୋଲିସ ପ୍ରଶାସନ ଓ ସାନଘାଗରା ଉନ୍ନୟନ ପରିଷଦ ପକ୍ଷରୁ ପର୍ଯ୍ୟଟକମାନଙ୍କ ସୁବିଧା ଓ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ସାନଘାଗରାରେ ପ୍ରାୟ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ ହୋଇଥିବାବେଳେ ଅଧିକାଂଶ ପର୍ଯ୍ୟଟକମାନଙ୍କ ମଧ୍ୟରେ ବିଶେଷ କରି ଯୁବକ ଯୁବତୀମାନେ ନାଚଗୀତରେ ମଜ୍ଜି ଯାଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ନବବର୍ଷ ପାଇଁ ସ୍ୱାମପାଟଣା ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା। ନବବର୍ଷ ପାଇଁ କେନ୍ଦୁଝର ଜିଲ୍ଲା ମଧ୍ୟକୁ ବିଭିନ୍ନ ରାସ୍ତାରେ ଅନ୍ୟୁନ ଲକ୍ଷାଧିକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିବାବେଳେ ତନ୍ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଘଟଗାଁର ମା’ ତାରିଣୀ ପୀଠ ଓ ସ୍ୱାମପାଟଣାର ପ୍ରାଚୀନ ଶ୍ରୀ ଶ୍ରୀ ଆନନ୍ଦେଶ୍ୱର ମନ୍ଦୀର, ଶ୍ରୀରାମ ମନ୍ଦିର, ଶ୍ରୀ ପରମେଶ୍ୱର ମନ୍ଦିର ବୁଲି ଦେଖିଛନ୍ତି। ନବବର୍ଷ ଉପଲକ୍ଷେ ବଣଭୋଜି ପାଇଁ ଖଣ୍ଡାଧାର, ହାଣ୍ଡିଭଙ୍ଗା, ଭୀମକୁଣ୍ଡ, କାଣିଝର ଡ୍ୟାମ ସାଇଡ୍ ଆଦିରେ ଅତିମାତ୍ରାରେ ଭିଡ ଲକ୍ଷ୍ୟ କରାଯାଇଥିବାରୁ ସଂପୃକ୍ତ ସ୍ଥାନମାନଙ୍କରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ସୃଷ୍ଟି ହେଉଛି ହୋର୍ଡିଂ ପ୍ରତିଯୋଗିତାର ଭ୍ରମ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ): ନୂଆ ନେତାଙ୍କ ନିକଟତର ହେବାକୁ ଚାଲିଛି ଲବି। ତାହା ପୁଣି ନୂଆବର୍ଷ ଉପଲକ୍ଷେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ସହ ଅସ୍ତରଙ୍ଗ ବଜାରରେ ହୋର୍ଡିଂରେ ଛାଇ ହୋଇଯାଇଛି ଶୁଭେଚ୍ଛା ବାର୍ତ୍ତା। ନୂଆ ସରକାରରେ ପ୍ରଥମ ନୂଆବର୍ଷରେ ଲାଗିଥିବା ଅଭିନନ୍ଦନ ଓ ଶୁଭେଚ୍ଛା ହୋର୍ଡିଂରେ ଅନେକ ନୂଆ ନେତାଙ୍କ ମୁହଁ ଦେଖିବାକୁ ମିଳିଛି। କିଏ ସାଂସଦଙ୍କ ହୋର୍ଡିଂଙ୍କ ସହ ରହିଛି କିଏ ବିଧାୟକ ହୋର୍ଡିଂ ସହ ଆଉ କିଏ ତ ଉପମୁଖ୍ୟମନ୍ତ୍ରୀ ହୋର୍ଡିଂ ସହ ଆଉ କିଏ ପୂର୍ବତନ ବିଧାୟକଙ୍କ ସହ। ଅନେକ ରାଜ୍ୟ ସଭାପତି ସହ ରହିଛନ୍ତି। ଶାସକ ଦଳର ନିର୍ବାଚିତ ପ୍ରତିନିଧିଙ୍କ ସହ ଏହି ନୂଆ ନେତାଙ୍କ ବ୍ୟାନର ପୋଷ୍ଟର ମରା ରାଜନୀତି ଏବେ ସବୁଠି ଚର୍ଚ୍ଚାର ପରିଧିକୁ ଆସିଛି। କାକଟପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ, ସାଂସଦ, ପୂର୍ବତନ ବିଧାୟକଙ୍କ ଠାରେ ପାଡିଆରା ପାଇଁ ହୋର୍ଡିଂରେ ଆରମ୍ଭ ହୋଇଛି ପ୍ରତିଯୋଗିତା। ଅନେକ ଯୁବ ଚେହେରା ଏଥିରେ ସାମିଲ ହୋଇଛନ୍ତି। ଯୁବ ବର୍ଗଙ୍କ ଭିତରେ ଜୋରଦାର ଲବି ରହୁଥିବା ଦେଖିବାକୁ ମିଳିଛି। ଏଥର ବିଜେପି ପକ୍ଷରୁ ସର୍ବାଧିକ ବ୍ୟାନର ଦେଖିବାକୁ ମିଳିଛି।ବିଜେଡି କେବଳ ବଡ଼ ନେତାମାନେ ହୋର୍ଡିଂ ଲଗାଇଥିବା ବେଳେ କାଁ ଭାଁ ଯୁବ ଚେହେରା ରହିଛି। କଂଗ୍ରେସ ବି ଭିନ୍ନ ଭିନ୍ନ ହୋର୍ଡିଂ ଲଗାଇ ନୂଆ ବର୍ଷର ଅଭିନନ୍ଦନ ଦେଇଛି। ଶାସକ ବିଜେପି ଦଳର ଯେଉଁ ନୂତନ ଚେହେରା ନେତାଙ୍କ ନିକଟତର ହେବାକୁ ଏଭଳି ବ୍ୟବସ୍ଥା ଏକ ପ୍ରତିଯୋଗିତାପୂର୍ଣ୍ଣ ମନୋଭାବ ଥିବା ବାରି ହୋଇ ପଡୁଛି। ଏଭଳି ଅକସ୍ମାତ ଯୁବ ଚେହେରା ଅଭିନନ୍ଦନ ବାର୍ତ୍ତା ଦର୍ଶାଉଛି, ଏମାନେ ରାଜନୀତିକୁ ରୁଚି ରଖି ବଡ଼ ନେତାଙ୍କ ନିକଟତର ହେବାକୁ ଯାଉଛନ୍ତି। ଯାହା ସୁସ୍ଥ ଗଣତନ୍ତ୍ରର ଏକ ଦିଗ ବୋଲି କୁହାଯାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ମୃତ ଚାଷୀଙ୍କ ପରିବାରକୁ ବିଧାୟକଙ୍କ ସହାୟତା

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ତଣ୍ଡିକୂଳ ପଞ୍ଚାୟତ ଅଧୀନ ସାରଣା ଗ୍ରାମର ମୃତ ଚାଷୀ କୃତିବାସ ସ୍ୱାଇଁଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା। ଫସଲ ନଷ୍ଟ ହେବା କାରଣରୁ ସୋମବାର ସଂଧ୍ୟାରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇବାପରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତ ଚାଷୀଙ୍କ ପରିବାରର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହିତ ଓଡ଼ିଶା ସରକାରଙ୍କୁ କହି ସାହାଯ୍ୟ କରିବେବୋଲି କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସହିତ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସମ୍ବିତ ରାଉତରାୟ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତି ରହି ମୃତଚାଷୀ ପରିବାରକୁ ସମବେଦନା ଜଣାଇଥିଲେ। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୃତ ଚାଷୀଙ୍କ ପରିବାରର ସଦସ୍ୟଙ୍କୁ ଭେଟି ଏକଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ସହିତ ସମବେଦନା ଜଣାଇଥିଲେ। ବିଧାୟକଙ୍କ ସହିତ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବାଲିକୁଦା ବ୍ଲକ ବିଜୁଜନତା ଦଳର ସଭାପତି ରତ୍ନାକର ନାୟକ, ତଣ୍ଡିକୂଳ ପଞ୍ଚାୟତ ସରପଞ୍ଚ ସୁପ୍ରିୟା ଦାସ, ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ସମବାୟବିତ ସମୀର ରଞ୍ଜନ ସ୍ୱାଇଁ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ଦର୍ପଦଳିନୀ ପ୍ରମୁଖ ଉପସ୍ଥିତ ଥିଲେ।

# କିଶୋର ସଂଗଠନର ବାର୍ଷିକ ସାଂସ୍କୃତିକ ମିଳନ




କଣିହାଁ, (ଭାସ୍କର ନ୍ୟୁଜ୍ ): କିଶୋର ସଂଗଠନ କମସୋମୋଲ, କଣିହାଁ ପକ୍ଷରୁ ଗଦାଶିଳାସ୍ଥ ବାଜିରାଉତ ସ୍ମୃତି ପାଠାଗାରଠାରେ ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁନିକୁନି ପିଲାମାନଙ୍କୁ ନେଇ ବେଲୁନ ରେସ, ଜିଲାପିଖିଆ ରେସ୍, ମ୍ୟୁଜିକ ଚେୟାର, ଗଣିତ ରେସ, ସଙ୍ଗୀତ, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ପରେ କମ୍‌ସୋମୋଲର କଣିହାଁ ଶାଖାର ସଭାପତି ତେଜସ୍ୱ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର, ଅନୁଗୁଳର ସଂପାଦକ ନବକିଶୋର ପ୍ରଧାନ, ମୁଖ୍ୟ ବକ୍ତାଭାବେ ବାଜିରାଉତ ସ୍ମୃତି ପାଠାଗାର, ଗଦାଶିଳାର ଆବାହକ ଜୟସେନ ମେହେର, ସମ୍ମାନୀତ ଅତିଥି ଭାବେ କମସୋମୋଲର ଜିଲ୍ଲା ସଭାପତି ନାରାୟଣ ନାୟକ, ଏଆଇଡିଏସ୍‌ଓର ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ କମ୍‌ସୋମୋଲର ପ୍ରାଣ ପ୍ରତିଷ୍ଠାତା ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ ମହାନ ଚିନ୍ତାନାୟକ କମ୍ରେଡ଼ ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ତାଙ୍କ ଉପରେ ରଚିତ ସଙ୍ଗୀତ ଗାନ କରାଯାଇଥିଲା। ପାଠପଢା ସହିତ ବିଭିନ୍ନ ମହାମନୀଷୀମାନଙ୍କ ଜୀବନୀରୁ ଶିକ୍ଷାଗ୍ରହଣ କରି ଉନ୍ନତ ରୁଚି ସଂସ୍କୃତି ଆଧାରରେ ନିଜକୁ ମଣିଷ ଭାବେ ଗଢି ତୋଳିବାକୁ ବକ୍ତା ଓ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ରୁଚିକା ପ୍ରିୟଦର୍ଶିନୀ ପ୍ରଧାନ, ମନୋରଞ୍ଜନ ସାହୁ, ରୋଜାଲିନ ପ୍ରଧାନ, ମନୀଷା ନାଏକ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

# ଶାନ୍ତି ଶକ୍ତି ଭବନରେ ଆଧ୍ୟାତ୍ମିକ ସ୍ନେହ ମିଳନ

ଆସିକା, (ଭାସ୍କର ନ୍ୟୁଜ୍ ) : ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ଏକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଭଉଣୀ ଭାଇ ପ୍ରାତଃ କାଳରୁ ବିଶ୍ୱ ଶାନ୍ତି ସକାଶେ ଯୋଗଦାନ କରିଥିଲେ। ନୂତନ ବର୍ଷରେ ସହରବାସୀଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧିର କାମନା କରିବା ସହିତ ପରମାତ୍ମା ଶିବ ପିତା ସମସ୍ତଙ୍କ ଜୀବନକୁ ଅନେକ ସୁଅବସର ପ୍ରଦାନ କରନ୍ତୁ ବୋଲି ଶୁଭେଚ୍ଛା ଜ୍ଞାପନ କରିଥିଲେ ଶାନ୍ତି ଶକ୍ତି ଭ୍ଵନ ସଂଚାଳିକା ରାଜଯୋଗିନୀ ପ୍ରଭାତୀ। ଏହି ଅବସରରେ ଆସିକାରେ ନବ ନିଯୁକ୍ତ ଏସ୍‌ପିଡିଓ ଜି. ଏନ୍. ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ସ୍ୱାଗତ କରିଥିଲେ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ। ଜୀବନରେ ନିଷ୍ଠା ଓ ଈଶ୍ୱର ବିଶ୍ୱାସ ବଳରେ ସଫଳତା ପ୍ରାପ୍ତ ହୁଏ ବୋଲି ମତବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ ଏସ୍.ଡି.ପି.ଓ ଶ୍ରୀଯୁକ୍ତ ପଟ୍ଟନାୟକ। କାର୍ଯ୍ୟକ୍ରମରେ ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା କୃଷକ ରତ୍ନ ପୁରସ୍କାର ପ୍ରାପ୍ତ କରିଥିବା ସଫଳ ଚାଷୀ କବିସୂର୍ଯ୍ୟନଗର ନିବାସୀ ବାଉରୀ ବନ୍ଧୁ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା।





## ସଡକ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

# ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ହ୍ରାସକୁ ଗୁରୁତ୍ୱ



ଚଣ୍ଡିଖୋଲ , (ଭାସ୍କର ନ୍ୟୁଜ୍) : ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସଡକ ସୁରକ୍ଷା କମିଟି ତରଫରୁ ଚଣ୍ଡିଖୋଲ ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ସଡକ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଯାଜପୁର ଏଡିଏମ୍ ନବକୃଷ୍ଣ ଜେନା ଉଦ୍‌ଘାଟନ କରି ଜିଲ୍ଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ହେଲମେଟ ବ୍ୟବହାର ନ କରି ଗାଡ଼ି ଚଳାଇବା, ସିଟ୍ ବେଲ୍ଟ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା, ମୋବାଇଲରେ କଥା ହୋଇ ଗାଡି ଚଳାଇବା, ଟ୍ରାଫିକ ନିୟମ ନ ମାନିବା, ଭୁଲ୍ ରାସ୍ତାରେ ଯିବା ଆଦି ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କହିଥିଲେ। ବଡଚଣା ଥାନାଧିକାରୀ ଅସିତ୍ କୁମାର ବଳବନ୍ତରାୟ ୨୦୨୪ମସିହା ଡିସେମ୍ବର ୩୧ତାରିଖ ସୁଦ୍ଧା ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୪୯୪ଜଣ ହୋଇଥିବା ବେଳେ ସେଥିମଧ୍ୟରୁ ୨୬୬ଜଣଙ୍କର ମୃତ୍ୟୁ ହୋଇଥିଲା। ଗତ ୬ମାସ ମଧ୍ୟରେ ଚଣ୍ଡିଖୋଲ ଛକରେ ଜଣେ ବି କେହି ଦୁର୍ଘଟଣାରେ ମୃତ୍ୟୁ ବରଣ କରି ନାହାଁନ୍ତି କହିବା ସହିତ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ସଚିବ ସମିର କୁମାର, ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସଭାପତି ଅଜାମ୍ବର ସାହୁ, ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ସଭାପତି ପୁଷ୍ପରାଜ୍ ନାୟକ, ସମ୍ପାଦକ କ୍ରିଡୀରାଜ୍ ସ୍ୱାଇଁ, ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ସହ ସମ୍ପାଦକ ଦେବଜିତ୍ କର, ଟିଆଇ, ଯୁଗଳ କିଶୋର ତିରିଆ, ମୋଟର ଯାନ ନିରୀକ୍ଷକ ପଦ୍ମଜା ମହାନ୍ତି ଛତିଆ ଚାଳକ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ହରିକୁମାର କେକେ ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ସପ୍ତାହର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହିତ ନାଟକ ମାଧ୍ୟମରେ ସଡକ ସୁରକ୍ଷା ପରିବାର ରକ୍ଷା ସମ୍ପର୍କିତ ନାଟକ ପରିବେଷଣ କରିବା ସହିତ ଏକ ମୋଟର ସାଇକେଲ ଶୋଭାଯାତ୍ରା ଚଣ୍ଡିଖୋଲରୁ ବାହାରି ବନ୍ଧାଲ ଛକ ଦେଇ ମହାବିନାୟକ ଚାଳକ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ପହଞ୍ଚିଥିଲା।

# ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ନୂତନବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ




ଜଗତସିଂହପୁର, (ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଳାଶୋଳ ୟୁଥ ହେଲପିଙ୍ଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୨୦୨୪ମସିହାକୁ ବିଦାୟ ୨୦୨୫ନୂତନବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଖପାଖ ଚାରିଗୋଟି ପଞ୍ଚାୟତରୁ ଶତାଧିକ ଜନସାଧାରଣ ଓ ଲୋକପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଟ୍ରଷ୍ଟ ସଭାପତି ସମାଜସେବୀ, ଶିକ୍ଷାବିତ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ମେନକା ଦାସ। ମୁଖ୍ୟବକ୍ତା ରାଜ୍ୟ ବିଜେପି ସଂଗଠକ କାଳିକିଙ୍କର ମହାନ୍ତି । ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ । ପଳାଶୋଳ ବିଜେପି ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା । ଟ୍ରଷ୍ଟ ଉପ ସଭାପତି ଋତୁରାଜ ମହାନ୍ତି। ସହ ସମ୍ପାଦକ ଯାମିନୀ କାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ପୁରୁଣା ବର୍ଷକୁ ବିଦାୟ ଦେଇ୨୦୨୫ ନୂତନବର୍ଷରେ ଦଳଗତ ନିର୍ବିଶେଷରେ ପଞ୍ଚାୟତର ସର୍ବାଙ୍ଗିନ୍ନ ଉନ୍ନତି ଓ ବିକାଶ ନିମନ୍ତେ ମନମିଳାଇ ବିକାଶ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ । ପ୍ରାରମ୍ଭରେ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ପ୍ରଦପ୍ତ ବ୍ରାହ୍ମଣସହି ରାଧା ଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଉଜ୍ୱଳ ଆଲୋକ ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ପଳାଶୋଳ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟାଙ୍କ ସମେତ ଅନାମ ବେହୁରା, ମାନସ କାଣ୍ଡି, ଆଦିକନ୍ଦ ସ୍ୱାଇଁ, ପିଣ୍ଟୁ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ ।

# ସଚେତନତା ରଥର ଶୁଭାରମ୍ଭ



କୋରାପୁଟ, (ଭାସ୍କର ନ୍ୟୁଜ) : ବର୍ଷର ପ୍ରଥମ ଦିନରୁ ଆରମ୍ଭ ହୋଇଛି ସଡକ ସୁରକ୍ଷା ସପ୍ତାହ । ଏହି ଅବସରେର ସଡକ ସୁରକ୍ଷା ସପ୍ତାହ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି । ସଡକ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଆଚଂଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଏକ ସଚେତନ ରଥକୁ ଅତିରିକ୍ତ ଜିଲ୍ଲାପାଳ ଆଲୋମଣୀ ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ପୂଜାହାରୀ, ଆଚଂଳକି ପରିବହନ ଅଧିକାରୀ ରାଜେଶ କୁମାର ମାରାଣ୍ଡି, ଅତିରିକ୍ତ ଆଚଂଳିକ ପରିବହନ ଅଧିକାରୀ ତପନ କୁମାର ବେଟି, ଏମ୍‌ଭିଆଇ ଚନ୍ଦ୍ରା ବିଶ୍ୱାସ ପ୍ରମୁଖଙ୍କ ସମେତ କାଯ୍ୟାଳୟର ସମସ୍ତ କମର୍ଚାରୀ ସହଯୋଗ କରିଥିଲେ ।

# ପୂଜାର୍ଚ୍ଚନା କରି ନୂତନ ବର୍ଷ ପାଳିଲେ ଲୋକେ




କୋରାପୁଟ, (ଭାସ୍କର ନ୍ୟୁଜ) : ପୂଜାର୍ଚ୍ଚନା ଓ ଭୋଜି ଭାତରେ ଲୋକ ନବବର୍ଷ ୨୦୨୫କୁ ସ୍ୱାଗତ କରିଛନ୍ତି । ନିଜ ନିଜ ପରିବାରର ମଙ୍ଗଳ କାମନା କରି ପ୍ରବଳ ଶୀତ ସତ୍ତ୍ୱେ ଭୋରରୁ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସେହିପରି ସହରର ଗ୍ରାମଦେବୀ ମୁତ୍ୟାଲୁ ମାଁ ଓ ବାଟମଙ୍ଗଳା ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ଶତାଧିକ ଭକ୍ତ ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କରିଥିଲେ । ସେହିପରି ଡୁମୁରିପୁଟ ରାମ ମନ୍ଦିରରେ ବହୁ ଭକ୍ତ ସମାଗମ ହୋଇଥିଲା । ନବବର୍ଷ ଅବସରରେ ପରସ୍ପରକୁ ଶୁଭେଚ୍ଛା ଦେବା ନେଇ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ବାସଭବନ, ଅତିରିକ୍ତ ଜିଲ୍ଲାପାଳ ଆଲୋମଣୀ ସେଠୀ ଓ ଲଗ୍ନଜିତ ରାଉତ, ଜିଲ୍ଲା ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ଲୋକ ପ୍ରତିନିଧିଙ୍କ ବାସଭବନରେ ଶୁଭେଚ୍ଛୁଙ୍କ ଭିଡ ଦେଖିବାକୁ ମିଳିଥିଲା । କୋରାପୁଟଠାରୁ ୧୫କିମି ଦୂର ତେଲେଙ୍ଗିର ଜଳଭଣ୍ଡାର କୂଳରେ ଶହ ଶହ ଲୋକଙ୍କ ଭିଡ ହୋଇଥିଲା । ଲୋକେ ନିଜ ପରିବାର ଓ ସାଙ୍ଗସାଥୀ ସହ ଜଳଭଣ୍ଡାର କଡ଼ରେ ଭୋଜି ଭାତ ସହ ନାଚଗୀତ କାର୍ଯ୍ୟକ୍ରମମାନ କରୁଥିବାର ଦେଖାଯାଇଥିଲା । ଏହି ରାସ୍ତାର ଘୋଡାଦୋରା, ରାଣୀଗଡ ଆଦିରେ ଶହ ଶହ ପିକନିକ ପାର୍ଟି ଭୋଜି ଭାତ କରାଯାଇଥିଲା । ସେହିପରି ନୂତନ ବର୍ଷ ନେଇ କୋରାପୁଟ ଜିଲ୍ଲାର ଦେଓମାଳୀରେ ସର୍ବାଧିକ ପର୍ଯ୍ୟଟକଙ୍କ ଭିଡ ହୋଇଥିଲା । ସେହିପରି ଜିଲ୍ଲାର ପୁଞ୍ଜିସିଲ, ପଣ୍ଡି, ରାଣୀ ଡୁଡୁମା, ତେଲେଙ୍ଗିର ଜଳଭଣ୍ଡାର, କେଚେଲା, କୋଲାବ ଡ୍ୟାମ, ଗୁପ୍ତେଶ୍ୱର, ଡୁଡୁମା, ଓ ଗୁଲୁମି ଆଦି ସ୍ଥାନଗୁଡିକରେ ହଜାର ହଜାର ପର୍ଯ୍ୟଟକମାନେ ନିଜ ପରିବାର ସଦସ୍ୟଙ୍କ ସହିତ ଭୋଜିଭାତ ସହ ପ୍ରାକୃତିକ ପରିବେଶର ମଜା ନେଇଥିଲେ ।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରୀ କମିଟିର ଏକ ସାଧାରଣ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଘର ସଭାନେତ୍ରୀ କାମିନୀ ମିଶ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶ୍ରମିକମାନଙ୍କର ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଚଳିତ ବର୍ଷ ଏକ ନୂଆ ଢ଼ଙ୍ଗରେ ଦାବିଗୁଡ଼ିକ ଉପସ୍ଥାପିତ କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏବେ ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ଶ୍ରମ ଅଧିକାରୀଙ୍କ ସହିତ ସଂଘର ଦାବି ସମ୍ପର୍କରେ ପ୍ରାରମ୍ଭିକ ଭାବେ ଆଲୋଚନା କରାଯିବ ଓ ଏହାର ତୁରନ୍ତ ସମାଧାନ ପାଇଁ ଦାବି କରାଯିବ। ଏଥିରେ ସଫଳ ନହେଲେ ଚଳିତ ବର୍ଷ ଶ୍ରମିକମାନେ ଗଣଧାରଣା, ରିଲେ ଅନଶନ ଓ ଆମରଣ ଅନଶନ ଭଳି ଆନ୍ଦୋଳନ କରି ଚଳିତ ବର୍ଷକୁ ଆନ୍ଦୋଳନର ବର୍ଷଭାବେ ପରିଣତ କରିବେ। ଏହି ଅବସରରେ ସଂଘର ୨୦୨୫ ମସିହାର ନୂତନ କ୍ୟାଲେଣ୍ଡରକୁ ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ଲୋକାର୍ପିତ କରିଥିଲେ। ପରେ ନାରାୟଣ ସେଠୀ, ମହେଶ୍ୱର ନାୟକ, ଶେକ୍ ରିଆଜୁଦ୍ଦିନ୍, ନିତ୍ୟାନନ୍ଦ ସାମଲ, ଅକ୍ଷୟ ଲେଙ୍କା, ଭଗବାନ ବେହେରା, କୃପାସିନ୍ଧୁ ବାରିକ, ଦ୍ୱିତୀରଞ୍ଜନ ପଣ୍ଡା, ମନୋଜ ପରିଡ଼ା, ପ୍ରଦୀପ୍ତ ସାମଲ, ସୁବାଷ ସାମଲ, କାର୍ତ୍ତିକ ଲେଙ୍କା, ଜଗନ୍ନାଥ ମହାନ୍ତି, ଧିରେନ୍ଦ୍ର ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଅନିରୁଦ୍ଧ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଏଯାଏଁ ପହଞ୍ଚିନି ଗ୍ରେନ୍ ଆନାଲାଇଜର

- ଏଫଏକ୍ୟୁ ମାନ ଚିହ୍ନଟ ହେବ କେମିତି ?
- ୪ଦିନ ପରେ ଖୋଲିବ ମଣ୍ଡି
- ଦ୍ୱନ୍ଦ୍ୱରେ ଚାଷୀ ଓ ମିଲର; ପୁଣି ଚାଲିବ କଟ୍‌ନି ଛଟ୍‌ନି





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ଖରିଫ ଋତୁରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୧୦ଟି ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ। ତେବେ ଏଫଏକ୍ୟୁ ମାନର ଧାନ ଚିହ୍ନଟ ପାଇଁ ଗତ ଋତୁରେ ଯେପରି ମଣ୍ଡିରେ ଚାଷୀ ଓ ମିଲର୍ସ ମୁହାଁମୁହିଁ ହୋଇଥିଲେ, ସେମିତି ପରିସ୍ଥିତିକୁ ଏଡାଇବା ପାଇଁ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ବିଶେଷ କରି ଚାଷୀଙ୍କ ଧାନର ମାନ ନିରୂପଣ, ଆଦ୍ରତା ଓ ତାହାର ସଫେଇ କରିବା ପାଇଁ ମଣ୍ଡିରେ ୩ପ୍ରକାର ମେସିନ ବ୍ୟବହାର କରାଯିବ ବୋଲି ସରକାରୀ ଘୋଷଣା କରାଯାଇଛି। ଆସନ୍ତା ୭ତାରିଖରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଧାନ କିଣା ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଧାନର ଆଦ୍ରତା ମାପିବା ପାଇଁ ବ୍ଲକରେ ଥିବା ୧୦ଟି ମଣ୍ଡି ମଧ୍ୟରୁ ଡିଜିଟାଲ ମଶ୍ଚରାଇଜର ମେସିନ ଯାଞ୍ଚ ହୋଇଥିବା ବେଳେ ଅନେକ ସ୍ଥାନରେ ପହଞ୍ଚି ନାହିଁ। ସେହିପରି ଧାନକୁ ସଫା କରିବା ପାଇଁ ପେଡି କ୍ଲିନର ପହଞ୍ଚି ନାହିଁ। ଯାହା ସୂଚନା ମିଳୁଛି ଖୁବଶୀଘ୍ର ଆସିବ ବୋଲି। ହେଲେ ଚାଷୀଙ୍କ ଏଫଏକ୍ୟୁ ଧାନ ନିରୂପଣ କରିବା ପାଇଁ ଯେଉଁ ଏ -ୱାନ ଗ୍ରେନ ଆନାଲାଇଜର ମେସିନ ଆବଶ୍ୟକ ତାହା ଏଯାଏଁ ପହଞ୍ଚିନି। ଏ ମେସିନ ନପହଞ୍ଚିଲେ ଏଫଏକ୍ୟୁ ଧାନ କେମିତି ନିରୂପଣ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ପୂର୍ବବର୍ଷ ଭଳି ଏଥର ବି ଧାନର ମାନ ଚିହ୍ନଟକୁ ନେଇ ଚାଷୀ ଓ ମିଲରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିବାର ଆଶଙ୍କା ରହିଛି। ଧାର୍ଯ୍ୟ ସମୟରେ ଏହି ମେସିନ ନଆସିଲେ ପୂର୍ବ ବର୍ଷମାନଙ୍କରେ ମଣ୍ଡିରେ ଯେଉଁ ମାନଦଣ୍ଡ ଅନୁଯାୟୀ ଧାନର ମାନ ନିର୍ଦ୍ଧାରଣ କରୁଥିଲେ ସେଭଳି ଢଙ୍ଗରେ ଧାନ ଚିହ୍ନଟ କରିବେ ବୋଲି ପ୍ରଶାସନ ପ୍ରସ୍ତୁତ ହେଉଛି ବୋଲି ଚର୍ଚ୍ଚା ହେଉଛି। ହେଲେ ଉଭୟ ଚାଷୀ ଓ ମିଲର୍ସ ଏହା ସପକ୍ଷରେ ନାହାନ୍ତି। ପୂର୍ବବର୍ଷ ନିୟମ ମାନିଲେ ଏଥର ବି କଟ୍‌ନି ଛଟ୍‌ନି ଜାରି ରହିବ ବୋଲି ଚାଷୀମାନେ ଅଭିଯୋଗ କଲେଣି। ଏ ନେଇ ଅସ୍ତରଙ୍ଗ ବ୍ଲକ ଜଣେ ସମବାୟ ସମ୍ପାଦକ ନାମ ଗୋପନ ରଖି ସୂଚନା ଦେଇଛନ୍ତି ମେସିନ ପାଇଁ ନିବେଦନ କରାଯାଇଛି।

# ସାଂସଦଙ୍କ ହସ୍ତକ୍ଷେପ ପରେ ଦୂରହେବ ଜିଲ୍ଲାର ବିଦ୍ୟୁତ ସମସ୍ୟା



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ବାରମ୍ବାର ବିଦ୍ୟୁତ କାଟ ଅଭିଯୋଗ ହେବା ପରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଜିଲ୍ଲାରେ ଥିବା ବିଦ୍ୟୁତ ସମାସ୍ୟା ଉପରେ ଆଲୋଚନା କରିବା ସହ ଲିଖିତ ଭାବେ ଜଣାଇ ଥିଲେ। ସାଂସଦଙ୍କ ଚିଠି ପରେ ଉପମୁଖ୍ୟମନ୍ତ୍ରୀ ତାଙ୍କ ଚିଠି ମାଧ୍ୟମରେ ଲେଖିଛନ୍ତି ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିଦ୍ୟୁତ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମସ୍ତେ କରାଯିବ ଯାହାଦ୍ୱାରା ଜିଲ୍ଲାର ବିଦ୍ୟୁତ ଉପଭୋକ୍ତା ନିରବଚ୍ଛିନ୍ନ ସେବା ପାଇପାରିବେ ବୋଲି ଜଣାଇଛନ୍ତି। କେନ୍ଦୁଝର ଜିଲ୍ଲାର ତୁରମୁଙ୍ଗା ସବଷ୍ଟେସନ ମାର୍ଚ୍ଚ ୨୦୨୫ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବା ସହିତ ତୁରମୁଙ୍ଗାରୁ ଡେଙ୍କିକୋଟ ୧୩୨ କେଭି ଲାଇନ ସେପ୍ଟେମ୍ବର ୨୦୨୫, ୨୨୦ କେଭି ଲାଇନ ଟିଟିପିସି ଯୋଡ଼ାରୁ ରାଙ୍କି ସବଷ୍ଟେସନ ଡ଼ିସେମ୍ବର ୨୦୨୫ ମଧ୍ୟରେ, ଦ୍ୱିତୀୟ ସର୍କିଟ ଲାଇନ ବିତରଣ ଭଦ୍ରକ ସବଷ୍ଟେସନରୁ ଆଗରପଡା ପର୍ଯ୍ୟନ୍ତ ସେପ୍ଟେମ୍ବର ୨୦୨୫ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହିତ ତେଲକୋଇ ସବଷ୍ଟେସନ ୨୨୦/୩୩ କେଭି ଲାଇନର ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଫଳରେ କେନ୍ଦୁଝର ଜିଲ୍ଲାରେ ଉପଭୋକ୍ତାମାନେ ଉନ୍ନତ ମାନର ବିଦ୍ୟୁତ ସେବା ପାଇପାରିବେ ବୋଲି ସଂସଦଙ୍କୁ ଚିଠି ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ଜଣାଇଛନ୍ତି।

# ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ପତ୍ରିକା ଉନ୍ମୋଚନ ଓ କବିତା ପାଠୋତ୍ସବ



ପାରାଦୀପ (ଭାସ୍କର ନ୍ୟୁଜ୍) : ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦ ଆନୁକୂଲ୍ୟରେ ନୂଆବର୍ଷ ୨୦୨୫କୁ ସ୍ୱାଗତ କରିବା ଅବସରରେ ଏକ ପତ୍ରିକା ଉନ୍ମୋଚନ, କବିତା ପାଠ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ପାରାଦୀପର ପୋର୍ଟ କ୍ଲବ ପରିସରରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ତମ୍ଭକାର ଅକ୍ଷୟ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ମେଘ ମହ୍ଲାର ଅନୁଷ୍ଠାନର ସଭାପତି ଡ. କେଶବ ଚନ୍ଦ୍ର ଦଳାଇ, ବରେଣ୍ୟ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ନଗେନ୍ଦ୍ର ନାଥ ସ୍ୱାଇଁ, ବାବୁରାମ ଚୌଧୁରୀ ପ୍ରମୁଖ ଯୋଗଦେଇ କବିତାର ମହତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କବିତା ପାଠଚକ୍ରରେ ବହୁ କବି ଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିବା ବେଳେ କବୟିତ୍ରୀ ପ୍ରଭାତୀ ମାଝୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପିତାମ୍ବର ତରାଇଙ୍କ ସଭାପତିତ୍ୱରେ ଆୟୋଜିତ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡ.ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟବକ୍ତା ଏବଂ ପ୍ରଫେସର ଉମାକାନ୍ତ ନାୟକ, ଜେଏସଡବ୍ଲ୍ୟୁ ଉପସଭାପତି ଧନଞ୍ଜୟ କୁମାର ସିହ୍ନା ଓ ଏଜିଏମ ରଘୁନାଥ ପ୍ରସାଦ ହୋତା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି 'ମୋନାଲିସା' ପତ୍ରିକାର ଶୁଭ ଉନ୍ମୋଚନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ସଂଯୋଜନା କରିଥିବା ବେଳେ ସମସ୍ତ ସଦସ୍ୟ ଓ ସଦସ୍ୟା ଏଥିରେ ସହଯୋଗ କରିଥିଲେ।

# ବାଇକ ଦୁର୍ଘଟଣାରେ ଯୁବକ ମୃତ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତର ସୋର୍ଲୁକୋଣ୍ଡା ଗ୍ରାମ ନିକଟରେ ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ସମୟରେ ହୋଇଥିବା ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତେବେ ମୃତ ଯୁବକ ଜଣକ ହେଲେ ବାଲିମେଳା ଏନଏସିର ୧୨ନଂ ୱାର୍ଡ ଗୌଡ଼ଗୁଡା ସାହିର ସ୍ୱର୍ଗତ ସୁଦର୍ଶନ ଦାସଙ୍କ ପୁଅ ବିଜୟ ଦାସ(୨୩)। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବିଜୟ ନିଜ ବାଇକ ନମ୍ବର ଓଡି -୩୦-ବି-୯୭୫୪ ଯୋଗେ ତାଣ୍ଡିକୋଣ୍ଡା ଗ୍ରାମରେ ଥିବା ନିଜ ଶ୍ୱଶୁର ଘରକୁ ଯାଉଥିବା ସମୟରେ ସୋର୍ଲୁକୋଣ୍ଡା ଗ୍ରାମ ନିକଟ ତଥା ବାଲିମେଳା ସୋର୍ଲୁକୋଣ୍ଡା ରାସ୍ତାରେ କୌଣସି କାରଣରୁ ଭାରସାମ୍ୟ ହରାଇ ବାଇକ୍‌ଟି ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ



ବିଜୟଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେହି ସମୟରେ ଉକ୍ତ ରାସ୍ତାଦେଇ ଯାଉଥିବା ପଥଚାରୀମାନେ ବିଜୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ବିଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତ୍ରି ୨ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବାଲିମେଳା ଏନଏସିର ୧୨ନମ୍ବର ୱାର୍ଡର କାଉନସିଲର ମଙ୍ଗୁଳି ହିଆଲ ଓର୍କେଲ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରିବା ସହ ଏଏସଆଇ ବିଜୟ କୁମାର ବେନିଆଙ୍କ ନେତୃତ୍ୱରେ ପୋଲିସଏର ଏକ ଟିମ୍ ମାଲକାନଗିରି ମେଡିକାଲରେ ପହଞ୍ଚି ବିଜୟଙ୍କ ମୃତ ଶରୀରକୁ ଜବତ କରିବା ପରେ ଉକ୍ତ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ପାଇଁ ରଖିଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ବର୍ଗଙ୍କୁ ଆଜି ହସ୍ତାନ୍ତର କରାଯାଇଥିବା ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି। ବିଜୟଙ୍କ ମୃତ୍ୟୁ ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଜିଲ୍ଲାସ୍ତରୀୟ କୃଷକ ରେଜିଷ୍ଟ୍ରି ଓ ଡିଜିଟାଲ ଫସଲ ସର୍ଭେ

ଯାଜପୁର (ଭାସ୍କର ନ୍ୟୁଜ୍): ଆଜି ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ କୃଷକ ରେଜିଷ୍ଟ୍ରି ଓ ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ପ୍ରଦୀପ ପ୍ରଜ୍ୱଳନ ଓ ମା ବିରଜାଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଉଦ୍ଦେଶ୍ୟ ସାଧନ ପାଇଁ ଓ କୃଷକ ମାନଙ୍କ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି କରିବା ନିମନ୍ତେ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨ ଲକ୍ଷ ୨୫ ହଜାର କୃଷକଙ୍କ ପାଇଁ ଫାର୍ମରସ ରେଜିଷ୍ଟ୍ରି ପ୍ରସ୍ତୁତ କରାଯିବ। ଏଥିପାଇଁ କୃଷି, ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗର କ୍ଷେତ୍ର କର୍ମଚାରୀ ଓ ଅଧିକାରୀ ମାନଙ୍କୁ ନିଷ୍ଠାର ସହିତ ଏହି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଡେପୁଟି କଲେକ୍ଟର ଦୀପ୍ତିମୟୀ ବେହେରା ସହକାରୀ କୃଷି ନିର୍ଦ୍ଦେଶକ ମୀରା ପରିଚ୍ଛା ଓ ଡେପୁଟି କଲେକ୍ଟର ରଶ୍ମିରଞ୍ଜନ ମଲ୍ଲିକ ଓ ଯୋଜନା ଅଧିକାରୀ ଶୁଭସ୍ମିତା ସ୍ୱାଇଁ ଏହି କାର୍ଯ୍ୟାଳୟରେ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳାରେ ପ୍ରାୟ ୩୦୦ ଜଣ କ୍ଷେତ୍ରାଧିକାରୀ ତାଲିମ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅରୁଣ କୁମାର ବେହେରା ଅଧକ୍ଷତା କରିଥିଲେ। ଜିଲ୍ଲା କୃଷି ଅଧିକାରୀ ଅରୁଣ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ। ବ୍ଲକ କୃଷି ଅଧିକାରୀ ବିଭୂତି ଭୂଷଣ ପତି ଓ ଶୁଭ୍ରଜିତ୍ ବେହେରା, ଓ ବି.ଟି. ଏମ୍ ପ୍ରାର୍ଥ ପ୍ରତିମ ସ୍ୱାଇଁ ଏହି କର୍ମଶାଳାରେ ସହାୟତା ପ୍ରଦାନ କରିଥିଲେ।

# ଟାଟାଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ମାଙ୍କଡ଼ିଆ ବସ୍ତିରେ ନୂଆବର୍ଷ ପାଳିତ




କାଳିଆପାଣି (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ସୁକିନ୍ଦାର କଲରଙ୍ଗିଅତାରେ ଥିବା ମାଙ୍କଡ଼ିଆ ବସ୍ତିରେ ନୂଆବର୍ଷ ପାଳନ କରାଯାଇଛି। ଏଥିରେ ମାଙ୍କଡ଼ିଆ ବସ୍ତିର ୧୦୦ପିଲାଙ୍କ ସମେତ ପାଖାପାଖି ୨୦୦ ଲୋକ ଉତ୍ସାହଜନକ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ଓ ମିନେରାଲସ୍ ଡିଭିଜନ (ଏଫ୍‌ଏଏମଡି)ର ଏକ୍‌ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା, ଏଫ୍‌ଏଏମଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ଏଫ୍‌ଏଏମଡି ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାରଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ପରମ୍ପରା, ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ସମ୍ମାନ ଜଣାଇ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇ ନୂଆ ବର୍ଷକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ କେକ୍ କାଟିବା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଦିବାସୀ ଗୋଷ୍ଠୀର ବହୁ ବୟସ୍କ ଓ ଯୁବ ସଦସ୍ୟ ସାମିଲ ହୋଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ପଙ୍କଜ ସତିଜା କହିଥିଲେ ଯେ, "ଆମ ସଂସ୍କୃତି, ଆମ ପରମ୍ପରା ହେଉଛି ଆମର ସମ୍ବଳ ଏବଂ ଏକ ଉଜ୍ୱଳ ଭବିଷ୍ୟତ ପାଇଁ ଆଧୁନିକ ସୁଯୋଗକୁ ଗ୍ରହଣ କରିବା ସହ ସେହି ପରମ୍ପରାକୁ ବଜାୟ ରଖିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଁ ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜଣାଉଛି।''

# ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଗୁରୁବାର ଦିନ ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦିଲ୍ଲିପ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଉଦ୍‌ଘାଟନୀ




ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଅଧାପକ ମାନସ ରଞ୍ଜନ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର କାର୍ଯ୍ୟକ୍ରମ ଅଧିକାରୀ ଖେଳ ଶିକ୍ଷୟିତ୍ରୀ ସେହନାଜ ବେଗମ ଓଡିଆ ଅଧାପକ ମାନସ ରଞ୍ଜନ ବେହେରା ଆତ୍ମ ସୁରକ୍ଷା ଏ ନିତି ଦିନିଆ ଜୀବନରେ କେତେ ଜରୁରୀ ଛାତ୍ରୀ ମାନଙ୍କୁ ସେ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ତା ୦୭/୦୧/୨୦୨୫ ରିଖ ଠାରୁ ଆରମ୍ଭ ହୋଇ ତା ୧୮/୦୧/୨୦୨୫ରିଖ ରେ ଶେଷ ହେବ ବୋଲି ଅଧକ୍ଷ ଦିଲ୍ଲିପ କୁମାର ପୃଷ୍ଟି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ସମସ୍ତ ଛାତ୍ରୀଙ୍କ ଅଂଶଗ୍ରହଣ ବାଧ୍ୟତାମୂଳକ ବୋଲି ଅଧକ୍ଷ ତାଙ୍କ ଅଭିଭାଷଣରେ ଜଣାଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସିତାରା ନାସରିନ ଓ ଶିବାନୀ ବେହେରା ପ୍ରଶିକ୍ଷିକା ଭାବେ ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିବେ ବୋଲି କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡିଆ ଅଧାପକ ମାନସ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଭୀମସେନ ବେହେରା ସହଯୋଗ କରିଥିଲେ।

## ଉଦ୍‌ଯାପିତ ହେଲା ତ୍ରୟୋଦଶତମ ଡେରାବିଶ ମହୋତ୍ସବ

# ରାଷ୍ଟ୍ରୀୟ ଶୋକ ପାଇଁ ବନ୍ଦ ରହିଲା ସଭା କାର୍ଯ୍ୟକ୍ରମ





ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଖେଳପଡ଼ଆରେ ଗତକାଲି ବିଳମ୍ବିତ ରାତିରେ ତ୍ରୟୋଦଶତମ ଡେରାବିଶ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଡେରାବିଶ ସାଂସ୍କୃତିକ ସଂଗଠନର ସଭାପତି ଡଃ ଭକ୍ତକବି ଦାସ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ମୁଖ୍ୟବକ୍ତା ଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଓ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ସଦର ଥାନାର ପୂର୍ବତନ ଅଧିକାରୀ ସରୋଜ ସାହୁ ଓ ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂଙ୍କ ଦେହାନ୍ତ ଯୋଗୁ ରାଷ୍ଟ୍ରୀୟ ଶୋକ ପାଇଁ ସଭାକାର୍ଯ୍ୟ ହୋଇନଥିବା ବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅନୁପ କୁମାର ରାଉତ ପରିଚାଳନା କରିଥିଲେ। ସଂଗଠନ ଉପସଭାପତି ମହେନ୍ଦ୍ର ସିଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତୁଲ୍ୟ କୁମାର ରଥ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମ୍ବଲପୁରର ମା' ସମଲେଶ୍ୱରୀ ଡାଲିଆ ଖୁସା କଳାପରିଷଦର କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ ଓ ସଂଗୀତ ଏବଂ ପଟ୍ଟାମୁଣ୍ଡାଇର ଫିଟ୍ ଅଫ୍ ଫାୟାର ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଶିବ ତାଣ୍ଡବ ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗତ ୨୬ ତାରିଖରୁ ଅନୁଷ୍ଠିତ ହୋଇଆସୁଥିବା ଏହି ମହୋତ୍ସବରେ ୬ ଦିନ ବ୍ୟାପୀ ବ୍ଲକ ତଥା ବ୍ଲକ ବାହାରରୁ ବହୁ ମହିଳା ପ୍ରଡ୍ୟୁସର୍ସ ଗ୍ରୁପର ସଦସ୍ୟମାନେ ସେମାନଙ୍କ ଗ୍ରୁପ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଘରକରଣା ସାମଗ୍ରୀ, ଶୁଖିଲା ଖାଦ୍ୟ ସାମଗ୍ରୀ, ଏମ୍ବ୍ରୋଡୋରୀ ପୋଷାକ ଇତ୍ୟାଦିର ପସରା ମେଲାଇଥିଲେ। ଏହି ସାମଗ୍ରୀ ସବୁକୁ ନେବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ମହୋତ୍ସବ ପଡ଼ିଆ ମଧ୍ୟରେ ଦେଖିବାକୁ ମିଳିଥିଲା। ଏଥିସହିତ ଛୋଟ ଓ ବଡ଼ପିଲାମାନଙ୍କ ପାଇଁ ବିଭିନ୍ନ ଦୋଳି, ଖେଳ ଖେଳିବା ପାଇଁ ମଧ ବହୁ ଲୋକଙ୍କ ସମାଗମ ହୋଇଥିଲା । ଏହି ମହୋତ୍ସବକୁ ପରିଚାଳନାରେ ସଂଗଠନୀ ସମ୍ପାଦକ ଗୁରୁଚରଣ ପୃଷ୍ଟି, ସଂଗଠନର ଉପଦେଷ୍ଟା ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସଦସ୍ୟ ସାହାଜାନ୍ ଖାଁ, ଈଶ୍ୱରୀ ଚନ୍ଦ୍ର ପୃଷ୍ଟି, ଲକ୍ଷ୍ମୀକାନ୍ତ ଜେନା, ପ୍ରଭାକର ସାମଲ, ଅଭିମନ୍ୟୁ ରାଉତ, ପ୍ରମୋଦ କୁମାର ବେହେରା, ପୂର୍ଣ୍ଣାନନ୍ଦ ବେହେରା, ଅନନ୍ତ କିଶୋର ଭୂୟାଁ, ଭବାନୀ ଓଝା, ଧରଣୀଧର ପ୍ରଧାନ, ସତ୍ୟଜିତ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଡେରାବିଶ ଥାନା ଅଧିକାରୀ କିଶୋର ତରାଇଙ୍କ ତତ୍ତ୍ୱାବଧାନରେ ଥାନାର ପୋଲିସ୍ କର୍ମଚାରୀମାନେ ମହୋତ୍ସବକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ସହିତ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଥିଲେ ।

# ରାଶିଫଳ


**ଶୁକ୍ରବାର, ୦୩ ଜାନୁଆରୀ ୨୦୨୫**



**ମେଷ:** ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ।




**ବୃଷ:** ଆଜି ଆପଣଙ୍କ ଦିନ ଉତ୍କଣ୍ଠାର ପରିପୂର୍ଣ୍ଣ ହେବ। ଖର୍ଚ୍ଚର ହଠାତ୍ ବୃଦ୍ଧି ଚିନ୍ତା କରିପାରେ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। କାର୍ଯ୍ୟାଳୟର କାର୍ଯ୍ୟରେ ବିଶେଷ ଧ୍ୟାନ ଦିଅନ୍ତୁ। ବ୍ୟବସାୟୀମାନଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆପଣଙ୍କ ପ୍ରିୟଜନଙ୍କ ପ୍ରେମ ଜିତିବାକୁ ଚେଷ୍ଟା କରୁଥିବା ଦେଖାଯିବ।




**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେକୌଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି, ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢିପାରେ।



**ସିଂହ:** ଆଜି ଆପଣଙ୍କ ଦିନଟି ବହୁତ ବ୍ୟସ୍ତରେ କଟିବ। ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରନ୍ତି।




**କନ୍ୟା:** ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି, ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍ । କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା:** ଆଜି ଆପଣଙ୍କର ଦିନ ମିଶ୍ରିତ ହେବ। କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟି ଅନୁଭବ କରିବେ। କିଛି ପବିତ୍ର ସ୍ଥାନ ଭ୍ରମଣର ଯୋଗ ରହିଛି। ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।




**ବିଛା:** ଆଜି ଆପଣ ଅନେକ ବାଧାର ସମ୍ମୁଖୀନ ହେବେ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।




**ଧନୁ:** ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।



**ମକର:** କୌଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ। ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ:** ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ନବରଙ୍ଗପୁର ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଝରିଗାଁ ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳର ଜନସାଧାରଣ ଜିଲ୍ଲାପାଳଙ୍କୁ ଭେଟି ନିଜର ତଥା ନିଜ ଅଞ୍ଚଳର ସମସ୍ୟା ଓ ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିବା ୩୦ଗୋଟି ଅଭିଯୋଗ ପଞ୍ଜିକରଣ କରାଯାଇଥିଲା । ସେଥିମଧ୍ୟରୁ ୧୭ଜଣଙ୍କର ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ରହିଥିବାବେଳେ ୧୩ ଗୋଟି ଅଭିଯୋଗ ଗୋଷ୍ଠିଗତ ରହିଥିଲା । ସମୁଦାୟ ୩୦ଗୋଟି ଅଭିଯୋଗ ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ । ୨୭ ଜଣଙ୍କୁ ମଧୁବାବୁ ପେନସନ ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଲୋକଙ୍କର ସମସ୍ୟା, ବ୍ୟକ୍ତିଗତ ଆପତ୍ତି, ଅଭିଯୋଗ ଜଣାଇବା ପାଇଁ ଆସିଥିବା ସମସ୍ତ ଜନସାଧାରଣଙ୍କୁ ଭେଟି ତାଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିବା ସହିତ ସମସ୍ତଙ୍କ ଠାରୁ ଦରଖାସ୍ତ ଗ୍ରହଣ କରି ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ତଥା ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଜନ ଯୁଗ୍ମ ଶୁଣାଣିରେ ଏସପି ମିହିର କୁମାର ପଣ୍ଡା, ସିଡ଼ିଏମଓ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ସିଡ଼ିଏମଓ ସନ୍ତୋଷ କୁମାର ପଣ୍ଡା, ତହସିଲଦାର ଶଙ୍କର ପଟ୍ଟନାୟକ,ଝରୀଗାଁ ସିଡିପିଓ ବିରାଜ ମୋହିନୀ ପାଙ୍ଗି,ନବରଙ୍ଗପୁର ଆସିଷ୍ଟାଣ୍ଟ ଲେବର ଅଫିସର ପଦ୍ମଚରଣ ପଣ୍ଡା, ଝରୀଗାଁ ଥାନା ଏସ୍ଆଇ ମମତା ସେଟ୍ଠି,ଏଏସଆଇ କେ ଏଲଏନ ଦୋରା ପ୍ରମୁଖ ଉପସ୍ଥିତ ରହିଥିଲେ ।



## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୪୦ତମ ବାର୍ଷିକ ସମାବେଶ

# ସାଂସଦ ପ୍ରଦୀପ ପୁରୋହିତଙ୍କୁ ଗନ୍ଧମାର୍ଦ୍ଦନ ସୁପୁତ୍ର ଉପାଧି ପ୍ରଦାନ




ବରଗଡ(ଭାସ୍କର ନ୍ୟୁଜ): ଐତିହାସିକ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ବାଲ୍କୋ ହଟାଓ - ଗନ୍ଧମାର୍ଦ୍ଦନ ବଞ୍ଚାଓ ର ୪୦ତମ ବାର୍ଷିକ ସମାବେଶ ନୃସିଂହନାଥ ସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ପାଳିତ ହୋଇଯାଇଛି। ସର୍ବପ୍ରଥମେ ପାଇକମାଳ, ଝାରବନ୍ଧ, ପଦ୍ମପୁର, ଖପ୍ରାଖୋଲ,ଗାଇସିଲେଟ ଓ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଗନ୍ଧମାର୍ଦ୍ଦନ ଆନ୍ଦୋଳନ କର୍ମୀମାନେ ଭାଗବତ ତତ୍ତ୍ୱ ଆଶ୍ରମରେ ଏକତ୍ରିତ ହେବାପରେ ଘଣ୍ଟ ଶଙ୍ଖ ସଂକୀର୍ତ୍ତନ ଦଳବାଦ୍ୟରେ ଏକ ବିରାଟ ଶୋଭାଯାତ୍ରାରେ ନୃସିଂହନାଥ ମନ୍ଦିର ସ୍ଥିତ ଗାନ୍ଧୀ ସମାଧି ପୀଠରେ ପହଞ୍ଚିଥିଲେ। ପ୍ରଭୁ ନୃସିଂହ ଠାକୁର ଓ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୂର୍ବତନ ଆବାହକ ତଥା ସାଂସଦ ପ୍ରଦୀପ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବରିଷ୍ଠ ନାରୀନେତ୍ରୀ ଜମ୍ୱୋବତୀ ବିଜରା, ପ୍ରତିମା ବଗାର ଓ ଗନେଶି ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପୂର୍ବତନ ଆବାହକ ଶ୍ରୀ ଧିରେନ୍ ମହାନ୍ତି ପରିଚାଳନା କରିଥିବା ବେଳେ ଆବାହକ ଦୁର୍ଯୋଧନ ପୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପ୍ରଥମ ଆବାହକ ନିରଞ୍ଜନ ବିଦ୍ରୋହୀ ଓ ପାଇକମାଳର ନନ୍ଦଲାଲ ତ୍ରିବେଦୀଙ୍କ ପରଲୋକ ହେତୁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବର୍ତ୍ତମାନ ଅଞ୍ଚଳରେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ନେଇ ଚର୍ଚ୍ଚିତ ଥିବା ବେଳେ ଆଜି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତାର ୪୦ତମ ବାର୍ଷିକ ସମାବେଶରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ହଜାର ହଜାର ସଂଖ୍ୟାରେ ସାମିଲ ହୋଇ ସଂକଳ୍ପ ନେଇଛନ୍ତି। କସ୍ମିନ କାଳେ ମଧ୍ୟ କୌଣସି ପ୍ରକାରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନରେ ଖଣି ଖନନ କରାଯିବ ନାହିଁ ବୋଲି ସାଂସଦ ପ୍ରଦୀପ ପୁରୋହିତ ସମେତ ଆନ୍ଦୋଳନ କର୍ମୀମାନେ ସଂକଳ୍ପ ନେଇ ଶପଥ ପାଠ କରିଥିଲେ। ଏ ଅବସରରେ ଦିବଂଗତ ଆନ୍ଦୋଳନ କର୍ମୀମାନଙ୍କୁ ମରଣୋତ୍ତର 'ଗନ୍ଧମାର୍ଦ୍ଦନ ଗୌରବ ସମ୍ମାନ' ରେ ତାଙ୍କ ପରିବାର ବର୍ଗଙ୍କୁ ପ୍ରଦାନ କରାଯାଇଥିଲା। ଏତଦ୍ ବ୍ୟତୀତ ବିଗତ ଦିନରେ ଜାନୁୟାରୀ ୧ ତାରିଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ହୋଇଯାଇଥିବା ବାର୍ଷିକ ସମାବେଶ ଗାଁ ଗୁଡ଼ିକ ଯଥା ଝାରବନ୍ଧ, ଛିନ୍ଦେଇକେଲା,ସୋଢା, ବ୍ରାହ୍ମଣଡିହି, ପୁରେନା, ବଲାଙ୍ଗୀର, ଦେଉଳି, ବୁଧାପାଳି ଆଦି ଗ୍ରାମଗୁଡ଼ିକୁ ପ୍ରଶଂସାପତ୍ର ଓ ଉପଢ୍ୌକନ ଦେଇ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅତୀତରେ ଗନ୍ଧମାର୍ଦ୍ଦନ ପାହାଡ଼ର ଧ୍ୱଂସ ପାଇଁ ଚକ୍ରାନ୍ତ କରିଥିବା କଂଗ୍ରେସ ଦଳ ଓ ବିଜୁ ଜନତା ଦଳ ସର୍ବସାଧାରଣ ଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସର୍ବସମ୍ମତି କ୍ରମେ ବାର୍ଷିକ ସମାବେଶ ରେ ପ୍ରସ୍ତାବ ପାରିତ କରିଥିଲା। ଏଥିସହ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଉପଦେଷ୍ଟା ତଥା ପୂର୍ବତନ ଆବାହକ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଙ୍କୁ ଆଜିକାର ଦିନରେ 'ଗନ୍ଧମାର୍ଦ୍ଦନ ପାହାଡର ସୁପୁତ୍ର' ରୂପେ ଘୋଷଣା କରାଯାଇଥିଲା। ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଅତୀତରେ ଆନ୍ଦୋଳନର ନେତୃତ୍ୱ ନେଇ ଥିବାବେଳେ ଆଜି ବି ଦିନରେ ମଧ୍ୟ ଯେ କୌଣସି କମ୍ପାନୀ ସରକାର ଗନ୍ଧମାର୍ଦ୍ଦନ ପାହାଡ଼ରେ ଖଣି ଖନନ କରିବାକୁ ଆସେ ତେବେ ତୀବ୍ର ବିରୋଧ କରାଯିବ ବୋଲି କହି ମୋର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନ ଖଣି ଖନନ କରିବାକୁ ଦିଆଯିବ ନାହିଁ ବୋଲି ଘୋଷଣା କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଜାନୁୟାରୀ ୦୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହେଉଛି । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଡ଼କ ସୁରକ୍ଷା ସଚେତନତା ରଥକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାର ପ୍ରତ୍ୟେକ ସ୍ଥାନରେ ପହଁଚି ଜନସାଧାରଣଙ୍କୁ ସଚେତନ କରାଇବ। ଏହା ସହିତ ଜାତୀୟ ସଡକ ସୁରକ୍ଷା ଛାୟାଚିତ୍ର ମାଧ୍ୟମରେ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ , ସମସ୍ତ ବ୍ଲକ ଓ ଗ୍ରାମରେ ପ୍ରଦର୍ଶିତ ହେବ। ମୁଖ୍ୟତଃ ହେଲମେଟ ବ୍ୟବହାର କରିବା, ଦ୍ରୁତ ବେଗରେ ଗାଡ଼ି ଚଳାଇବା ନାହିଁ, ଟ୍ରାଫିକ ନିୟମ ପଳାନ କରିବା, ସିଟ ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ଚଳାଇବା ନାହିଁ, ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ହେବା ନାହିଁ। ଏହି ପରି ଅନେକ ସଚେତନତା ବାର୍ତ୍ତା ପ୍ରଦାନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ, ଜିଲ୍ଲା ପରିବହନ ନିରୀକ୍ଷକ ଶ୍ରୀ ତୁଷାର ହେମ୍ବ୍ରମ ସମେତ ବିଭାଗୀୟ କର୍ମଚାରୀ ଗଣ ଉପସ୍ଥିତ ଥିଲେ।

# ଉଠାଦୋକାନୀରୁ ଚାନ୍ଦା ଆଦାୟ କରି ଟ୍ରାଫିକ ସମସ୍ୟା କରୁଛି ଫୁଲବାଣୀ ପୌରପରିଷଦ

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମାରେ ଫୁଲବାଣୀ ପୌରପରିଷଦ ଉଠା ଦୋକାନୀମାନଙ୍କ ଠାରୁ ଚାନ୍ଦା ଆଦାୟ କରି ରାସ୍ତାର ବିଭିନ୍ନ ପାର୍ଶ୍ୱରେ ଦୋକାନ ଖୋଲିବା ପାଇଁ ଅନୁମତି ଦେଇଅଛି ।ତେଣୁ ଦିନକୁ ଦିନ ଟ୍ରାଫିକ ସମସ୍ୟା ସହିତ ଦୁର୍ଘଟଣା ଘଟୁଛି। କାହିଁକି ନାଁ ଉଠାଦୋକାନୀ ମାନେ ଯେଉଁଠି ପାଇଲେ ସେଠି ପାଲ ପକାଇ ବସୁଛନ୍ତି । କିନ୍ତୁ ସମସ୍ତ ବିଷୟ ଜାଣି ନିରବ ରହି ନିଜ ନିଜର ପକେଟ ଗରମ କରୁଥିବାର ଦେଖା ଯାଉଛି। ପୌରପରିଷଦର ଦୋମୁହାଁ ନୀତି ଯୋଗୁଁ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ହେବା ସହିତ ଜଟିଳ ହେଉଛି। ସମସ୍ତ ବିଷୟ ଜାଣି ଦେଖି ମଧ ଅଣାୟତ୍ତ ନ କରି ବିଭିନ୍ନ ୱାର୍ଡରେ ବିନା ଟେଣ୍ଡରେ ମନଇଚ୍ଛା ନିର୍ମାଣ କାର୍ଯ୍ୟ କରାଯାଉଛି ।ଏଥିପାଇଁ ଓଡିଶା ଭିଜିଲାନ୍ସ, ଫୁଲବାଣୀ ,ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ ବାରମ୍ବାର ହେଉଛି ହେଲେ ବି କୌଣସି ଦୃଢ଼ ପଦକ୍ଷେପ ଖାଲି। ତେଣୁ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ହେଉଛି। ଏହାସହିତ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ହେଉଛି । ଏଥିରେ ଜୀବନ ମଧ୍ୟ ପଳାଇ ଯାଉଛି। କିଛି ବର୍ଷ ହେବ ଫୁଲବାଣୀ ପୌର ପରିଷଦ ବିଜେଡି ଶାସନ ଥିବାବେଳେ ଟ୍ରଫିକ ସମସ୍ୟା ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରି ହ୍ରାସ କରାଯାଇଥିଲା ।ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲୁହାର ବୋର୍ଡ଼ ତିଆରି କରାଯାଇ ସେଠାରେ ଲେଖାଯାଇଥିଲା ଉଠା ଦୋକାନୀ ଓ ଠେଲାଗାଡି ଗୁଡିକ ରଖନ୍ତୁ ନାହିଁ। କିନ୍ତୁ ଜିଲ୍ଲା ପ୍ରଶାସନ କୁ ଅଣଦେଖା କରି ଉଠା ଦୋକାନୀ, ଠେଲା ଗାଡିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାସଗୃହ, ଏସପି ବାସଭବନ, ଟାଉନ ଥାନା, ମେଡିକାଲ, ସ୍କୁଲ, କଲେଜ, କୋର୍ଟ ଛକ, ମୁଖ୍ୟ ବଜାର, ମାଡିକୁଣ୍ଡା ଛକ ,ଓ ବିଭିନ ଅଫିସ ସମୁଖରେ ଅବାଧରେ ମାଡି ବସି ବେପାରିଆ ମାନେ ବେପାର କରିବା ଏବଂ ପୌରପରିଷଦର ଦୋମୁହାଁ ନୀତି, ଜିଲ୍ଲା ପ୍ରଶାସନକୁ ନ ଡରି ଟ୍ରାଫିକ ସମସ୍ୟା ବୃଦ୍ଧି କରିଚାଲିଛନ୍ତି। ତେଣୁ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ବେପାରିଆମାନେ କହୁଛନ୍ତି ପୌରପରିଷଦ ଆମଠାରୁ ଟିକସ ନେଉଛି ଆମେ ଯେଉଁଠି ପାରିଲେ ସେଠି ବସିବୁ। ଏଥିପ୍ରତି କନ୍ଧମାଳ ଜିଲ୍ଲା ପାଳ ଆଶିଷ ଈଶ୍ୱର ପାଟିଲ ଦୃଢ଼ପଦକ୍ଷେପ ନେଲେ ମନଇଚ୍ଛା ପୌରପରିଷଦ କାର୍ଯ୍ୟ କରିପାରିବ ନାହିଁକି ବେପାରିମାନେ ଯେଉଁଠି ପାରିଲେ ସେଠି ବସି ବେପାର କରି ପାରିବେ ନାହିଁ। କନ୍ଧମାଳ ଜିଲ୍ଲାପାଳ କେବେ ଦୃଷ୍ଟି ଦେଉଛନ୍ତି ଦେଖିବାକୁ ବାକି ରହିଲା।

# ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ କଲେ ଜିଲ୍ଲାପାଳ

ରାୟଗଡ(ଭାସ୍କର ନ୍ୟୁଜ): ଜିଲ୍ଲାପାଳ ପାରୁଲ ପଟାୱରୀ ସଡ଼କ ସୁରକ୍ଷା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାରେ ସଡ଼କ ଦୁର୍ଘଟଣା ମାମଲା ହ୍ରାସ କରିବା ନିମନ୍ତେ ସଡ଼କ ସୁରକ୍ଷା ସପ୍ତାହ ଜାନୁଆରୀ ୧ରୁ ୭ତାରିଖ ଯାଏଁ ଜିଲ୍ଲାରେ ପାଳନ କରାଯିବ । ଏହି ରଥ ଜିଲ୍ଲାର ପ୍ରମୁଖ ସ୍ଥାନକୁ ଯାଇ ସଚେତନତା କରିବ । ଏହି ସମୟରେ ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ ଓ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରେ ଯାଞ୍ଚ କରାଯିବ । ଜିଲ୍ଲାର ବିଭିନ୍ନ ସଂଗଠନକୁ ସାମିଲ କରି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ସଚେତନତା କରାଯିବ । ଯଥା ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ,ଅଟୋ ଆସୋସିଏସନ, ଡ୍ରାଇଭର ମହାସଂଘ କୁ ସାମିଲ କରାଯିବ । ସ୍ଥାନୀୟ ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କର୍ମଚାରୀ ମିଳିତ ଭାବରେ ଚଢ଼ାଉ କରାଯିବ ଏବଂ ସଚେତନ କରାଯିବ। ବିଶେଷକରି ହେଲମେଟ ବ୍ୟବହାର, ଦ୍ରୁତ ଗତିରେ ନଚଳାଇବା, ବିନା ଲାଇସେନ୍ସରେ ନଚଳାଇବା,କମ ବୟସ ପିଲାଙ୍କୁ ଗାଡ଼ି ନାଚଳାଇବା ପାଇଁ ସଚେତନତା କରିବେ । ଗାଡ଼ି ଚାଳକ ମାନଙ୍କ ଚକ୍ଷୁ ପରୀକ୍ଷା କରାଯିବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସ୍ଲୋଗାନ, କ୍ୱିଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରିବେ । ସେହିପରି ମହାବିଦ୍ୟାଳୟ ସ୍ତରରେ ମଧ୍ୟ ପ୍ରତିଯୋଗିତା ଆୟୋଜନ କରାଯିବ । କୃତୀ ପ୍ରତିଯୋଗୀ ମନଙ୍କୁ ଜିଲ୍ଲାସ୍ତରରେ ଓ ରାଜ୍ୟ ସ୍ତରରେ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ବିଭିନ୍ନ ଅନୁଷ୍ଠାନ, ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ନେଇ ସାଇକେଲ ରାଲି କିମ୍ବା ପାଦଚଲା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡା. ଲାଲମୋହନ ରାଉତରାୟ,ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ,ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଦେବରାଜ ନାୟକ, ଅଧକ୍ଷା ରାୟଗଡ ମହାବିଦ୍ୟାଳୟ, ଡ଼ଃ ବବିଳତା ସରାଫ, ଏମଭିଆଇ ରାଜଶେଖର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅନ୍ୟାନ୍ୟ ଅଧିକାରୀ, ପରିବହନ କମିଟିର ସଦସ୍ୟ,ବସ ମାଲିକ, ଟ୍ରକ ମାଲିକ, ଅଟୋ ଆସୋସିଏସନ, ଡ୍ରାଇଭର ମହାସଂଘ ଓ ଅନ୍ୟାନ୍ୟ ଅନୁଷ୍ଠାନରୁ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# 'ନିଜ ଜୀବନ ନିଜ ହାତରେ'

## ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଉଦ୍‌ଘାଟିତ

ନୂଆପଡ଼ା (ଭାସ୍କର ନ୍ୟୁଜ): ୧ଠାରୁ ୭ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସଚେତନତା ସପ୍ତାହ ତଥା ଏକ ମାସ ବ୍ୟାପି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମଗ୍ର ନୂଆପଡ଼ା ଜିଲ୍ଲାରେ ପାଳିତ ହେବ । ଏହାର ପ୍ରଥମ ତଥା ଉଦଘାଟନୀ ଦିବସ କାର୍ଯ୍ୟକ୍ରମ ଆଜି ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ ଘଣ୍ଟା ସମୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର , ଅତିରିକ୍ତ ଜିଲ୍ଲାପାଳ ଭିମସେନ୍ ଶବର, ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡି ଏଫ୍ ଓ ମହାଦେବ ବଡ଼ାଇକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଉମାକାନ୍ତ ମେହେର ପ୍ରମୁଖ ଯୋଗଦାନ କରି ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରାମ ସିଂ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସଡକ ସୁରକ୍ଷା ଉପରେ ଅନେକ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଦୁର୍ଘଟଣା ମୃତ୍ୟୁକୁ ଶୂନ କରିବା ଲକ୍ଷ୍ୟ ହାସଲ କରିବା ଉପରେ ବିଶେଷ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ତଥା ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଘରୁ ବାହାରକୁ ବାଇକ୍ ନେଇ ବାହାରିବା ମାତ୍ରେ ସଙ୍ଗରେ ହେଲମେଟ ନେବାପାଇଁ ସମସ୍ତେ ଯତ୍ନବାନ ହେବେ । ବାପାମା ଭୁଲ୍ ରେ ବି ନାବାଳକମାନଙ୍କୁ ଗାଡ଼ି ମଟର ଚଳାଇବା ପାଇଁ ଅନୁମତି ଦିଅନ୍ତୁ ନାହିଁ। ଏହି ଅବସରରେ ଜିଲ୍ଲାପାଳ ସମସ୍ତଙ୍କୁ ସଡକ ସୁରକ୍ଷା ଶପଥ ପାଠ କରାଇଥିଲେ ଓ ସ୍ଲୋଗାନ ରଖିଥିଲେ ନିଜ ଜୀବନ ନିଜ ହାତରେ । ଆର ଟି ଓ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରା ଓ ସଚେତନତା ରଥକୁ ଜିଲ୍ଲାପାଳ ଏବଂ ଅତିଥି ମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ନେସନାଲ ହାଇସ୍କୁଲ ର ଛାତ୍ର ଓ ବାଳିକା ବିଦ୍ୟାଳୟର ଛାତ୍ରୀ ମାନେ ସଚେତନତା ବାର୍ତ୍ତା ପ୍ଲାକାର୍ଡ ପ୍ରଦର୍ଶନ କରି ସହର ପରିକ୍ରମା କରିଥିଲେ । ଏଥିରେ ଅତିଥି ମାନଙ୍କ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଥିଲେ କ୍ଷସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ ଅବସରରେ ସମସ୍ତ ବ୍ଲକ ତଥା ଏନ୍ ଏ ସି ଅଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଯିବ । ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯାଇ ଉଦଯାପନୀ ଦିବସରେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏହି ସପ୍ତାହ ୦୫ ତାରିଖରେ ଆର୍‌ଟିଓ ଅଫିସ୍‌ରେ ଏକ ରକ୍ତଦାନ ଶିବିର ଅୟୋଜନ କରାଯିବ । ସଡ଼କ ଦୁର୍ଘଟଣା ସମୟରେ ଓ ପରେ କିପରି ଭାବେ ଆହତ ବ୍ୟକ୍ତିର ତୁରନ୍ତ ଆଶୁ ଚିକିତ୍ସାର ବ୍ୟବସ୍ଥା ହୋଇପାରିବ ସେଥିପାଇଁ ରକ୍ଷକ ଯୋଜନା ଅଧୀନରେ ପଥପ୍ରାନ୍ତ ପ୍ରାଥମିକ ଚିକିତ୍ସା ଟ୍ରେନିଂ ଆୟୋଜନ କରାଯିବ। ୦୭ ତାରିଖରେ ସପ୍ତାହ ଉଦଯାପନୀ ଦିବସରେ ନୂଆପଡ଼ା ସହରରେ ଏକ ବାଇକ୍ ରେଲି ସହିତ ଆର୍‌ଟିଓ କାର୍ଯ୍ୟାଳୟରେ ଏକ ସଚେତନତା ସଭା ଆୟୋଜନ କରାଯିବ । ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବସ ସଂଘ କର୍ମକର୍ତ୍ତା, ସାମ୍ବାଦିକ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




# ବାଇକ୍‌ରୁ ଖସି ବୃଦ୍ଧା ମୃତ

ଉମରକୋଟ(ଭାସ୍କର ନ୍ୟୁଜ): ବାଇକ ରୁ ଖସିପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ବୃଦ୍ଧା ଜଣକ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ବେନୋରା ପଞ୍ଚାୟତ ସିଲାଟି ୟୁଭି ୧୬ ନଂ ଗ୍ରାମର ଡାଲିମ ସରକାର (୬୨)। ମିଳିଥିବା ସୂଚନା ଅନୁସାରେ ଡାଲିମଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ପୁଅ ମଣ୍ଟୁ ରଞ୍ଜନ ସରକାର (୩୨) ବାଇକ୍ ଯୋଗେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣୁଥିଲେ। ଏହି ସମୟରେ ହିରାପୁର ଗ୍ରାମ ନିକଟରେ ବାଇକ ଭାରସାମ୍ୟ ହରାଇବାରୁ ଡ଼ାଲିମ ସରକାର ଖସି ପଡିଥିଲେ ।ଡାଲିମ ବାଇକରୁ ଖସି ପଡିବା ଫଳରେ ସେହିଠାରେ ହିଁ ଅଚେତ ହୋଇ ପଡ଼ିଥିଲେ। ମଣ୍ଟୁ ଆମ୍ବୁଲାନ୍ସ ସହ ଯୋଗାଯୋଗ କରି ଡାଲିମକୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଡାଲିମକୁ ମୃତ ଘୋଷଣା କରିଥିଲେ। ଏନେଇ ମଣ୍ଟୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସ୍ଆଇ ଅକ୍ଷୟ ମିଶ୍ର ସମ୍ଭାଳିଛନ୍ତି।

## ରଙ୍ଗୋଲି ପ୍ରତିଯୋଗିତା ସହ ଧନୁଯାତ୍ରା ପାଇଁ ପ୍ରସ୍ତୁତି



ବରଗଡ଼ (ଭାସ୍କର ନ୍ୟୁଜ): ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉମାତ୍ର ୧ ଦିନ ବାକି। ଆସନ୍ତା ୩ତାରିଖ ଶୁକ୍ରବାର ଦିନରୁ ଏହି ମହୋତ୍ସବ ଆରମ୍ଭ ହୋଇ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଧବାର ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖରେ ରଙ୍ଗୋଲୀ ପ୍ରତିଯୋଗିତା ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୫୬ ଟି ଅନୁଷ୍ଠାନରୁ ୫୭୦ ଜଣ ଛାତ୍ରଛାତ୍ରୀଙ୍କ ସହ କଳାକାର ମାନେ ଯୋଗ ଦେଇଥିଲେ । ମହିଳା କଲେଜ ପରିସରରେ ୫୦୦ ମିଟର ସ୍ଥାନରେ ଅତ୍ୟନ୍ତ ସୁନ୍ଦର ଭାବରେ କଳାକାରମାନେ ଧନୁଯାତ୍ରା ବିଷୟରେ ବିଭିନ୍ନ ଆକର୍ଷଣୀୟ ରଙ୍ଗୋଲି ଅଙ୍କନ କରିଥିଲେ । ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ ଜିଲ୍ଲାର ଶିଳ୍ପୀ ସାମିଲ ହୋଇ ସୁନ୍ଦର ରଙ୍ଗୋଲି ଅଙ୍କନ କରିଥିଲେ। ସଂଧ୍ୟାରେ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଡିଆଇପିଆରଓ ତଥା ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ସଂଯୋଜକ ପ୍ରହଲ୍ଲାଦ ଖୋସଲାଙ୍କ ସଂଯୋଜନା ରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ସହ ବରଗଡ଼ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋୟଲ, ସଂପାଦକ ସୁରେଶ୍ୱର ଶତପଥୀ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ବରପାଲିର କଳାଭୂମି, ଅମ୍ବାଭୋନାର କଳାଧାରା, ରୋଟାରୀ ପବ୍ଲିକ ସ୍କୁଲ ବରଗଡ଼ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ଶୁକ୍ରବାର ଦିନ ୨ଟାରେ ଧନୁଯାତ୍ରାକୁ ସ୍ୱାଗତ କରିବା ପାଇଁ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ସନ୍ଧ୍ୟା ୭ଟାରେ ହାଟପଦା ରାଜ ଦରବାରରେ ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଜରାଜୀର୍ଣ୍ଣ ଅବସ୍ଥାରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର



ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖାଡ଼ିଆଳ ବ୍ଲକରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଗ୍ରାମାଞ୍ଚଳର ଲୋକେ ଆସି ଖୋଜି ଖୋଜି ହଇରାଣ ହୋଇ ପାଉନଥିବା ଦେଖିବାକୁ ମିଳୁଛି। ଫଳରେ ଗ୍ରାମାଞ୍ଚଳରୁ ଆସୁଥିବା ଲୋକେ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ହେଲା ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ନାମ ଫଳକ ବୋର୍ଡ଼ ନ ଥିବାରୁ ଲୋକେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର କୁ ପାଇବା କଷ୍ଟ ହେଉଛି ।ରାଜୀବ ଗାନ୍ଧୀ ସେବା କେନ୍ଦ୍ର ବାହାର ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରୁ ଆସୁଥିବା ଲୋକେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଆଗକୁ ଚାଲିଯାଇ ଖୋଜି ଖୋଜି ପୁଣି ପଛକୁ ଆସିଥାନ୍ତି। ଯେ କୌଣସି ସରକାରୀ ଅଫିସ ର ମରାମତି ପାଇଁ ସରକାରୀ ଅର୍ଥ ଆସିଥିବାର ନିୟମାବଳୀ ଥିବା ବେଳେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ବାହାର ମରାମତି ସରକାରୀ ଅର୍ଥ ଆସିଛି କି ନାହିଁ ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଲୋକେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର କୁ ଖୋଜି ଖୋଜି ହଇରାଣ ହେଉଛନ୍ତି। ସରକାରୀ ଅର୍ଥକୁ କଲମ କାଗଜ ରେ ବିଲ କରି ଆତ୍ମସାତ ହେଉଛି। ହେଲେ ଦୁଃଖର କଥା ଯେ ଦୀର୍ଘ ଦିନରୁ ଏହି ରାଜବ ଗାନ୍ଧୀ ସେବା କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ତେଣୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ନାମ ଫଳକ ବୋର୍ଡ଼ ଶୀଘ୍ର ଲେଖିବା ପାଇଁ ଲୋକଙ୍କ ମଧ୍ୟରେ ଦାବି ହେଉଛି। ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି।


## ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ



ସଇଁତଲା (ଭାସ୍କର ନ୍ୟୁଜ): ସଇଁତଲା ଅଞ୍ଚଳର ବ୍ୟବସାୟୀ ତଥା ମୋହିତ ଏମ୍ପୋରିୟମର ମାଲିକ କିଶୋର ଅଗ୍ରୱାଲଙ୍କର ୬୨ ବର୍ଷ ବୟସରେ ବାପୁଜୀ ଚୌକ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ । ମୃତ୍ୟୁ ସମୟରେ ତାଙ୍କର ଦୁଇପୁଅ ସଚିନ ଓ ମୋହିତଙ୍କ ସହ ଧର୍ମପତ୍ନୀ, ଝିଅ ନାତି ନାତୁଣୀ ଏବଂ ସମସ୍ତ ମିଉଲ ପରିବାର ଉପସ୍ଥିତ ଥିଲେ । ତାଙ୍କର ବଡ ପୁଅ ସଚିନ ଅଗ୍ରୱାଲ ମୁଖାଗ୍ନି ଦେଇଥିଲେ । ତାଙ୍କର ମୃତ୍ୟୁ ଖବରରେ ସଇଁତଲା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ମୃତ୍ୟୁ ଘଟଣା ଶୁଣି ପୂର୍ବତନ ସାଂସଦ ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ବଣିକ ସଂଘ ସଭାପତି ତରୁଣ ବେହେରା, କାର୍ଯ୍ୟରତ ସାମ୍ବାଦିକ ସଂଘ ସମ୍ପାଦକ ବିଶାଳ ଅଗ୍ରୱାଲ, ମାରୱାଡି ସମାଜ ସଭାପତି ରାଜକୁମାର ଅଗ୍ରୱାଲ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି ।

# ଅନୈତିକ କାର୍ଯ୍ୟକଳାପ ଯୋଗୁ ରିଜର୍ଭ ଗେଟ୍‌ରେ ଲାଗୁନି ସିସିଟିଭି

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ରିଜର୍ଭ ପଡିଆ ଠାରେ ଅନୈତିକ କାର୍ଯ୍ୟ ସହ ଚାଲିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ । ସୂଚନା ଅନୁଯାୟୀ ରିଜର୍ଭର ରିଜର୍ଭ ଇନ୍ସପେକ୍ଟର ବିରସିଂହ ଶବର ସମସ୍ତ କାର୍ଯ୍ୟକଳାପ ଜାଣି ଚୁପ୍ କାହିଁକି କୌଣସି ପଦକ୍ଷେପ ନେଉଁ ନାହାନ୍ତି ତାହା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ସୂଚନା ଅନୁସାରେ ଫୁଲବାଣୀର ପୂର୍ବ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକାଳରେ ଏପରି ଅନୈତିକ କାର୍ଯ୍ୟ ଏବଂ ରିଜର୍ଭରେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟି ନଥିବା ସାଧାରଣ ରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ସମସ୍ତ ଖଟିରେ ମଧ ଚର୍ଚ୍ଚା ଧରିଥିବା ଦେଖିବାକୁ ମିଳିଛି । କନ୍ଧମାଳ ଜିଲ୍ଲା ଏକ ମାଓ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ମୁଖ୍ୟାଳୟ ହେଉଛି ଫୁଲବାଣୀ । ଫୁଲବାଣୀ ରେ ରହିଛି ରିଜର୍ଭ। ସେହି ରିଜର୍ଭ ଗେଟ୍ ରେ ପ୍ରଶାସନ କେଉଁ କାରଣରୁ ସିସିଟିଭି ଲଗାଉ ନାହିଁ। ରିଜର୍ଭ ଭିତରେ କୌଣସି ଅନୈତିକ କାର୍ଯ୍ୟକଳାପ ଚାଲିଛିକି, ନା ମଦ୍ୟପାନ କରିବାରେ ଅସୁବିଧା ହେବ, ରିଜର୍ଭ କୁ ଯେଉଁ ସବୁ ଭାରି ଯାନ ଯାଉଛି ଏବଂ ଆସୁଚି ସେଥିରେ କିଛି ସନ୍ଦେହ ଜନକ ଜିନିଷ ଆମଦାନୀ ରପ୍ତାନି ହେଉଛି କି ? ଏହିପରି ସମସ୍ତ କଥାକୁ ଦୃଷ୍ଟିରେ ରଖି ଏହିସବୁ କାରଣରୁ ରିଜର୍ଭ ଗେଟ୍‌ରେ କୌଣସି ସିସିଟିଭି ଲଗାଯାଉନଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିବା ଜଣାପଡିଛି । ରିଜର୍ଭ ଏକ ସମ୍ବେଦନଶୀଳ ଜାଗା ହୋଇଥିବାବେଳେ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା, ସାଧାରଣ ଜନତା ପ୍ରତି କୁତ୍ସ ମନୋବୃତି, ଉପରିସ୍ଥ ଅଧିକାରୀଙ୍କ ପ୍ରତି କୌଣସି ସଦ୍‌ଭାବନା ନଥିବା ଏବଂ ତୁମେ ଯେ କୌଣସି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ କିଛି ହେବ ନାହିଁ ବୋଲି କହୁଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିବା ଜଣାପଡିଛି । ତେବେ ଏଠି ପ୍ରଶ୍ନ ଉଠୁଛି ଉପରିସ୍ଥ ଅଧିକାରୀଙ୍କ ପ୍ରତି କୌଣସି ସଦଭାବନା ନ ରଖିବା,ସାଧାରଣ ଜନତା ପ୍ରତି କୃତ୍ସ ମନୋବୃତ୍ତି, ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ କହିଲେ ଆମର କିଛି ଅସୁବିଧା ହେବ ନାହିଁ କହିଲେ କୁହନ୍ତୁ କହିବା, ଏହି ସବୁ କାର୍ଯ୍ୟପାଇଁ କାହା ବଳରେ ଏପରି ସାହସ ପାଉଛନ୍ତି ସାଧାରଣରେ ଚର୍ଚ୍ଚା ଜୋର ଧରି ଥିବାବେଳେ ପୂର୍ବ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକାଳ ଭିତରେ ଏପରି ଅମାନୁଷିକ କାର୍ଯ୍ୟକଳାପ ହେଉନଥିବା ସାଧାରଣରେ ଏବଂ ଖଟି ମନଙ୍କରେ ଚର୍ଚ୍ଚା ଜୋର ଧରିଛି । ରିଜର୍ଭ ରେ ସିସିଟିଭି ଲାଗିଲେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ସୂଚନା ମିଳିଛି । ତେବେ ସାଧାରଣରେ ଚର୍ଚ୍ଚା ହେଉଥିବା ସିସିଟିଭି ରିଜର୍ଭ ଗେଟ୍ ରେ କେବେ ଲାଗିବ ତାହା ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ସେହିପରି ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକା ଦିନରହି ପୋଲିସ କର୍ମଚାରୀ କାର୍ଯ୍ୟକାରୀ ଆରଆଇ ଓ କିଛି ଅଧିକାରୀ ଙ୍କୁ ଧରି ରାଜନୀତି କରିବା ସହିତ ଗୋଟିଏ ସ୍ଥାନରେ ରହୁଛନ୍ତି, ବିଭିନ୍ନ ସମୟରେ କାର୍ଯ୍ୟରେ ଅବହେଳା କରି ଚା ପାନ ଦୋକାନରେ ଗୁଲି ଖଟି କରି ପରୋକ୍ଷ ଭାବରେ ଗଞ୍ଜେଇ , ମଦୁଆ ମାନଙ୍କ ସହିତ ଆସର ବନାଇ ଚାଲୁଥିବାର ଦେଖାଯାଉଛି। ଏହା ସହିତ କୋର୍ଟରେ ପଡିଥିବା କର୍ମଚାରୀମାନେ ମଧ୍ୟ ନିଜମନ ମୁତାବକ ଅଭିଯୁକ୍ତ ମାନଙ୍କୁ ଖୋଲମ ଖୋଲା ପରିବାର ଲୋକଙ୍କୁ ଭେଟାଇ କିଛି ରୋଜଗାର କରୁଥିବାର ନଜିର ହେଉଛି। ସୁରକ୍ଷା, କାର୍ଯ୍ୟକୁ ଗୁରୁତ୍ୱ ନ ଦେଇଏହିପରି କାର୍ଯ୍ୟକଳାପ କରିବା ଦ୍ୱାରା ଧୀରେ ଧୀରେ ଉଚ୍ଚପଦସ୍ଥ ଅଧିକାରୀଙ୍କ କଥା କୁ ଗୁରୁତ୍ୱ ଦେଉନାହାନ୍ତି।



ପୁରୀ (ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଗତ କିଛିଦିନ ହେବ ଶ୍ରୀକ୍ଷେତ୍ର ପୁରୀରେ ପ୍ରବଳ ଗହଳି ଲାଗି ରହିଛି। ନୂଆବର୍ଷରେ ୫ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଗୁରୁବାର ମଧ୍ୟ ଶ୍ରୀକ୍ଷେତ୍ରରେ ପ୍ରବଳ ଗହଳି ଲାଗି ରହିଥିଲା। ମହାପ୍ରଭୁଙ୍କ ଝଲକ ଟିକେ ପାଇବା ପାଇଁ ଭକ୍ତ ବ୍ୟଗ୍ର ହୋଇ ଉଠିଥିବାବେଳେ ବଡ଼ଦାଣ୍ଡରେ ମଧ୍ୟ ଭକ୍ତଙ୍କ ଲମ୍ବା ଲାଇନ ଲାଗି ରହିଥିଲା। ଗତ ୩୧ ତାରିଖରୁ ଲାଗି ରହିଥିବା ଗହଳି ଏବେ ବି ଜାରି ରହିଛି। ନୂଆବର୍ଷରେ ୫ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବାବେଳେ ନୀତିକାନ୍ତିରେ ସମନ୍ୱୟ ରକ୍ଷା କରାଯାଇ ବିଳମ୍ବିତ ରାତିଯାଏ ଦର୍ଶନ ଚାଲିଥିଲା। ଦିନରେ ଅତ୍ୟଧିକ ଭିଡ଼ ହେବାରୁ ଠେଲାପେଲା ସ୍ଥିତି ମଧ୍ୟ ଉପୁଜିଥିଲା। ଭକ୍ତମାନେ ବ୍ୟାରିକେଡ୍ ଡେଇଁ ଶ୍ରୀମନ୍ଦିର ଭିତରକୁ ଧସେଇ ପଶିଥିବାବେଳେ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ସେହିପରି ପୁରୀରୁ ହଜାର ହଜାର ଗାଡ଼ି ଫେରୁଥିବାରୁ ପିପିଲି ଟୋଲଗେଟ୍‌ରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ଗୋଟିଏ ପଟେ ପୁରୀମୁହାଁ ଗାଡ଼ି ଓ ଅନ୍ୟପଟେ ପୁରୀରୁ ଫେରୁଥିବା ଗାଡ଼ି ଆସୁଥିବାରୁ ସ୍ଥିତି ଅସମ୍ଭାଳ ହୋଇଥିଲା। ଟୋଲଗେଟରେ ଫାଷ୍ଟଟ୍ୟାଗ୍‌ର ସୁବିଧା ଥିଲେ ବି ବହୁସଂଖ୍ୟକ ଗାଡ଼ି ଆସୁଥିବାରୁ ଘଣ୍ଟାଘଣ୍ଟା ଧରି ଛିଡ଼ା ହେବାକୁ ପଡିଥିଲା। ତେବେ ପୋଲିସ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ କରୁଥିବା ଦେଖିବାକୁ ମିଳିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସଂଗ୍ରାମୀମାନେ...

ଅଗରପଡାରେ ମେମୋରିଆଲ ପ୍ରତିଷ୍ଠା, ତାଙ୍କ ଜୀବନୀ ଉପରେ ଗବେଷଣା ଆଦି ଅନେକ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ କରାଯିବ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଭାରତର ସ୍ୱାଧୀନତା ସଂଗ୍ରାମ ସ୍ୱତନ୍ତ୍ର ଓ ଅନନ୍ୟ । ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମର ମୁଖ୍ୟଧାରା ବିଷୟରେ ଆମେ ସମସ୍ତେ ଜାଣିଛେ । କିନ୍ତୁ, ଏହା ସହିତ ଭାରତ ବର୍ଷରେ ଅହୁରି ଅନେକ ମହାନ ବ୍ୟକ୍ତି ନିଜ ନିଜ ବିଚାରଧାରାରେ ଆନ୍ଦୋଳନ କରୁଥିଲେ । ଆମେ ସେମାନଙ୍କ କଥା ଜାଣିନାହୁଁ । ଇତିହାସରେ ସେମାନେ ସଠିକ୍ ଭାବେ ସ୍ଥାନୀତ ହୋଇ ନାହାନ୍ତି । ଏହି ବୀର ସଂଗ୍ରାମୀମାନେ ନିଜ ପାଇଁ କିମ୍ବା ଇତିହାସ ପୃଷ୍ଠାରେ ସ୍ଥାନ ପାଇବା ପାଇଁ ପ୍ରାଣବଳୀ କିମ୍ବା ତ୍ୟାଗ ଦେଇନଥିଲେ । ତାଙ୍କ ପାଇଁ ଦେଶ ଓ ଦେଶର ସ୍ୱାଧୀନତା ସବୁକିଛି ଥିଲା । ଆଜି ସମୟ ଆସିଛି ଜନସାଧାରଣ ତାଙ୍କ ବିଷୟରେ ଜାଣିବା ପାଇଁ । କାରଣ ଏକ ସମାଜ ପାଇଁ ତା'ର ଇତିହାସ ହେଉଛି ସବୁଠାରୁ ବଡ ଶିକ୍ଷା । ଯଦି ଆମେ ଆମର ଇତିହାସକୁ ସ୍ମରଣ ନକରିବା ତେବେ ଆମର ବର୍ତ୍ତମାନ ମୂଲ୍ୟହୀନ ଓ ଭବିଷ୍ୟତ ଅନ୍ଧକାରମୟ ହେବ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଇତିହାସର ଏହି ଭୁଲକୁ ସୁଧାରିବା ପାଇଁ ୨୦୧୪ ମସିହା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ଉଦ୍ୟମ ଆରମ୍ଭ ହୋଇଛି । ଏପରି ନାମହୀନ, ପରିଚୟହୀନ ମହାପୁରୁଷ ଏବଂ ବରପୁତ୍ରୀ ମାନଙ୍କୁ ଯଥୋଚିତ ସମ୍ମାନ ଦେବା ସହ ସେମାନଙ୍କୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି । ଯାହାଫଳରେ ଆମେ ସାରା ଭାରତବର୍ଷରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଜାଣିପାରୁଛୁ । ନିକଟରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପେ ନାମିତ କରିଛନ୍ତି । ଆମ ରାଜ୍ୟରେ ବରଗଡ ଜିଲ୍ଲାର ମହାନ ସ୍ୱାଧୀନତା ସଂଗ୍ରାମୀ ଶହିଦ୍ ମାଧୋ ସିଂହଙ୍କ ତ୍ୟାଗ ଓ ବଳିଦାନର ସମ୍ମାନାର୍ଥେ ଶହିଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଆମେ ଆରମ୍ଭ କରିବାକୁ ଯାଉଛୁ। ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା ସମସ୍ତ ବରପୁତ୍ର ମାନଙ୍କୁ ସମ୍ମାନ ଦେବାରେ ଆମ ସରକାର କେବେହେଲେ ଅବହେଳା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ମହୋତ୍ସବରେ ଦେଶର ୧୦ଟି ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଦାୟଦ ମାନେ ଯୋଗ ଦେଇଥିଲେ । ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଏହି ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀ ସଦନ ପରିସରରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ସହ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ତଥା ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପୃଥ୍ୱୀରାଜ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ । ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବିଶିଷ୍ଟ ସ୍ୱାଧନତା ସଂଗ୍ରାମୀ ତଥା ମହୋତ୍ସବର ସଭାପତି ବିମ୍ବାଧର ମୁଦୁଲି, ସାଂସଦ ଭର୍ତ୍ତୃହରି ମହତାବ, ବିରୋଧୀ ଦଳ ଉପ-ନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂହ, ବିଧାୟକ ସାରଦା ପ୍ରଧାନ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ସେମାନଙ୍କର ଅଭିଭାଷଣ ରଖିଥିଲେ ।

**PUBLIC NOTICE**

NOTICE is hereby given that the below mentioned Authorised Person is no longer affiliated as Authorised Person of Kotak Securities Limited.

| Authorised Person Name | Trade Name | Exchange Registration Numbers of Authorised Person | Address of Authorised Person |
|---|---|---|---|
| Deepak Bej | Deepak Bej | NSE - AP0291114521<br>BSE - AP01067301122451<br>NCDEX - 124421<br>MCX - 145281 | Godisahi Angarbandha Khalari Anugul Angul 759132 |

Please note that above mention Authorised Person (AP) is no longer associated with us. Any person henceforth dealing with above mention AP should do so, at their own risk. Kotak Securities Ltd. shall not be liable for any such dealing. In case of any queries for the transactions till date, Investors are requested to inform Kotak Securities Ltd. within 15 days from the date of this notification, failing which it shall be deemed that there exists no queries against the above mentioned AP.

kotak Kotak Securities Kotak Securities Limited. Registered Office: 27 BKC, C 27, G Block, Bandra Kurla Complex, Bandra (E), Mumbai 400051. CIN: U99999MH1994PLC134051, Telephone No.: +22 43360000, Fax No.: +22 67132430. Website: www.kotak.com / www.kotaksecurities.com. Correspondence Address: Infinity IT Park, Bldg. No 21, Opp. Film City Road, A K Vaidya Marg, Malad (East), Mumbai 400097. Telephone No: 42856825. SEBI Registration No: INZ000200137(Member of NSE, BSE, MSE, MCX & NCDEX), AMFI ARN 0164, PMS INP000000258 and Research Analyst INH000000586. NSDL/CDSL: : IN-DP-629-2021. Compliance Officer Details: Mr. Hiren Thakkar Call: 022 -4285 8484, or Email: ks.compliance@kotak.com.

**ଫର୍ମ ଏ**

**ସର୍ବସାଧାରଣ ଘୋଷଣା**

(ଇନସଲଭେନ୍ସି ଓ ବ୍ୟାଙ୍କରପ୍ଟସି ବୋର୍ଡ ଅଫ ଇଣ୍ଡିଆ (ଇନସଲଭେନ୍ସି) ରିଜୋଲ୍ୟୁସନ ପ୍ରୋସେସ ଫର କର୍ପୋରେଟ ପର୍ସନ) ରେଗୁଲେସନ ୨୦୧୬ର ରେଗୁଲେସନ ୬

**ଭୁବନେଶ୍ୱର ଏକ୍ସପ୍ରେସ୍ ୱେ ପ୍ରାଇଭେଟ ଲିମିଟେଡର କ୍ରେଡିଟର୍ସଙ୍କ ଦୃଷ୍ଟି ଆକର୍ଷଣ ପାଇଁ**

ପ୍ରାସଙ୍ଗିକ ବିବରଣୀ

| | | |
|---|---|---|
| ୧ | କର୍ପୋରେଟ ଋଣକର୍ତ୍ତାଙ୍କ ନାମ | ଭୁବନେଶ୍ୱର ଏକ୍ସପ୍ରେସ୍ ୱେ ପ୍ରାଇଭେଟ୍ ଲିମିଟେଡ୍ |
| ୨ | କର୍ପୋରେଟ ଋଣକର୍ତ୍ତାଙ୍କ ଇନକର୍ପୋରେସନ ତାରିଖ | ୦୨.୦୭.୨୦୧୦ |
| ୩ | ଅଥରିଟ କେଉଁ କର୍ପୋରେଟ ଅଧୀନରେ ଇନର୍ପୋରେଟେଡ /ପଞ୍ଜିକୃତ | କମ୍ପାନିଜ ରେଜିଷ୍ଟ୍ରାର, ଦିଲ୍ଲୀ |
| ୪ | କର୍ପୋରେଟ ଆଇଡେଣ୍ଟି ନଂ/ଲିମିଟେଡ ଲାଇବିଲିଟ/କର୍ପୋରେଟ ଋଣକର୍ତ୍ତାଙ୍କ ପରିଚୟ | ୟୁ୪୫୨୦୦ଡିଏଲ୨୦୧୦ପିଟିସି୨୦୫୧୨୧ |
| ୫. | କର୍ପୋରେଟ୍ ଋଣକର୍ତ୍ତାଙ୍କ ରେଜିଷ୍ଟ୍ରାର ଅଫିସର ଠିକଣା ଓ ପ୍ରିନ୍ସପାଲ ଅଫିସ (ଯଦି କିଛି ଥାଏ)ର ଠିକଣା | ଡି୪୨୭,ଦ୍ୱିତୀୟ ପହଲା, ରାମଫାଲ ଚୌକ, ପାଲାମ ଏକ୍ସଟେନସନ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୫ |
| ୬. | କର୍ପୋରେଟ ଋଣକର୍ତ୍ତାଙ୍କର ଇନସଲଭେନ୍ସି କମେନ୍ସମେଣ୍ଟ ତାରିଖ | ୦୧.୦୧.୨୦୨୫ ସମ୍ମାନୀୟ ନ୍ୟାସନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲର ୦୯.୧୨.୨୦୨୪ର ନିର୍ଦ୍ଦେଶନାମା, ଯାହାକି ନ୍ୟାସନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲର ୱେବସାଇଟରେ ୦୧.୦୧.୨୦୨୫ରେ ଉପଲବ୍ଧ |
| ୭. | ଇନସଲଭେନ୍ସି ରିଜୋଲ୍ୟୁସନ ପ୍ରୋସେସ୍‌ର କ୍ଲୋଜର ଏଷ୍ଟିମେଟ୍ ତାରିଖ | ୩୦.୦୬.୨୦୨୫ |
| ୮. | ଇନସଲଭେନ୍ସି ପ୍ରଫେସନାଲ ଆକ୍ଟିଂ ଇଣ୍ଟେରିମ୍ ରିଜୋଲ୍ୟୁସନ | ମୋନିକା ଅଗ୍ରୱାଲ, ଆଇବିବିଆଇ/ଆଇପିଏ-୦୦୧/ଆଇପି-ପିଓ୧୧୩୭/୨୦୧୮-୨୦୧୯/୧୧୮୬୬ |
| ୯. | ଇଣ୍ଟରିମ ରିଜୋଲ୍ୟୁସନ ପ୍ରଫେସନାଲ ବୋର୍ଡ ସହିତ ପଞ୍ଜିକୃତର ଠିକଣା ଓ ଇ-ମେଲ୍ | ୨୦୫, ଚୋପ୍ରା କଂପ୍ଲେକ୍ସ ୮, ପ୍ରୀତ ବିହାର କମ୍ୟୁନିଟି ସେଣ୍ଟର, ଦିଲ୍ଲୀ-୧୧୦୦୯୨ cacsmonika.agarwal@gmail.com |
| ୧୦. | ଯୋଗାଯୋଗ ସହିତ ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲ ପାଇଁ ଠିକଣା ଓ ଇ-ମେଲ ବ୍ୟବହାର କରିବାକୁ | ୨୦୫, ଚୋପ୍ରା କଂପ୍ଲେକ୍ସ ୮, ପ୍ରୀତ ବିହାର କମ୍ୟୁନିଟି ସେଣ୍ଟର, ଦିଲ୍ଲୀ-୧୧୦୦୯୨ bepl.cirp@gmail.com |
| ୧୧. | ଦାବିର ଦାଖଲ ପାଇଁ ଶେଷ ତାରିଖ | ୧୫.୦୧.୨୦୨୫ |
| ୧୨. | କ୍ଲାସେସ ଅଫ କ୍ରେଡିଟର୍ସ, ଯଦି କିଛି, କ୍ଲଜ୍ (ବି) ସବ୍‌ସେକ୍ସନ (୬ଏ) ଧାରା ୨୧ ଇଣ୍ଟରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଦ୍ୱାରା ନିଶ୍ଚିତ | ପ୍ରଯୁଜ୍ୟ ନୁହେଁ |
| ୧୩. | ଇନ୍ ସଲଭେନ୍ସି ପ୍ରଫେସନାଲ୍ସ ଚିହ୍ନଟ ଋଣକର୍ତ୍ତାଙ୍କ ଅଧିକୃତ ପ୍ରତିନିଧି (ପ୍ରତି କ୍ଲାସ ପାଇଁ ୩ ନାମ) ର ନାମ | ପ୍ରଯୁଜ୍ୟ ନୁହେଁ |
| ୧୪. | (ଏ) ପ୍ରାସଙ୍ଗିକ ଫର୍ମସ ଓ (ବି) ଅଧିକୃତ ପ୍ରତିନିଧିମାନେ ବର୍ତ୍ତମାନ ଉପଲବ୍ଧ ଓ ସବିଶେଷ | ଏ) ୱେବ୍ ଲିଙ୍କ : https://ibbi.gov.in/en/home/owonload ଶାରୀରିକ ଠିକଣା: ୨୦୫, ଚୋପ୍ରା କଂପ୍ଲେକ୍ସ ୮, ପ୍ରୀତ ବିହାର କମ୍ୟୁନିଟି ସେଣ୍ଟର, ଦିଲ୍ଲୀ-୧୧୦୦୯୨ ବି) ପ୍ରଯୁଜ୍ୟ ନୁହେଁ |

ଏତଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ମାନ୍ୟବର ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲ, ନୂଆଦିଲ୍ଲୀ ନିର୍ଦ୍ଦେଶନାମା ଅନୁଯାୟୀ ଭୁବନେଶ୍ୱର ଏକ୍ସପ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍ ଏହାର ନିର୍ଦ୍ଦେଶନାମା ତାରିଖ ୦୯.୧୨.୨୦୨୪ରେ କର୍ପୋରେଟ୍ ଇନସଲଭାନ୍ସି ରିଜୋଲ୍ୟୁସନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯାହାର ଏକକିତା ନକଲ ମାନ୍ୟବର ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲଙ୍କ ୦୧.୦୧.୨୦୨୫ରେ ୱେବସାଇଟ୍‌ରେ ଉପଲବ୍ଧ।
ଭୁବନେଶ୍ୱର ଏକ୍ସପ୍ରେସ୍ ୱେ ପ୍ରାଇଭେଟ୍ ଲିମିଟେଡ୍‌ର ଋଣକର୍ତ୍ତାଙ୍କୁ ଏତଦ୍ୱାରା ଆହ୍ୱାନ କରାଯାଉଛି କି ପ୍ରମାଣ ସହିତ ଇଣ୍ଟେରିମ୍ ରିଜୋଲ୍ୟୁସନ ପ୍ରଫେସନାଲଙ୍କୁ ଉଲ୍ଲେଖିତ ଠିକଣାରେ ୧୫.୦୧.୨୦୨୫ ଦିନ କିମ୍ବା ପୂର୍ବରୁ ଦାବି ଦାଖଲ କରିବାକୁ ଜଣାଇ ଦିଆଯାଉଛି। ଯାହାକି ଏଣ୍ଟ୍ରି ନମ୍ବର ୧୦ରେ ଉପଲବ୍ଧ।
ଫାଇନାନ୍ସିଆଲ କ୍ରେଡିଟର୍ସ ପ୍ରମାଣ ସହିତ ସେମାନଙ୍କର ଦାବି ଇଲେକ୍ଟ୍ରୋନିକ୍ସ ମିଞ୍ଚ ଦ୍ୱାରା କେବଳ ଦାଖଲ କରିପାରିବେ । ଅନ୍ୟ ସମସ୍ତ ଋଣକର୍ତ୍ତା ଦାବିର ପ୍ରମାଣ ବ୍ୟକ୍ତିଗତ ଭାବେ, ଡାକଦ୍ୱାରା କିମ୍ବା ଇଲେକ୍ଟ୍ରୋନିକ୍ସ ମିଞ୍ଚ ଦ୍ୱାରା ଦାଖଲ କରିପାରିବେ ।
ଫାଇନାନ୍ସିଆଲ କ୍ରେଡିଟର ଯେକୌଣସି ଶ୍ରେଣୀର, ଯାହାକି ଏଣ୍ଟ୍ରିନମ୍ବର ୧୨ରେ ତାଲିକାଭୁକ୍ତ, ସେମାନେ ନିଜର ଚଏସ୍ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ଏବଂ ସେମାନଙ୍କ ମଧ୍ୟରୁ ୩ଜଣ ଇନସଲଭେନ୍ସି ପ୍ରଫେସନାଲ ଏଣ୍ଟ୍ରି ନଂ ୧୩ରେ ସାମିଲ ହେବାପାଇଁ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଫର୍ମ ସିଏ (ଏନଏ)ରେ ଦାଖଲ କରିପାରିବେ।
ମିଥ୍ୟା ତଥ୍ୟା ଅସତ୍ୟ ପ୍ରମାଣ ଦଣ୍ଡକୁ ଆମନ୍ତ୍ରଣ କରିବା।
ସିଏ ମୋନିକା ଅଗ୍ରୱାଲ
ଭୁବନେଶ୍ୱର ଏକ୍ସପ୍ରେସ୍ ୱେ ପ୍ରାଇଭେଟ୍ ଲିମିଟେଡ୍ (ସିଆଇଆରପି ଅଧୀନରେ)ର ମଧ୍ୟବର୍ତ୍ତିକାଳୀନ ରିଜୋଲ୍ୟୁସନ ପ୍ରଫେସନାଲ
ଆଇବିବିଆଇ ରେଜିଷ୍ଟ୍ରେସନ ନଂ: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପିଓ ୧୧୩୭/୨୦୧୮-୧୯/୧୧୮୬୬
ଏଏଫଏ ଭାଲିଡ୍ ଅପ୍‌ଟୁ: ୩୧.୧୨.୨୦୨୫
ଆଇବିବିଆଇ ରେଜିଷ୍ଟ୍ରର ଠିକଣା: ୨୦୫,ଚୋପ୍ରା କଂପ୍ଲେକ୍ସ ୮, ପ୍ରୀତବିହାର, କମ୍ୟୁନିଟି ସେଣ୍ଟର, ନୂଆଦିଲ୍ଲୀ
bepl.cirp@gmail.com(process specific)
cacsmonika.agarwal@gmail.com(registered with IBBI)
ମୋବାଇଲ ନଂ: ୯୮୭୩୯୨୪୦୮୭
ତାରିଖ: ୦୩/୦୧/୨୦୨୫
ସ୍ଥାନ: ନୂଆଦିଲ୍ଲୀ

## ଖେଳରତ୍ନ ପୁରସ୍କାର ଘୋଷଣା

# ୪ କ୍ରୀଡ଼ାବିତ୍‌ଙ୍କୁ ମିଳିବ ଖେଳରତ୍ନ ପୁରସ୍କାର



ନୂଆଦିଲ୍ଲୀ : ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଖେଳ ରତ୍ନ ପୁରସ୍କାର ଘୋଷଣା କରିଛି। ମନୁ ଭାକର, ଡି ଗୁକେଶଙ୍କ ବ୍ୟତୀତ ପ୍ରବୀଣ କୁମାରଙ୍କୁ ମଧ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଏଥର ଖେଳରତ୍ନ ବା ଅର୍ଜୁନ ପୁରସ୍କାର ପାଇଁ ଚୟନ ହୋଇଥିବା ଖେଳାଳିଙ୍କ ମଧ୍ୟରେ କୌଣସି କ୍ରିକେଟରଙ୍କ ନାଁ ନାହିଁ। ଏନେଇ କ୍ରୀଡ଼ା ମନ୍ତ୍ରାଣାଳୟ ପକ୍ଷରୁ ଜାରି ହୋଇଥିବା ଏକ ବିବୃତିରେ କୁହାଯାଇଛି ଯେ କମିଟିର ସୁପାରିଶ ଓ ଯାଞ୍ଚ ପରେ ସରକାର ଏହି କ୍ରୀଡ଼ାବିତ, କୋଚ୍, ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥାକୁ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯୋଗ୍ୟ ୨୦୨୪ ପାଇଁ ଖେଳରତ୍ନ ସହିତ ୩୨ଜଣଙ୍କୁ ଅର୍ଜୁନ ପୁରସ୍କାର ଏବଂ ତିନିଜଣ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି ମଧ ତିନୋଟି ବିଶ୍ୱବିଦ୍ୟାଳୟ ନାଁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ, ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ନିଜର ଅଧିନାୟକତ୍ୱରେ ହକି ଦଳ ପାଇଁ ବ୍ରୋଞ୍ଜ ପଦକ ଜିତାଇଥିବା ହରମନପ୍ରୀତ ସିଂ ମଧ ଖେଳ ରତ୍ନ ପାଇବେ। ସମ୍ମାନ ସମାରୋହ ୧୭ ଜାନୁଆରୀ ୨୦୨୫ରେ ରାଷ୍ଟ୍ରପତି ଭବନରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। କମିଟିଗୁଡିକ ଦେଇଥିବା ସୁପାରିଶକୁ ଭିତ୍ତି କରି ସରକାର ମନୁ ଭାକର, ଡି ଗୁକେଶ, ହରମନପ୍ରୀତ ସିଂ ଏବଂ ପାରା ଆଥଲେଟ ପ୍ରବୀଣ କୁମାରଙ୍କୁ ଖେଳ ରତ୍ନରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ କିଛି ଦିନ ପୂର୍ବେ ମନୁ ଭାକରଙ୍କ ନାମ ଖେଳ ରତ୍ନ ପୁରସ୍କାର ପାଇବାକୁ ସୁପାରିଶ ହୋଇଥିବା ଆଥଲେଟ ତାଲିକାରେ ଅନ୍ତର୍ଭୁକ୍ତ ହୋଇନଥିବା ବେଳେ ବିବାଦ ଉପୁଜିଥିଲା। ତେବେ ପରେ ମନୁ ନିଜେ ସ୍ୱୀକାର କରିଥିଲେ ଯେ ବୋଧହୁଏ ତାଙ୍କ ତରଫରୁ କିଛି ଭୁଲ ହୋଇଛି। ପ୍ୟାରିସ ଅଲିମ୍ପିକ୍ସରେ ଶୁଟିଂରେ ୨ ପଦକ ଜିତି ମନୁ ଭାକର ଇତିହାସ ସୃଷ୍ଟି କରିଥିଲେ। ଏହା କରି ସମାନ ଅଲିମ୍ପିକ୍ସର ଏକକ ପ୍ରତିଯୋଗିତାରେ ସେ ଦୁଇଟି ଭିନ୍ନ ପଦକ ଜିତିଥିବା ପ୍ରଥମ ଭାରତୀୟ ଆଥଲେଟ ହୋଇଥିଲେ। ସେହିଭଳି ହରମନପ୍ରୀତ ସିଂ ତାଙ୍କ ଅଧିନାୟକତ୍ୱରେ ଭାରତୀୟ ହକି ଦଳକୁ ବ୍ରୋଞ୍ଜ ପଦକ ଦେଇଥିଲେ। କ୍ରମାଗତ ଦ୍ୱିତୀୟ ଥର ପାଇଁ ଭାରତ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲା। ସେହିପରି ଡି ଗୁକେଶ କିଛି ସପ୍ତାହ ପୂର୍ବରୁ ଚେସ ଇତିହାସରେ ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ ହୋଇଥିଲେ। ସେ ମାତ୍ର ୧୮ ବର୍ଷ ବୟସରେ ବିଶ୍ୱ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ସୂଚନାଯୋଗ୍ୟ ଯେ, ଖେଳ ରତ୍ନ ପୁରସ୍କାର ଜିତିଥିବା ଖେଳାଳିଙ୍କୁ ନଗଦ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହ ସେମାନଙ୍କୁ ପଦକ ଏବଂ ପ୍ରମାଣପତ୍ର ମଧ ଦିଆଯିବ। ୨୦୨୦ ପର୍ଯ୍ୟନ୍ତ, ଖେଳ ରତ୍ନ ପାଉଥିବା ଖେଳାଳିଙ୍କୁ କେବଳ ୭.୫ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳୁଥିଲା, କିନ୍ତୁ ମୋଦି ସରକାର ଏହାକୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି।

## ପୁଣି ରେଳଟ୍ରାକ୍ ଉଡାଇବାକୁ ଷଡ଼ଯନ୍ତ୍ର

କାନପୁର: ରେଳ ଦୁର୍ଘଟଣା ଘଟାଇବା ପାଇଁ ପୁଣିଥରେ ଷଡ଼ଯନ୍ତ୍ର। ଟ୍ରାକ୍ ଉପରୁ ମିଳିଲା ଗ୍ୟାସ୍ ସିଲିଣ୍ଡର। ଉତ୍ତରପ୍ରଦେଶର କାନପୁରରେ ଏଭଳି ଅଘଟଣ ଦେଖିବାକୁ ମିଳିଛି। କାନପୁରର ଶିବରାଜପୁର ଅଞ୍ଚଳରେ ଟ୍ରାକ୍ ଉପରୁ ୫ କିଲୋଗ୍ରାମର ଏକ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏହି ଗ୍ୟାସ୍ ସିଲିଣ୍ଡରଟି ଖାଲିଥିଲା ଏବଂ ଏକ ବ୍ୟାଗ୍‌ରେ ରଖାଯାଇଥିଲା। ଶିବରାଜପୁର ଷ୍ଟେସନର ପ୍ରାୟ ୧୦୦ ମିଟର ଦୂରରୁ ଏହି ସିଲିଣ୍ଡର ଠାବ କରାଯାଇଥିଲା। ବୁଧବାର ସକାଳେ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ଏହାପରେ ଯାଞ୍ଚ ପାଇଁ ଏକ ଟିମ୍ ମଧ୍ୟ ଗଠନ କରାଯାଇଛି। ରେଳ କର୍ମଚାରୀ ରମେଶଚନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଫାରୁଖାବାଦ ପୋଲିସ ଷ୍ଟେସନରେ ଏକ ଏତଲା ମଧ୍ୟ ଦିଆଯାଇଛି। ବାରମ୍ବାର ରେଳ ଟ୍ରାକ୍‌ରେ ଏଭଳି ଅଘଟଣ ଘଟିବାକୁ ଯାତ୍ରୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଚାରିମାସ ପୂର୍ବେ ଉକ୍ତ ଅଞ୍ଚଳରେ ଟ୍ରାକ୍‌ରେ ସିଲିଣ୍ଡର ରଖାଯାଇଛି କାଳିନ୍ଦି ଏକ୍ସପ୍ରେସ୍‌କୁ ଓଲଟାଇବା ପାଇଁ ଚେଷ୍ଟା କରାଯାଇଥିଲା। ସେହିପରି ଗତବର୍ଷ ସେପ୍ଟେମ୍ବର ୮ ତାରିଖରେ ଶିବରାଜପୁର ଷ୍ଟେସନଠାରୁ ଏକ କିଲୋମିଟର ଦୂରରେ ଟ୍ରାକ୍‌ରେ କିଛି ବିସ୍ଫୋରକ ସାମଗ୍ରୀ ସହ ଏକ ଏଲପିଜିର ବଡ ସିଲିଣ୍ଡର ମଧ୍ୟ ମିଳିଥିଲା। ଏଟିଏସ୍ ଏହି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ କୌଣସି ସଫଳତା ହାସଲ କରିପାରି ନାହିଁ । ଅନ୍ୟପକ୍ଷରେ କାନପୁରର ପ୍ରେମପୁର ଷ୍ଟେସନରେ ରେଳ ଲାଇନ ମଧ୍ୟରେ ୫ କିଲୋଗ୍ରାମର ଗ୍ୟାସ୍ ସିଲିଣ୍ଡର ରହିଥିବା ମଧ୍ୟ ଦେଖିବାକୁ ମିଳିଥିଲା।

**COMMON ENTRANCE EXAMINATION (CEE-WRITTEN EXAM) FOR TERRITORIAL ARMY (TA) RECRUITMENT RALLY HELD AT BIHAR REGIMENTAL CENTRE IN NOV - DEC 2024**

1. Refer advertisement published in 'Odisha Bhaskar' Vol 21 No 193, Bhubaneswar on Page No 5 on 10 Oct 2024 (Thursday) with respect to Territorial Army Recruitment (120 & 114 Inf Bns TA).

2. Common Entrance Examination (**CEE - Written Exam**) for the candidates **qualified** in Physicals and Medicals (Stage-I) in **Territorial Army (TA) Recruitment Rally** held from 12 Nov to 11 Dec 2024 at Bihar Regimental Centre, Danapur, Patna and issued with Admit Card will be conducted as under :-

(a) Date - **12 Jan 2025**

(b) Time - **10 AM to 12 Noon**.

(c) Centre - **Bihar Regimental Centre (BRC), Danapur, Patna**

3. Instructions for the Candidates.

(a) Candidates are required to report at **Barik Ground near Sainik Chowk**, Danapur Cantt **latest by 5 AM on 12 Jan 2025**. Eligible Candidates may report on 11 Jan 2025 at Reporting Centre, Barik Ground.

(b) Candidates are required to bring Admit Card and a Govt issued Photo ID proof alongwith Black/Blue ball point pen.

(c) Calculator, Logarithmic Tables, Phones, Smart watches /any electronic gadget are strictly prohibited.

**AFFIDAVIT**

I Manas Ranjan Pattanayak, S/o- Kishore Chandra Pattanayak, Resident of Plot No- 1982/ 1985, Near Baitalu Mandir, Po/PS- Old Town, Bhubaneswar, Pin-751002, Odisha declare by this affidavit No.73 dtd.-02/01/2025 that now onwards I shall be known as Manas Ranjan Pattanaik for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Champua dated 02.01.2025, I Laxmi Lugun, W/O- Sangram Kesari Lugun of village Chandrasekharpur, PO/ PS- Champua, Dist- Keonjhar, Declares that I have changed my name from Laxmi Munda to Laxmi Lugun. Henceforth, I shall be known as Laxmi Lugun in all purposes.

Sd- Laxmi Lugun

**AFFIDAVIT**

By virtue of an Affidavit Sworn Before The Executive Magistrate, Champua, CF No- 7495 dated 23.12.2024, I Niranjan Giri, S/O- late Nityananda Giri, of village/ PO- Gundunia, PS- Champua, Dist- Keonjhar declares that in the Aadhar Card of my son vide no- 2403 9630 6298, his name is wrongly written as Sebati Giri instead of Tapas Giri. That in this Adhar Card mother name is written as Sebati Giri in place of father name Niranjan Giri. That the affidavit will be produced before the concerned authority to make correction in the name of the Aadhar Card Holder as Tapas Giri, S/O- Niranjan Giri.

Niranjan Giri

O-1072

E-mail :- eerw_kuchinda@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

"e" Procurement Notice for Building Works
Bid Identification No Online Tender /08 / RWD, Kuchinda / 2024-25.

| | | |
|---|---|---|
| 1. | Name of the work | Building Works |
| 2. | Total Number of Works | 01 No. |
| 3. | Class of Contractor | C & D Class of Contractor |
| 4. | Period of Completion | 04 calendar months |
| 5. | Availability of Tender online For bidding | Dt.07.01.2025 to Dt.17.01.2025 |
| 6. | Last date & time of seeking tender clarification | Dt.16.01.2025 at 5.00 A.M |
| 7. | Date & time of opening of tender | Dt.18.01.2025 at 11.00 A.M |

- Other details can be seen from Detailed notice inviting Tenders, available in website www.tenderodisha.gov.in
- Corrigendum if any shall only be published in the above website.

Sd/-Superintending Engineer,
Rural Works Division,
Kuchinda

OIPR 25151/11/0015/2425

O-1125

Email:-rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**

Notice No. 3393 //Date: 30.12.2024

The1st corrigendum to Bid Identification No. DMGH / Online-10 of 2024-25

1. Finalization of all tender through Transparent Lottery or any other on dt.18.01.2025.
2. The Details of corrigendum as tabulated below for all works.

As per tender notice

| Procurement Officer | Bid Identification No | Availability of Tender online for bidding From | To | Last date & time of seeking tender clarification | Date & time of Opening of tender | Finalization of tender through Transparent Lottery or any other |
|---|---|---|---|---|---|---|
| 1 | 2 | 3 | 4 | 5 | 7 | |
| S.E.R.W. Division,Dharmagarh | DMGH/Online - 10 / 2024-25 | 02.01.2025 At 10.00 AM | 13.01.2025 Up to 5.00 PM | 08.01.2025 Up to 5.00 PM | 15.01.2025 11.00 AM | 22.01.2025 At 11.00AM |

As per corrigendum

| Procurement Officer | Bid Identification No | Availability of Tender online for bidding From | To | Last date & time of seeking tender clarification | Date & time of Opening of tender | Finalization of tender through Transparent Lottery or any other |
|---|---|---|---|---|---|---|
| 1 | 2 | 3 | 4 | 5 | 7 | |
| S.E.R.W. Division,Dharmagarh | DMGH/Online - 10 / 2024-25 | 04.01.2025 At 10.00 AM | 13.01.2025 Up to 5.00 PM | 08.01.2025 Up to 5.00 PM | 15.01.2025 11.00 AM | 18.01.2025 At 11.00AM |

All other terms and conditions are remain unchanged.

Yoursfaithfully
Sd/-Executive Engineer
Rural Works Division
Dharmagarh

OIPR 25100/11/0016/2425

A-810

**Government of Odisha,**
**Department of Water Resources**
**Office of the Superintending Engineer,**
**Main Dam Division, Burla**
**AT/PO-Burla, Dist.Sambalpur (Odisha) 768017**
Email ID: semaindamdivn@gmail.com,

Letter No. 15357 /Dated : 31.12.2024

Expression of Interest No.-e-06/2024-25

**EXPRESSION OF INTEREST**

**Expression of Interest for Supply, Installation, Testing and Commissioning of 01 no. 04 (four) passenger Elevator (Home lift) at Ashok Niwas, Burla, Sambalpur, Odisha**

The Superintending Engineer, Main Dam Division, Burla invites EXPRESSION OF INTEREST in sealed cover along with requisite documents are from reputed firms / manufacturers to provide Expression of Interest for **Supply, Installation, Testing and Commissioning of 01 no. 04 (four) passenger Elevator (Home lift) at Ashok Niwas, Burla.**

The Bid Document can be downloaded from the website: www.tendersorissa.gov.in / www.dowr.odisha.gov.in/www.sambalpur.odisha.gov.in. and available in the office of the Superintending Engineer, Main Dam Division, Burla on dated **07.01.2025 11.00 A.M. to 16.01.2025 upto 1.00 P.M**. The bidder has to submit the cost of document i.e. **Rs.6000/- (Rupees Six thousand) only** in shape of D.D. / Cash issued in favour of Superintending Engineer, Main Dam Division, Burla , payable at S.B.I. Burla with the technical bid and financial bid simultaneously . The last date of receipt of the sealed offers in the office of the Superintending Engineer, Main Dam Division, Burla, on dtd. **16.01.2025 up to 4.00 PM** by **Speed Post/ Registered Post/ drop box** only. The "Technical & Technical Bids" will be opened at **dt.17.01.2025 11.00 AM** in presence of the bidders or their authorized representatives.

The bidders have to submit documents as specified along with technical bid in conformity with the detail terms & conditions in bid documents.

**The authority reserves the right to accept or reject any or all the offers without assigning any reason thereof.**

Sd/- Superintending Engineer,
Main Dam Division, Burla

OIPR 32017/11/0006/2425

O-1097

e-mail ID- rw_sambalpur@yahoo.co.in
Phone No.0663-2401850

No. 5704 dated.30.12.2024

Government of Odisha "e" procurement Notice

Bid Identification No. TENDER ONLINE SBPR- 09 OF 24-25

| | | |
|---|---|---|
| 1. | Name of the work | Road Works as per DTCN available in the website. www.tendersodisha.gov.in |
| 2. | Total No. of Work | 01 (One) No. |
| 3. | Estimated Cost | Varies from Rs.5.03 lakhs |
| 4. | Period of Completion | 01(One) Calendar months |
| 5. | Period and time of availability of bid document in the portal for bidding | 03.01.25 at 11.00AM to 09.01.25 up to 5.00 PM |
| 6. | Date and time of opening of Tender | 10.01.2025 at 11.00AM |
| 7. | Name and address of the officer inviting bid | S.E.R.W. Divn. Sambalpur |

(1) Other details can be seen from detailed notice inviting tenders, available in website www.tendersodisha/gov.in
(2) Corrigendum if any shall only be published in the website: www.tenderodisha.gov.in

Sd/-Additional Chief Engineer
Rural Works Division,
Sambalpur

OIPR 25076/11/0010/2425

O-1114

By e Despatch/ By e-Mail
E-Mail- serwcirclesbp@yahoo.com

ଓଡିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର

Office order No. 3696 // Dated. 27.12.2024

2nd corrigendum

Bid Identification No.Road Tender Online RWCSBP-08/2024-25.

Following modifications are hereby made to the notice inviting tender vide this office Bid ID No Road Tender Online RWCSBP-08/2024-25.

1. The availability of tender online for bidding may be read as 30.12.2024 from 11.00 AM to 13.01.2025 up to 5.00PM instead of from 23.12.2024 from 11.00 AM to 06.01.2025 up to 5.00 PM.
2. The last date & time for seeking clarification may be read as 10.01.2025 up to 5.00 PM instead of 04.01.2025 up to 5.00 PM.
3. The date & time of technical opening bid may be read as 15.01.2025 at 11.00 AM instead of 07.01.2025 at 11.00 AM.

All other terms and condition remain unchanged.

Sd/- Chief Construction Engineer,
R.W. Circle, Sambalpur.

OIPR 25091/11/0024/2425

L-131

"e" PROCUREMENT NOTICE REFERENCE NO-E.E.(A).MAYURBHANJ DIVISION, BARIPADA-04/24-25

No. 2053 Date. 31.12.2024

Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.

1. No of work :- 1
2. Estimated Cost :- Rs. 33,66,705.00
3. Period of completion :- 5 calendar months
4. Date & time of availability of the bid documents in portal :- Dt. 03.01.2025 at 10.30 AM to Dt. 15.01.2025 at 5.30 PM
5. Online Submission Last date in portal :- Dt. 15.01.2025 at 5.30 PM
6. Last date & time receipt of bids in offline drop :- Dt. 04.01.2025 at 10.30 AM to Dt. 16.01.2025 at 5.30 PM
7. Bids received online shall be opened on :- Dt. 17.01.2025 at 11.00 AM
8. Name and address of the officer inviting Bids :- Executive Engineer (Agril.) Mayurbhanj Division, Baripada

Further details can be seen/ downloaded from the procurement portal i.e . https://tenderodisha.gov.in.

Sd/-Executive Engineer (Agril.)
Mayurbhanj Division, Baripada

OIPR 01474/11/0004/2425

**OFFICE OF THE MUNICIPAL COUNCIL: BRAJRAJNAGAR**

C-1385

E-Procurement Notice

Bid Identification No.:- BRJNRM-05/2024-25.
Total No. of Works:- 143Nos.
Tender ID:-**2025_ORULB_108954**
Tender Value:- Rs.2.00 Lakhs to 48.53 Lakhs
Bid security:- Rs.2,000.00 to Rs.48,530.00
Tender opening date: - 15th January 2025, 11:00 A.M.
Bidders are requested to participate in advance with their Class-II, Class-III and Class-IV Contractor DSC before the closing date.
Further details please visit: - www.tendersodisha.gov.in

Sd/-Executive Officer
Brajrajnagar Municipality.

OIPR 13099/11/0021/2425

ଓଡ଼ିଶା ଭାସ୍କର
ODISHA BHASKAR

# ଜାତୀୟ ଓ ଅନ୍ତର୍ଜାତୀୟ





ଢାକା: ବାଂଲାଦେଶର ହିନ୍ଦୁ ନେତା ତଥା ଇସ୍କନ ସାଧୁ ଚିନ୍ମୟକୃଷ୍ଣ ଦାସଙ୍କୁ ଦେଶଦ୍ରୋହ ଅଭିଯୋଗରେ ନଭେମ୍ବର ୨୫ ତାରିଖରେ ଢାକା ପୁଲିସ୍ ଗିରଫ କରିଥିଲା। ଜାନୁଆରି ୨ ରେ ବାଂଲାଦେଶର ଚଟ୍ଟଗ୍ରାମର ଏକ କୋର୍ଟ ଜେଲରେ ଥିବା ହିନ୍ଦୁ ସାଧୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଢାକାରୁ ଚଟ୍ଟଗ୍ରାମ ଯାଇଥିବା ସୁପ୍ରିମ୍‌କୋର୍ଟର ଏକ ୧୧ ଜଣିଆ ଓକିଲ ଦଳ ଜାମିନ ଆବେଦନକୁ ନେଇ ପ୍ରାୟ ୩୦ ମିନିଟ୍ ଧରି ଯୁକ୍ତି ବାଢ଼ିଥିଲେ। ୩୦ ମିନିଟ୍‌ର ଯୁକ୍ତି ପରେ ମେଟ୍ରୋପଲିଟାନ୍ ସେସନ୍ସ ଜଜ୍ ଏମ ସାଇଫୁଲ ଇସଲାମ ଚିନ୍ମୟ ଦାସଙ୍କ ଜାମିନ୍ ଆବେଦନକୁ ଖାରଜ କରିଛନ୍ତି। ବାଂଲାଦେଶର ପୂର୍ବତନ ଡେପୁଟି ଆଟର୍ଣ୍ଣି ଜେନେରାଲ ଥିବା ଅପୂର୍ବା କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ କୋର୍ଟରେ ଆମର ଯୁକ୍ତି ଉପସ୍ଥାପନ କରିଛୁ। କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଆମେ ହାଇକୋର୍ଟକୁ ଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବୁ। ଦୈନିକ ଷ୍ଟାର ଅନୁଯାୟୀ ଚିନ୍ମୟ କୃଷ୍ଣ ଦାସଙ୍କୁ ଗୁରୁବାର କୋର୍ଟରେ ହାଜର କରାଯାଇ ନାହିଁ।

### ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ମୋଦୀଙ୍କ ଘୋଷଣା

## ୪୫ହଜାର କୋଟି ଟଙ୍କାର ହେବ ବିକାଶମୂଳକ ପ୍ରକଳ୍ପ



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪୫ ହଜାର କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପ ଦିଲ୍ଲୀକୁ ପ୍ରଦାନ କରିବେ। ଦିଲ୍ଲୀର ଅଶୋକ ବିହାରରେ ଏକ ବିରାଟ ସମାବେଶରେ ପ୍ରଧାନମନ୍ତ୍ରୀ ଦିଲ୍ଲୀବାସୀଙ୍କୁ ଏହି ଉପହାର ଦେଇ ନିର୍ବାଚନ ବିଗୁଲ ଫୁଙ୍କିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ପାଇଁ ୪୩୦୦ କୋଟିରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ମୂଳଦୁଆ ପକାଇବେ। ସେଥିମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନାଜାଫଗଡର ରୋଶନପୁରାର ବୀର ସାବରକର କଲେଜର ମୂଳଦୁଆ। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ସରକାର ଏହି ପ୍ରକଳ୍ପ ମାଧ୍ୟମରେ ନିଜର ଉଦ୍ଦେଶ୍ୟ ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ଜାନୁୟାରୀ ୩ତାରିଖ ଦିନ ପ୍ରାୟ ୧୨ଟା ୧୦ରେ ଦିଲ୍ଲୀର ଅଶୋକ ବିହାରର ସ୍ୱାଭିମାନ ଆପାର୍ଟମେଣ୍ଟରେ ଇନ-ସିଟୁ ସ୍ଲମ ପୁନର୍ବାସ ପ୍ରକଳ୍ପ ଅନ୍ତର୍ଗତ ଜୁଗି ଝୋପଡି(ଜେଜେ) କ୍ଲଷ୍ଟରର ବାସିନ୍ଦାଙ୍କ ପାଇଁ ନୂତନ ନିର୍ମିତ ଫ୍ଲାଟ ପରିଦର୍ଶନ କରିବେ। ସମସ୍ତ ଫ୍ଲାଟଗୁଡିକ କେନ୍ଦ୍ର ସରକାରଙ୍କ 'ଘର ଯୋଜନା' ଅଧୀନରେ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ୧୬୭୫ଫ୍ଲାଟର ଚାବି ଯୋଗ୍ୟ ଲୋକଙ୍କୁ ପ୍ରଦାନ କରିବେ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଦିଲ୍ଲୀର ବସ୍ତି ବାସିନ୍ଦାଙ୍କୁ ଉପଯୁକ୍ତ ସୁବିଧା ସହିତ ସୁସଜ୍ଜିତ ଏକ ଉନ୍ନତ ତଥା ସୁସ୍ଥ ଜୀବନଯାପନ ପରିବେଶ ଯୋଗାଇବା।

## ୮ ପାକିସ୍ତାନୀଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ମୁମ୍ବାଇ: ୨୦୧୫ରେ ଗୁଜୁରାଟ ଉପକୂଳରେ ଅଟକି ରହିଥିବା ଏକ ଡଙ୍ଗାରେ ୨୩୨କିଲୋଗ୍ରାମ ହେରୋଇନ ରଖିବା ଏବଂ ପରିବହନ ଅଭିଯୋଗରେ ଏକ ସ୍ୱତନ୍ତ୍ର ଏନଡିପିଏସ କୋର୍ଟ ୮ ଜଣ ପାକିସ୍ତାନୀ ନାଗରିକଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲା ଅତ୍ୟନ୍ତ ଗମ୍ଭୀର ଥିଲା, କାରଣ ଏହା ଡ୍ରଗ୍ସ ଚୋରା କାରବାରର ଏକ ବଡ଼ ନେଟୱାର୍କ ସହିତ ସଂଯୁକ୍ତ ଥିଲା । ଏହି ଅପରାଧର ଗମ୍ଭୀରତା ଦର୍ଶାଇ କୋର୍ଟ ସମସ୍ତ ଦୋଷୀଙ୍କୁ ୨ଲକ୍ଷ ଟଙ୍କା ଜରିମାନା ମଧ୍ୟ ଦେଇଛନ୍ତି। ବୁଧବାର ସ୍ୱତନ୍ତ୍ର ବିଚାରପତି ଶଶିକାନ୍ତ ଇ. ବାଙ୍ଗର ଏହି ରାୟ ଦେଇଛନ୍ତି। ଯଦିଓ ଏପର୍ଯ୍ୟନ୍ତ ସବିଶେଷ ଆଦେଶ ଉପଲବ୍ଧ ହୋଇନାହିଁ, ତଥାପି ଏହି ନିଷ୍ପତ୍ତିକୁ ଡ୍ରଗ୍ସ ଚୋରା ଚାଲାଣ ବିରୋଧରେ ଏକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଭାବେ ଦେଖାଯାଉଛି। ୨୦୧୫ରେ, ଭାରତର ତଟରକ୍ଷୀ ବାହିନୀ ଗୁଜୁରାଟ ଉପକୂଳରେ ଏକ ଡଙ୍ଗାକୁ ଅଟକାଇଥିଲା ଯେଉଁଥିରେ ୨୩୨ କିଲୋଗ୍ରାମ ହିରୋଇନ ଅଣାଯାଇଥିଲା । ସୂଚନାନୁସାରେ, ଏହି ଡଙ୍ଗାରେ ସମୁଦାୟ ୮ଜଣ ପାକିସ୍ତାନୀ ନାଗରିକ ଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କହିଛି ଯେ ଡଙ୍ଗାରେ ୧୧ ଟି ଡ୍ରମ ଥିଲା ଯେଉଁଥିରେ ୨୦ ଟି ପ୍ଲାଷ୍ଟିକ ଥଳି ମିଳିଥିଲା। ଏହା ଭିତରେ ଗହମ ବାଦାମୀ ରଙ୍ଗର ପାଉଡର ଥିଲା। ଅନୁସନ୍ଧାନ ପରେ ଏହା ନିଶ୍ଚିତ ହେଲା ଯେ ଏହି ପାଉଡର ହିରୋଇନ ଅଟେ । ଏହା ବ୍ୟତୀତ ଡଙ୍ଗାରୁ ତିନୋଟି ସାଟେଲାଇଟ ଫୋନ, ଜିପିଏସ ନେଭିଗେସନ ଚାର୍ଟ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ଉପକରଣ ମଧ୍ୟ ଉଦ୍ଧାର କରାଯାଇଛି।

## ଭାଜପାକୁ ପ୍ରିୟଙ୍କାଙ୍କ ଟାର୍ଗେଟ୍



ନୂଆଦିଲ୍ଲୀ: ୱାୟାନାଡ଼ ଏମ୍ପି ତଥା କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି। ବର୍ତ୍ତମାନର ସରକାରଙ୍କ ଆର୍ଥିକ ନୀତି ଯୋଗୁଁ ଦେଶ ଦୁର୍ବଳ ହୋଇପଡିଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଫେସବୁକରେ ଲେଖିଛନ୍ତି ଯେ ଭାରତୀୟ ପରିବାରର ଆୟ ହ୍ରାସ ପାଉଛି ଏବଂ ଲୋକମାନେ ଋଣ ନେଉଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ବିବୃତ୍ତିକୁ ସ୍ମରଣ କରି କଂଗ୍ରେସ ନେତା ଲେଖିଛନ୍ତି ଯେ ଯେତେବେଳେ କେତେକ ଲୋକ ଉଚ୍ଚ ଚେୟାରରେ ବସିଥିବେ ସେତେବେଳେ ଦେଶ ଆଗେଇବ ନାହିଁ, ଯେତେବେଳେ କୋଟି କୋଟି ଲୋକ ଖୁସି ଏବଂ ପ୍ରଗତି କରନ୍ତି ସେତେବେଳେ ଦେଶ ଆଗକୁ ବଢିଥାଏ। ପ୍ରିୟଙ୍କା ଗାନ୍ଧୀ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ ଆରବିଆଇ ଅନୁଯାୟୀ ଭାରତୀୟ ପରିବାରର ଆୟ କ୍ରମାଗତ ଭାବେ ହ୍ରାସ ପାଉଛି ଏବଂ ଋଣ ନେଉଥିବା ଲୋକଙ୍କ ସଂଖ୍ୟା ବଢୁଛି। ସେ ଲେଖିଛନ୍ତି, ବିମୁଦ୍ରୀକରଣ ପରଠାରୁ ଚାକିରିରେ କ୍ରମାଗତ ହ୍ରାସ ଘଟିଛି ଏବଂ ଏହି ଧାରା ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି। ଆୟ ହ୍ରାସ ହେତୁ ଋଣ ପରିଶୋଧ କରିବା କଷ୍ଟକର ହୋଇପଡିଛି, ଯାହାର ଫଳାଫଳ ହେଉଛି ବର୍ତ୍ତମାନର ପ୍ରଥମ ୭ ମାସରେ ଆର୍ଥିକ ବର୍ଷରେ ସୁନା ଋଣରେ ୫୬% ହ୍ରାସ ଘଟିଛି, କିନ୍ତୁ ସୁନା ଋଣ ଡିଫଲ୍ଟ ୩୦% ବୃଦ୍ଧି ପାଇଛି। ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ବାର୍ଷିକ ଦୁଇ କୋଟି ଚାକିରୀ, ୫ ଟ୍ରିଲିୟନ ଡଲାର ଅର୍ଥନୀତି, ବିଶ୍ୱଗୁରୁ ଏବଂ ନୂତନ ବର୍ଷର ସଂକଳ୍ପ ଭଳି ଅନେକ ବାକ୍ୟାଂଶ ଦେଇଛନ୍ତି କିନ୍ତୁ ବାସ୍ତବରେ ତାଙ୍କର ଅର୍ଥନୈତିକ କୌଶଳ ଦେଶବାସୀଙ୍କୁ ଦୁର୍ବଳ କରିଦେଇଛି।

## ଲେଫ୍ଟନାଣ୍ଟ ନର୍ସିଂ ଅଫିସର ବୀଣା ସାହୁ, ଆଦିତ୍ୟ ସିଂଙ୍କୁ ଦେଶସେବା ପାଇଁ ବିଷ୍ଣୁଦେବଙ୍କ ପ୍ରଶଂସା



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଭାରତୀୟ ସେନାର ଲେଫ୍ଟନାଣ୍ଟ ନର୍ସିଂ ଅଫିସର ରୂପେ ସେବା ଯୋଗାଉଥିବା ଛତିଶଗଡ଼ର ଯୁବତୀ ବୀଣା ସାହୁ ଏବଂ ରାଷ୍ଟ୍ରୀୟ ଇଣ୍ଡିଆନ୍ ମିଲିଟାରୀ କଲେଜରେ ସ୍ଥାନରେ ପାଇଥିବା ବସ୍ତରର ଫରସଗାଁର ଆଦିତ୍ୟ ସିଂଙ୍କୁ ଭାରତୀୟ ସେନାରେ ଯୋଗଦାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ସାଏ କହିଛନ୍ତି ଯେ, ଏହି ଦୁଇଜଣ ଏକ ସାଧାରଣ ପରିବାରରୁ ଆସି ଦେଶର ସୁରକ୍ଷା କାର୍ଯ୍ୟରେ ସାମିଲ୍ ହୋଇଛନ୍ତି । ସେମାନେ ନିଜ ପ୍ରଚେଷ୍ଟାରେ ଏହି ସଫଳତା ହାସଲ କରିଛନ୍ତି । ବୀଣା ହେଉଛନ୍ତି ବାଲୋଦ ଜିଲ୍ଲାର ଜମରୁବା ଗାଁର କୃଷକ ଚେତନା ସାହୁଙ୍କ କନ୍ୟା । ପିଲାଟି ଦିନୁ ପ୍ରତିରକ୍ଷା ବାହିନୀରେ ଯୋଗଦେବା ତାଙ୍କର ସ୍ୱପ୍ନ ରହିଥିଲା । ସେଥିଲାଗି ସେ ପାଠପଢ଼ା ସମୟରୁ ପ୍ରୟାସ କରିଆସୁଥିଲେ । ସେହିପରି ଆଦିତ୍ୟ ସିଂଙ୍କ ପିତା ଏକ ସାଧାରଣ ଦୋକାନର ମାଲିକ । ସେ ଏୟାରଫୋର୍ସରେ ଯିବାକୁ ଆଗ୍ରହୀ ଥିବାବେଳେ ତାଙ୍କର ସ୍ୱପ୍ନ ମଧ୍ୟ ପୂରଣ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଗୁରୁବାର ବୀଣାଙ୍କୁ ଫୋନ୍ କରି ସେନାବାହିନୀରେ ତାଙ୍କ ଉପଲବ୍ଧି ଶୁଣିବା ପରେ ତାଙ୍କୁ ସାବାସୀ ଦେବା ସହ ଶୁଭକାମନା ଜଣାଇଥିଲେ । ସେ କହିଥିଲେ ଛତିଶଗଡ଼ର ସ୍ୱାଭିମାନକୁ ବଜାୟ ରଖିବା ପାଇଁ ତୁମର ପ୍ରଚେଷ୍ଟା ଆଗକୁ ଜାରି ରହିବ । ସେହିପରି ଆଦିତ୍ୟଙ୍କ ପିତାଙ୍କୁ ଫୋନ୍ କରି ଶ୍ରୀ ସାଏ ନିଜ ପୁଅର ସଫଳତା ପାଇଁ ବଧାଇ ଜଣାଇଥିଲେ । ସେ କହିଥିଲେ ଆପଣଙ୍କ ପୁଅର ସେବା ଦେଶମାତୃକାର ସୁରକ୍ଷାରେ ବିନିଯୋଗ ହେବ ।

## ପଡ଼ୋଶୀଙ୍କୁ ହତ୍ୟା ପରେ କଟାମୁଣ୍ଡ ଧରି ଥାନାରେ ପହଞ୍ଚିଲେ ବାପ-ପୁଅ

ମହାରାଷ୍ଟ୍ର: ମହାରାଷ୍ଟ୍ରର ନାଶିକରେ ଘଟିଛି ଗୋଟିଏ ଲୋମହର୍ଷଣକାରୀ ଘଟଣା। ଜଣେ ବ୍ୟକ୍ତି ଓ ତାଙ୍କ ପୁଅ ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ନିଜର ପଡ଼ୋଶୀଙ୍କୁ ହତ୍ୟା କରିଛନ୍ତି। ପଡ଼ୋଶୀଙ୍କୁ ହାଣି ହତ୍ୟା କରିବା ପରେ ବାପ-ପୁଅ ତାଙ୍କର କଟାମୁଣ୍ଡ ଧରି ଥାନାରେ ପହଞ୍ଚିଛନ୍ତି। ସେଠାରେ ଉଭୟ ଆତ୍ମସମର୍ପଣ କରିଥିଲେ ହେଁ ପୋଲିସ୍ ସେମାନଙ୍କ କାଣ୍ଡ କାରନାମା ଶୁଣି ପୂରା ସ୍ତବ୍ଧ ହୋଇଯାଇଛି। ନବବର୍ଷର ପ୍ରଥମ ସକାଳରେ ନାନାଶି ଗାଁରେ ପୂରା ଘଟଣା ଘଟିଛି। ୪୦ ବର୍ଷୀୟ ସୁରେଶ ଓ ତାଙ୍କ ପୁଅ ପଡ଼ୋଶୀ ଭାବେ ରହୁଥିବା ୩୫ ବର୍ଷୀୟ ଗୁଲାବ ରାମଚନ୍ଦ୍ର ୱାଘମାରେଙ୍କୁ କୁରାଢିରେ ହାଣି ହତ୍ୟା କରିଥିଲେ। ଏହାପରେ ରାମଚନ୍ଦ୍ରଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲେ। ଶେଷରେ ରକ୍ତଭିଜା କଟାମୁଣ୍ଡ ଧରି ନାନାଶି ଆଉଟପୋଷ୍ଟ ପୋଲିସ୍ ଚୌକରେ ପହଞ୍ଚିଥିଲେ। ପୋଲିସ୍ ନିକଟରେ ଆତ୍ମସମର୍ପଣ କରିବା ପରେ ସେମାନେ ଘଟଣାକୁ ସ୍ୱୀକାର କରିଛନ୍ତି। ବାପ-ପୁଅ କେବଳ ଭୟଙ୍କର ହତ୍ୟାକାଣ୍ଡ ଘଟାଇ ନାହାନ୍ତି ବରଂ ଉଭୟ ପୀଡ଼ିତଙ୍କ ଘରେ ଭଙ୍ଗାରୁଜା କରିଛନ୍ତି ଓ ତାଙ୍କ କାରକୁ ଜାଳି ଦେଇଛନ୍ତି।

## ୨୦୨୬ରେ ଭାଙ୍ଗିଯିବ ମୋଦି ସରକାର: ସଞ୍ଜୟ ରାଉତ



ମୁମ୍ବାଇ: ଶିବସେନା ୟୁବିଟି ଏମପି ସଞ୍ଜୟ ରାଉତ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏନଡିଏ ସରକାର ଦୀର୍ଘସ୍ଥାୟୀ ହେବା ନେଇ ରାଉତ ସନ୍ଦେହ ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ୨୦୨୬ପରେ କେନ୍ଦ୍ର ସରକାର ତିଷ୍ଠି ରହିବେ କି ନାହିଁ ତାଙ୍କ ମନରେ ସନ୍ଦେହ ରହିଛି। ଗଣମାଧ୍ୟମକୁ ସୂଚନା ଦେଇ ୟୁବିଟି ଏମପି ସଞ୍ଜୟ ରାଉତ କହିଛନ୍ତି ଯେ ଯଦି ତାଙ୍କର ସନ୍ଦେହ ବାସ୍ତବରେ ପରିଣତ ହୁଏ ତେବେ ମହାରାଷ୍ଟ୍ର ମଧ୍ୟ ପ୍ରଭାବିତ ହେବ। ରାଉତ କହିଛନ୍ତି ଯେ ମୋର ମନରେ ସନ୍ଦେହ ଅଛି ଯେ କେନ୍ଦ୍ର ସରକାର ୨୦୨୬ ପରେ ଶାସନ କ୍ଷମତାରେ ରହିବେ ନା ନାହିଁ। ମୁଁ ଭାବୁଛି ମୋଦି ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବେ ନାହିଁ ଏବଂ କେନ୍ଦ୍ର ସରକାର ଅସ୍ଥିର ହୋଇଗଲେ ଏହା ମହାରାଷ୍ଟ୍ର ଉପରେ ମଧ୍ୟ ପ୍ରଭାବ ପକାଇବ। ରାଜନ ସାଲଭି ଦଳ ଛାଡି ଚାଲିଯିବାର କଳ୍ପନାଜଳ୍ପନା ମଧ୍ୟରେ ରାଉତ କହିଛନ୍ତି ଯେ ଯେଉଁମାନେ ଦଳ ଛାଡୁଛନ୍ତି ସେମାନେ କେବଳ ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ଗିରଫ ହେବାର ଭୟରେ ଅଛନ୍ତି, ତଥାପି ସେ କହିଛନ୍ତି ଯେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସାଲଭିଙ୍କ ସହ ସେ କଥା ହୋଇଛନ୍ତି ତାଙ୍କର ପରାଜୟ ହେତୁ ସେ ସାମାନ୍ୟ ବିରକ୍ତ ଅଛନ୍ତି। ଶିବସେନା ୟୁବିଟି ଏମପି ଆହୁରି କହିଛନ୍ତି ଯେ ଦଳ ନିଜକୁ 'ନିର୍ଭିକ ଲୋକ' ସହିତ ଯୋଡ଼ିବାକୁ ଚେଷ୍ଟା କରୁଛି।

# ବାଣିଜ୍ୟ

VI™ Together for Tomorrow

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶର ଅଗ୍ରଣୀ ଟେଲିକମ୍ କମ୍ପାନି ଭୋଡାଫୋନ୍ ଆଇଡିଆର ବ୍ରାଣ୍ଡ୍ ଭି ପକ୍ଷରୁ ଓଡ଼ିଶାର ୪ଜି ନେଟୱର୍କ ଅନୁଭୂତିକୁ ଓପନ୍‌ସିଗ୍ନାଲ୍‌ର ୪ଜି ନେଟୱର୍କ ଅନୁଭୂତି ରିପୋର୍ଟ ନଭେମ୍ବର ୨୦୨୪ରେ ପୁରସ୍କୃତ କରାଯାଇଛି। ୪ଜି ସ୍ମାର୍ଟଫୋନ୍ ଗ୍ରାହକଙ୍କୁ ନେଇ କମ୍ପାନିର ୪ଜି ଅନୁଭୂତି ଅନୁଶୀଳନ କରାଯାଇଥିଲା। ଓଡ଼ିଶାରେ ଭି ପକ୍ଷରୁ ଉଲ୍ଲେଖନୀୟ ନେଟୱର୍କ ଉନ୍ନତି ଏହି ଅଞ୍ଚଳର ଗ୍ରାହକଙ୍କୁ ଉତ୍କୃଷ୍ଟ ଡିଜିଟାଲ୍ ଅନୁଭୂତି ପ୍ରଦାନ କରିବା ଲାଗି କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଉଛି। ଓପନ୍‌ସିଗ୍ନାଲର ସଦ୍ୟତମ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୪ଜି ଭିଡିଓ ଅନୁଭୂତି, ଲାଇଭ୍ ଭିଡିଓ ଷ୍ଟ୍ରିମିଂ, ଭଏସ୍ ଆପ୍ ମାନ ଓ ଗେମିଂ ଅନୁଭୂତି ଆଦି ବିବିଧ ବର୍ଗରେ ଓଡ଼ିଶାରେ ଭି ଶ୍ରେଷ୍ଠ ୪ଜି ଅନୁଭୂତି ପ୍ରଦାନ କରିଛି। ଓପନ୍‌ସିଗ୍ନାଲ୍‌ର ରିପୋର୍ଟ ଏଭଳି ଏକ ସମୟରେ ଆସିଛି ଯେତେବେଳେ ଭି ପକ୍ଷରୁ ଓଡ଼ିଶାରେ ନେଟୱର୍କ ପ୍ରଦର୍ଶନରେ ନିରନ୍ତର ଉନ୍ନତି ଅଣାଯାଉଛି। ଏହି ଅବସରରେ ଭୋଡାଫୋନ୍ ଆଇଡିଆର ନିର୍ଦ୍ଦେଶକ-ଅପରେସନ୍ସ, ଇଷ୍ଟ ଓ ଟିୟୁପି କ୍ଲଷ୍ଟର ପ୍ରବୀର କୁମାର କହିଛନ୍ତି ଯେ, ଓଡ଼ିଶାରେ ଆମର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଆମେ ବେଶ୍ ଉଲ୍ଲସିତ। ଆମ ନେଟୱର୍କକୁ ଉନ୍ନତ କରିବାରେ ନିରନ୍ତର ନିବେଶ ଏବଂ ଆମ ଗ୍ରାହକଙ୍କୁ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବାକୁ ଏହି ସଫଳତା ପ୍ରତିଫଳିତ କରୁଛି। ଯୋଗାଯୋଗରେ ଉତ୍କର୍ଷତା ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।

## ନାଲ୍‌କୋର ନୂତନ ନିର୍ଦ୍ଦେଶକ ଭାବେ ଡ. ତାପସ କୁମାର ପଟ୍ଟନାୟକଙ୍କ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍‌ର ନୂତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ଡ.ତାପସ କୁମାର ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଡ.ପଟ୍ଟନାୟକ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ରିଫାଇନେରୀ ଡିଭିଜନ୍ ମୁଖ୍ୟାଳୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଥିଲେ। ମାନବ ସମ୍ବଳ ଏବଂ ଶୈକ୍ଷିକ ସମ୍ପର୍କ କ୍ଷେତ୍ରରେ ଦୀର୍ଘ ୩୩ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିବା ସହିତ ଡ. ପଟ୍ଟନାୟକ ସାଂଗଠନିକ ବିକାଶ, କର୍ମଚାରୀଙ୍କ ନିୟୋଜନ, ପ୍ରତିଭା ଅଧିଗ୍ରହଣ, ଶିଳ୍ପ ସମ୍ପର୍କ, ଶିକ୍ଷଣ ଓ ବିକାଶ ଏବଂ ମାନବ ସମ୍ବଳ ରଣନୀତି କ୍ଷେତ୍ରରେ ବିଶେଷ ଅଭିଜ୍ଞତା ହାସଲ କରିଛନ୍ତି । ଖଣି, ବିଶୋଧନାଗାର, ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଡକ୍ଟର ପଟ୍ଟନାୟକଙ୍କ ମଧ୍ୟ ବିଶେଷ ଅଭିଜ୍ଞତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଡକ୍ଟର ପଟ୍ଟନାୟକ କାର୍ମିକ ପରିଚାଳନା ଏବଂ ଶୈକ୍ଷିକ ସମ୍ପର୍କ କ୍ଷେତ୍ରରେ ସ୍ନାତକୋତ୍ତର ଏବଂ ପିଏଚଡି ସହ ଆଇନରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ସାଂଗଠନିକ ଲକ୍ଷ୍ୟ ସହିତ ମେଳ ଖାଉଥିବା ଅଭିନବ କାର୍ଯ୍ୟଶୈଳୀ ଗୁଡ଼ିକର ଉପଯୋଗ ନିମନ୍ତେ ଡ. ପଟ୍ଟନାୟକ ଅଗ୍ରାଧିକାର ଦେଇଥାନ୍ତି । ନାଲକୋରେ ଡ. ପଟ୍ଟନାୟକ ମାନବ ସମ୍ବଳ ବିଭାଗର ଦାୟିତ୍ୱ ବହନ କରିବା ସହ ପ୍ରତିଭା ଅଧିଗ୍ରହଣ, କର୍ମଚାରୀ ଦକ୍ଷତା ବିକାଶ, ସାଂଗଠନିକ ପ୍ରଭାବଶୀଳତା ଏବଂ ନାଲକୋର ମାନବ ସମ୍ବଳ କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀର ଦୀର୍ଘକାଳୀନ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବେ । ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ନାଲକୋ ସିଏମଡି, ସଞ୍ଜୟ ଲୋହିୟା, ଆଇଏଏସ୍, ଡକ୍ଟର ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ନୂତନତା ଆଣିବେ ବୋଲି ଆଶା ପ୍ରକଟ କରିଛନ୍ତି ଯାହାକି ସଂଗଠନର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ । ନିର୍ଦ୍ଦେଶକ ଭାବେ ଡକ୍ଟର ପଟ୍ଟନାୟକଙ୍କ ଯୋଗଦାନ ନାଲକୋର ନିର୍ଦ୍ଦେଶକ ମଣ୍ଡଳୀକୁ ଆହୁରି ସୁଦୃଢ଼ କରିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ କର୍ମଚାରୀଙ୍କୁ ଷ୍ଟକ୍ ଅପ୍ସନ୍ ପ୍ରଦାନ



ନୂଆଦିଲ୍ଲୀ: ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏହାର ସମସ୍ତ ବରିଷ୍ଠ କର୍ମଚାରୀଙ୍କ ପାଇଁ କର୍ମଚାରୀ ଷ୍ଟକ୍ ଅପ୍ସନ୍ ଯୋଜନା ଅଧୀନରେ ଇଏସ୍ଓପି ଏବଂ ପ୍ରତିବନ୍ଧିତ ଷ୍ଟକ୍ ୟୁନିଟ୍ (ଆରଏସୟୁ) ମାଧ୍ୟମରେ ରିହାତି ମୂଲ୍ୟରେ ୧୨,୪୨,୭୩୬ ଷ୍ଟକ୍ ଅପ୍ସନ୍ ପ୍ରଦାନ କରିଛି। ଏହିକ୍ରମରେ ଗତ ବର୍ଷ ଡିସେମ୍ବରରେ କମ୍ପାନୀ ଦେଇଥିବା ଷ୍ଟକ୍ ଅପ୍ସନକୁ ଜାରି ରଖିଛି। ଏହି ଷ୍ଟକ୍ ଅପ୍ସନଗୁଡ଼ିକୁ ପ୍ରଦର୍ଶନ ଆଧାରରେ ୪ ବର୍ଷ ଧରି ଦିଆଯିବ। ଏହି ପଦକ୍ଷେପ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସୁଶୀଲ ବାଡେଜା କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ଆମେ କର୍ମଚାରୀଙ୍କ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ମିଳିତ ସଫଳତା ପାଇଁ ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ। ଏଭଳି ପଦକ୍ଷେପ ଆମ କର୍ମଚାରୀମାନଙ୍କ ସମ୍ପତ୍ତି ବୃଦ୍ଧିକୁ ସକ୍ଷମ କରିବା ସହ ମାଲିକାନାରେ ଅଂଶୀଦାର ହେବାରେ ସହାୟକ ହେବ। ଚଳିତ ବର୍ଷ ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ଏହା ଦ୍ୱିତୀୟ ଇଏସ୍ଓପି ଘୋଷଣା। କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ମାଲିକାନାର ଏକ ଅଂଶୀଦାର ଭାବେ ପ୍ରତିଭାବାନ୍ କର୍ମଚାରୀମାନଙ୍କୁ ଆକୃଷ୍ଟ କରିବା ଏବଂ ବଜାୟ ରଖିବା ପାଇଁ ଏହା ଲାଗୁ କରାଯାଇଛି।

## ସବୁଜ ଶକ୍ତିରେ ଚାଲୁଛି ଟିପିଏସ୍ଓଡିଏଲ୍‌ର କର୍ପୋରେଟ୍ କାର୍ଯ୍ୟାଳୟ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ଏହାର କର୍ପୋରେଟ କାର୍ଯ୍ୟାଳୟରେ ସୋଲାର ପ୍ୟାନେଲ ସ୍ଥାପନ କରି ସବୁଜ ଶକ୍ତିକୁ ଆପଣାଇଛି। ପୂର୍ବରୁ କମ୍ପାନୀର କର୍ପୋରେଟ ଅଫିସ ପାରମ୍ପରିକ ଶକ୍ତି ଉତ୍ସ ଦ୍ୱାରା ଚାଳିତ ହେଉଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ସୌର ଶକ୍ତି ଦ୍ୱାରା ଚାଲୁଅଛି। ଦକ୍ଷିଣ ଓଡ଼ିଶାରେ ପରିବେଶ ଅନୁକୂଳ ଅଭ୍ୟାସ ଏବଂ ଅକ୍ଷୟ ଶକ୍ତି ଆପଣାଇବା ଦିଗରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଏହା ଏକ ବଳିଷ୍ଠ ପଦକ୍ଷେପ। ଟିପିଏସ୍ଓଡିଏଲ୍ ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ଛାତରେ ୧୦୦ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରିଛି। ଏହି ସୋଲାର ପ୍ଲାଣ୍ଟରୁ ପ୍ରତି ମାସରେ ପାଖାପାଖି ୧୨ ହଜାର ୟୁନିଟ୍ ବିଦ୍ୟୁତ ଉତ୍ପାଦନ ହୁଏ, ଯାହା ଦ୍ୱାରା ଅଫିସର ଦୈନିକ ଚାହିଦା ପୂରଣ ହେବା ସହ ବଳକା ଶକ୍ତି ସଞ୍ଚୟ ହୋଇପାରିବ। ଆଗାମୀ ୨୫ ବର୍ଷରେ ଏହି ପଦକ୍ଷେପ ମାଧ୍ୟମରେ ପାଖାପାଖି ୨୮ ଶହ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ହେବ ବୋଲି ଆଶା କରାଯାଉଛି। ଏହି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପଦକ୍ଷେପ ଟିପିଏସ୍ଓଡିଏଲର ସ୍ଥାୟୀ ଶକ୍ତି ବିକଳ୍ପ ଆପଣାଇବା ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ସଫଳ ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଆମ କର୍ପୋରେଟ ଅଫିସ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେଉଥିବାରୁ ଆମେ ଗର୍ବିତ। ସୌର ଶକ୍ତିର ଉପଯୋଗ କରି ଆମେ ପରିବେଶ ଅନୁକୂଳ ଜୀବନ ଶୈଳୀ ଏବଂ ସୁଲଭ ଶକ୍ତି ସମାଧାନ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛୁ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ସୌର ପ୍ଲାଣ୍ଟର ୪୮.୯ କିଲୋୱାଟ କାର୍ଯ୍ୟକ୍ଷମ ହୋଇଥିଲା ଏବଂ ବର୍ତ୍ତମାନ ଏହି ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟକ୍ଷମ ହୋଇଛି ।

## ୭୫୪ କୋଟିର ଅର୍ଡର ହାସଲ କଲା ସିଆରଆଇ ପମ୍ପ୍‌ସ



ମୁମ୍ବାଇ: ସିଆରଆଇ ପମ୍ପ୍‌ସ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଂଟ ସମ୍ପର୍କରେ ଘୋଷଣା କରଛି। ମାଗେଲ ଟାୟାଲା ସୌର କୃଷି ପମ୍ପ (ଏମଟିଏସକେପି) ଅଧୀନରେ, ମହାରାଷ୍ଟ୍ର ଷ୍ଟେଟ୍ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ୍ (ଏମଏସଇଡିସିଏଲ), ମୁମ୍ବାଇ, ମହାରାଷ୍ଟ୍ର ଦ୍ୱାରା ଏହି କମ୍ପାନୀକୁ ଆନୁଷ୍ଠାନିକ ଭାବେ ୭୫୪ କୋଟି ଟଙ୍କା ମୂଲ୍ୟର ୨୫,୦୦୦ ସୋଲାର ପମ୍ପିଂ ସିଷ୍ଟମ୍ ଯୋଗାଣ ପାଇଁ ତାଲିକାଭୁକ୍ତ କରାଯାଇଛି । ଏଥିରେ ସୂଚୀଭୁକ୍ତ ହେବା ସହିତ ସିଆରଆଇ ପମ୍ପ୍‌ସ ଅକ୍ଷୟ ଶକ୍ତି ସମାଧାନ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା, ମହାରାଷ୍ଟ୍ରର କୃଷି କ୍ଷେତ୍ରକୁ ଶକ୍ତି ପ୍ରଦାନ କରିବା ଏବଂ ଏକ ସବୁଜ ତଥା ଅଧିକ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛି । ଏହି ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସମ୍ପର୍କରେ ସିଆରଆଇ ଗ୍ରୁପ ଅଧ୍ୟକ୍ଷ ଜି ସୌନ୍ଦରରାଜନ ମନ୍ତବ୍ୟ ଦେଇଛନ୍ତି ଯେ, ଏହି ସୋଲାର ପମ୍ପିଂ ସିଷ୍ଟମ ଯୋଗାଣ ପାଇଁ ଏମଏସଇଡିସିଏଲ ଦ୍ୱାରା ମନୋନୀତ ହେବା ନେଇ ଆମେ ଗୌରବାନ୍ୱିତ । ଏହି ମୂଲ୍ୟବାନ ଅର୍ଡର ବିଶ୍ୱସନୀୟ, ଶକ୍ତି-ଦକ୍ଷ, ସ୍ଥାୟୀ ପମ୍ପିଂ ସମାଧାନ ବିକଶିତ କରିବାରେ ଉଦ୍ଭାବନ ଏବଂ ଉତ୍କର୍ଷତା ପ୍ରତି ସିଆରଆଇର ଅତୁଟ ପ୍ରତିବଦ୍ଧତାକୁ ଆଲୋକପାତ କରୁଛି । ୧୭୦,୦୦୦ରୁ ଅଧିକ ସୋଲାର ପମ୍ପିଂ ସିଷ୍ଟମ୍ ଏବଂ ଆଇଓଟି-ସମର୍ଥିତ ସ୍ମାର୍ଟ ପମ୍ପର ସଫଳ ପ୍ରତିଷ୍ଠା ସହିତ, ସିଆରଆଇ ପମ୍ପସ୍ ସ୍ଥାୟୀ ଉଦ୍ଭାବନରେ ନୂତନ ମାନଦଣ୍ଡ ସୃଷ୍ଟି କରିବା ଜାରି ରଖିଛି । ଏହାର ଉନ୍ନତ ପମ୍ପିଂ ଜ୍ଞାନକୌଶଳ ମାଧ୍ୟମରେ, ସିଆରଆଇ ପମ୍ପ୍‌ସ ପ୍ରାୟ ୫,୨୦୦ ନିୟୁତ ୟୁନିଟର କେଡବ୍ଲ୍ୟୁଏଚ ଶକ୍ତି ସଂଚୟ ଏବଂ ୪.୧୩ ନିୟୁତ ଟନ୍ କାର୍ବନ ନିର୍ଗମନ ହ୍ରାସ ସହିତ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି, ଯାହା ଶକ୍ତି ସଂରକ୍ଷଣ ଏବଂ ପରିବେଶ ସ୍ଥାୟୀତାରେ ଏହାର ଗଭୀର ଅବଦାନ ଉପରେ ଆଲୋକପାତ କରିଛି ।

## ଓଡ଼ିଶାରେ ନୂଆ ଆଉଟ୍‌ଲେଟ୍ ବିସ୍ତାର କରିଛି ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ଉତ୍କର୍ଷ ଏସଏଫବିଏଲ) ପକ୍ଷରୁ ମାଥିଲି (ଜୟପୁର), ବାଲିଗୁଡା (ବ୍ରହ୍ମପୁର) ଓ କୋଦଳା (ବ୍ରହ୍ମପୁର)ରେ ଏହାର ନୂତନ ବ୍ୟାଙ୍କିଂ ଆଉଟଲେଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶୁଭାରମ୍ଭ ସହିତ ବ୍ୟାଙ୍କ ବର୍ତ୍ତମାନ ଓଡ଼ିଶାରେ ୯୨ଟି ଆଉଟଲେଟ୍ ଏବଂ ଦେଶବ୍ୟାପୀ ୧୦୨୮ଟି ଆଉଟଲେଟ୍ ପରିଚାଳନା କରୁଛି। ମାଥିଲି, ବାଲିଗୁଡା ଓ କୋଦଳାର ବାସିନ୍ଦାମାନେ ସଂଚୟ ଆକାଉଣ୍ଟ, ଚାଲୁ ଆକାଉଣ୍ଟ, ଫିକ୍ସଡ ଡିପୋଜିଟ୍ ଓ ରିକରିଂ ଡିପୋଜିଟ୍ ସମେତ ବ୍ୟାପକ ବ୍ୟାଙ୍କିଙ୍ଗ୍ ଉତ୍ପାଦରୁ ଉପକୃତ ହେବେ। ବ୍ୟାଙ୍କ ବିଭିନ୍ନ ଋଣ ଉତ୍ପାଦ, ଯେପରିକି ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ବିପରୀତରେ ଋଣ, କ୍ରେଡିଟ୍, ବୀମା ଏବଂ ନିବେଶ ଉତ୍ପାଦ ମଧ୍ୟ ପ୍ରଦାନ କରିଥାଏ । ବ୍ୟାଙ୍କର ସୁଦୃଢ଼ ଭିତିଭୂମି, ଡିଜିଟାଲ ବ୍ୟାଙ୍କିଂ କ୍ଷମତା ଏବଂ ଏଟିଏମ୍ ନେଟୱାର୍କ ସମସ୍ତ ଗ୍ରାହକଙ୍କ ପାଇଁ ଏକ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ଅନୁଭୂତି ସୁନିଶ୍ଚିତ କରୁଛି । ଏହା ସମ୍ପର୍କରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି ଯେ, ମାଥିଲି, ବାଲିଗୁଡା ଓ କୋଦଳାରେ ଆମର ନୂତନ ବ୍ୟାଙ୍କିଂ ଆଉଟଲେଟ୍‌ର ଉଦ୍‌ଘାଟନ ଓଡ଼ିଶାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମର ନୂତନ ଶାଖାଗୁଡ଼ିକ ଏହି ଅଂଚଳର ବାସିନ୍ଦାମାନଙ୍କର ଅନନ୍ୟ ଆବଶ୍ୟକତା ପୂରଣ କରିବା, ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ ଆର୍ଥିକ କଲ୍ୟାଣ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ବିଭିନ୍ନ ପ୍ରକାରର ଆର୍ଥିକ ସେବା ପ୍ରଦାନ କରିବେ।



ନୂଆଦିଲ୍ଲୀ : ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଟିମ୍ ଇଣ୍ଡିଆ ୨-୧ରେ ପଛୁଆ ରହିଥିବା ବେଳେ ଏହା ମଧ୍ୟରେ ଆସିଛି ଆଉ ଏକ ବଡ଼ ଚିନ୍ତାଜନକ ଖବର । ଜାନୁଆରୀ ୩ ତାରିଖରୁ ଆରମ୍ଭ ହେବାକୁ ଥିବା ଅନ୍ତିମ ତଥା ପଞ୍ଚମ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି ଭାରତୀୟ ଖେଳାଳି ଆକାଶ ଦୀପ । ଆକାଶ ଦୀପ ସିଡନୀ ଟେଷ୍ଟରେ ଖେଳିବେନି ବୋଲି ଟିମ୍ ଇଣ୍ଡିଆର ହେଡ୍ କୋଚ ଗୌତମ ଗମ୍ଭୀର ସୂଚନା ଦେଇଛନ୍ତି । ପିଠି ସମସ୍ୟା କାରଣରୁ ଆକାଶ ଦୀପ ପ୍ଲେଇଂ-୧୧ରୁ ବାଦ୍ ପଡ଼ିଥିବା କୋଚ ଗମ୍ଭୀର ସୂଚନା ଦେଇଛନ୍ତି । ଆକାଶଦୀପ ବାଦ୍ ପଡ଼ିବା ପରେ ଏବେ ସିଡନୀ ଟେଷ୍ଟ ପାଇଁ ଦଳରେ କାହାକୁ ସାମିଲ କରାଯିବ, ତାହା ଏକ ବଡ଼ ପ୍ରଶ୍ନ । ଏପରି ସ୍ଥିତିରେ ହର୍ଷିତ ରାଣା ଓ ପ୍ରସିଦ୍ଧ କୃଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ସାମିଲ କରାଯାଇପାରେ। ହର୍ଷିତ ପୂର୍ବରୁ ଦୁଇଟି ଟେଷ୍ଟ ଖେଳି ସାରିଥିବାରୁ ସେ ସ୍ଥାନ ପାଇବାର ଅଧିକ ସମ୍ଭାବନା ରହିଛି। ଆକାଶଦୀପ ବ୍ରିସେବନ ଓ ମେଲବର୍ଣ୍ଣ ଦୁଇ ଟେଷ୍ଟରେ ୫ଟି ୱିକେଟ ଅକ୍ତିଆର କରିଥିଲେ । ତାଙ୍କର ବୋଲିଂରେ ଅନେକ କ୍ୟାଚ ହାତଛଡ଼ା ହୋଇଥିବାରୁ ସେ ଅଧିକ ୱିକେଟ ନେବାରୁ ବଞ୍ଚିତ ହୋଇଥିଲେ । ଚଳିତ ସିରିଜରେ ଭ୍ରମଣକାରୀ ଦଳ ଭାରତ ନିଜର ଶୋଚନୀୟ ପ୍ରଦର୍ଶନକୁ ନେଇ ଚିନ୍ତିତ ରହିଥିବା ବେଳେ ଏବେ ଆକାଶ ଦୀପ ବାଦ୍ ପଡ଼ିବା ପରେ ଦଳ ପାଇଁ ଆହୁରି ମୁସ୍କିଲ ବଢ଼ିଯାଇଛି । ଅନ୍ୟପକ୍ଷରେ ରୋହିତ ଶର୍ମା ଓ ଋଷଭ ପନ୍ତଙ୍କ ଖେଳିବା ନେଇ ମଧ୍ୟ ଅନିଶ୍ଚିତତା ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ମଧ୍ୟମ କ୍ରମରେ ପନ୍ତ ଓ ରୋହିତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଓ ସରଫରାଜ ଖାନଙ୍କୁ ସୁଯୋଗ ମିଳିପାରେ । ସୂଚନାଯୋଗ୍ୟ ଯେ, ଚଳିତ ଟେଷ୍ଟ ସିରିଜରେ ଅନ୍ତିମ ମ୍ୟାଚରେ ଜିତି ଭାରତ ସ୍ଥିତି ବରାବର କରିବାକୁ ପ୍ରୟାସ କରିବ । ବର୍ଡର-ଗାଭାସ୍କର ଟ୍ରଫିର ପ୍ରଦର୍ଶନ ଭାରତର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟସ୍ ଟେବୁଲକୁ ପ୍ରଭାବିତ କରିବ ।

# ସିଡ୍ନୀ ଟେଷ୍ଟରୁ ରୋହିତ ବିଦା



ନୂଆଦିଲ୍ଲୀ : ଶୁକ୍ରବାରଠାରୁ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍ ସିଡ୍ନୀରେ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ନଜର ଆସିବେ ନାହିଁ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା। ନିଜର ଫର୍ମ ଓ କ୍ୟାପଟେନ୍ସି ପାଇଁ ସମାଲୋଚନାର ଶିକାର ହୋଇ ଚାଲିଥିବା ରୋହିତ ଶେଷରେ ଟିମ ଇଣ୍ଡିଆରୁ ବାଦ ପଡ଼ିଛନ୍ତି। ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ ଦିଆଯାଇଥିବାରୁ ସେ ମଧ୍ୟ ଖୁବଶୀଘ୍ର ଟେଷ୍ଟ କ୍ରିକେଟକୁ ଅଲବିଦା କହିବେ ବୋଲି ଜଣାପଡ଼ିଛି। ରୋହିତ ବର୍ଡର-ଗାଭାସ୍କର ଟ୍ରଫିରେ ଏଯାଏ ୩ଟି ଟେଷ୍ଟ ଖେଳିଥିବା ବେଳେ କେବଳ ୩୧ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ମାତ୍ର ୬ ରହିଛି। ଏଥିପାଇଁ ରୋହିତଙ୍କୁ ତୀବ୍ର ସମାଲୋଚନା ହେବାକୁ ପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ରୋହିତଙ୍କୁ ଟିମ ଇଣ୍ଡିଆରୁ ବାଦ ଦେବାକୁ ନିଷ୍ପତ୍ତି ହୋଇଛି। ସିଡ୍ନୀ ଟେଷ୍ଟ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନଜର ଆସିଥିଲେ। ସେ ମଧ୍ୟ ରୋହିତ ଆସନ୍ତାକାଲି ଚୂଡ଼ାନ୍ତ ଏକାଦଶରେ ରହିବେ କି ନାହିଁ, ତା'ର ଉତ୍ତର ଦେଇନାହାନ୍ତି। ପିଚ୍‌କୁ ଦେଖି ଆସନ୍ତାକାଲି ଚୂଡ଼ାନ୍ତ ଏକାଦଶ ପ୍ରସ୍ତୁତ ହେବ ବୋଲି କହିବା ପରେ ରୋହିତ ଦଳରେ ନଥିବା ସ୍ପଷ୍ଟ ହୋଇଛି। ଆଜି ପ୍ରେସ କନଫରେନ୍ସ ପରେ ଗମ୍ଭୀର ଟିମ ଇଣ୍ଡିଆର ଅଭ୍ୟାସ ଶିବିରରେ ପହଞ୍ଚିଥିଲେ। ସେଠାରେ ରୋହିତଙ୍କୁ ସ୍ଲିପ କର୍ଡନରେ ଦେଖିବାକୁ ମିଳି ନଥିଲା। ବିରାଟ ପ୍ରଥମ ସ୍ଲିପରେ ଥିବା ବେଳେ କେଏଲ ରାହୁଲ ଦ୍ୱିତୀୟ ଓ ନୀତୀଶ କୁମାର ରେଡ୍ଡୀ ତୃତୀୟ ସ୍ଲିପରେ ରହିଥିଲେ। ଏହି ଫିଲ୍ଡିଂ ଅଭ୍ୟାସରୁ ମଧ୍ୟ ସ୍ପଷ୍ଟ ହୋଇଛି ଯେ ରୋହିତ ଆସନ୍ତାକାଲି ଚୂଡ଼ାନ୍ତ ଏକାଦଶରେ ରହିବେ ନାହିଁ। ଚଳିତ ଟେଷ୍ଟ ଋତୁରେ ରୋହିତଙ୍କ ବ୍ୟାଟ ଆଦୌ ଚାଲିନାହିଁ। ୩ଟି ସିରିଜର ୧୫ଟି ଇନିଂସରେ ସେ କେବଳ ୧୦.୯୩ ହାରରେ ୧୬୪ ରନ କରିଛନ୍ତି। ଏଥିରେ ଗୋଟିଏ ଅର୍ଦ୍ଧଶତକ ରହିଛି। ଅନ୍ୟପକ୍ଷରେ ରୋହିତଙ୍କୁ ଯଦି ଚୂଡ଼ାନ୍ତ ଏକାଦଶରୁ ବାଦ ଦିଆଯାଉଛି, ତା'ହେଲେ ପର୍ଥ ଟେଷ୍ଟ ଭଳି ଯଶପ୍ରୀତ ବୁମ୍ରା ଦଳର କମାଣ ସମ୍ଭାଳିବେ। ସେହିପରି ଶୁବମନ ଗିଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ପର୍ଥ ଟେଷ୍ଟରେ ଯେଉଁଭଳି ରାହୁଲ ଓ ଯଶସ୍ୱୀ ଜୈସ୍ୱାଲ ଓପନ କରିଥିଲେ, ସିଡ୍ନୀରେ ମଧ୍ୟ ସେମିତ ହେବ। ଗିଲ ୩ନଂରେ ଖେଳିବେ। ଆହତ କାରଣରୁ ଆକାଶ ଦୀପ ସିଡ୍ନୀ ଟେଷ୍ଟରୁ ବାଦ ପଡ଼ିଛନ୍ତି। ତେଣୁ ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ଚୂଡ଼ାନ୍ତ ଏକାଦଶରେ ରହିବେ।

## ସିଡନୀ ଟେଷ୍ଟରୁ ବାଦ ପଡିବେ ଋଷଭ !

ନୂଆଦିଲ୍ଲୀ: ୩ରୁ ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ର ପଞ୍ଚମ ଟେଷ୍ଟ ସିଡନୀରେ ଖେଳାଯିବ। ଏହି ଟେଷ୍ଟ ଜିତି ଭାରତୀୟ ଦଳ ବର୍ଡର-ଗାଭାସ୍କର ଟ୍ରଫିକୁ ଡ୍ର କରାଇବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ତେବେ ସିରିଜ୍‌ରେ ଋଷଭ ପନ୍ତଙ୍କ ବେପରୁଆ ସଟ୍ ଭାରତୀୟ ଦଳର ମୁସ୍କିଲ ବଢାଇ ଦେଇଛି। ତେଣୁ ପନ୍ତଙ୍କୁ ସିଡନୀ ଟେଷ୍ଟରୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ସାମିଲ କରାଯାଇପାରେ। ମେଲବର୍ଣ୍ଣ ଟେଷ୍ଟରେ ଋଷଭ ପନ୍ତ ଅନେକ ତ୍ରୁଟି କରିଛନ୍ତି। ଯେଉଁ ସମୟରେ ଧୈର୍ଯ୍ୟର ସହ ବ୍ୟାଟିଂ କରିବାର ଥିଲା, ସେହି ସମୟରେ ସେ ନାଥନ ଲିୟୋନଙ୍କ ବଲ୍‌ରେ ବେପରୁଆ ସଟ୍ ଖେଳି ଆଉଟ୍ ହୋଇଥିଲେ। ଏହା ପରେ ଭାରତୀୟ ଦଳ ୧୨୧/୩ରୁ ୧୫୫ ରନରେ ଅଲଆଉଟ୍ ହୋଇଥିଲା ଆଉ ମ୍ୟାଚ୍ ୧୮୪ ରନରେ ହାରିଥିଲା। ପନ୍ତଙ୍କ ପ୍ରଦର୍ଶନ ଦଳ ପ୍ରବନ୍ଧକଙ୍କୁ ପଞ୍ଚମ ଟେଷ୍ଟ ପୂର୍ବରୁ ଚୂଡ଼ାନ୍ତ ଏକାଦଶ ଉପରେ ପୁନର୍ବିଚାର ପାଇଁ ବାଧ କରିଛି। ଋଷଭ ପନ୍ତଙ୍କ ନିରାଶଜନକ ପ୍ରଦର୍ଶନ ପରେ ଯୁବ ୱିକେଟ୍ କିପର ବ୍ୟାଟର ଧ୍ରୁବ ଜୁରେଲଙ୍କ ନାଁ ଚର୍ଚ୍ଚାକୁ ଆସିଛି।

## ସିଡ୍ନ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା

# ବାଦ୍ ପଡ଼ିଲେ ମିଚେଲ ମାର୍ଶ



ସିଡନୀ: ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫି ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ଅଛି। ସିରିଜର ଚାରୋଟି ଟେଷ୍ଟ ମ୍ୟାଚ ଖେଳାଯାଇଛି। ବର୍ତ୍ତମାନ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ ଜାନୁଆରୀ ୩ ତାରିଖରୁ ଖେଳାଯିବ। ଏହି ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଏକାଦଶ ଖେଳିବାକୁ ଘୋଷଣା କରିଛି। ପଞ୍ଚମ ଟେଷ୍ଟରୁ ଷ୍ଟାର ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ବାଦ୍ ଦିଆଯାଇଛି। ସେ ଏହି ସିରିଜରେ ଉଭୟ ବଲ ଏବଂ ବ୍ୟାଟ ସହିତ ଫ୍ଲପ ହୋଇଥିଲେ। ଭାରତ ବିପକ୍ଷ ସାମ୍ପ୍ରତିକ ସିରିଜର ୪ଟି ମ୍ୟାଚରେ ସେ ହାରାହାରି ୧୦.୪୩ରେ ୭୩ ରନ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିର ୬ଟି ଇନିଂସରେ ବୋଲିଂ କରି ସେ ମାତ୍ର ୩ ଉଇକେଟ ନେଇଥିଲେ। ୩୧ ବର୍ଷୀୟ ଅଲରାଉଣ୍ଡର ବିୟୁ ୱେଷ୍ଟର ଅଷ୍ଟ୍ରେଲିଆ ପାଇଁ ପଞ୍ଚମ ଟେଷ୍ଟରେ ଡେବ୍ୟୁ କରିବେ। ସାଢେ ଛଅ ଫୁଟ ଉଚ୍ଚର ୱେଷ୍ଟର ଏପର୍ଯ୍ୟନ୍ତ ବ୍ୟାଟିଂ ହାରାହାରି ୩୭.୮୩ରେ ୯୩ ପ୍ରଥମ ଶ୍ରେଣୀ ମ୍ୟାଚରେ ୫,୨୯୭ ରନ ସଂଗ୍ରହ କରିଛନ୍ତି । ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟରରେ ତାଙ୍କ ନାମରେ ୧୨ ଶତକ ଏବଂ ୨୪ ଅର୍ଦ୍ଧଶତକ ଅଛି। ସେ ତାଙ୍କ ଡାହାଣ ହାତରେ ମଧ୍ୟମ ଗତି ବୋଲିଂ କରି ଏପର୍ଯ୍ୟନ୍ତ ୧୪୮ ଉଇକେଟ ନେଇଛନ୍ତି। ପଞ୍ଚମ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆର ପ୍ଲେଇଙ୍ଗ-୧୧ ସାମ କନଷ୍ଟାସ, ଉସମାନ ଖ୍ୱାଜା, ମାର୍ନସ ଲାବୁସାଗ୍ନେ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ, ବିଉ ୱେଷ୍ଟର, ଆଲେକ୍ସ କେରି (ଉଇକେଟ କିପର), ପ୍ୟାଟ କମିନ୍ସ (ଅଧିନାୟକ), ନାଥାନ ଲିଅନ, ମିଚେଲ ଷ୍ଟାର୍କ ଏବଂ ସ୍କଟ ବୋଲାଣ୍ଡ।

## ହେଡ୍ କୋଚ୍‌କୁ ନେଇ ତେଜିଲା ଅସନ୍ତୋଷ

# ଅଡୁଆରେ ଗମ୍ଭୀର




ନୂଆଦିଲ୍ଲୀ : ଭାରତୀୟ ଦଳର କୋଚ୍ ରବି ଶାସ୍ତ୍ରୀ ଏବଂ ରାହୁଲ ଦ୍ରାବିଡଙ୍କ ଅଧୀନରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ସିରିଜ୍ ହାରିନି । କିନ୍ତୁ ଗମ୍ଭୀରଙ୍କ ଅଧୀନରେ ଭାରତ ବର୍ଡର-ଗାଭାସ୍କର ଟ୍ରଫି (BGT ୨୦୨୪-୨୫)ରେ ୨-୧ରେ ପଛରେ ପଡିଛି। ବର୍ତ୍ତମାନ ସିରିଜ ଜିତିବାର କୌଣସି ଆଶା ନାହିଁ । ଗମ୍ଭୀରଙ୍କ ଅଧୀନରେ ରାହୁଲ ଦ୍ରାବିଡଙ୍କ ଉତ୍ତରାଧିକାରୀ ହେବା ପରେ ଭାରତକୁ ୨୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଶ୍ରୀଲଙ୍କାକୁ ହରାଇଥିଲା । ଏକ ଘରୋଇ ସିରିଜରେ ପ୍ରଥମ ଥର ପାଇଁ କ୍ଲିନ୍ ସୁଇପ୍ କରିଥିଲା ଦଳ । ବର୍ତ୍ତମାନ ୧୦ ବର୍ଷ ପରେ ଟିମ୍ ଇଣ୍ଡିଆର ବର୍ଡର ଗାଭାସ୍କର ଟ୍ରଫି ଆଶା ବି ଧୂଳିସାତ୍ ହୋଇଛି । ତେବେ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଭାରତୀୟ ଦଳର ସପୋର୍ଟ ଷ୍ଟାଫର ଜଣେ ବିଶେଷ ସଦସ୍ୟ ତାଙ୍କ ବ୍ୟକ୍ତିଗତ ସହାୟକ ସହ ସମଗ୍ର ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି । ବିଶ୍ୱାସ କରାଯାଏ ଯେ ଏହି ସହକାରୀ ସହାୟକ କର୍ମଚାରୀ ଅଧିକାରର ଅପବ୍ୟବହାର କରୁଛନ୍ତି । ଇଣ୍ଡିଆନ୍ ପ୍ରିମିୟର ଲିଗ୍ ସମୟରେ ଏହି ବ୍ୟକ୍ତି ଫିଲ୍ଡ ଅଫ୍ ପ୍ଲେକୁ ପ୍ରବେଶ କରିଥିଲେ । ଏହି ବ୍ୟକ୍ତି ଫ୍ରାଞ୍ଚାଇଜ୍ ଜର୍ସି ପିନ୍ଧି ମ୍ୟାଚ୍ ପରେ ପଡ଼ିଆରେ ବୁଲୁଥିବା ଦେଖାଯାଇଥିଲା । ଏଥିସହ, ଅଷ୍ଟ୍ରେଲିଆରେ ଏହି ବ୍ୟକ୍ତିଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ବିସିସିଆଇ ସଦସ୍ୟମାନେ ଖୁସି ନାହାଁନ୍ତି । ସେହିଭଳି ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ଦଳ ଭିତରେ ସବୁକିଛି ଠିକ୍ ନୁହେଁ । ଯଦି ଆମେ ଗୌତମ ଗମ୍ଭୀରଙ୍କ ସପୋର୍ଟ ଷ୍ଟାଫଙ୍କୁ ଦେଖିବା, ଏଥିରେ ମର୍ନେ ମର୍କେଲ, ରିଆନ୍ ଦଶ ଡଏଚ୍ ଏବଂ ଅଭିଷେକ ନାୟାର ଅନ୍ତର୍ଭୁକ୍ତ । ସେ ଗମ୍ଭୀରଙ୍କ ସହକାରୀ ପ୍ରଶିକ୍ଷକ ଅଟନ୍ତି । ଟି ଦିଲୀପ ଫିଲ୍ଡିଂ କୋଚ୍ ଭାବରେ ତାଙ୍କ ସ୍ଥାନ ସଂରକ୍ଷଣ କରିଥିଲେ । ବର୍ତ୍ତମାନ ପାଇଁ, ସମର୍ଥନ କର୍ମଚାରୀଙ୍କ କେଉଁ ସଦସ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛନ୍ତି । ଏହି ବ୍ୟକ୍ତିଗତ ସହାୟକ କିଏ ବୋଲି କହିବା କଷ୍ଟକର। ପିଟିଆଇ ରିପୋର୍ଟ ଅନୁଯାୟୀ ବର୍ଡର-ଗାଭାସ୍କର ଟ୍ରଫିରେ ଏପର୍ଯ୍ୟନ୍ତ ଗୋଟିଏ ଟେଷ୍ଟ ବାକି ଅଛି । ଏହା ପରେ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଅନୁଷ୍ଠିତ ହେବ । ଯେପର୍ଯ୍ୟନ୍ତ ଭାରତୀୟ ଖେଳାଳିଙ୍କ ସହ ଦଳର ପ୍ରଶିକ୍ଷକ ଗମ୍ଭୀରଙ୍କ ସମ୍ପର୍କ ସୁଦୃଢ ନହୁଏ ଏବଂ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଭଲ ପ୍ରଦର୍ଶନ କରିବାରେ ଅସମର୍ଥ । ଫଳରେ ଗମ୍ଭୀରଙ୍କ କୋଚ ପୋଷ୍ଟ ମଧ୍ୟ ସୁରକ୍ଷିତ ରହିବ ନାହିଁ ବୋଲି ଚର୍ଚ୍ଚା ହେଉଛି ।

# ହକି ଇଣ୍ଡିଆ ଲିଗ୍: ପଏଣ୍ଟ ତାଲିକାରେ ଶୀର୍ଷରେ ବେଙ୍ଗଲ ଟାଇଗର୍ସ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ହକି ଇଣ୍ଡିଆ ଲିଗରେ ଶ୍ରାଚି ରାହ ବେଙ୍ଗଲ ଟାଇଗର୍ସ ଚମତ୍କାର ଖେଳ ପ୍ରଦର୍ଶନ କରିଛି। କ୍ରମାନ୍ୱୟରେ ଦ୍ୱିତୀୟ ବିଜୟ ହାସଲ କରିଛି ଦଳ । ଡବଲ ବିଜୟ ସହ ଟିମ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି । ବେଙ୍ଗଲ ଟାଇଗର୍ସ ପ୍ରଥମ ମ୍ୟାଚରେ ହାଇଦ୍ରାବଦ ତୋଫାନକୁ ପରାଜିତ କରିଥିଲା । ୩-୨ ଗୋଲରେ ଏହି ମ୍ୟାଚକୁ ନିଜ ନାଁରେ କରିଥିଲା ପରେ ଦ୍ୱିତୀୟ ମ୍ୟାଚରେ ଗୋନାଶିକା ଦଳକୁ ୨-୧ ଗୋଲରେ ପରାସ୍ତ କରିଛି । ଫଳରେ ଦଳ ୬ ଅଙ୍କ ସହିତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି । ବୁଧବାର ଗୋନାଶିକା ବିପକ୍ଷରେ ବେଙ୍ଗଲ ଟାଇଗର୍ସ ମ୍ୟାଛ ଖେଳିଥିଲା । ପ୍ରଥମ ଦୁଇଟି କ୍ୱାର୍ଟର ଖେଳ ବେଶ ଚିତାକର୍ଷକ ଥିଲା । ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟରେ ଖେଳ ଗୋଲ ଶୂନ୍ୟ ରହିଥିଲା । ଟାଇଗର୍ସର ଆକ୍ରମଣ ବେଶ କ୍ଷୀପ୍ର ରହିଥିଲା । ପ୍ରଥମାର୍ଦ୍ଧରେ ଦଳକୁ ୫ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା । ଗୋନାଶିକାକୁ ମିଳିଥିଲା ୨ଟି। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ୩୧ ମିନିଟରେ ଟାଇଗର୍ସଙ୍କୁ ମିଳିଥିଲା ପେନାଲ୍ଟି କର୍ଣ୍ଣର । ରୁପିନ୍ଦର ପାଲ ସିଂ ଏହାକୁ ଗୋଲ୍‌ରେ ପରିଣତ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ଗୋଟିଏ ମିନିଟ ପରେ ମନପ୍ରୀତ ସିଂ ଆକର୍ଷଣୀୟ ଫିଲ୍ଡ ଗୋଲ୍ ସହ ସ୍ଥିତି ୧-୧ରେ ବରାବର କରିଥିଲେ। ତୃତୀୟ କ୍ୱାର୍ଟରରେ ୨ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ଅନ୍ତିମ କ୍ୱାର୍ଟରରେ ଟାଇଗର୍ସ ପୁଣି ଏକ ପିସି ପାଇଥିଲା । ୪୮ ମିନିଟରେ ରୁପିନ୍ଦର ଏହାକୁ ଗୋଲରେ ରୂପାନ୍ତରିତ କରି ଦଳକୁ ୨-୧ରେ ଆଗୁଆ କରାଇଥିଲେ । ଶେଷ ୧୨ ମିନିଟ୍ ଖେଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା । ମାତ୍ର ଗୋନାଶିକା ପ୍ରତ୍ୟାବର୍ତ୍ତନର ସୁଯୋଗ ନପାଇ ଶେଷରେ ଗୋଟିଏ ଗୋଲରେ ପରାଜିତ ହୋଇଥିଲା । ଗୋନାଶିକାର ଏହା ଦ୍ୱିତୀୟ ପରାଜୟ । ଉଦ୍‌ଘାଟନୀ ଦିବସରେ ଦଳ ୨-୨ (୨-୪) ଗୋଲରେ ଦିଲ୍ଲୀ ଏସ୍‌ଜି ପିପର୍ସ ଠାରୁ ପରାସ୍ତ ହୋଇଥିଲା। କଳିଙ୍ଗ ଲାନସର୍ସ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିଲା । ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ଲାନସର୍ସ ଏବଂ ସପ୍ତମ ସ୍ଥାନରେ ଗୋନାଶିକା ରହିଛି । ପ୍ରଥମ ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟରେ ଡ୍ର' ରହିଥିବାରୁ ଗୋନାଶିକାକୁ ୧ ପଏଣ୍ଟ ମିଳିଥିଲା ।

# ଡାକ୍ତରଖାନାରୁ ଫେରିଲେ କାମ୍ବଲି



ନୂଆଦିଲ୍ଲୀ: ଅସୁସ୍ଥ ଥିବା ପୂର୍ବତନ ଭାରତୀୟ ବ୍ୟାଟର ବିନୋଦ କାମ୍ବଲି ପ୍ରାୟ ୨ ସପ୍ତାହ ପରେ ବୁଧବାର ଡାକ୍ତରଖାନାରୁ ଘରକୁ ଫେରିଛନ୍ତି। ମୂତ୍ରାଶୟ ସଂକ୍ରମଣ କାରଣରୁ ୫୨ ବର୍ଷୀୟ କାମ୍ବଲି ଭିୱାଣ୍ଡିସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ଚାଲିଥିଲା ବେଳେ ତାଙ୍କ ମସ୍ତିଷ୍କରେ ରକ୍ତଜମାଟ ବାନ୍ଧିଥିବା ଜଣାପଡ଼ିଥିଲା। ତେଣୁ ତାଙ୍କ ଚିକିତ୍ସା ଅବଧି ବଢ଼ିଥିଲା। ସୁସ୍ଥ ହେବାରୁ ବୁଧବାର ୪ଟା ବେଳେ ସେ ଡାକ୍ତରଖାନା ଛାଡ଼ି ଘରକୁ ଫେରିଛନ୍ତି। ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ବୋଲି ଡାକ୍ତର ବିବେକ ତ୍ରିବେଦୀ କହିଛନ୍ତି। ଡାକ୍ତରଖାନାରୁ ବାହାରିବା ପରେ ସାମ୍ବାଦିକଙ୍କ ସମ୍ମୁଖରେ କାମ୍ବଲି ଲୋକଙ୍କୁ ନିବେଦନ କରିଛନ୍ତି ଯେ 'ନିଶା ସେବନ ଓ ମଦ୍ୟପାନରୁ ଦୂରେଇ ରୁହ'। ସାମାଜିକ ଗଣମାଧ୍ୟମରେ ଏହି ପୂର୍ବତନ କ୍ରିକେଟର ଭାରତୀୟ ଜର୍ସି ପିନ୍ଧି ଏକ ବ୍ୟାଟ୍ ଧରି ଡାକ୍ତରଖାନାରୁ ବାହାରୁଥିବାର ଭିଡିଓ ଭାଇରାଲ୍ ହୋଇଛି। ଯାହାକୁ ଅନେକ ଲାଇକ୍ ମିଳିବା ସହ କାମ୍ବଲିଙ୍କୁ ସୁସ୍ଥ ଜୀବନ ଲାଗି ପ୍ରଶଂସକମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଗିଲ୍‌ଙ୍କ ସମେତ ୪ କ୍ରିକେଟରଙ୍କୁ ସମନ



ନୂଆଦିଲ୍ଲୀ: ଭାରତର ୪ ନାମିଦାମୀ କ୍ରିକେଟରଙ୍କୁ ଗୁଜରାଟର ସିଆଇଡି ଶାଖା ସମନ ଜାରି କରିଛି। ଏହି ଚାରି କ୍ରିକେଟରଙ୍କ ନାମ ହେଉଛି ଶୁବମାନ ଗିଲ, ରାହୁଲ ତେୱାତିଆ, ମୋହିତ ଶର୍ମା ଏବଂ ସାଇ ସୁଦର୍ଶନ। ଯେଉଁମାନଙ୍କୁ ୪୫୦ କୋଟି ଟଙ୍କା ଚିଟଫଣ୍ଡ ସ୍କାମରେ ଗିରଫ କରାଯାଇପାରେ। ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ନିବେଶ ଠକେଇର କିଙ୍ଗପିନ ଭୁପେନ୍ଦ୍ର ସିଂ ଜାଲାଙ୍କୁ ପଚରାଉଚରା ବେଳେ ଏହି ମାମଲା ସାମ୍ନାକୁ ଆସିଛି। ସେ ପ୍ରକାଶ କରିଛନ୍ତି ଯେ ନିମ୍ନଲିଖିତ ଚାରିଜଣ କ୍ରିକେଟର ଇନଭେଷ୍ଟ କରାଯାଇଥିବା ଟଙ୍କାକୁ ଫେରସ୍ତ କରିନାହାଁନ୍ତି। ଅନୁସନ୍ଧାନକାରୀ ଅଧିକାରୀଙ୍କ ଅନୁଯାୟୀ, ଇଣ୍ଡିଆନ ପ୍ରିମିୟର ଲିଗରେ ଗୁଜରାଟ ଟାଇଟାନ୍ସକୁ ଅଧିନାୟକତ୍ୱ କରୁଥିବା ଶୁବମାନ ଗିଲ ଠକେଇ ଯୋଜନାରେ ୧.୯୫ କୋଟି ଟଙ୍କା ନିବେଶ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ ତିନିଜଣ କ୍ରିକେଟର ତାଙ୍କ ତୁଳନାରେ କମ୍ ଅର୍ଥ ନିବେଶ କରିଛନ୍ତି। ଭୁପେନ୍ଦ୍ର ସିଂ ଜାଲାଙ୍କ ଆକାଉଣ୍ଟ ପରିଚାଳନା କରୁଥିବା ଋଷିକ ମେହେଟ୍ଟାଙ୍କୁ ସିଆଇଡି ଅଧିକାରୀ ଗିରଫ କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଯଦି ମେହେଟ୍ଟା ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଏରସମା ପ୍ରିମିୟର ଲିଗ୍: ଡାଇନାମିକ ଲିଜେଣ୍ଡ ଚାମ୍ପିଅନ୍



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ଆଞ୍ଚଳିକ ଯୁବ ପରିଷଦ ଆନୁକୁଲ୍ୟରେ ଆୟୋଜିତ ଏରସମା ପ୍ରିମିୟର ଲିଗ୍ ସିଜନ୍ - ୩ ଫାଇନାଲ ମ୍ୟାଚରେ ଡାଇନାମିକ୍ ଲିଜେଣ୍ଡ ସୁପର ଜିଆଣ୍ଟକୁ ହରାଇ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାରିଗୋଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଡାଇନାମିକ ଲିଜେଣ୍ଡ ଓ ସୁପରଜିଆଣ୍ଟ ମଧ୍ୟରେ ମୁକାବିଲା ହୋଇଥିଲା। ଡାଇନାମିକ ଲିଜେଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଟି ଉଇକେଟ ହରାଇ ୧୩୮ ରନ କରିଥିଲା। ସୁପରଜିଆଣ୍ଟ ୧୩୯ ରନ୍ ବିଜୟ ଲକ୍ଷର ପିଛା କରି ୧୫ ଓଭରରେ ୮ ଉଇକେଟ ହରାଇ ୧୩୪ ରନ୍ କରି ପରାଜିତ ହୋଇଛି ।ଡାଇନାମିକ ଲିଜେଣ୍ଡ କ୍ରିକେଟ ଟିମର ଅଭିଷେକ ରାଉତ ପ୍ଲେୟାର ଅଫଦି ମ୍ୟାଚ ବିବେଚିତ ହୋଇଥିବାବେଳେ ରମେଶ ମାହାଳି ପ୍ଲେୟାର ଅଫ ଦି ସିରିଜ୍ ବିବେଚିତ ହୋଇଛନ୍ତି ।ସଂଗ୍ରାମ ପରିଡା ଓ ଈଶ୍ୱର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ ।ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଡାଇନାମିକ ଲିଜେଣ୍ଡକୁ ଚାମ୍ପିୟନ ଟ୍ରଫି ଓ ସୁପର ଜିଆଣ୍ଟକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଏରସମା ପଞ୍ଚାୟତ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସମିତିସଭ୍ୟା ଦେବଜାନୀ ସେଠୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦିପ୍ତିରଞ୍ଜୀନ କୂଅଁର, ଆଞ୍ଚଳିକ ଯୁବ ପରିଷଦ ସଭାପତି ଜ୍ୟୋତିରଞ୍ଜନ କୂଅଁର,ଦେବବ୍ରତ ରାଉତରାୟ , ସାରଦା ପ୍ରସନ୍ନ ଖଟୁଆ ପ୍ରମୁଖ ଯୋଗଦେଇ ଥିଲେ। ଆଞ୍ଚଳିକ ଯୁବ ପରିଷଦ କ୍ରିକେଟ କ୍ଲବର ସମସ୍ତ ଜୁନିଅର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ସର୍ବଭାରତୀୟ କରାଟେ ପ୍ରତିଯୋଗିତା

# କୋରାପୁଟକୁ ୧୨ପଦକ



କୋରାପୁଟ, (ଭାସ୍କର ନ୍ୟୁଜ): ଭୁବେନଶ୍ୱର ଉତ୍କଳ କରାଟେ ସଂଗଠନଠାରେ ଆୟୋଜିତ ୧୪ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ କୋରାପୁଟ ପ୍ରତିଯୋଗୀ ୧୨ପଦକ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। କୋରାପୁଟର ୮ଜଣ ପ୍ରତିଯୋଗୀ ଏଥିରେ ଭାଗନେଇ ୩ଟି ସ୍ୱର୍ଣ୍ଣ, ୫ରୌପ୍ୟ ଓ ୪ବ୍ରୋଂଚ ପଦକ ହାସଲ କରିଛନ୍ତି । ପ୍ରତିଯୋଗୀଙ୍କ ମଧ୍ୟରେ ଆୟୁଷ ପ୍ରସାଦ ରଥଙ୍କୁ ୩ରୌପ୍ୟ ଓ ଗୋଟିଏ ବ୍ରୋଂଚ, ଆରିହାନ୍ତ ପାତ୍ରଙ୍କୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଶ୍ରେୟସ ସୁବୁଦ୍ଧି ଗୋଟିଏ ସ୍ୱର୍ଣ୍ଣ, ଅମ୍ଲାନ ଷଡଙ୍ଗୀଙ୍କୁ ଗୋଟିଏ ସ୍ୱର୍ଣ୍ଣ, ଅଂଶୁମାନ ତ୍ରିପାଠୀ ଗୋଟିଏ ରୌପ୍ୟ ପଦକ, ସୌମ୍ୟ ରଞ୍ଜନ ସ୍ୱାଇଁ , ଅର୍ପିତା ପୃଷ୍ଟି ଓ ସିମ୍ରନ ଷଡଙ୍ଗୀଙ୍କୁ ଗୋଟିଏ ଲେଖାଏଁ ବ୍ରୋଂଚ ପଦକ ମିଳିଛି।

# ହକି ଇଣ୍ଡିଆକୁ ଏଫଆଇଏଚ୍‌ର ପ୍ରଶଂସା



ରାଉରକେଲା (ଭାସ୍କର ନ୍ୟୁଜ୍): ହକି ଇଣ୍ଡିଆର ଦମ୍‌ଦାର ପ୍ରତ୍ୟାବର୍ତ୍ତନକୁ ଭୂୟସୀ ପ୍ରଶଂସା କରିଛି ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ) ସଭାପତି ଡାତୋ ତୟାବ ଇକ୍ରାମ। ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଏଠାକାର ଦର୍ଶକ ଓ ହକି ପ୍ରତି ସେମାନଙ୍କର ଭଲପାଇବାକୁ ମନଭରି ପ୍ରଶଂସା କରିଛନ୍ତି। ଏହା ସହ 'ହକି ଇଣ୍ଡିଆ ଲିଗ୍ ମୋ' ହୃଦୟର ଅତିନିକଟତର ବୋଲି ଅଭିହିତ କରିଛନ୍ତି ଇକ୍ରାମ। ରାଉରକେଲାରେ ଚାଲିଥିବା ଏହି ପ୍ରତିଯୋଗିତା ଅବସରରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ମତ ଦେଇଛନ୍ତି ଇକ୍ରାମ୍। ହକି ଇଣ୍ଡିଆ ଲିଗ୍ ହେଉଛି ଏକ ଆଥଲେଟ୍ କୈନ୍ଦ୍ରିକ ପଦକ୍ଷେପ। ବିଶ୍ୱସ୍ତରରେ ଆମକୁ ଏଭଳି ଅଧିକ ପ୍ଲାଟଫର୍ମ ଆବଶ୍ୟକ, ଯାହାକି କ୍ରୀଡ଼ାବିତ୍‌ଙ୍କୁ ପ୍ରଦର୍ଶନ ପାଇଁ ଭରପୂର ସୁଯୋଗ ଯୋଗାଇବ। ହକି ଇଣ୍ଡିଆ ଲିଗ୍ ପାଇଁ ଏଫଆଇଏଚ୍ ପକ୍ଷରୁ ସ୍ୱତନ୍ତ୍ର ସମୟ ଅନୁମୋଦିତ କରାଯାଇଛି, ଯେଉଁ ସମୟରେ ସମସ୍ତ ଶୀର୍ଷ ତାରକା ଭାଗନେଇପାରିବେ। 'ହିଲ୍' ଭଳି ପଦକ୍ଷେପ କେବଳ ଭାରତୀୟ ହକି ପାଇଁ ନୁହେଁ, ବରଂ ବିଶ୍ୱ ହକି ପାଇଁ ମଧ୍ୟ ଏକ ମହତ୍ ପଦକ୍ଷେପ। ଘରୋଇ ପ୍ରତିଭାର ଯୋଗଦାନ ସହିତ ଖେଳାଳିଙ୍କ ଉଲ୍ଲେଖନୀୟ ଅଂଶଗ୍ରହଣ, କ୍ରୀଡ଼ାର ଅଭିବୃଦ୍ଧି ତଥା ବିକାଶ ଉପରେ ଗଭୀର ପ୍ରଭାବ ପକାଇବ। ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଲିଗ୍ ବିଶ୍ୱସ୍ତରୀୟ ପ୍ରସାରଣ ଯୋଗୁଁ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏନେଇ ରାଉରକେଲାବାସୀଙ୍କ ପ୍ରତିକ୍ରିୟା ଆଶ୍ଚର୍ଯ୍ୟଜନକ ନୁହେଁ, କାରଣ 'ହିଲ୍' ପ୍ରକୃତରେ କ'ଣ, ତାହା ସେମାନେ ଠିକ୍ ଭାବେ ବୁଝିବା ସହ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛନ୍ତି। ଓମାନ୍‌ରେ ହକି ୫ ଏସ୍ ବିଶ୍ୱକପ୍ ଆୟୋଜନ, ଏକ ସ୍ୱପ୍ନ ସାକାର ସଦୃଶ ଥିଲା। ଏହା କେବଳ କାର୍ଯ୍ୟକ୍ରମ ପ୍ରତିଯୋଗିତା ଆୟୋଜନରେ ସୀମିତ ନଥିଲା ବରଂ ଅଷ୍ଟ୍ରେଲିଆ, ନେଦରଲାଣ୍ଡସ, ଭାରତ ଭଳି ହକି ପାୱାରହାଉସ୍ ସହିତ ନାମ୍ବିଆ, କେନିଆ, ଓମାନ, ପାରାଗୁଏ ଭଳି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ପ୍ରୟାସ ଥିଲା। ଏତଦ୍ ?ବ୍ୟତୀତ ଏକ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ହକି କ୍ୟାଲେଣ୍ଡରରେ ଇଭେଣ୍ଟ ନିର୍ଦ୍ଧାରଣ କରିବାରେ ଅସୁବିଧାକୁ ଆଲୋକିତ କରିବା ପୂର୍ବରୁ ସମ୍ମାନଜନକ ଚାମ୍ପିଅନ୍ସ ଟ୍ରଫିକୁ ପୁନର୍ଜୀବିତ କରିବାକୁ ସଭାପତି ଇକ୍ରାମ ଇଚ୍ଛା ପ୍ରକାଶ କରିଥିଲେ।



ଅନେକ ସମୟରେ ତ୍ୱଚାରେ ବିଭିନ୍ନ ପ୍ରକାର ଦାଗ,ବ୍ରଣ ଆଦି ସମସ୍ୟା ଦେଖାଯାଏ । ବିଭିନ୍ନ ପ୍ରକାର ଦାମୀ କ୍ରିମ୍ ବ୍ୟବହାର କରିବା ପରେ ମଧ୍ୟ ତ୍ୱଚାରୁ ଦାଗ ସମ୍ପୂର୍ଣ୍ଣ ଭାବେ ଲିଭି ନଥାଏ । ତେବେ ତ୍ୱଚାରେ ଥିବା ଦାଗକୁ ଦୂର୍‌କିରେ ଶସ୍ତା ଜିନିଷ ବ୍ୟବହାର କରି ଏହି ସମସ୍ୟାକୁ ଦୂର କରି ହେବ । ଏହା ହେଉଛି ଆଳୁ । ଆଳୁ ରସକୁ ବ୍ୟବହାର କରି ତ୍ୱଚାରେ ଥିବା ଦାଗରୁ ମୁକ୍ତି ମିଳି ପାରିବ । ଆଳୁରେ ଥିବା ଭିଟାମିନ୍ ସି ଓ ଆଣ୍ଟି-ଅକ୍ସିଡାଣ୍ଟ ତ୍ୱଚାକୁ ପୋଷଣ ଦେବା ସହ ଚମକକୁ ଦ୍ୱିଗୁଣିତ କରିଥାଏ । ସର୍ବ ପ୍ରଥମେ ଗୋଟିଏ ଆଳୁ ନିଅନ୍ତୁ । ଏହାକୁ ଭଲ ଭାବେ ପେଷି ଦିଅନ୍ତୁ । ଏବେ ଏହି ରସକୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ । ପରେ ମୁହଁକୁ ଧୋଇ ଦିଅନ୍ତୁ । ସପ୍ତାହକୁ ୨ଥର ଆଳୁର ଏପରି ବ୍ୟବହାର କରିବା ଦ୍ୱାରା ତ୍ୱଚାରୁ ଦାଗ ଦୂର ହେବା ସହ ତ୍ୱଚା ସଫା ଦେଖାଯାଏ । ଚମକ ମଧ୍ୟ ବୃଦ୍ଧି ପାଏ ।

## ଶାହାରୁଖଙ୍କ ବୋହୂ ହେବେ ଲାରିସା



ନୂଆ ବର୍ଷ ଆରମ୍ଭ ହୋଇଛି । ବଲିଉଡରେ ଏହାକୁ ଖୁବ ଧୁମଧାମରେ ପାଳନ କରାଯାଇଛି । ଏହି ସମୟରେ ଶାହାରୁଖ ଖାନଙ୍କ ବଡ ପୁଅ ଆର୍ଯ୍ୟନ ଖାନ ମଧ୍ୟ ତାଙ୍କ ଯୁଗ୍ମଟ ଗର୍ଲଫ୍ରେଣ୍ଡ ତଥା ବ୍ରାଜିଲର ମଡେଲ ଲାରିସା ବୋନେସିଙ୍କ ସହ ନଜର ଆସିଛନ୍ତି । ସୁଚନାଯୋଗ୍ୟ, ଆର୍ଯ୍ୟନ ଖାନଙ୍କ ନାମ ଦୀର୍ଘ ଦିନ ଧରି ଅଭିନେତ୍ରୀଙ୍କ ସହ ଯୋଡି ହୋଇଯାଉଛି । ୨୦୨୩ରେ, ଉଭୟ ଆମେରିକୀୟ ଡିଜେ ମାର୍ଟିନଙ୍କ କନସର୍ଟରେ ଏକାଠି ନଜର ଆସିଥିଲେ । ନିକଟରେ ଉଭୟଙ୍କୁ ନୂଆ ବର୍ଷ ପାର୍ଟିରେ ଦେଖିବାକୁ ମିଳିଥିଲା । ଆର୍ଯ୍ୟନ ଏକ ଧଳା ଟି-ସାର୍ଟ ଏବଂ ନାଭି ବ୍ଲୁ ଜ୍ୟାକେଟ ସହ କଳା ପ୍ୟାଣ୍ଟ ପିନ୍ଧିଥିଲେ । ଏହା ସହିତ ସେ ସିଲଭର ସ୍ନିକର ପିନ୍ଧିଥିଲେ । ଯାହା ତାଙ୍କୁ ଲୁକକୁ ସ୍ୱତନ୍ତ୍ର କରୁଥିଲା । ଲାରିସା ଏକ ଶିମରି ପିଙ୍କ ମିନି ଡ୍ରେସ ପିନ୍ଧିଥିଲେ । ଲାରିସାଙ୍କ ଲୁକ ବିଷୟରେ କହିଲେ ସେ ବହୁତ ଗ୍ଲାମରସ ଦେଖାଯାଉଥିଲେ । ଏହା ସହିତ, ସେ ଧଳା ଜ୍ୟାକେଟ, ସିଲଭର ହିଲ ଏବଂ ନେକଲେସ ସହ ଲୁକ କମ୍ପ୍ଲିଟ କରିଥିଲେ । ଏହା ସହିତ ସେ ନିଜ କେଶକୁ ଖୋଲା ରଖିଥିଲେ । ଏହି ପାର୍ଟିରେ ଆର୍ଯ୍ୟନ ଗାର୍ଡଙ୍କ ସହ ଥିଲେ । ଲାରିସା କିଛି ସାଙ୍ଗମାନଙ୍କ ସହିତ ଆସିଥିଲେ ଏବଂ ଗଣମାଧ୍ୟମ ସହିତ ମଧ୍ୟ କଥା ହୋଇଥିଲେ । ଏହି ପାର୍ଟିରେ ଏମସି ଷ୍ଟାନ, ଅବା ମଲିକ ଏବଂ ରୋହିନୀ ଆୟରଙ୍କ ପରି ସେଲିବ୍ରିଟିମାନେ ଉପସ୍ଥିତ ଥିଲେ । ଲାରିସା ବୋନେସିଙ୍କ କ୍ୟାରିୟର ବିଷୟରେ କହିଲେ ସେ ବଲିଉଡ କ୍ୟାରିୟର ଆରମ୍ଭ କରିଥିଲେ 'ଦେଶୀ ବଏଜ'ର 'ସୁବହ ହୋନେ ନା ଦେ'ଗୀତରେ । ଏହା ସହିତ ତାଙ୍କୁ ଅକ୍ଷୟ କୁମାର ଏବଂ ଜନ ଅବ୍ରାହାମଙ୍କ ସହ ଦେଖିବାକୁ ମିଳିଥିଲା । ଏହା ବ୍ୟତୀତ ସେ ଅନେକ ମ୍ୟୁଜିକ ଭିଡିଓରେ ମଧ୍ୟ ଅଭିନୟ କରିଛନ୍ତି । ସେ ବବି ଦେଓଲଙ୍କ 'ପେଣ୍ଟହାଉସ'ରେ ମଧ୍ୟ କାମ କରିଛନ୍ତି ।

## 'ଛାବା' ପାଇଁ ୫ ମାସ ମରାଠୀ ଶିଖିଲେ ରଶ୍ମିକା



ଫିଲ୍ମ 'ଛାବା'ରେ ଛତ୍ରପତି ଶିବାଜୀ ମହାରାଜଙ୍କ ପତ୍ନୀ ମହାରାଣୀ ୟେସୁବାଈ ଭୋସଲେ ଭୂମିକା ନିର୍ବାହ କରିଛନ୍ତି ଅଭିନେତ୍ରୀ ରଶ୍ମିକା ମନ୍ଦାନା । ଜଣେ ମରାଠୀ ଅଭିନେତ୍ରୀଙ୍କ ଭୂମିକା ନିର୍ବାହ କରିବା ରଶ୍ମିକାଙ୍କ ପାଇଁ ଏକ ମଉକା ନୁହେଁ,ବରଂ ଏକ ସ୍ୱପ୍ନ ଥିଲା । ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ରଶ୍ମିକା କହିଛନ୍ତି, ନିଜକୁ ମହାରାଣୀ ଭୂମିକାରେ ଦେଖିବା ତାଙ୍କର ସ୍ୱପ୍ନ ଥିଲା । 'ଛାବା'ରେ ତାହା ପୂରଣ ହେଲା । ଏହି ଭୂମିକା ପାଇଁ ସେ ଦୀର୍ଘ ୫ ମାସ ପର୍ଯ୍ୟନ୍ତ ଦୈନିକ ୩-୪ ଘଣ୍ଟା ଭାଷା ଶିଖିଥିଲେ । ଫିଲ୍ମ ପାଇଁ ସେ ଖୁବ୍ ପରିଶ୍ରମ କରିଛନ୍ତି । ଜଣେ କଳାକାର ହେବାକୁ ସ୍ୱପ୍ନ ଦେଖିବା ପରଠୁ ଏଭଳି ଐତିହାସିକ ଫିଲ୍ମରେ କାମ କରିବାର ଇଚ୍ଛା ତାଙ୍କର ଥିଲା । ଆମ ଇତିହାସ, ପରମ୍ପରା ଓ ସଂସ୍କୃତିର ଭବ୍ୟତା ତାଙ୍କୁ ସର୍ବଦା ଆକର୍ଷିତ କରେ । 'ଛାବା' ଭଳି ଫିଲ୍ମରେ କାମ କରିବା ତାଙ୍କ ପାଇଁ ସ୍ୱପ୍ନ ପୂରଣ ହେବା ଭଳି । ସେ ନିଜକୁ ସର୍ବଦା ଏକ ରାଜକୀୟ ଦୁନିଆରେ ମହାରାଣୀ ରୂପେ, ରାଜ ମହଲ, ଚମତ୍କାର ନୃତ୍ୟ ଏବଂ ଇତିହାସ ମଧ୍ୟରେ ଦେଖିବାକୁ ସ୍ୱପ୍ନ ଦେଖୁଥିଲେ । ଲକ୍ଷ୍ମଣ ଉତେକରଙ୍କ 'ଛାବା' ଅଫର ଯେତେବେଳେ ତାଙ୍କୁ ମିଳିଲା, ସେ ଖୁବ୍ ଉତ୍ସାହିତ ହୋଇପଡ଼ିଲେ । ଫିଲ୍ମରେ ସବୁଠୁ ଅଧିକ ପରିଶ୍ରମ ସେ ଭାଷାକୁ ନେଇ କରିଛନ୍ତି । ହିନ୍ଦୀ ତାଙ୍କର ମାତୃଭାଷା ନୁହେଁ। କିନ୍ତୁ ଦର୍ଶକଙ୍କ ପାଇଁ ଏହାକୁ ଶିଖିବା ତାଙ୍କର ଦାୟିତ୍ୱ ଥିଲା । ତେଣୁ ଦୀର୍ଘ ୫ ମାସ ଧରି ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ବାକ୍ୟକୁ ସେ ଭଲଭାବେ ଶିଖୁଥିଲେ । ସେ ଏପର୍ଯ୍ୟନ୍ତ ସବୁଠୁ ଅଧିକ 'ଛାବା' ପାଇଁ ପରିଶ୍ରମ କରିଥିବା ରଶ୍ମିକା କହିଛନ୍ତି। ଏଥିସହ ସଲମାନ ଖାନ୍‌ଙ୍କ ଫିଲ୍ମ 'ସିକନ୍ଦର'ରେ ମଧ୍ୟ ରଶ୍ମିକା ମୁଖ୍ୟ ନାୟିକା ଭୂମିକା ନିର୍ବାହ କରିଛନ୍ତି । ଏହାକୁ ମଧ୍ୟ ସେ ସ୍ୱତନ୍ତ୍ର ଅବସର ବୋଲି କହିଛନ୍ତି । ଗତ ୩ ବର୍ଷରେ ରଶ୍ମିକା 'ପୁଷ୍ପା-୧', 'ଆନିମଲ୍' ଓ 'ପୁଷ୍ପା ୨' ଭଳି ଲଗାତାର ହିଟ୍ ଫିଲ୍ମ ଦର୍ଶକଙ୍କୁ ଦେଇଛନ୍ତି । ନୂଆ ବର୍ଷରେ ମଧ୍ୟ ସେହି ଆଶା ରଖି ଆଗକୁ ବଢୁଛନ୍ତି ।

## ଓଠ ନଫାଟିବା ପାଇଁ ଆପଣାନ୍ତୁ ଏହି ଘରୋଇ ଉପଚାର



*ଶୀତ ଦିନେ ତ୍ୱଚା ରୁକ୍ଷ ଦେଖାଯିବା ସହ ଓଠ ମଧ୍ୟ ଫାଟିଥାଏ । ଏଥିପାଇଁ ଫଟା ଓଠରେ ବାରମ୍ବାର ଲିପ୍ ବାମ ଲଗାଇ ଥାନ୍ତି । ହେଲେ ଓଠ ଫାଟିବାରୁ ମୁକ୍ତି ମିଳି ନଥାଏ । ବଜାରରେ ମିଳୁଥିବା ଲିପ୍‌ବାମ ଓଠକୁ କଳା ପକାଇ ଦେଇଥାଏ । ତେଣୁ ଏପରି ଲିପବାମ୍ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ ଆପଣ ଓଠ ଫାଟିବାରୁ ମୁକ୍ତି ପାଇ ପାରିବେ । ଆସନ୍ତୁ ଜାଣିବା ସେ ବିଷୟରେ ।*



**ଘିଅ ବା ଲହୁଣୀ:** ଶୀତ ଦିରେ ଆପଣଙ୍କ ଓଠ ଫାଟୁଛି ତାହା ହେଲେ ଗୁଆ ଘିଅକୁ ଓଠରେ ଲଗାନ୍ତୁ । ଏଥିସହ ଆପଣ ଲହୁଣୀ ଲଗାଇପାରିବେ । ବିଶେଷ କରି ରାତିରେ ଶୋଇବା ବେଳେ ଓଠରେ ଘିଅ ଲଗାଇ ଶୁଅନ୍ତୁ । ଫଳରେ ଓଠ ରୁକ୍ଷ ବଦଳରେ ନରମ ରହିଥାଏ ।

**ମହୁ:** ଶୀତ ଦିନରେ ଓଠରେ ମହୁ ଲଗାଇପାରିବେ । ଏହା ଦ୍ୱାରା ଓଠ ନରମ ରହିଥାଏ । ମହୁରେ ପ୍ରାକୃତିକ ହାଇଡ୍ରେଟିଂ ଏଜେଣ୍ଟ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଭରପୂର ହୋଇ ରହିଥାଏ ।



**ନଡ଼ିଆ ତେଲ:** ନଡିଆ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଥାଏ, ଯାହା ଶୁଖିଲା ଏବଂ ଫାଟିଯାଇଥିବା ଓଠକୁ ଭଲ କରିବାରେ ସାହାଯ୍ୟ କରିଥାଏ । ଏଥିପାଇଁ ଶୀତଦିନେ ଓଠ ଫାଟୁଥିଲେ ନଡ଼ିଆ ଲଗାଲେ ଲାଭଦାୟକ ହୋଇଥାଏ ।



**ଆଲୋ ଭେରା ଜେଲ:** ଆଲୋ ଭେରା ଜେଲକୁ ଫଟା ଓଠରେ ଲଗାଇଲେ ଲାଭ ଦାୟକ । ଏହା ବ୍ୟବହାର କରିବା ଦ୍ୱାରା ଆମର ଓଠ ଫଟା ଭଲ ହୋଇଯାଇଥାଏ ।



## ଅଣ୍ଡାର ଦାମ୍ ୨୧ ହଜାର


ସାଧାରଣତଃ ଭାରତରେ ଗୋଟିଏ ଅଣ୍ଡା ୮ରୁ ୧୨ ଟଙ୍କା ମଧ୍ୟରେ ବିକ୍ରି ହୋଇଥାଏ । ତେବେ ନିକଟରେ ବ୍ରିଟେନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୋଟିଏ ଅଣ୍ଡା ୨୦୦ ପାଉଣ୍ଡ (ପ୍ରାୟ ୨୧ ହଜାର ଟଙ୍କା)ରେ ବିକ୍ରି ହୋଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସମ୍ପୂର୍ଣ୍ଣ ଗୋଲାକାର ଆକୃତିର ହୋଇଥିବାରୁ ଏହି ଅଣ୍ଡାକୁ 'ୱାନ୍ ଇନ୍ ଏ ବିଲିୟନ ଏଗ୍' ବୋଲି ମଧ୍ୟ କୁହାଯାଏ । ଏହି ଗୋଲାକାର ଅଣ୍ଡାକୁ ପ୍ରଥମେ ସ୍କଟ୍‌ଲାଣ୍ଡର ଏକ ସ୍ଥାନୀୟ ବଜାରରୁ ଜଣେ ମହିଳା କିଣିଥିଲେ । ୧୫ଟି ଅଣ୍ଡା ଥିବା ଗୋଟିଏ ବାକ୍ସ ମଧ୍ୟରେ ଏହି ନିଆରା ଅଣ୍ଡା ମିଳିଥିଲା । ପରେ ମହିଳା ଜଣକ ଉକ୍ତ ଅଣ୍ଡାକୁ ୟର୍କଶାୟରସ୍ଥିତ ଲେମ୍ୱୋର୍ନ ଅଞ୍ଚଳରେ ରହୁଥିବା ଏଡ୍ ପାୱେଲଙ୍କୁ ବିକ୍ରି କରିଥିଲେ । ଆକର୍ଷଣୀୟ ଆକୃତିର ଏହି ଅଣ୍ଡାକୁ ଦେଖି ଏଡ୍ ବିମୋହିତ ହୋଇଯାଇଥିଲେ ଓ ଏହାକୁ ୧୫୦ ପାଉଣ୍ଡ ମୂଲ୍ୟରେ କିଣିଥିଲେ । ତେବେ ପରେ ସେ ଏହି ଅଣ୍ଡାକୁ ଲୁଭେଣ୍ଟସ୍ ଫାଉଣ୍ଡେଶନକୁ ଦାନ କରିଥିଲେ । ଲୁଭେଣ୍ଟସ୍ ଫାଉଣ୍ଡେଶନ ଏକ ପରୋପକାରୀ ସଙ୍ଗଠନ ହୋଇଥିବାବେଳେ ଏହା ୟର୍କଶାୟରର ଯୁବକମାନଙ୍କୁ ଲାଇଫ୍‌ଷ୍ଟାଇଲ କୋଚିଂ, ପରାମର୍ଶ ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ଯୋଗାଇଥାଏ । ଉକ୍ତ ଫାଉଣ୍ଡେସନର ସଦସ୍ୟମାନେ ମଧ୍ୟ ଏହି ଅଦ୍ଭୁତ ଅଣ୍ଡା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେମାନେ ବିଭିନ୍ନ ଦାନ କାର୍ଯ୍ୟ ପାଇଁ ଏହି ଅଣ୍ଡାକୁ ପୁଣି ଥରେ ନିଲାମ କରିବାକୁ ସ୍ଥିର କରିଥିଲେ । ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଅଣ୍ଡା ୨୦୦ ପାଉଣ୍ଡ ମୂଲ୍ୟରେ ବିକ୍ରି ହୋଇଛି ।

## ଗାଧୁଆ ଘରେ ରଖନ୍ତୁନି ଏସବୁ ଜିନିଷ

*ଗାଧୁଆଘରେ ଏହି ଜିନିଷ ଥିଲେ ଟାଣି ଆଣେ ଦୁର୍ଭାଗ୍ୟ, ଟଙ୍କା ଅଭାବ, କରି ଦିଏ କାଙ୍ଗାଳ*

*ଅନେକ ସମୟରେ ଦେଖାଯାଏ,ଲୋକେ ଅନେକ ପରିଶ୍ରମ କରିବା ପରେ ମଧ୍ୟ ଆର୍ଥିକ ସ୍ଥିତିରେ ସମସ୍ୟା ଲାଗି ରହିଥାଏ । ବାସ୍ତୁ ଅନୁଯାୟୀ, ଘରର ପ୍ରତ୍ୟେକ ଅଂଶ ମହତ୍ତ୍ୱ ପୂର୍ଣ୍ଣ । ଶୟନ କକ୍ଷ, ରୋଷେଇ ଘର ଭଳି ଗାଧୁଆଘରର ମଧ୍ୟ ମହତ୍ତ୍ୱ ରହିଛି । ତେବେ ଏଭଳି କେତେକ ଜିନିଷ ରହିଛି, ଯାହାକୁ ଗାଧୁଆ ଘରେ ରଖିବା ଉଚିତ୍ ନୁହେଁ । ଜାଣନ୍ତୁ..*

- ବାସ୍ତୁ ଶାସ୍ତ୍ର ଅନୁସାରେ ଗାଧୁଆ ଘରେ କଦାପି ଛିଣ୍ଡା ଚପଲ ରଖନ୍ତୁ ନାହିଁ । ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ । ଭୁଲରେ ମଧ୍ୟ ଏଭଳି ଚପଲ ରଖନ୍ତୁ ନାହିଁ । ଗାଧୁଆ ଘରେ କଦାପି ଓଦା ଲୁଗା ରଖନ୍ତୁ ନାହିଁ । ସଫା କରିବା ମାତ୍ରେ ଏହାକୁ ନେଇ ବାହାରେ ଶୁଖାଇ ଦିଅନ୍ତୁ । ଓଦା ବସ୍ତ୍ର ରଖିବା ଦ୍ୱାରା ଜାତକରେ ସୂର୍ଯ୍ୟଙ୍କ ସ୍ଥିତି ଦୁର୍ବଳ ହେବା ସହ ସୂର୍ଯ୍ୟ ଦୋଷ ଲାଗି ଥାଏ ।
- ଗାଧୁଆ ଘରେ ଭଙ୍ଗା କାଚ କିମ୍ବା ଭଙ୍ଗା ଆଇନା ରଖନ୍ତୁ ନାହିଁ । ଏହାଦ୍ୱାରା ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ । ଟଙ୍କାର ଅଭାବ ମଧ୍ୟ ଲାଗି ରହିଥାଏ । ଯେତେ ରୋଜଗାର କଲେ ନିଅଣ୍ଟ ହୋଇଥାଏ ।
- ଗାଧୁଆ ଘରେ ଖାଲି ବାଲତି କଦାପି ରଖନ୍ତୁ ନାହିଁ । ଏଭଳି ବାଲତି ଘରେ ଦୁର୍ଭାଗ୍ୟକୁ ଟାଣି ଆଣି ଥାଏ । ଗାଧୁଆ ଘରେ ସର୍ବଦା ବାଲତିରେ ପାଣି ଭର୍ତ୍ତି କରି ରଖନ୍ତୁ ।
- କଳରୁ ସର୍ବଦା ଟପଟପ୍ ପାଣି ପଡିବା ମଧ୍ୟ ଶୁଭ ନୁହେଁ । ଏହାକୁ ତୁରନ୍ତ ଠିକ୍ କରି ଦିଅନ୍ତୁ ନଚେତ୍ କାଙ୍ଗାଳ କରି ଦେଇଥାଏ ।



## ଚିଡ଼ିଚିଡ଼ାପଣ ଦୂର କରେ ଭିଟାମିନ୍ -ପି



*ଶରୀରରକୁ ସୁସ୍ଥ ରହିବା ପାଇଁ ଖାଦ୍ୟରୁ ମିଳୁଥିବା 'ଭିଟାମିନ୍-ପି'ର ଆବଶ୍ୟକତା ରହିଛି । 'ପି'ର ଅର୍ଥ ଫ୍ଲେବର, ଯାହାକି ସ୍ୱାଦିଷ୍ଟ ଖାଦ୍ୟ ସେବନ କରିବା ପରେ ଖୁସି ପ୍ରଦାନ କରେ । ଏହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ । ଏହି ଭିଟାମିନ୍ ଚିଡ଼ିଚିଡ଼ା, ପାଚନ ଆଦି ବିକାର ଲକ୍ଷଣକୁ କମ୍ କରିବାରେ ସାହାଯ୍ୟ ହୋଇଥାଏ ।*

**ଦୃଢ ରୋଗ ପ୍ରତିରୋଧକ ଶକ୍ତି:** ଭିଟାମିନ୍ ପି ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ । ତେଣୁ ବିଭିନ୍ନ ସଂକ୍ରମଣ କାରଣରୁ ହେଉଥିବା ରୋଗ ନିୟନ୍ତ୍ରଣରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭିଟାମିନ୍- ପି ଯୁକ୍ତ ବ୍ଲୁବେରୀ, ବ୍ଲାକବେରୀ, ଲେମ୍ବୁ, ପାଳଙ୍ଗ, ବ୍ରୋକଲି ଆଦି ସେବନ ଦ୍ୱାରା ହୃଦ୍‌ରୋଗ, ମଧୁମେହ ତଥା କର୍କଟ ପରି ଗମ୍ଭୀର ରୋଗ ନିୟନ୍ତ୍ରଣ ରହେ । ଦୃଷ୍ଟିଶକ୍ତି ବୃଦ୍ଧିରେ ସହାୟକ ହୁଏ ।

**ତ୍ୱଚାକୁ ସୁସ୍ଥ ରଖେ:** ଭିଟାମିନ୍ ପି ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଦୂର କରେ । ମୁହଁରେ ଦାଗ କିମ୍ବା ବ୍ରଣ ଆଦି ସମସ୍ୟାକୁ ଦୂର କରିବାରେ ସହାୟକ ହୁଏ । ଚେହେରାରେ ଭାଙ୍ଗ ପଡ଼ିନଥାଏ ।

**ଓଜନ ନିୟନ୍ତ୍ରଣକାରୀ:** ନିୟନ୍ତ୍ରଣ ପାଇଁ ଏହା ସବୁଠୁ ଉତ୍ତମ ବିକଳ୍ପ । ପାଚନ ଏବଂ ପୋଷକତତ୍ତ୍ୱକୁ ଅବଶୋଷଣରେ ସୁଧାର ଆଣୁଥିବାରୁ ଏହା ଶରୀରରୁ ଅଧିକ ଚର୍ବିକୁ କମାଇଥାଏ । ମୋଟାପା ସମସ୍ୟାର ଭୟ ରହେ ନାହିଁ ।

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କଣାସ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ପାଇକମରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହ୍ଲାଦ ମାନ୍ଧାତାଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଦୀର୍ଘ ବର୍ଷ ଶିକ୍ଷକତା ପରେ ଅବସର ନେଇଥିବା ଶ୍ରୀ ମାନ୍ଧାତାଙ୍କୁ କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସରକାଳିନୀ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷାଧିକାରୀ ଭବମ ପ୍ରଧାନ ଶ୍ରୀ ମାନ୍ଧାତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ତଥା ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କଣାସ ବ୍ଲକର ତୃତୀୟ ଶିକ୍ଷକ ରୂପେ ଶ୍ରୀ ମାନ୍ଧାତାଙ୍କୁ ଶିକ୍ଷାଧିକାରୀ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ବିନୋଦ ବିହାରୀ ସେଠୀ, ସିଆରସିସି ଭୂପତିଭୂଷଣ ତ୍ରିପାଠୀ, ବରିଷ୍ଠ ଓ କନିଷ୍ଠ କିରାନି ସିରିସ୍ ଚନ୍ଦ୍ର ମହାରଥୀ ଓ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ତା ହରାଇବାକୁ ବସିଛି ଦୟାନଦୀ

## ଖନନ ପାଇଁ ଦାବି



କଣାସ (ଭାସ୍କର ନ୍ୟୁଜ): ପୁରାଣ ବର୍ଣ୍ଣିତ କଳିଙ୍ଗ ଯୁଦ୍ଧର ମୁକ ସାକ୍ଷୀ କୁଆଖାଇ ନଦୀରୁ ସରେଇପୁର ଠାରୁ ବାହାରିଥିବା ଦୟାନଦୀ ଆଗାମୀ ଦିନରେ ସତ୍ତା ହରାଇବାକୁ ବସିଛି । ଦୟାନଦୀ ତିରିମଲ୍ଲ ଠାରୁ ଦୁଇଭାଗରେ ବିଭକ୍ତ ହୋଇ ଦୟାନଦୀ ଘୋରଡିଆ, ତ୍ରିଲୋଚନପୁର, କଣାସ ଦେଇ ବଳଭଦ୍ରପୁର, ଜଙ୍କିଆ, ବସନ୍ତପୁର, ଗଡିଶାଗୋଡା ଦେଇ ଚିଲିକାରେ ପଡିଛି । ତାହାର ଶାଖା ନଦୀ ରାଜୁଆ ତିରିମଲ୍ଲ ଠାରୁ ବାହାରି ପୁନଶ୍ଚ ନୂଆଦୋକନ୍ଦାଠାରେ ଦୟାନଦୀ ସହିତ ମିଶିଯାଇଛି । ବର୍ତ୍ତମାନ ଦୟାନଦୀ ବର୍ଷକେ ୮ମାସ ଶୁଖିଲା ପଡୁଥିବା ବେଳେ ରାଜୁଆନଦୀ ଚିରସ୍ରୋତା ହୋଇରହିଛି । ଦୟାନଦୀର ଦୁଇ ପାର୍ଶ୍ୱପଠା ପାଣ୍ଡିଆବିରି, ଘଷୋରଡିଆ, ଜୋରକଣି, ତିଗିରିଆ, ବାଲପୁର, ବାରଦା, ବୀରକେଶରପୁର, ଶିଶୁଆପଡା, ନୂଆହାଟ, ବେହେଡ଼ା, ତ୍ରିଲୋଚନପୁର, ମାଟିଆପଡା, ବାଙ୍କତଳ, ପାଣ୍ଡିଆକେରା, ରାଣୀପଡା, ନାନାକେରା, ଦୋକନ୍ଦା, ତଳପଡା, ଭାଟପଡା, କଣାସ ପ୍ରଭୃତି ଗ୍ରାମର ଋଷୀମାନେ ନଦୀପଠାରେ ପୋଟଳ, କଲରା, ବାଇଗଣ, କଖାରୁ, ଟମାଟ, ଲଙ୍କା, ଫୁଲକୋବି, ପତ୍ରକୋବି, ଜହ୍ନି, କଖାରୁ, କୋସଳାଶାଗ ପ୍ରଭୃତି କରୁଥିଲେ। ଯାହା ଦ୍ୱାରାକି ଋଷୀମାନେ ପ୍ରତିଦିନ ପରିବା ଟ୍ରକ୍ ଟ୍ରକ୍ ପୁରୀ, ଭୁବନେଶ୍ୱର, କଟକ, ଖଡଗପୁର, ଟାଟା ପ୍ରଭୃତି ସହରକୁ ପଠାଉଥିଲେ। ଦୀର୍ଘ ୨୦ବର୍ଷ ହେଲା ଦୟାନଦୀ ଶଯ୍ୟା ପୋତି ହେବା ଏବଂ ଦୁଇପାଖ ପୋତି ହୋଇଯାଇ ନଦୀ ନାଳରେ ପରିଣତ ହୋଇଥିବାରୁ ବର୍ଷକରେ ୮ମାସ ଶୁଖିଲା ପଡୁଛି । ଯାହା ଦ୍ୱାରା କି ଉକ୍ତ ଗ୍ରାମର ଋଷୀମାନେ ନିଜର ବେଉସା ହରାଇ ବସିଛନ୍ତି । ବନ୍ୟା ସମୟରେ ନଦୀ ପୋତି ହୋଇପଡିଥିବାରୁ ତାଣ୍ଡବ ଲିଳା ସୃଷ୍ଟି କରୁଥିବାରୁ ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ବ୍ଲକ ଅଧିକାରୀମାନେ ଲହୁଲୁହାଣ ହେଉଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ନଦୀ ସଂଯୋଗିକରଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ କଳିଙ୍ଗ ଯୁଦ୍ଧର ମୁକଶାଖୀ ଦୟାନଦୀ ପୋତି ହୋଇ ଆଗାମି ଦିନରେ ବିଲୁପ୍ତ ହେବାକୁ ବସିଥିବାରୁ କିପରି ଅଧିକାରୀମାନଙ୍କର ନଜର ପଡୁନାହିଁ ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି । ନଦୀ ଖନନ ପାଇଁ ନୀଳାଚଳ କୃଷକ ମହାସଂଘ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ, ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଶୀ ଦାବିକରି ଆସୁଛନ୍ତି । ତୁରନ୍ତ ନଦୀ ଖନନ କରିବାପାଇଁ କଣାସ, ଡେଲାଙ୍ଗ ଅଞ୍ଚଳବାସୀ ଦାବିକରିଛନ୍ତି ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ପୁରୁଣା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଜଳ ସଂପଦ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ଉତ୍ସବରେ ଢେଙ୍କାନାଳ ପୌରପାଳିକାର ଅଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଭାଇ ସଫଳ ହେଲେ ରାଜ୍ୟ ସମୃଦ୍ଧ ହେବ ବୋଲି ମତବ୍ୟକ୍ତ କରିଥିଲେ । କୌଣସି ଚାଷୀଭାଇ ଅସୁବିଧାର ସମ୍ମୁଖୀନ ହେଲେ ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ସେ ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି କହିଥିଲେ । ବିଭାଗୀୟ ଅଧିକାରୀ ମାନେ ନିଶ୍ଚିତ ଭାବେ ଜଳ ପରିଚାଳନାରେ କୃଷକ ବନ୍ଧୁ ମାନଙ୍କୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ସଭାପତିତ୍ୱ କରି ମାନବ ସମାଜର ବଂଚି ରହିବା ପାଇଁ ଖାଦ୍ୟ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଚାଷୀକୂଳ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଜଳ ଅସରନ୍ତି ଭଣ୍ଡାର ହୋଇ ଥିବାରୁ ଏହାର ପୂର୍ଣ୍ଣ ବିନିଯୋଗ କରିପାରିଲେ ଏହା ଆମ ପାଇଁ ବରଦାନ ସଦୃଶ ହେବବୋଲି ମତ ବ୍ୟକ୍ତ କରିଥିଲେ । ଉତ୍ସବ ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ ପାଣି ପଞ୍ଚାୟତ ପକ୍ଷ ପାଳନ ସଂପର୍କରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଭୂତଳ ଜଳ ପାଇପ୍ ଲାଇନ୍ ପ୍ରକଳ୍ପ ମୁଖ୍ୟ ଏସ୍. ମୁରଳି , ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁବ୍ରତ କୁମାର ପାଢୀ, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର, ଦେବୀ ପାଣି ପଞ୍ଚାୟତର ସଭାପତି ନିରଞ୍ଜନ ପତି ପ୍ରମୁଖ ଯୋଗ ଦେଇ କୃଷିର ବିକାଶ ବିନା ଅନ୍ୟ କୈଣସି କ୍ଷେତ୍ରରେ ଉନ୍ନତି ସମ୍ଭବ ନୁହେଁ କହିଥିଲେ। ଶେଷରେ ରେଙ୍ଗାଳି ରାଇଟ୍ କେନାଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କୃଷି ଭିତିକ ଚିତ୍ରାଙ୍କନ, ରଚନା, ବକ୍ତୃତା ଏବଂ ବିଜ୍ଞାନ ପ୍ରଦର୍ଶନୀର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ ।

# ଇ-ଟେକ୍ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡା



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇ-ଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୧୦୦ ମିଟର, ୨୦୦ ମିଟର ଏବଂ ୪୦୦ ମିଟର ଦୌଡ, କବାଡି, ଖୋ-ଖୋ, ଭଲିବଲ୍, ଡିସ୍କସ୍, ସର୍ଟପୁଟ୍, ଦଉଡି ଡିଆଁ, ରଙ୍ଗୋଲି, ଡ୍ରଇଁ, ଇଂରାଜୀ ଏବଂ ଓଡିଆ ରଚନା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା । ବାଳିକା ବିଭାଗର ଶକ୍ତି ଜାହ୍ନବୀ ଏବଂ ବାଳକ ବିଭାଗରେ ରୁଦ୍ର ପ୍ରସାଦ ଚାମ୍ପିଅନ୍ ହୋଇଛନ୍ତି । ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଠାରେ ଅବସ୍ଥିତ ବଦ୍ୟାଳୟର ନିଜସ୍ୱ କ୍ରୀଡା ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡାକୁ ବିଦ୍ୟାନିକେତନ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ସୁପ୍ରଭା ଶତପଥୀ ଏବଂ ଇ-ଟେକ୍‌ର ଅଧ୍ୟକ୍ଷ ଡକ୍ଟର ସୁରେଶ ମିଶ୍ର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇ-ଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶାରଦା ପ୍ରସାଦ ମହାନ୍ତି, ଇ-ଟେକ୍‌ର ଉପାଧ୍ୟକ୍ଷ ଅନୀଲ୍ କୁମାର ଗୋଚ୍ଛାୟତଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ଯୋଗଦେଇଥିଲେ । କ୍ରୀଡା କେବଳ ଶାରିରୀକ ସୁସ୍ଥତା ପ୍ରଦାନ କରିଥାଏ, ତାହା ନୁହେଁ କ୍ରୀଡା ଏକ ଭାଇଚାରାର ମାଧ୍ୟମ ରୁପେ ମହୌଷଧି ଭଳି କାର୍ଯ୍ୟ କରିଥାଏ । କ୍ରୀଡା ଆମମାନଙ୍କୁ ମାନସିକ ସୁସ୍ଥତା ପ୍ରଦାନ କରିଥାଏ, ଯାହାକି ଆମ ସଭାଜ ପାଇଁ ବେଶ୍ ଗୁରୁତ୍ୱପୁର୍ଣ୍ଣ ବୋଲି ଅଧ୍ୟକ୍ଷ ଡକ୍ଟର ସୁରେଶ ମିଶ୍ର ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ । ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ଅନୀଲ କୁମାର ନନ୍ଦ, ପ୍ରଦୀପ କୁମାର ଦଳେଇ, ଦୁଷ୍ମନ୍ତ ସେଠୀ ଏବଂ ସରିତା ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ଏଥିରେ ଶ୍ୟାମସୁନ୍ଦର ଦେହୁରୀ, ସମୀର କୁମାର ହୋତା, ସୁବାସ ଚନ୍ଦ୍ର ସାହୁ, ଆଦିତ୍ୟ ପ୍ରସାଦ ସାହୁ, ଚିତରଞ୍ଜନ ସାହୁ, ସୁନୀଲ କୁମାର ମିଶ୍ର, ମୃତ୍ୟୁଞ୍ଜୟ ପାଣି, ଲମ୍ବୋଦର ନାୟକ, ସୁନିଲ ଭୁଡିଆ, ପ୍ରିୟବ୍ରତ ସାହୁ, ବଳରାମ ବେହେରା, ମନୋଜ ପ୍ରଧାନ, ବିଜୟ ବେହେରା, ଜ୍ୟୋର୍ତି ମୟୀ ସାହୁ, ମଧୁସ୍ମିତା ଜେଠୀ, ସନ୍ଧ୍ୟାରାଣୀ ମହାରଣା, ଅଭିପ୍ସା ବାରିକ, ସୀମା ବିଶ୍ୱାଳ ପ୍ରଭୃତି ସହଯୋଗ କରିଥିଲେ ।

# ମଣ୍ଡିରେ ଟାର୍ଗେଟ କମ, ଧାନ ବିକି ପାରୁ ନାହାନ୍ତି ଚାଷୀ



ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଧାନଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଖୁସି କରାଇଥିବା ବେଳେ ଏବେ କିନ୍ତୁ ଚାଷୀ ସରକାରଙ୍କ ନିୟମକୁ ନେଇ ଚିନ୍ତାରେ ପଡିଛନ୍ତି। ଧାନର ମୂଲ୍ୟ ବଢାଇ ଦେଇଥିବା ସରକାର ମଣ୍ଡି ଗୁଡିକରେ ଚାଷୀଙ୍କ ଠାରୁ ଧାନକ୍ରୟର ଟାର୍ଗେଟ କମାଇ ଦେଇଥିବାରୁ ଚାଷୀ ଏବେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରୟ କରିନପରି ଦୁଖରେ ଭାଙ୍ଗି ପଡିଛନ୍ତି। ଶେଷରେ ବାଧ ହୋଇ ରାଜ ରାସ୍ତାକୁ ଓହ୍ଲାଇ କରିଛନ୍ତି ବିରୋଧ। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ଗ୍ରାମରୁ। ସୂଚନା ଅନୁଯାୟୀ ନାୟକଗୁଡା ଧାନ ମଣ୍ଡିରେ ସରକାରଙ୍କ ପକ୍ଷରୁ ୧୦୦୦ କ୍ୱିଣ୍ଟାଲ ଧାନ କ୍ରୟର ଟାର୍ଗେଟ ରହିଥିବା ବେଳେ ଟାର୍ଗେଟ ପୂର୍ଣ୍ଣହେବାକୁ ବସିଛି ହେଲେ ଅଞ୍ଚଳର ବହୁତ ଚାଷୀ ବର୍ତ୍ତମାନ ସୁଧା ଧାନ ବିକ୍ରୟ କରି ନାହାନ୍ତି। ବର୍ଷ ତମାମ କଷ୍ଟ କରି ନିଜର ଝାଳ ବୁହା ପରିଶ୍ରମରେ ଯେଉଁ ଧାନକୁ ଚାଷୀ ଅମଳ କରିଛି ତାହା ଏବେ ଚାଷୀଙ୍କ ଧାନ ଖଳାରେ ପଡି ରହିଛି। ସାହୁକାର, ବ୍ୟାଙ୍କ ଆଦି ଠାରୁ ଋଣ ଆଣି ଖରା ବର୍ଷାକୁ ଖାତିର ନକରି ଚାଷୀ ଧାନ ଅମଳ ପରେ ଏହାକୁ ବିକ୍ରୟ କରି ଦୁଇ ପଇସା ପାଇବାକୁ ଆଶା ରଖିଥିବା ବେଳେ ଏବେ ମଣ୍ଡିରେ ଟାର୍ଗେଟ ଶେଷ ହେବାକୁ ଯାଉଥିବାରୁ ଧାନ କାହାକୁ ବିକିବେ ବୋଲି ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଅନେକ ଚାଷୀ ଧାନର ଅଭାବୀ ବିକ୍ରି ଯୋଗୁ ଦଲାଲ ମାନଙ୍କୁ ଧାନ ବିକୁଥିବା ଅଭିଯୋଗ ହେଉଥିବା ବେଳେ ବାରମ୍ବାର ଅନୁରୋଧ ପରେ ମଧ୍ୟ ଛାଇଶଙ୍କୁ କୌଣସି ସୁଫଳ ମିଳୁନି। ଯାହା ଫଳରେ କୌଣସି ଉପାୟ ନପାଇ ଶେଷରେ ତାତିଛନ୍ତି ଚାଷୀ ଏବଂ ରାଜ ରାସ୍ତାକୁ ଆସି କରିଛନ୍ତି ରାସ୍ତା ଅବରୋଧ। ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ଠାରେ ଜାତୀୟ ରାଜପଥ ୩୨୬ ଉପରେ ଚାଷୀ ଧାନ ବସ୍ତା ରଖି ରାସ୍ତା ରୋକ କରିଥିବା ବେଳେ ଜୟପୁର ରୁ ମାଲକାନଗିରିକୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ମାସ ମାସ ଧରି ଧାନ ଉଠୁନଥିବା ଅଭିଯୋଗ ସହ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକେନ ଦିଆଯାଉଥିବା ବେଳେ ମଣ୍ଡିରେ ୧୦୦୦ କୁଇଣ୍ଟାଲ ଧାନ କ୍ରୟର ଟାର୍ଗେଟ ଯୋଗୁଁ ସମସ୍ୟା ଭୋଗୁଥିବା ଅଭିଯୋଗ କରି ଏହି ରାସ୍ତା ରୋକ କରାଯାଇଛି। ତେବେ ମଣ୍ଡିରେ ଟାର୍ଗେଟ ବଢାଯାଇ ୨୦୦୦ କ୍ୱିଣ୍ଟାଲ କରାଯିବାକୁ ଦାବି କରିଛନ୍ତି ଚାଷୀ। ପୂର୍ବରୁ ପ୍ରଶାସନକୁ ଅନୁରୋଧ ପରେ ପ୍ରଶାସନ ତରଫରୁ କୌଣସୀ ପଦକ୍ଷେପ ନିଆଯାଇନଥିଲା। ତେଣୁ ଦାବିପୂରଣ ସହ ଉଚିତ ସମୟରେ ଚାଷୀଙ୍କ ଧାନକ୍ରୟ କରାଗଲେ ଆନ୍‌ଦୋଳନ ହଟିବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଦୀର୍ଘ ସମୟ ପରେ ଏନେଇ ଖବର ପାଇ ଘଟଣା ସ୍ଥଳରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ଏମ ଏମ ପଟ୍ଟନାୟକ, ଏସଡିପିଓ ସଚିନ ପଟେଲ ପ୍ରମୁଖ ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାସୁଜା କରିବା ସହ ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୁ ଚାଷୀ ହଟିଥିବା ଜଣା ପଡିଛି।

# ସମାଧାନ ଶିକ୍ଷାନିକେତନର ବାର୍ଷିକ କ୍ରୀଡା

ଆଠମଲ୍ଲିକ (ଭାସ୍କର ନ୍ୟୁଜ): ଆଠମଲ୍ଲିକ ବ୍ଲକ ଅଏଡା ଗ୍ରାମପଞ୍ଚାୟତରେ ଗୁରୁବାର ସମାଧାନ ଶିକ୍ଷା ନିକେତନରେ ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ପ୍ରଭଞ୍ଜନ ଖେଟୀ ଉପସ୍ଥିତ ରହି ଖେଳକୁଦ ଉତ୍ସବର ଶୁଭାରମ୍ଭ କରିଥିଲେ । କୁନି କୁନି ଛାତ୍ର ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ଖେଳର ପ୍ରତିଯୋଗିତା କରାଯାଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫିଟ କୋଚ ରାମଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜାତୀୟ ମାନବାଧିକାର ସଂଗଠନ ଅନୁଗୋଳ ଜିଲ୍ଲା ସଭାପତି ଶତ୍ରୁଘ୍ନ ସାହୁ, ସମାଧାନ ଶିକ୍ଷା ନିକେତନର ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ଅରବିନ୍ଦ ଖେଡି, ଅଧ୍ୟକ୍ଷ ରମେଶ ମହାନ୍ତି, ଖେଳ ଶିକ୍ଷକ ପ୍ରଭୁ ରଞ୍ଜନ ପ୍ରଧାନ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସଂଗଠନର ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁମା କ୍ରିଷ୍ଣାରାଣୀ ଦନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଗୁରୁଜୀ ନରହରି ପ୍ରଧାନ, ବିଶାଳ ସାହୁ, ଗୁରୁମା ପ୍ରଭାତ ନଳିନୀ ଖେଡି, ଲିପିକା ବେହେରା, ଶୁଭଶ୍ରୀ ଦେହୁରୀ, ମାମାଲି ତରିଆ ପ୍ରମୁଖ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

# ଖଙ୍କିରା କପ ଉଦ୍‌ଯାପିତ



ଢେଙ୍କାନାଳ, ୨୧ : ୩୧ତମ ଖଙ୍କିରା କ ଉଦଯାପିତ ହୋଇଯାଇଛି । ମାରୁତି ସ୍ପୋର୍ଟସ ଆସୋସିଏସନ ଖଙ୍କିରା ସହିତ ମାର୍ଥପୁର କ୍ରିକେଟ କ୍ଲବ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଟସ ଜିତି ମାରୁତି ସ୍ପୋର୍ଟସ ଆସୋସିଏସନ ପ୍ରଥମେ ବ୍ୟାଟିଙ୍ଗ କରିବାକୁ ପଡିଆକୁ ଓହ୍ଲାଇ ଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଚନ୍ଦନ ମହାପାତ୍ରଙ୍କ ଧୂଆଁଧାର ୩୯ ବଲରେ ୭୯ ରନ ସହ ପୂର୍ବତନ ଅଧିନାୟକ ନାରାୟଣ ସିଂଙ୍କ ଉପଯୋଗୀ ୪୬ ରନରେ ଦଳ ୨୦୧ ରନ୍ ସଂଗ୍ରହ କରିଥିଲା । ତାର ପ୍ରତିଜବାବରେ ପ୍ରାରମ୍ଭିକ ବିସ୍ଫୋରକ ବ୍ୟାଟିଂ କରିଥିଲେ ବି ୨୦ ଓଭର ୩ ବଲ ଥାଇ ୧୯୧ ରନରେ ମାର୍ଥାପୁର କ୍ରିକେଟ କ୍ଲବର ସମସ୍ତ ବ୍ୟାଟ୍ସମ୍ୟାନ ଆଉଟ ହେଇଥିଲେ । ମାରୁତି ସ୍ପୋର୍ଟସର ଚନ୍ଦନ ମ୍ୟାନ ଅପ ମ୍ୟାଚ ହେଇଥିବା ବେଳେ ଅଧିନାୟକ ସ୍ମୃତି ରଞ୍ଜନ ଜେନା ମ୍ୟାନ ଅଫ ସିରିଜି ହୋଇଥିଲେ । ମୁଖ୍ୟ ଅତିଥି ରୂପେ ଗଡ଼ ଖଙ୍କିରା ମା’ ତାରିଣୀ ମନ୍ଦିରର ପ୍ରତିଷ୍ଠାତା ତଥା ସ୍ୱର୍ଶ ହସ୍ପିଟାଲ ନିର୍ଦ୍ଦେଶକ ପ୍ରିୟବ୍ରତ ଧୀର ଓ ଗ୍ରାମର ହେମନ୍ତ ବ୍ରହ୍ମା, ବାଦଲ ଦାସ, ଆଲୋକ ସିଂ, ପ୍ରସନ୍ନ ମହାପାତ୍ର, ପ୍ରସନ୍ନ ପତି, ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ । ତାପସ ବାରିକ, ଘୋଷକ ରାଜେଶ ସାହୁ , ମନୋଜ ବ୍ରହ୍ମା , ଅଜୟ ସାହୁ , ଟିକୁ ଭୂୟାଁ, ସ୍ୱୟଂ ପ୍ରକାଶ ସାହୁ, ରାହୁଲ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

# କାର୍ ବାଇକ୍ ମୁହାଁମୁହିଁ ଧକ୍କା, ୫ ଜଣ ଆହତ

ଲହୁଣୀପଡ଼ା (ଭାସ୍କର ନ୍ୟୁଜ): ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାରସୁଆଁ ପୂର୍ତ୍ତ ବିଭାଗ ରାସ୍ତା ର ଦଲମକୁଚା ନିକଟରେ ବାଇକ ଓ କାର ମୁହାଁମୁହିଁ ଧକ୍କା ହେବା ଫଳରେ ୫ଜଣ ଆହତ ହୋଇଥିବା ବେଳେ ସେଥି ମଧ୍ୟରୁ ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ରୁ ପ୍ରକାଶ ଯେ ଓଡି -୧୪ଏଇ -୫୩୦୧ ବାଇକ ଯୋଗେ ରୋହିତ ଖଡ଼ିଆ, ସୁନୀଲ କାଣ୍ଡୁଲାନା ଓ ଅନ୍ୟ ଜଣେ ଯୁବକ ଲହୁଣୀପଡା ପଟରୁ ବାରସୁଆଁ ଯାଉଥିଲେ। ଏବଂ ବିପରୀତ ଦିଗରୁ ଓଡି -୧୪ଏକ୍ସ- ୯୭୫୫ କାର ଟି ଆସୁଥିବା ବେଳେ ଆଜି ସକାଳ ପ୍ରାୟ ସାଢେ ୯ ଘଟିକା ସମୟରେ ଦଲମକୁଚା ଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହି ମାନେ ରାସ୍ତା ଉପରେ ଛିଟିକ ପଡି ରକ୍ତାକ୍ତ ଆହତ ହୋଇଥିଲେ। ଖବରପାଇ ଲହୁଣୀପଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନା କୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରୋହିତ ଖଡ଼ିଆ ଓ ସୁନୀଲ କଣ୍ଡୁଲାନାକୁ ରାଉରକେଲା ସ୍ଥାନାନ୍ତରିତ କରିଥିବା ବେଳେ କାର ଆରୋହି ଦୁଇଜଣ ଓ ବାଇକ ଆରୋହି ଅନ୍ୟ ଜଣକ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଲହୁଣୀପଡ଼ା (ଭାସ୍କର ନ୍ୟୁଜ): ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ୧୦ (କ)ର କଲେଇପୋଷ ଉଲସରେଇ ମଝିରେ ଏକ କାର ଭାରସାମ୍ୟ ହରାଇ ଗଛରେ ବାଡେଇ ହେବାରୁ କାରରେ ଥିବା ୨ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁଘଟି ଛି ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ କିରଣ ମାହାନ୍ତ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଶରଧାପୁର ଗ୍ରାମର କିରଣ ମାହାନ୍ତ ଏବଂ ସଚିନ ମାହାନ୍ତ କୌଣସି କାମରେ ଓଡି ୩୩ ଜେଡ ୮୫୧୧ କାର ଯୋଗେ ଦଲମକୁଚା ପଟେ ଯାଇ କଲେଇପୋଷ ଦେଇ ଉଲସରେଇ ଆଡ଼କୁ ଯାଉଥିବା ବେଳେ କଲେଇପୋଷ ଉଲସରେଇ ମଧ୍ୟରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ କାର ଧକ୍କା ହେବାରୁ କାରଟିର ସମ୍ମୁଖ ଭାଗ ପୁରା ନଷ୍ଟ ହୋଇଥିବା ବେଳେ କାର ଆରୋହୀ ୨ ଜଣଙ୍କ ମଧ୍ୟରୁ କିରଣ ମାହାନ୍ତ କାରରେ ଚାପି ହୋଇ ମୃତ୍ୟୁ ବରଣ କରିଥିଲେ।

# ଆଜାଦ ଚ୍ୟାଲେଞ୍ଜ୍ କପ୍, ସେମିରେ ରାମେଶ୍ୱର ସ୍ପୋର୍ଟିଂ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢେଇଭଲ ଦି ଆଜାଦ ସ୍ପୋର୍ଟସ ଏଣ୍ଡ କଲଚୁରାଲ କ୍ଲବ ଅନୁକୁଲ୍ୟରେ ଅୟୋଜିତ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ କ୍ରିକେଟ ଗ୍ରୁପ ବିର ପ୍ରଥମ ମ୍ୟାଚ୍‌ରେ କଲିକତାକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ସେମିରେ ପ୍ରବେଶ କରିଛି । ଆଜିର ଖେଳରେ ଅତିଥି ଭାବେ ଉମେଶ ବେହେରା, ଇନ୍ଦ୍ରମଣି ମହାକୁଡ, ଏମ ଡି ଖଲିଲଉଲ୍ ରହମାନ, ଏମ ଡି କାୟମ ଓ ନଦୀଆ ବେହେରା ଯୋଗ ଦେଇ ଉଭୟ ଦଳ ର ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଉଦଘାଟନ କରିଥିଲେ । ଆଜିର ମ୍ୟାଚ ପଶ୍ଚିମ ବଙ୍ଗର କଲିକତା ବନାମ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାମେଶ୍ୱର ସ୍ପୋର୍ଟିଂ ବିଜୟଲାଭ କରି ସେମି ଫାଇନାଲରେ ପ୍ରବେଶ କରିଛି ।

# ଦୁର୍ନୀତିର ଗନ୍ତାଘର କଣ୍ଟାପଡା ତହସିଲ !

କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଣ୍ଟାପଡା ତହସିଲ କାର୍ଯ୍ୟାଳୟ ପାଲଟିଛି ଦୁର୍ନୀତିର ଗନ୍ତାଘର। ବିନା ପଇସା ରେ ସାଧାରଣ ଲୋକଙ୍କ କାମ କରିବାରୁ ହେଉଛନ୍ତି ବଞ୍ଚିତ। ଯେ କୋଣସି କାମ ପାଇଁ ତହସିଲ କାର୍ଯ୍ୟାଳୟକୁ ଗଲେ ଲୋକମାନଙ୍କୁ ଦୁଇ ଦୁଇ ଥର ଫେରାଇବା ପରେ ବାରମ୍ବାର ସମୟ ନଷ୍ଟ କାରୀ ତହସିଲ କାର୍ଯ୍ୟାଳୟକୁ ଦୌଡୁ ଥିବାରୁ ବାଧ ହୋଇ ଲାଞ୍ଚ ଦେବାକୁ ପଛାଉନାହାନ୍ତି। ଏଭଳି ଅଭିଯୋଗ ଆସିଛି ତହସିଲ କାର୍ଯ୍ୟାଳୟରେ କମ୍ପୁଟରରେ କାମ କରୁଥିବା ଜଣେ କାର୍ଯ୍ୟରତ କର୍ମଚାରୀଙ୍କ ନାମରେ। ସେ ଫୋନ୍ ପେ ମାଧ୍ୟମରେ ପଇସା ନେଇଥିବା ଅଭିଯୋଗ ହୋଇଛି। ଏଣୁ ଉକ୍ତ କର୍ମଚାରୀ ଉପରେ ଘଟଣାର ସତ୍ୟାସତ୍ୟ ଉପରେ ତଦନ୍ତ କରାଯାଇ ଉକ୍ତ କର୍ମଚାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଟାଟା ଷ୍ଟିଲ ୟାଟ୍ସ ବିଜେତା ଇସ୍ରୋ ଯିବା ପାଇଁ ମନୋନୀତ

## ୨୦୨୫ ମେ’ରେ ଇସ୍ରୋ ପରିଦର୍ଶନ କାର୍ଯ୍ୟକ୍ରମ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଇସ୍ରୋ ପରିଦର୍ଶନରେ ଯିବେ ଢେଙ୍କାନାଳ ଜିଲ୍ଲା ବ୍ରାହ୍ମଣୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଅଂଶୁମାନ ନାଥ। ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ଟାଟା ଷ୍ଟିଲ ୟଙ୍ଗ ଆଷ୍ଟ୍ରୋନୋମର ଟ୍ୟାଲେଂଟ୍ ସର୍ଚ୍ଚ)ର ଗ୍ରାଣ୍ଡ ଫିନାଲେ ୨୦୨୪-୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସେ ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଅଂଶୁମାନ କହିଛନ୍ତି, ମୁଁ ନବମ ଶ୍ରେଣୀରେ ପାଠ ପଢିବା ବେଳେ ଟାଟା ଷ୍ଟିଲ ୟଙ୍ଗ ଆଷ୍ଟ୍ରୋନୋମର ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିଥିଲି। ହେଲେ ଦଶମରେ ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ସ୍କୁଲ ପକ୍ଷରୁ ମତେ ପ୍ରୋତ୍ସାହିତ କରଯାଇଥିଲା। ଚନ୍ଦ୍ରପୃଷ୍ଠକୁ ମାନବ ରହିତ ଯାନ ପଠାଇବା ପାଇଁ ମୁଁ ଏକ ମଡେଲ ଯାନ ପ୍ରସ୍ତୁତ କରିଥିଲି। ଯାହା ଗ୍ରାଣ୍ଡ ଫିନାଲେରେ ପ୍ରଦର୍ଶିତ ହୋଇଥିଲା। ଏଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହେବା ସହ ଇସ୍ରୋ ପରିଦର୍ଶନ କରିବା ପାଇଁ ମନୋନୀତ ହୋଇଥିବାରୁ ମୋ ସ୍କୁଲ ଓ ଟାଟା ଷ୍ଟିଲକୁ ଅଶେଷ ଧନ୍ୟବାଦ ଜଣାଉଛି। ସେହିପରି ଅନୁଗୁଳ ଜିଲ୍ଲାର ଡିଏଭି ପବ୍ଲିକ ସ୍କୁଲ, ଅନୁଗୁଳର ପ୍ରୀତିକା ପ୍ରିୟଦର୍ଶିନୀ ଓ ପିବିକେଏଚ୍ଏସ୍ (ପାଂଚଘର ବିଜୟ କୁମାର ହାଇସ୍କୁଲ), ଅନୁଗୁଳ ସ୍କୁଲର ଛାତ୍ର ସୌମ୍ୟରନ ସାହୁ ଇସ୍ରୋ ପରିଦର୍ଶନ କରିବା ପାଇଁ ମନୋନୀତ ହୋଇଛନ୍ତି। ମହାକାଶ ବିଜ୍ଞାନ କ୍ଷେତ୍ରରେ ସ୍କୁଲ ପିଲାମାନଙ୍କ ପ୍ରତିଭାକୁ ଚିହ୍ନଟ କରିବା ସହ ନିଜର ସେମାନଙ୍କ ଜ୍ଞାନ ପରିପ୍ରକାଶ ପାଇଁ ଟାଟା ଷ୍ଟିଲ ଆୟୋଜିତ କରୁଥିବା ୟାଟ୍ସ କାର୍ଯ୍ୟକ୍ରମ ଅନେକ ଉପଯୋଗୀ ବୋଲି ପ୍ରୀତିକା ପ୍ରିୟଦର୍ଶିନୀ କହିଛନ୍ତି। ସେହିପରି ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଯୋଗେ ସ୍କୁଲସ୍ତରରୁ ହିଁ ପିଲାମାନେ ସ୍ପେସ ସାଇନ୍ସ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇପାରୁଛନ୍ତି ବୋଲି ସୌମ୍ୟରଞ୍ଜନ କହିଛନ୍ତି। ୨୦୨୫ ମସିହା ମଇ ମାସରେ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ବିଜେତା ଛାତ୍ରଛାତ୍ରୀଙ୍କୁ ଇସ୍ରୋ ପରିଭ୍ରମଣ ପାଇଁ ନିଆଯିବ। ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ସହଯୋଗରେ ୧୮ତମ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ଗ୍ରାଣ୍ଡ ଫିନାଲେ ଭୁବନେଶ୍ୱର ଠାରେ ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ସବୁ ଜିଲ୍ଲାରୁ ଆସିଥିବା ଶ୍ରେଷ୍ଠ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ୩ କୃତୀ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ଅଧ୍ୟକ୍ଷା ଚିତ୍ରା ଅରୁମୁଗମ, ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପସଭାପତି (ଅପରେସନ୍ସ) ରାଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ୧୮ତମ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ୭୧,୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏବେସୁଦ୍ଧା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ରାଜ୍ୟର ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ସାମିଲ ହୋଇପାରିଛନ୍ତି। ବିଗତ ବର୍ଷ ଗୁଡ଼ିକରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଇସ୍ରୋ ପରିଦର୍ଶନ କରିବାର ସୁଯୋଗ ପାଇପାରିଛନ୍ତି।

# ଆଇଇଡି ବୋମା ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ବିଜାପୁର ନୂଆ ବର୍ଷ ଅବସରରେ ଯବାନଙ୍କୁ ମିଳିଛି ବଡ ସଫଳତା । ମାଓବାଦୀ ଖଞ୍ଜିଥିବା ୮ ଟି ଆଇଇଡି ବୋମାକୁ ନିଷ୍କ୍ରିୟ କରିଛନ୍ତି ଯବାନ। ସୂଚନା ଅନୁଯାୟୀ ମାଓ ଦମନ ନିମନ୍ତେ ଛତିଶଗଡର ବାସାଗୁଡ଼ା ଥାନା ଅନ୍ତର୍ଗତ ତିମାପୁର ଅଞ୍ଚଳରେ କୋବରା ଯବାନ ମାନେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ମାଓବାଦୀ ମାନେ ପୂର୍ବରୁ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ୬ ଟି ଆଇଇଡି ବୋମାକୁ ଯବାନ ମାନେ ଠାବ କରିଥିଲେ। ଯାହାକୁ ସୁରକ୍ଷତାର ସହ ଉଦ୍ଧାର କରି ଯବାନ ମାନେ ଘଟଣା ସ୍ଥଳରେ ହିଁ ସେଗୁଡିକୁ ନିଷ୍କ୍ରିୟ କରିଥିଲେ। ସେହିପରି ତାରିମ ଅଜଙ୍ଗଲରେ ମଧ୍ୟ ଯବାନ ମାନେ ତଲାସି ଅବେଳେ ବନ୍ଦଲକା ନାଳ ନିକଟରେ ୩ କେଜି ଲେଖାଏଁ ଓଜନର ୨ଟି ଆଇଇଡି ବୋମାକୁ ନିଷ୍କ୍ରିୟ କରିଥିଲେ। ଏହା ପରେ ଯବାନଙ୍କ ପକ୍ଷରୁ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ଅଧିକ ବଢାଇ ଦିଆଯାଇଛି।

# ଅଙ୍ଗନବାଡ଼ି ୱାର୍କର ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଧିନସ୍ତ ନୂଆ ଗାଁ ପଞ୍ଚାୟତ ବାଲି ସାହି ଅଙ୍ଗନବାଡ଼ି କେନ୍ଦ୍ରର ୱାର୍କର ପଦବୀଟି ଦୀର୍ଘଦିନ ହେବ ଖାଲିପଡିଛି। ଅନ୍ୟ ଏକ ଅଙ୍ଗନବାଡି ୱାର୍କରଙ୍କୁ ଏଠାରେ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି। ଯାହା ଫଳରେ ଏଠାରେ ସ୍ଥାୟୀ ୱାର୍କର ନିଯୁକ୍ତି ପାଇଁ ୨୪. ୭.୨୦୨୪ ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୬. ୭. ୨୦୨୪ ରେ କାଗଜ ପତ୍ର ଯାଞ୍ଚ କରାଯାଇଥିଲା। ୨୯. ୭.ରେ ଲୋପାମୁଦ୍ରା ବିଶ୍ୱାଳ ୨୦ ଜଣଙ୍କ ମଧ୍ୟରୁ ସର୍ବାଧିକ ନମ୍ବର ରଖିଥିବାରୁ ଲୋପାମୁଦ୍ରାଙ୍କୁ ଚୟନ କରାଯାଇଥିବା ପୂର୍ବତନ ସି. ଡ଼ି. ପି. ଓ. ସୂଚନା ଦେଇଥିଲେ । କିନ୍ତୁ ୫ ମାସ ବିତିଯାଇଥିଲେ ଏ ପର୍ଯ୍ୟନ୍ତ ଲୋପାମୁଦ୍ରାଙ୍କୁ ନିଯୁକ୍ତି ନଦେଇ ଅନ୍ୟ ଆବେଦନକାରୀ ଙ୍କୁ ଦେବା ପାଇଁ ଯୋଜନା କରାଯାଇଛି। ଆବେଦନ କରୁଥିବା ୱାର୍କରଙ୍କ ମଧ୍ୟରୁ ମୋଟା ଅଙ୍କର ଅର୍ଥ ନେଇ ଅନ୍ୟ ଜଣଙ୍କୁ ଦେବା ପାଇଁ ଯୋଜନା କରାଯାଇଥିବା ଲୋପାମୁଦ୍ରା ଅଭିଯୋଗ କରିଛନ୍ତି। ଏଣୁ ଯଥାଶୀଘ୍ର ଉକ୍ତ ଘଟଣା ର ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ସଠିକ ଭାବେ ୱାର୍କର ଚୟନ କରି ନିଯୁକ୍ତି ଦିଆଯାଉ। ନଚେତ ବହୁ ଆବେଦନ କରୁଥିବା ୱାର୍କରଙ୍କ ପରିବାର ସିଡ଼ିପିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ 'ଜାତୀୟ ସଡକ ସୁରକ୍ଷା ମାସ' ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତାକୁ ବ୍ୟାପକ କରିବା ପାଇଁ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ଦେଖାଇ ଏହି ସଡକ ସୁରକ୍ଷା ରଥର ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏହି ସଚେତନତା ରଥ ବାହାରି ଜିଲ୍ଲାର ପ୍ରତି ବ୍ଲକ ବୁଲିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଟ୍ରାଫିକ ଇନ୍‌ସପେକ୍ଟର ସୁକୁରାମ ସୋରେନ, ସଡ଼କ ସୁରକ୍ଷା ଅଧିକାରୀ ରାଜେଶ କୁମାର ସେଠୀ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ଏବଂ ପରିବହନ ବିଭାଗୀୟ କର୍ମଚାରୀ, ପୋଲିସ୍ କର୍ମଚାରୀ ଓଡିଶା ମଟର କର୍ମଚାରୀ ସଂଘ ସମସ୍ତେ ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ ରହିଥିଲେ ।

# ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ଶୀତବସ୍ତ୍ର ବଣ୍ଟନ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସେବା ପ୍ରମୁଖ ରବୀନ୍ଦ୍ରନାଥ ରାୟଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସମ୍ବଲପୁର କେନ୍ଦ୍ରର ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ଶିକ୍ଷା ବିକାଶ ସମିତିର ସହ ଜିଲ୍ଲା ପ୍ରମୁଖ ଚିତ୍ତ ରଞ୍ଜନ ନାୟକ, ଖଣ୍ଡ ବ୍ୟବସ୍ଥା ପ୍ରମୁଖ ଜିତେନ୍ଦ୍ର କୁମାର ପାଇକରାୟ ଓ ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ଅନ୍ୟ କର୍ମକର୍ତ୍ତା ପ୍ରମୁଖ ବିଚ୍ଛିନ୍ନାଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକର ପଣସପୁଟ ପଞ୍ଚାୟତ ଅଧିନସ୍ଥ ଡମଗଡ଼, ଟବଲା ଗୁଡା ଗ୍ରାମରେ ପହଞ୍ଚି ଉପରୋକ୍ତ ଦୁଇଟି ଗ୍ରାମରେ ବସବାସ କରୁଥିବା ଗରିବ ଶ୍ରେଣୀର ବୃଦ୍ଧା ବୃଦ୍ଧଙ୍କ ସହ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ କମ୍ବଳ ଓ ସ୍ୱେଟର ତଥା ଶୀତବସ୍ତ୍ର ବଣ୍ଟନ କରିଛନ୍ତି । ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ମୁକୁଡିପାଲ୍ଲି ଗାଁରେ ଚାଲିଥିବା ରାତ୍ରି କାଳୀନ ପାଠଶାଳା ପରିଦର୍ଶନ କରିବା ସହ ଉକ୍ତ ପାଠଶାଳାରେ ଅଧ୍ୟୟନ କରୁଥିବା ପ୍ରାୟ ୩୦ରୁ ଊର୍ଦ୍ଧ ଛାତ୍ରୀଛାତ୍ରଙ୍କୁ ଭକ୍ତି ସଂଗୀତ ଗାନ କରିବାକୁ କହିବା ସହ ସେମାନଙ୍କୁ ଭାଗବତ ଗୀତା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ତେବେ ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ ହେଉ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ତାଙ୍କର ମୂଳଦୁଆ ମଜବୁତ କରିବା ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ମୂଳ ଲକ୍ଷ୍ୟ ବୋଲି ଖଣ୍ଡ ବ୍ୟବସ୍ଥା ପ୍ରମୁଖ ଶ୍ରୀ ପାଇକରାୟ କହିଛନ୍ତି ।

# ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ୍ ମାଛଧରା ବୋଟ୍ ଜବତ




ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନସ୍ଥ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେନିୟମ ଭାବେ ମାଛ ମାରୁଥିବା ମା' ଭୁବନେଶ୍ୱରୀ ନାମକ ଟ୍ରଲର ଓ ମାଛମରା ଆନୁସାଙ୍ଗିକ ଜିନିଷକୁ ଜବତ କରିବା ସହ ୧୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ନିକଟରୁ ସୂଚନା ମିଳିଛି । ସୂଚନା ଯୋଗ୍ୟ ବରୁଣେଇ ନିକଟରେ ଏହି ଟ୍ରଲର ବିନା ଅନୁମତିରେ ସମୁଦ୍ରରେ ମାଛ ମାରୁଥିଲା । ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ଶ୍ରୀ ମାନସ କୁମାର ଦାସଙ୍କୁ ଏହି ସୂଚନା ମିଳିବା ପରେ ଶ୍ରୀ ଦାଶଙ୍କ ନିର୍ଦ୍ଦେଶରେ ବରୁଣେଇ ଫରେଷ୍ଟର ଶ୍ରୀପ୍ରଫୁଲ୍ଲ କୁମାର ମାଝିଙ୍କ ନେତୃତ୍ୱରେ ବନ କର୍ମଚାରୀଙ୍କୁ ନେଇ ମା ଭୁବନେଶ୍ୱରୀ ଟ୍ରଲରକୁ କାବୁ କରି ଆଣିଥିଲେ । ଟ୍ରଲର ସହ ଭିଏଚ ଏଫ୫, ଜିପିଏସ୍୧, ଫିସ୍ ଫାଇଣ୍ଡର୧,ଜାଲ ଏବଂ ୨ଟା ମୋବାଇଲ ଫୋନ ଜବତ ହୋଇଛି । ଏହି ଟ୍ରଲରରେ ମାଛମାରୁଥିବା କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଓ ମୟୁରଭଞ୍ଜ ଜିଲାର ୧୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫରେଷ୍ଟର ଶ୍ରୀମାଝି ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ବାରମ୍ବାର ଏପରି ଘଟଣା ଘଟୁଥିବାରୁ ସେଥିରୁ ନିବୃତ ରହିବା ବଦଳରେ ବନ ବିଭାଗ ସହ ଚାଲେଞ୍ଜ କରି ବେନିୟମ ମାଛ ମାରୁଥିବା ଦେଖାଦେଇଛି । ଅପରପକ୍ଷରେ ଶୁଣିବାକୁ ମିଳୁଛି ସମାନ ଉପାୟରେ ରାଜନଗର ଡିଏଫଓଙ୍କ କାର୍ଯ୍ୟାଳୟରେ ଥିବା ଜଣେ ଏସିଏଫଙ୍କ ସମ୍ପର୍କୀୟଙ୍କର ଟ୍ରଲର ଏହିପରି ପନ୍ଥା ଅବଲମ୍ବନ କରୁଥିବାରୁ ତାଙ୍କୁ ଦେଖି ଏପରି ବେନୀୟମ କାର୍ଯ୍ୟ ହେଉଛି ବୋଲି ଚର୍ଚ୍ଚା ଜୋର ଧରିଛି

# ସବୁଜ ଶକ୍ତିରେ ଚାଲୁଛି ଟିପିଏସ୍ଓଡିଏଲର କର୍ପୋରେଟ କାର୍ଯ୍ୟାଳୟ

- ବ୍ରହ୍ମପୁରରେ ଟିପିଏସ୍ଓଡିଏଲର ଗ୍ରୀନ୍ ଅଫିସ
- ୧୦୦ କିଲୋୱାଟ୍ ସୋଲାର ପ୍ଲାଣ୍ଟ କାର୍ଯ୍ୟକ୍ଷମ
- ସୌର ଶକ୍ତିକୁ ଆପଣାଇ ଉଦାହରଣ ସାଜିଛି ଟିପିଏସ୍ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ଏହାର କର୍ପୋରେଟ କାର୍ଯ୍ୟାଳୟରେ ସୋଲାର ପ୍ୟାନେଲ ସ୍ଥାପନ କରି ସବୁଜ ଶକ୍ତିକୁ ଆପଣାଇଛି । ପୂର୍ବରୁ କମ୍ପାନୀର କର୍ପୋରେଟ ଅଫିସ ପାରମ୍ପରିକ ଶକ୍ତି ଉତ୍ସ ଦ୍ୱାରା ଚାଳିତ ହେଉଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ସୌର ଶକ୍ତି ଦ୍ୱାରା ଚାଲୁଅଛି । ଦକ୍ଷିଣ ଓଡ଼ିଶାରେ ପରିବେଶ ଅନୁକୂଳ ଅଭ୍ୟାସ ଏବଂ ଅକ୍ଷୟ ଶକ୍ତି ଆପଣାଇବା ଦିଗରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଏହା ଏକ ବଳିଷ୍ଠ ପଦକ୍ଷେପ ।ଟିପିଏସ୍ଓଡିଏଲ୍ ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ଛାତରେ ୧୦୦ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରିଛି । ଏହି ସୋଲାର ପ୍ଲାଣ୍ଟରୁ ପ୍ରତି ମାସରେ ପାଖାପାଖି ୧୨ ହଜାର ୟୁନିଟ୍ ବିଦ୍ୟୁତ ଉତ୍ପାଦନ ହୁଏ, ଯାହା ଦ୍ୱାରା ଅଫିସର ଦୈନିକ ଚାହିଦା ପୂରଣ ହେବା ସହ ବଳକା ଶକ୍ତି ସଞ୍ଚୟ ହୋଇପାରିବ । ଆଗାମୀ ୨୫ ବର୍ଷରେ ଏହି ପଦକ୍ଷେପ ମାଧ୍ୟମରେ ପାଖାପାଖି ୨୮ ଶହ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ହେବ ବୋଲି ଆଶା କରାଯାଉଛି । ଏହି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପଦକ୍ଷେପ ଟିପିଏସ୍ଓଡିଏଲର ସ୍ଥାୟୀ ଶକ୍ତି ବିକଳ୍ପ ଆପଣାଇବା ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ସଫଳ ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଆମ କର୍ପୋରେଟ ଅଫିସ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେଉଥିବାରୁ ଆମେ ଗର୍ବିତ । ସୌର ଶକ୍ତିର ଉପଯୋଗ କରି ଆମେ ପରିବେଶ ଅନୁକୂଳ ଜୀବନ ଶୈଳୀ ଏବଂ ସୁଲଭ ଶକ୍ତି ସମାଧାନ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛୁ । ଦକ୍ଷିଣ ଓଡ଼ିଶାରେ ସୌର ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଏସ୍ଓଡିଏଲ୍ ସମର୍ପିତ ମନୋଭାବ ନେଇ କାମ କରୁଛି ଏବଂ ଏକ ସବୁଜ ଭବିଷ୍ୟତ ନିର୍ମାଣ କରିବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି ।'ସରକାରୀ ଯୋଜନା ଅଧିନରେ ଚଳିତ ଆର୍ଥିକ ବର୍ଷ ପାଇଁ ଟିପିଏସ୍ଓଡିଏଲର ଅନୁମୋଦିତ ପୁଞ୍ଜି ବିନିଯୋଗର ଏକ ଅଂଶ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ଟିପିଏସ୍ଓଡିଏଲର ସମସ୍ତ କାର୍ଯ୍ୟାଳୟକୁ ସୌର ଶକ୍ତି ଦ୍ୱାରା ପରିଚାଳିତ କରିବା ପାଇଁ ଏଥିରେ ଯୋଜନା ରହିଛି । ଏଭଳି ପ୍ରୟାସ ମାଧ୍ୟମରେ ଟିପିଏସ୍ଓଡିଏଲ୍ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ଅକ୍ଷୟ ଶକ୍ତି ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ହେଉଛି ଟିପିଏସ୍ଓଡିଏଲର ଲକ୍ଷ୍ୟ । ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ସୌର ପ୍ଲାଣ୍ଟର ୪୮.୯ କିଲୋୱାଟ କାର୍ଯ୍ୟକ୍ଷମ ହୋଇଥିଲା ଏବଂ ବର୍ତ୍ତମାନ ଏହି ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟକ୍ଷମ ହୋଇଛି ।

# ବାଇକ ଦୁର୍ଘଟଣାରେ ଯୁବକ ମୃତ

ବାଲିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଲାକାମ୍ବରୁ ପଞ୍ଚାୟତର ସୋର୍ଲୁକୋଣ୍ଡା ଗ୍ରାମ ନିକଟରେ ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ । ଯୁବକ ଜଣକ ବାଲିମେଳା ଏନଏସିର ୧୨ନ ୱାର୍ଡର ସୁଦର୍ଶନ ଦାସଙ୍କ ପୁଅ ବିଜୟ ଦାସ(୨୩) । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ବିଜୟ ନିଜ ଶ୍ୱଶୁର ଘର ସୋର୍ଲୁକୋଣ୍ଡା ଗ୍ରାମ ନିକଟରେ ତାଣ୍ଡିକୋଣ୍ଡା ଗ୍ରାମକୁ ବାଇକରେ ଯାଉଥିବା ସମୟରେ ବାଲିମେଳା ସୋର୍ଲୁକୋଣ୍ଡା ରାସ୍ତାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ । ଫଳରେ ମୁଣ୍ଡରେ ଆଘାତ ହୋଇ ନାକରୁ ରକ୍ତ ବାହାରି ଯାଇଥିଲା ରାସ୍ତା କଡରେ ଛଟପଟ ହେଉଥିବା ସମୟରେ ସେ ରାସ୍ତାରେ ଯାଉଥିବା ପଥଚାରୀ ବିଜୟ ଘଟଣା ସ୍ଥଳରୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ



ସ୍ଥାନାନ୍ତର କରାଯାଇଥିଲା ।ଚିକିତ୍ସାଧୀନ ଅବସ୍ଥାରେ ରାତ୍ରି ୨ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା ।ଖବର ପାଇଁ ଓର୍କେଲ ପୋଲିସ ଏକ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଆଜି ହସ୍ତାନ୍ତର କରିଛନ୍ତି ।ବିଜୟ ମୃତ ଖବର ପାଇଁ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ୧୦ ଏକର ଜମିରୁ ଗଞ୍ଜେଇ ଗଛ କାଟିଲା ପୋଲିସ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ପୋଲିସ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । କାଲିମେଳା ଥାନା ଅନ୍ତର୍ଗତ ଏଲକାନୁର ନିକଟରେ ଥିବା ପାହାଡ ପାଖ ଜମିରେ ବିପୁଳ ପରିମାଣର ଗଞ୍ଜେଇ ଚାଷ ହୋଇଥିବା ପୋଲିସ ଖବର ପାଇଥିଲା । ମାଲକାନଗିରି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର କାଲିମେଳା ପୋଲିସର ଏକ ଟିମ୍ ସେଠାରେ ଚଢଉ କରି ପ୍ରାୟ ୧୦ ଏକର ଜମିରେ ହୋଇଥିବା ୧୪ହଜାର ଗଞ୍ଜେଇ ଗଛକୁ କାଟି ଜାଳି ନଷ୍ଟ କରିଥିଲେ । ଏନେଇ ଏକ ମାମଲା ରୁଜୁ କରି ଏହି ଗଞ୍ଜେଇ ଚାଷରେ କିଏ କିଏ ସାମିଲ ଅଛନ୍ତି ତଦନ୍ତ କରୁଛି ।

# ହଟିଲା ରାସ୍ତା ଜବରଦଖଲ



ଆସିକା(ଭାସ୍କର ନ୍ୟୁଜ୍):ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ରାସ୍ତାରେ ଅଳିଆ ଆବର୍ଜନା ଦ୍ୱାରା ରାସ୍ତା ଅବରୋଧ ହେଉଥିବା ଗୋଡ଼ି, ବାଲି, ଇଟାକୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କ ଦ୍ୱାରା ହଟାଯାଇଛି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୃହ ନିର୍ମାଣ ସକାଶେ ଇଟା ମାଟି, ବାଲି, ଗୋଡ଼ି ରାସ୍ତାରେ ପକାଉଥିବା ଲୋକମାନଙ୍କୁ ଏନଫୋର୍ସମେଣ୍ଟ ଟିମ ବାରମ୍ବାର ଅବଗତ କରିବା ପ୍ରତିଦିନ ସକାଳୁ ସନ୍ଧ୍ୟା ରେ ମଇଳା ଆବର୍ଜନ ଆଣୁଥିବା ଗାଡି ଦ୍ୱାରା ସୂଚନା ଦିଆଯାଉଥିଲେ ମଧ୍ୟ ସହର ବାସୀ ସହରକୁ ସ୍ୱଚ୍ଛତା ରଖିବାରେ ସହଯୋଗ କରୁ ନଥିବା ଯୋଗୁଁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଙ୍କ ନେତୃତ୍ୱ ରେ ଏକ ଟିମ ବିଭିନ୍ନ ୱାର୍ଡ ରେ ପହଞ୍ଚି ରାସ୍ତାରେ ପଡି ରହିଥିବା ଇଟା, ବାଲି, ମାଟି, ଗୋଡ଼ି ଆଦି ଘର ତିଆରି ସାମଗ୍ରୀକୁ ଉଠାଇଛନ୍ତି ।ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଏହିପରି କାର୍ଯ୍ୟକୁ ସହରର ବୁଦ୍ଧିଜୀବୀ ପ୍ରଂଶସା କରିଛନ୍ତି ।

# ଶ୍ମଶାନକୁ ଯିବା ପାଇଁ ରାସ୍ତା ନାହିଁ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବନ୍ଧିକାର ଗ୍ରାମରେ ଶ୍ମଶାନ କୁ ଯିବା ପାଇଁ ରାସ୍ତା ନଥିବା ଅଭିଯୋଗ ହୋଇଛି । ଗ୍ରାମରେ ଯଦି କେହି ମୃତ୍ୟୁବରଣ କରୁଛନ୍ତି, ତେବେ ଶବ ସତ୍କାର ପାଇଁ ବଡ଼ ହଇରାଣ ହରକତର ସମ୍ମୁଖୀନ ହେବାକୁ ପଡୁଛି ।ଶ୍ମଶାନ ଯାଏଁ ଲମ୍ବିଥିବା ଅଣ ଓସାରିଆ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ସମସ୍ୟା ଦେଖା ଦେଇଛି । ଖାଲି ସେତିକି ନୁହେଁ ଶ୍ମଶାନ ଘର ନଥିବା ଯୋଗୁଁ ବର୍ଷାଦିନରେ ଶବ ସତ୍କାର କରିବାରେ ମଧ୍ୟ ଅସୁବିଧା ହେଉଛି । ଏନେଇ ଶ୍ମଶାନରେ ନୂତନ ଘର ସହ ରାସ୍ତା ନିର୍ମାଣ ପାଇଁ ପୂର୍ବତନ ସରପଞ୍ଚ ଗାଲେଖ ମିଣିଆକା, ଦୁଃଖିଶ୍ୟାମ ମିଣିଆକା,ପୂର୍ବତନ ୱାର୍ଡ ମେମ୍ବର ସିଙ୍ଗୁ ମିଣିଆକା, ବାବୁଲା ମିଣିଆକା,ବିନୋଦ କାରିଙ୍ଗି,ଅକ୍ଷି ମିଣିଆକା ଓ ବାପି ମିଣିଆକା ଦାବି କରିଛନ୍ତି ।ବ୍ଲକର ଅନେକ ଗ୍ରାମରେ ଏଇଭଳି ସମସ୍ୟା ବହୁଦିନରୁ ଚାଲି ଆସୁଥିବାରୁ ପ୍ରଶାସନ ଦୃଷ୍ଟି ଦେବାକୁ ସବୁ ମହଲରେ ଦାବି ହୋଇଛି ।

# ରାଷ୍ଟ୍ରୀୟ ବିକାଶ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମାଲକାନଗିରି (ଭାସ୍କର ନ୍ୟୁଜ୍):ରାଷ୍ଟ୍ରୀୟ ବିକାଶ ସେନା ଓଡ଼ିଶା ପକ୍ଷରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏବଂ ଏହାକୁ ବିପଦ ମୁକ୍ତ କରିବା ପାଇଁ ଏହାର ସଭାପତି କେ ବାଲା ରାଜୁ ଆଚାରିଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିଲା ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାତ ମହଲା ବିଶିଷ୍ଟ କୋଠା ଦିନକୁ ଦିନ ବିଭିନ୍ନ ସମୟରେ ମାଟି ତଳକୁ ତଳ ଧସି ହୋଇ ଚାଲିଯାଉଥିବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ବୋଲି ରାଷ୍ଟ୍ରୀୟ ବିକାଶ ସେନା ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସରକାର ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ମେଡିକାଲ କଲେଜ ସ୍ଥାପନ ପାଇଁ ଚିନ୍ତା କରିଥିବା ବେଳେ ଏପରି ଦୟନୀୟ ଅବସ୍ଥା ଦୁର୍ଭାଗ୍ୟଜନକ ବୋଲି ସେନା ପକ୍ଷରୁ କୁହାଯାଇଛି । ତେଣୁ ଏ ପରିପେକ୍ଷୀରେ ଏହାର ତଦନ୍ତ କରି ଉଚିତ୍ ପଦକ୍ଷେପ ଗ୍ରହଣ କରିବା ରାଷ୍ଟ୍ରୀୟ ବିକାଶ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ସୋନୁ ଅନୁଗୁ, ଗଙ୍ଗାଧର ବଡନାୟକ, ହରି ହନ୍ତାଳ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅଟୋ ଓ ବାଇକ୍ ମୁହାଁମୁହିଁ
## ବାଇକ୍‌ଆରୋହୀ ମୃତ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ଅଟୋ ଓ ବାଇକ୍ ବିପରୀତ ଦିଗରୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ଯୋଗୁ ଘଟଣା ସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ଗୁରୁବାର ଅପରାହ୍ନ ପ୍ରାୟ ତିନିଟା ବେଳେ ନନ୍ଦାହାଣ୍ଡି ବ୍ଲକ୍ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ନରସିଂହ ଗୁଡା ଘାଟି ପାଖ ଅଞ୍ଚଳଗୁମ୍ମା ରାସ୍ତାରେ ଦୁର୍ଘଟଣା ଘଟିଛି । ସୂଚନାନୁସାରେ ଅଟୋ ନବରଙ୍ଗପୁର ଠାରୁ ନିଜ ଗ୍ରାମ କଣ୍ଡାଗାଁ ଅଭିମୁଖେ ଯାଉଥିବା ବେଳେ ବାଇକ ଚାଳକ ଦୁହେଁ ଚିତ୍ରକୋଟ ଗ୍ରାମରୁ କୁମଝର ଗାଁକୁ ଫେରୁଥିଲେ । ବାଇକ୍ ଆରୋହୀ ଦୁଇ ଜଣ ନବରଙ୍ଗପୁର ବ୍ଲକ୍ କୁମଝର୍ ଗ୍ରାମର ବୋଲି ଜଣାପଡିଛି । ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପଛପଟେ ବସିଥିବା ଯୁବକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ଅଟୋରେ ଛଅ ଜଣ ଯାତ୍ରୀ ଥିବା ବେଳେ ପ୍ରାୟ ସମସ୍ତେ ଆହତ ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ବାଇକ୍ ଦ୍ରୁତ ବେଗରେ ଥିବା ଯୋଗୁଁ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁଇ ଗୋଟି ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତ ଆହତଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ମୃତ ବାଇକ୍ ଚାଳକଙ୍କ ନାମ ଭଗବାନ ଧାକଡ(୩୩) ପିତା କୃଷ୍ଣ ଧାକଡ ଗ୍ରାମ କୁମଝର ବୋଲି ଜଣାପଡିଛି । ବାଇକ୍ ନମ୍ବର ଓଡ଼ି - ୨୪ -୬୮୨୫ ଓ ଅଟୋ ନମ୍ବର ଓଡି ୨୪ଇ-୨୩୭୭ ରହିଛି । ଖବର ପାଇ ଘଟଣା ସ୍ଥଳରେ ତେନ୍ତୁଳିଖୁଣ୍ଟି ଥାନା ପୋଲିସ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବାଇକ୍ ଓ ଅଟୋକୁ ମଧ୍ୟ ଜବତ କରି ପୋଲିସ ଥାନାକୁ ନେଇଛି ।

# 'ଆଧ୍ୟାତ୍ମିକ ସେବାରେ ବିଶ୍ୱ କଲ୍ୟାଣ ସମ୍ଭବ'




କେନ୍ଦୁଝର(ଭାସ୍କର ନ୍ୟୁଜ୍): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସାମନ୍ତରାୟପୁର କେନ୍ଦୁଝରସହରରେ ନବବର୍ଷ ୨୦୨୫ଆନନ୍ଦଉଲ୍ଲାସସହିତ ପାଳିତ ହୋଇଯାଇଛି ସେବାକେନ୍ଦ୍ରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁଭଉଣୀ ନବବର୍ଷର ଶୁଭେଚ୍ଛା ଅଭିନନ୍ଦନ ବାର୍ତାରେ ସମସ୍ତଙ୍କର ଖୁସି ଆନନ୍ଦ ସମୃଦ୍ଧି କାମନା କରିଥିଲେ ନବବର୍ଷରେ ସମସ୍ତେ ଆଧ୍ୟାତ୍ମିକ ଯାତ୍ରା ତୀବ୍ରତର କରିବା ପାଇଁ ପ୍ରେରଣା ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ମୁକୁନା ଉଚ୍ଚବିଦ୍ୟାଳୟର ପ୍ରଧାନଗୁରୁମା ବ୍ରହ୍ମାକୁମାରୀ ଜୟନ୍ତୀ ଥାଟୋଇ ନାରଣପୁର ଉପସେବାକେନ୍ଦ୍ରର ବ୍ରହ୍ମାକୁମାରୀ ମିନତୀ ଓ ଚମ୍ପୁଆ ଉପସେବାକେନ୍ଦ୍ରର ସଂଚାଳିକା ସୌଦାମିନୀ ମଧ୍ୟ ଶୁଭେଚ୍ଛା ଅଭିନନ୍ଦନ ଜଣାଇଥିଲେ । ଦୀପ ପ୍ରଜ୍ୱଳନ କେକ୍ କଟିଙ୍ଗ ବରଦାନୀ ବୃକ୍ଷ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ବରିଷ୍ଠ ଆଇନଜୀବୀ ତଥା ଗଞ୍ଜାମ ଜିଲ୍ଲା ବାର୍ ଆସୋସିଏସନ ପୂର୍ବତନ ସଭାପତି ସୁଧାଂଶୁ ପଣ୍ଡାଙ୍କ ବିୟୋଗ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ର ବରିଷ୍ଠ ସିପିଆଇ ନେତା, ବରିଷ୍ଠ ଆଇନଜୀବୀ, ସୁବକ୍ତା ତଥା ବହୁ ଜନ ଆନ୍ଦୋଳନର ନେତା କମ୍ରେଡ଼ ସୁଧାଂଶୁ ଶେଖର ପଣ୍ଡାଙ୍କର ଜାନୁୟାରୀ ୧ ତାରିଖ ମଧ୍ୟରାତ୍ରରେ ବିୟୋଗ ହୋଇ ଯାଇଛି । ତାଙ୍କୁ ୭୨ ବର୍ଷ ହୋଇଥିଲା । ୧୯୬୯ ମସିହାରେ ଅଖିଳ ଭାରତ ଛାତ୍ର ସଂଘ ରେ ଯୋଗଦେଇ ଗଂଜାମ ଜିଲ୍ଲାରେ ଛାତ୍ରସଂଘର ଜଣେ ବଳିଷ୍ଠ ସଂଗଠକ ଓ ସଂଗ୍ରାମୀ ନେତା ଭାବରେ ବହୁ ଛାତ୍ର ଆନ୍ଦୋଳନର ନେତୃତ୍ୱ ବହନ କରିଥିଲେ । ଛାତ୍ର ଜୀବନରୁ କମ୍ୟୁନିଜମ୍ ଆଦର୍ଶରେ ଅନୁପ୍ରାଣିତ ହୋଇ ସିପିଆଇ ରେ ଯୋଗଦାନ କରି ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଜନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ତାଙ୍କୁ ମିଥ୍ୟା ମୋକଦ୍ଦମାରେ ଅନେକ ବାର ଜେଲଯିବାକୁ ହୋଇଛି । ଜଣେ ଆଇନଜୀବୀ ଭାବରେ ସେ ସଫଳତାର ସହିତ ଗରିବ ଲୋକଙ୍କ ପକ୍ଷରେ ଲଢ଼ି ବହୁ ମକଦ୍ଦମାରେ ସଫଳତା ହାସଲ କରିଛନ୍ତି । ଗଞ୍ଜାମ ଜିଲ୍ଲା ବାର୍ ଆସୋସିଏସନର ଦୁଇ ଦୁଇଥର କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି ଏବଂ ବ୍ରହ୍ମପୁରରେ ହାଇକୋର୍ଟର ବେଞ୍ଚ୍ ପ୍ରତିଷ୍ଠା ଲାଗି ଆଇନଜୀବୀମାନଙ୍କର ଐକ୍ୟବଦ୍ଧ ଆନ୍ଦୋଳନ ରେ ନେତୃତ୍ୱ ନେଇ ସମସ୍ତଙ୍କ ପ୍ରିୟଭାଜନ ହୋଇଥିଲେ । ତାଙ୍କର ଦୁଇପୁତ୍ର କ୍ୟାଷ୍ଟ୍ରୋ ଓ ପାବ୍ଲୋ ଆଇନଜୀବୀ ହୋଇଛନ୍ତି । ତାଙ୍କର ବିୟୋଗରେ ବ୍ରହ୍ମପୁରରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କର ମରଶରୀରକୁ ପାର୍କ ସାହିସ୍ଥିତ ସିପିଆଇ କାର୍ଯ୍ୟାଳୟକୁ ନିଆଯାଇ ଥିଲା । ତାଙ୍କର ମରଶରୀର ଉପରେ ଲାଲ ପତାକା ଅର୍ପଣ କରି ସମ୍ମାନ ଜଣାଇଥିଲେ ଜିଲ୍ଲା ପାର୍ଟି ସଂପାଦକ ପ୍ରକାଶ ପାତ୍ର, ସହସଂପାଦକ ସାଥୀ ନୀଳକଣ୍ଠ ଦାଶ । ପାର୍ଟି ଆଞ୍ଚଳିକ ସଂପାଦକ କାମଦେବ ନାହାକ, ଚମାଖଣ୍ଡି ଆଞ୍ଚଳିକ ସଂପାଦକ ଜନାର୍ଦ୍ଦନ ରେଡ୍ଡୀ, ଶ୍ରମିକ ନେତା ପ୍ରବୀଣ ଦାଶ,ମହମ୍ମଦ ଉଷାମାନ,ଗାଗାରିନି ନାୟକ, ରବୀନ୍ଦ୍ର ନାୟକ,ଜ ବିଜୟ ଲକ୍ଷ୍ମୀପ୍ରିୟା, ଅବନୀ ଗୟା, ରିହିତ ବିଷୋୟୀ , ଟୁଟୁ ପାତ୍ର, ମହେନ୍ଦ୍ର ପାତ୍ର ବିଶ୍ୱଜିତ ପାତ୍ର ଏବଂ ବ୍ରହ୍ମପୁରର ବହୁ ଆଇନଜୀବୀ, ସାଥୀ ଓ ସହୋଦର ଏବଂ ସମର୍ଥକ ଶେଷ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ସିପିଆଇ ଜାତୀୟ ସଂପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସଂପାଦକ ଆଶିଷ କାନୁନ୍ ?ଗୋ, ରାଜ୍ୟ ନେତା ପ୍ରଶାନ୍ତ ପାଟଯୋଶୀ, ଉଚଗ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା,ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବର୍ତନ ଲୋକସଭା ସଭ୍ୟ ଚନ୍ଦ୍ରଶେଖର ସାହୁ, ପୂର୍ବର୍ତନ ବିଧାୟକ ବିକ୍ରମ ପଣ୍ଡା ଏବଂ ଅନେକ ସାଥୀ ।

# ଓଁ ସାଇ ଡ୍ୟାନ୍ସ ଏକାଡେମୀର ସଫଳତା

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଛତିଶଗଡ଼ ଦୁର୍ଗଠାରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ଡ୍ୟାନ୍ସ ମ୍ୟୁଜିକ୍ ପ୍ରତିଯୋଗିତାରେ କେନ୍ଦୁଝର ସହରର ଅଗ୍ରଣୀ ଅନୁଷ୍ଠାନ ଓଁ ସାଇ ଡ୍ୟାନ୍ସ ଏକାଡେମିର ଛାତ୍ରଛାତ୍ରୀ ମାନେ ଓଡିଶୀ ଓ ଲୋକନୃତ୍ୟରେ ଭାଗନେଇ ସଫଳତା ଅର୍ଜନ କରି କେନ୍ଦୁଝ ପାଇଁ ଗର୍ବ ଆଣିଛନ୍ତି । ଏକାଡେମୀର ଛାତ୍ରୀ ଓଡ଼ିଶୀ ସବ୍ ଜୁନିୟରରେ ଅପିଭିମ ଆଞ୍ଜେଲ ବାରିକ ପ୍ରଥମ ସ୍ଥାନ ଜୁନିୟର ଓଡିଶୀରେ ଉମେଶ ଚନ୍ଦ୍ର ନାଏକ ପ୍ରଥମ ସ୍ଥାନ କୃଷ୍ଣରାମ ମାଝି ଦ୍ୱିତୀୟ ସ୍ଥାନ ପାଇଥିବାବେଳେ ଜୁନିଅର ଲୋକନୃତ୍ୟରେ ଶିବାନୀ ପାତ୍ର ପ୍ରଥମ ସ୍ଥାନ ପାଇଛନ୍ତି । ସେହିପରି ଅନୁଷ୍ଠାନରେ ଶ୍ରେଷ୍ଠ ଛାତ୍ରୀ ରିଶିକା ମହାପାତ୍ର ଫେଷ୍ଟିଭାଲରେ ଓଡିଶୀ ନୃତ୍ୟ ପରିବେଷଣ କରି 'ନୃତ୍ୟ ରଂଜନୀ' ଉପାଧିରେ ସମ୍ମାନୀତ ହେବା ସଙ୍ଗେ ସଙ୍ଗେ ନୃତ୍ୟଗୁରୁ ସୁକାନ୍ତି ନାୟକଙ୍କୁ 'ଗୁରୁ ଆଚାର୍ଯ୍ୟ' ଶ୍ରେଷ୍ଠ ସମ୍ମାନରେ ସମ୍ମାନୀତ କରାଯାଇଛି । ଏହି ସଫଳତା ପାଇଁ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଅଭିଭାବକ ଓ କର୍ମକର୍ତ୍ତା ଅନୁଷ୍ଠାନରେ ଏହି ସଫଳତା ପାଇଁ ନୃତ୍ୟ ଗୁରୁ ଶ୍ରୀମତୀ ସୁକାନ୍ତି ନାୟକଙ୍କୁ ପ୍ରଶଂସା କରିଛନ୍ତି ।



# ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୂଚୀ ପ୍ରକାଶିତ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଚଳିତ ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶ ପାଇଛି । ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମର ସୂଚୀ ଅନୁଯାୟୀ ତା.୦୬.୦୧.୨୦୨୫ରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍, ତା. ୧୩.୦.୨୦୨୫ ରିଖ ସୋମବାର ଦିନ ଯୋଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତା.୨୦.୦୧.୨୦୨୫ ରିଖ ସୋମବାର ଦିନ ବାଂଶପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତା. ୨୭.୦୧. ୨୦୨୫ ରିଖ ସୋମବାର ଦିନ ଘଷିପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ, କେନ୍ଦୁଝରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜଳଛାୟା, ଯୋଗାଣ ବିଭାଗ ତରଫରୁ (ନିର୍ଦ୍ଧାରିତ ସ୍ଥାନମାନଙ୍କରେ) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି ।



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତ ସ୍ଥିତ ଆର.କେ ପବ୍ଲିକ ସ୍କୁଲ ପରିସରରେ ଶୀତକାଳିନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଛାୟା ଫାଉଣ୍ଡେସନର ସଭାପତି ଅମିତା ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବଟିକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଅର୍ଚ୍ଚନା ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବର ଉଦ୍ଦେଶ୍ୟ ଉପରେ ନିଜର ମତ ରଖିଥିଲେ। ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଲିଲି ମହାନ୍ତି, ସମାଜସେବୀ ଅଶୋକ କୁମାର ସାମଲ, ପ୍ରାଧାପକ ଯତୀନ୍ଦ୍ର ରାଉତ, ଶିକ୍ଷାବିତ ଭାଗ୍ୟଧର ସାହୁ, ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଶିକ୍ଷକ ସୁଶାନ୍ତ କୁମାର ଦାସ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣୀୟ ଉପଦେଶ ଦେଇଥିଲେ। ଏହି ଉତ୍ସବରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ମେଳା, ଚିତ୍ରାଙ୍କନ, ନୃତ୍ୟ, ସଂଗୀତ, ଅଭିନୟ ପ୍ରଭୃତି ପ୍ରତିଯୋଗିତାମାନ କରାଯାଇଥିଲା। ପ୍ରତି ବିଭାଗରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ମିନାବଜାରର ଆସର ଖୋଲାଯାଇଥିଲା। ସମାଜସେବୀ ବିକ୍ରମ ପ୍ରଧାନ, ନିଶିକାନ୍ତ ମହାନ୍ତି, ଦିପକ କୁମାର ମହାନ୍ତ ତଥା ଛାୟା ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଓ ଆର.କେ ପବ୍ଲିକ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହାୟକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

# ଜଗନ୍ନାଥ ମନ୍ଦିରରେ ବିଧାୟକଙ୍କ ପ୍ରବେଶକୁ ନେଇ ବିରୋଧ



ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା କେରଡ଼ା ଅଞ୍ଚଳର ଆରାଧ୍ୟ ଦେବତା କେରଡ଼ାଗଡ଼ରେ ଅବସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର। ସବର୍ଣ୍ଣ ଓ ଅବବର୍ଣ୍ଣଙ୍କ ମଧ୍ୟରେ ଏହି ମନ୍ଦିର ପ୍ରବେଶକୁ ନେଇ ବିବାଦରେ ସେବକଙ୍କ ବ୍ୟତୀତ ସର୍ବସାଧାରଣଙ୍କ ମନ୍ଦିର ପ୍ରବେଶ ନିଷେଧ ବୋଲି ପ୍ରଶାସନ ପକ୍ଷରୁ ଲୁହାକବାଟ ଆବଦ୍ଧ କରାଯାଇ ମନ୍ଦିର ପ୍ରବେଶ ଆଜକୁ ୧୮ ବର୍ଷ ହେବ ବନ୍ଦ ରହିଛି। ଭକ୍ତମାନେ ତାଙ୍କର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ମନ୍ଦିର ମଧ୍ୟରେ ଦେଖିବା ସୁଯୋଗ ନ ପାଇ ଆଖିରୁ ଲୁହ ଗଡ଼ାଇ ଅବଶ ଦୁଆର ବାହାରୁ ଦର୍ଶନ କରି ଦୁଃଖରେ ଦର୍ଶନ କରି ଚାଲିଯାଇ କହୁଥିଲେ କେବେ ଦେଖା ଦେବ ପ୍ରଭୁ ଆମ ଭାଗ୍ୟରେ ଥିଲେ। ଅଗଣିତ ଭକ୍ତ ଜଗନ୍ନାଥଙ୍କ ବନ୍ଦ ଫାଟକ ବାହାରେ ଦର୍ଶନ କରୁଥିବା ବେଳେ ଗତକାଲି ନୂତନ ବର୍ଷାରମ୍ଭରେ ଅଗଣିତ ଭକ୍ତଙ୍କ ଉର୍ଦ୍ଧ୍ୱରେ ଥିବା ବିଧାୟକ ଧ୍ରୁବ ସାହୁଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଇ ବିଧାୟକଙ୍କ ଅନୁଗତ ନନାମାନେ ଲୁଚାଇତ ଭାବେ ମନ୍ଦିର ଭିତରେ ପ୍ରବେଶ କରାଇ ପୂଜାର୍ଚ୍ଚନା କରିଥିବା ଭକ୍ତମାନଙ୍କ ପ୍ରତି ଆଘାତ ସୃଷ୍ଟି କରିଛି। ବାପୁନୀ ସେଠୀ, ଦାମ ସେଠୀ, ସୀତା ସେଠି, ଲୋକନାଥ ସେଠି, କେଶବ ମହାସେଠୀ ଏ ସମୟରେ କହିଛନ୍ତି ରାଜନେତାମାନଙ୍କ ଭୋଟ ନିମନ୍ତେ ମନ୍ଦିର ବିବାଦର ସମାଧାନ ୧୮ ବର୍ଷ ହେବ ନକରି ନିଜର ସ୍ୱାର୍ଥ ପାଇଁ ସମାଧାନ କରିବାକୁ କୌଣସି ନେତାଙ୍କର ଆନ୍ତରିକତା ନାହିଁ। ତେଣୁ ଆଜି ପର୍ଯ୍ୟନ୍ତ ବିଧାୟକଙ୍କ ସମେତ ମନ୍ଦିର ବ୍ରାହ୍ମଣମାନେ ହରିଜନଙ୍କୁ ଘୃଣା କରୁଥିବା ଗତକାଲି ବିଧାୟକ ସ୍ୱର୍ଣ୍ଣ ହୋଇଥିବାରୁ ତାଙ୍କର ସମର୍ଥିତ ଜଗନ୍ନାଥଙ୍କ ପୂଜକମାନେ ଅତି ଚତୁରତାର ସହିତ ବିଧାୟକ ସାହୁଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଇ ପୂଜା କରୁଥିବା ନେଇ କିଛି ସବର୍ଣ୍ଣ ଓ ହରିଜନ ବିଦ୍ରୋହର ମୁଣ୍ଡ ଟେକିଲେଣି। ଅଗଣିତ ଭକ୍ତଙ୍କ ମଧ୍ୟରେ କେବଳ ରାଜନଗର ବିଧାୟକ ଧ୍ରୁବ ସାହୁ ହିଁ ଏକମାତ୍ର କେରଡ଼ାଗଡ଼ ବିବାଦୀୟ ଜଗନ୍ନାଥ ମନ୍ଦିରରେ ପ୍ରବେଶ କରି ଦର୍ଶନ କରିପାରିବେ ଯାହାକୁ ନେଇ ଏବେ ଘୃଣ୍ୟତୋଫାନ ଉଙ୍କିମାରୁଛି। ବିଧାୟକଙ୍କର ଏପରି ଆଚରଣ ଓ ପୂଜକମାନଙ୍କ ପକ୍ଷପାତିତା ମନ୍ଦିର ପରିବେଶରେ ଶୋଭନୀୟ ନୁହେଁ ବୋଲି ପୂଜାର ଅଭିଯୋଗ କିଛି ପଣ୍ଡା ଏପରି ମତ ଦେଇଛନ୍ତି। ସେ କହିଛନ୍ତି ସେବାୟତଙ୍କ ନିକଟରେ ଯେତେବଡ଼ ନେତା ହେଉ କି ଅଫିସର ହେଉ ସାଧାରଣ ଭକ୍ତଙ୍କ ସହିତ ସମାନ। ଏଠାରେ ବଡ଼ଛୋଟର ଭେଦଭାବ ନାହିଁ। ପୂଜକମାନେ ଯେମିତି ଆପଣାର ଭାବି ବିଧାୟକଙ୍କ ପାଇଁ ଲକ୍ଷଲକ୍ଷ ଭକ୍ତଙ୍କ ଦର୍ଶନକୁ ଦୂରେଇ ରଖି ବିଧାୟକଙ୍କୁ ନବବର୍ଷର ଦର୍ଶନ କରାଇଛନ୍ତି। ସେହିଭଳି ପୂଜକମାନେ ତାଙ୍କ ଆସ୍ଥିୟ ବିଧାୟକଙ୍କ ଦ୍ୱାରା ସବର୍ଣ୍ଣ ଅସବର୍ଣ୍ଣର ବିବାଦର ସମାଧାନ କରାଇ ଜଗନ୍ନାଥଙ୍କ ଅଗଣିତ ଭକ୍ତଙ୍କର ଦୀର୍ଘଦିନର ଅବହେଳିତ ଦର୍ଶନକୁ ଏବେ ମନ୍ଦିର ଭିତରେ ପ୍ରବେଶକରି ଦର୍ଶନ କରାଇବାରେ ସମସ୍ତଙ୍କୁ ସୁଯୋଗ ଦିଆଯାଉ। ଯଦି ଏହା ନହୁଏ ତେବେ ପୂଜକମାନଙ୍କର ପାତରଅନ୍ତର ଭଳି ଗର୍ହିତକର କାର୍ଯ୍ୟର ଅଞ୍ଚଳବାସୀ ଉପଯୁକ୍ତ ବିଚାର କରିବେ ବୋଲି ପୁରୀର ନନାମାନେ କହିଛନ୍ତି। କେରଡ଼ାଗଡ଼ରେ ଯାହା ହୋଇଛି ତାହା ଜଗନ୍ନାଥ ସଂସ୍କୃତିକୁ କୁଠାରାଘାତ କରିଛି। ଜଗାଉଦର କହି ନପାରି ପର୍ବପର୍ବାଣିରେ ଘରେ ବସି କାନ୍ଦୁଛନ୍ତି ଭକ୍ତଗଣ। ହୁଏତ ପୂଜକମାନଙ୍କ ଦ୍ୱାରା ବିଧାୟକଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକଳାପ ଆଗାମୀ ଦିନରେ ଉଗ୍ରରୂପ ନେବ ବୋଲି ଆଶଙ୍କା କରାଯାଉଛି। ଏନେଇ କେରଡ଼ାଗଡ଼ ମନ୍ଦିର ପୂଜାରୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଲେ ଦୀର୍ଘଦିନ ହେବ ସେବାୟତଙ୍କ ବ୍ୟତୀତ ଅନ୍ୟ କାହାକୁ ମନ୍ଦିର ଭିତରକୁ ଛଡ଼ାଯାଉ ନାହିଁ। ନୂଆବର୍ଷରେ ବିଧାୟକ ସାହୁ ମନ୍ଦିର ଭିତରେ ପଶି ଦର୍ଶନ କରିଛନ୍ତି ବୋଲି ଆମ ପ୍ରତିନିଧି କହିବାରୁ ପୂଜକ ପ୍ରଥମେ ବିଧାୟକ ମନ୍ଦିର ଭିତରକୁ ଆସିନାହାନ୍ତି ବୋଲି କହି ଆମକୁ ଭୁଆଁ ବୁଲାଇଥିଲେ, ଯେତେବେଳେ ବିଧାୟକ ମନ୍ଦିର ଭିତରେ ପଶି ଥିବା ଫଟୋ ଭାଇରାଲ ହେଉଛି କହିବାରୁ, ପୂଜକ ଜଣେ ତୁରନ୍ତ ଫୋନ କାଟି ଦେଇ ସୁଇଚ୍‌ଅଫ୍ କରିଦେଲେ। ଏହା ପଛରେ କ'ଣ ଥାଇପାରେ ଏବଂ କେଉଁମାନେ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛନ୍ତି ଏହାର ଜବାବ ପୂଜକ ସାଧାରଣ ଜନତାକୁ ଜଣାଇବେ ବୋଲି ଦାବୀ ସହ ସହ ପ୍ରଶାସନ ତଥା ପଦକ୍ଷେପ ନେଉଛି ଦେଖିବାକୁ ରହିଲା।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ସଚେତନତା ରଥ ଜିଲ୍ଲା ପରିକ୍ରମା କରିବାର ବ୍ୟବସ୍ଥା କରାଯାଇଛି। ଗୁରୁବାର ସକାଳ ସାଢ଼େ ୧୦ଟା ବେଳେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ସୂର୍ଯ୍ୟରଞ୍ଜନ ପ୍ରଧାନ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏବଂ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଡ଼କ ସୁରକ୍ଷାର ବାର୍ତ୍ତା ଲୋକମାନଙ୍କୁ ବାଣ୍ଟିବେ। ରଥରେ ସଡ଼କ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଏଲ.ଇ.ଡି. ମାଧ୍ୟମରେ ପ୍ରଦର୍ଶନ କରାଯିବ। ଜିଲ୍ଲାର ସମସ୍ତ ଗାଡ଼ିଚାଳକ, ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଦୁଇଚକିଆ ଗାଡ଼ି ଚଳାଇବା ବେଳେ ହେଲମେଟ ପରିଧାନ କରିବା, ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା, ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଗାଡ଼ି ଚଳାଇବାକୁ ନ ଦେବା, ଗାଡ଼ି ଚଳାଇବା ପୂର୍ବରୁ ବ୍ରେକ୍, ହର୍ଣ୍ଣ, ଇଣ୍ଡିକେଟର, ଟାୟାର ପ୍ରେସର ପ୍ରଭୃତି ଚେକ୍ କରିବା ସହ ଗାଡ଼ିର କାଗଜପତ୍ର ସାଙ୍ଗରେ ରଖିବା, କ୍ଷମତାଠାରୁ ଅଧିକ ଓଜନର ମାଲ ପରିବହନ ନ କରିବା ଏବଂ ମାଲ୍ ବୁହା ଯାନରେ ଯାତ୍ରୀ ପରିବହନ ନ କରିବା ପ୍ରଭୃତି ବିଷୟ ପ୍ରତି ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ ସୂଚନା ଦେଇଛନ୍ତି। 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ପ୍ରତି ସମସ୍ତେ ସଚେତନ ହେଲେ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ ପାଇବ। ନିୟମ ଗୁଡ଼ିକୁ ନ ମାନିଲେ ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥାର ପ୍ରାବଧାନ ରହିଛି। ଉକ୍ତ ଶୁଭ ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ନିରୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଟିଆରଓମାନେ ଉପସ୍ଥିତ ଥିଲେ।

# ମହୁମାଛି ଆକ୍ରମଣରେ ଜଣେ ମୃତ



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ସାଉଡ଼ିଆ ପଞ୍ଚାୟତ ବଣିଆରି ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ (୫୮) ଙ୍କର ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ସ୍ୱର୍ଗତ ପ୍ରଧାନ ନିଜ ଘର ନିକଟସ୍ଥ ବିଲରୁ ଘାସ କାଟି ଘରକୁ ଫେରୁଥିବା ବେଳେ ହଠାତ୍ ମହୁମାଛିଙ୍କ ଆକ୍ରମଣର ଶୀକାର ହୋଇଥିଲେ। ସେହି ସମୟରେ ନିକଟରେ ଚରୁଥିବା ଦୁଇଟି ଛେଳିଙ୍କୁ ବହୁ ସଂଖ୍ୟାରେ ମହୁମାଛି କାମୁଡ଼ିବାରୁ ଛେଳି ଦୁଇଟିର ମୃତ୍ୟୁ ଘଟିଥିଲା। ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିବା କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ପରିବାର ଲୋକେ ସ୍ଥାନୀୟ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ପରବର୍ତ୍ତି ଅବସ୍ଥାରେ ସେ ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ କଟକ ମେଡ଼ିକାଲକୁ ସ୍ଥାନାନ୍ତରଣ କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କର ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହେବା ସହ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଖବର ପାଇ ସାଉଡ଼ିଆ ସରପଞ୍ଚ ଜଗନ୍ନାଥ ଖଣ୍ଡାଇ, ସମିତି ସଭ୍ୟ ସୁରେନ୍ଦ୍ର କୁମାର ସେନାପତି, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ଗଗନ ବିହାରୀ ପରିଡ଼ା, ଅଇଣ୍ଠୁ ଦାସ, ଅକ୍ଷୟ ଦାସ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକବ୍ୟକ୍ତ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଏକ ଶୋଭଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିଲେ। ସେ ପରିବାରରେ ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କର ଅକାଳ ବିୟୋଗରେ ପରିବାର ବର୍ଗ ବେସାହାରା ହୋଇଯାଇଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇ ଦେବା ପାଇଁ ସାଧାରଣରେ ଦାବୀ ହେଉଛି।

# ସମାଜସେବୀ ଜଗବନ୍ଧୁ ବରାଳଙ୍କ ପରଲୋକ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଗ୍ରାମର ଜଗବନ୍ଧୁ ବରାଳଙ୍କ ପରଲୋକ ଗୁରୁବାର ସକାଳେ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ପ୍ରତିଦିନ ଭଳି ଜଗବନ୍ଧୁ ମଣିନାଥପୁର - ବଲ୍ଲଭିଘାଟ ବୈତରଣୀ ସେତୁର ମଧ୍ୟସ୍ଥଳୀରେ ଥିବା ଚାହା ଦେକାନକୁ ସକାଳ ୬ଟାରେ ସାଇକେଲ ଯୋଗେ ଘରୁ ଯାଇଥିଲେ। ଚାହା ଦୋକାନରେ ଛିଡ଼ା ହୋଇଥିବା ବେଳେ ସେ ଟଳିପଡ଼ିଥିଲେ। ସୂଚନା ପାଇ ପରିବାର ଲୋକେ ତାଙ୍କୁ ଯାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମରଶରୀର ନିକଟରେ ସାନଭାଇ ବୀରଭଦ୍ର, ପୁତ୍ର ଚନ୍ଦ୍ରକାନ୍ତ, ସୂର୍ଯ୍ୟକାନ୍ତଙ୍କ ସମେତ ପରିବାର ଲୋକେ, ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଜଗବନ୍ଧୁଙ୍କ ମରଶରୀରକୁ ଶୋଭାଯାତ୍ରାରେ ମୁଢ଼ାପଦା, ବରାହନୂଆପଡା, ଷୋଳମପୁର (ଖପୁରିଆପଦା) ଓ ମଣିନାଥପୁର ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ପରମାନନ୍ଦ ନାୟକ, ପୂର୍ବତନ ସରପଞ୍ଚ ମୁକୁନ୍ଦ ଚରଣ ମଲ୍ଲିକ, ଯାଜପୁର ପୌରପାଳିକା ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀ, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ମରଶରୀରକୁ ବାସଭବନ ନିକଟ ପନିପରିବା ପାଳରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ରମାକାନ୍ତ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜଗବନ୍ଧୁ ଗ୍ରାମରେ ମଇ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ବହୁବାର ୱାର୍ଡ଼ ସଦସ୍ୟ ଭାବେ ନିର୍ବାଚିତ ହୋଇ ଗ୍ରାମର ଉନ୍ନତି ସାଧନ କରିଥିଲେ। ମୁଢ଼ାପଦା ମଠମନ୍ଦିର ବିକାଶ ଦିଗରେ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ



ଯାଜପୁର, (ଭାସ୍କର ନ୍ୟୁଜ୍): ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଭୂଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଙ୍ଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ମଞ୍ଚାସୀନ ଅତିଥିମାନଙ୍କର ସ୍ୱାଗତ କରିଥିବା ବେଳେ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ମହୋତ୍ସବ କମିଟିର ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର ବିଷଦ ଭାବରେ ପୁସ୍ତକ ମହୋତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ଶ୍ରୀଯୁକ୍ତ ଅକ୍ଷୟ କୁମାର ମଲ୍ଲିକ ଭୂଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଯୋଗଦେଇ କହିଥିଲେ ଯେ, ପୁସ୍ତକର କେବେ ମୃତ୍ୟୁ ନାହିଁ। ପୁସ୍ତକ ଶାନ୍ତି, ମୈତ୍ରୀ ଓ ପରସ୍ପର ମଧ୍ୟରେ ବନ୍ଧୁତା ସୃଷ୍ଟି କରିଥାଏ। ପୁସ୍ତକ ମେଳା ଏକ ବିପ୍ଳବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଯାଜପୁର ଜିଲ୍ଲାପରିଷଦ ସଭାପତି ଗୌତମରାୟ ଯୋଗଦେଇ ପୁସ୍ତକ ଜୀବନକୁ ସରସ, ସୁନ୍ଦର ଓ କମନୀୟତାର ସହକାରେ ଭରିଦିଏ। ପୁସ୍ତକ ମହୋତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ବରେଣ୍ୟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦୁ କୁମାର ସାମଲ ଯୋଗଦେଇ ପୁସ୍ତକର ଭାଷା ମନୁଷ୍ୟକୁ ଆନନ୍ଦ, ଉଲ୍ଲାସ ଓ ଜ୍ଞାନାଲୋକ ପ୍ରଦାନ କରି ଉଚ୍ଚ ସୋପାନରେ ଆସୀନ କରିଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନ ତଥା ଗୀତିକାର ରବିନାରାୟଣ ନନ୍ଦ ଯୋଗଦେଇ ବହିର ସୃଷ୍ଟି ଚାଇନାରୁ ହୋଇଥିଲେ ମଧ୍ୟ ଭାରତୀୟ ତାଳପତ୍ର ପୋଥି ସର୍ବପୁରାତନ ଲିଖିତ ଗ୍ରନ୍ଥ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ସୁସାହିତ୍ୟିକ ପ୍ରବୀର କୁମାର ମହାନ୍ତି ଯୋଗଦେଇ ପୁସ୍ତକ ମହୋତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ 'କାଳୀ' ସମ୍ପାଦକ ଘନ ପରିଡ଼ା ଯୋଗଦେଇ ପୁସ୍ତକ ହେଉଛି ବିପ୍ଳବର ବିଦଗ୍ଧ ସ୍ଫୁଲିଙ୍ଗ ଚେତନା ଓ ପ୍ରଜ୍ଞାର ମନୋଜ୍ଞ ପ୍ଲାବନ, ପୁସ୍ତକ ଜ୍ଞାନର ଗନ୍ତାଘର ଜୀବନର ସର୍ବଶ୍ରେଷ୍ଠ ବନ୍ଧୁ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯାଜପୁରର ଡେପୁଟି କଲେକ୍ଟର ରଶ୍ମିରଞ୍ଜନ ମଲ୍ଲିକ ଏବଂ ଯାଜପୁର ଡେପୁଟି କଲେକ୍ଟର ଶାଶ୍ୱତୀ ସଦୁଆଳ ଯୋଗଦେଇ ପୁସ୍ତକ ଜ୍ଞାନ ଓ ବିଜ୍ଞାନର ସମ୍ମିଶ୍ରଣ ବୋଲି କହିଥିଲେ। ପୁସ୍ତକ ମହୋତ୍ସବର ବିଭିନ୍ନ ଦିବସରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗୀତାରେ ବରିଷ୍ଠ ବିଭାଗରେ ସୋନାକ୍ଷୀ ପତି, ଶେଷ ସିଂ, ଶ୍ରୀୟା ସ୍ୱାଇଁ ଓ ସୋନାକ୍ଷୀ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କନିଷ୍ଠ ବିଭାଗରେ ସ୍ୱସ୍ତିକ୍ ଜେନା, ପ୍ରାଚୀପ୍ରିୟା ଦଳାଇ, ଅର୍ଚ୍ଚିତା ଦାସ ଏବଂ ଚିତ୍ରାଙ୍କନର ବରିଷ୍ଠ ବିଭାଗରେ ଆଲିସ୍ମା ସାମଲ, ନମ୍ରତା ମହାପାତ୍ର ଓ ପିୟାଲୀ ରଥ ଏବଂ କନିଷ୍ଠ ବିଭାଗରେ ଅଭିଜ୍ଞା ସେନାପତି, ଶୁଭ୍ରାଂଶୀ ଦାଶ, ଅମୋଲିକା ସେନାପତି ଯଥାକ୍ରମେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ମୁକ୍ତ କୁଇଜ ପ୍ରତିଯୋଗୀତାରେ ଭବାନୀଶଙ୍କର ବାରିକ, ଅମୂଲ୍ୟକୁମାର ମଲ୍ଲିକ, ସୌମ୍ୟସାମନ୍ତ ସାହୁ ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁକ୍ତ କୁଇଜ୍ ପ୍ରତିଯୋଗୀତାକୁ ପ୍ରଫେସର ଉଦୟ ନାରାୟଣ ପରିଡ଼ା, ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅଶୋକ କୁମାର ଦାସ, ଅଧ୍ୟକ୍ଷ ବଳରାମ ମହାନ୍ତି, ଅଧ୍ୟାପକ ଡ. ସୁଧାଂଶୁ ଶେଖର ରଥ, ଅଧ୍ୟାପକ ମଳୟ କୁମାର ଜେନା, ଡ. ହରିଶ୍ଚନ୍ଦ୍ର ପଣ୍ଡା, ଅଧ୍ୟାପକ ଉମାକାନ୍ତ ସାମଲ, ଡ. ଜ୍ଞାନରଞ୍ଜନ ପତି, ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ଦାସ, ଅଧ୍ୟାପକ ଉଜ୍ୱଳ କୁମାର ଦାସ, ଇଂ. ଶବି ପ୍ରସାଦ ବଳ, ପ୍ରମୁଖ ପରିଚାଳନା କରିଥିଲେ। ନୃତ୍ୟାଙ୍ଗନା କିରଣ ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଯାଜପୁର ଡିଏଭି ସ୍କୁଲ ପକ୍ଷରୁ କଳାକାର ମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଅଧିକାରୀ ନବ କିଶୋର ଦାସ, ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ସମାଜସେବୀ ପ୍ରମିଳା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଯାଜପୁର ଇନ୍‌ଟାକ୍ ଚାଷ୍ଟର ପକ୍ଷରୁ ମୁକ୍ତ କୁଇଜ୍ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଦୁର୍ଘଟଣାରେ ଯୁବକ ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ ମଞ୍ଜୁରୀରୋଡ଼ - କଣ୍ଟାପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତାର ସାନଶାସନ ପଞ୍ଚାୟତ ଭାଗି ମହାରଣାବିଲ ବରଗଛ ଛକ ନିକଟରେ ଗୁରୁବାର ସକାଳୁ ଜଣେ ଯୁବକର ମୃତଦେହକୁ ପୋଲିସ ଉଦ୍ଧାର କରିଛି। ବନ୍ତ ଥାନା ଅନ୍ତର୍ଗତ କେନ୍ଦୁଆପଦା ପଞ୍ଚାୟତ ମୁଗଗଡ଼ିଆ ଗ୍ରାମର ଅରୁଣ ଓଝା (୨୪) ବୁଧବାର ତରାଗୋ ଗ୍ରାମକୁ ସୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ଆସିଥିଲେ। ସେଠାରୁ ମଞ୍ଜୁରୀରୋଡ଼ - କଣ୍ଟାପଡ଼ା ରାସ୍ତାରେ ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ ବନ୍ଧାଲୋ ଗ୍ରାମରେ ଥିବା ଭଉଣୀ ଘରକୁ ଯାଇ ରାତ୍ରରେ ତରାଗୋକୁ ବାଇକ ଯୋଗେ ଫେରୁଥିଲେ। ରାସ୍ତାର ସମ୍ପୃକ୍ତ ସ୍ଥାନରେ ଥିବା ବବୁରୀ ଗଛରେ ବାଇକ ଧକ୍କା ହୋଇ ବାଇକ ସହ ଅରୁଣ ପଡ଼ିଯାଇ ଥିଲେ। ଗୁରୁବାର ସକାଳେ ବିଲକୁ ଯିବା ସମୟରେ ଲୋକେ ଅରୁଣଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ସହ ଶବ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ମୃତକଙ୍କ ଭାଇ ଜଗବନ୍ଧୁଙ୍କ ଅଭିଯୋଗ କ୍ରମେ ଥାନାରେ ୧/୨୫ନଂ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା।

## ଖରିଫ ଧାନ ବିକ୍ରୟ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ସମନ୍ୱିତ ବଜାର ନିୟନ୍ତ୍ରିତ କମିଟି ସୌଜନ୍ୟତାରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ଆରମ୍ଭ ହୋଇଯାଇଛି ମଣ୍ଡିରେ ଖରିଫ ଧାନ ବିକ୍ରୟ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ। ବ୍ଲକରେ ୬ ଦଳ ପାଲା ଗାୟକ ନିଜ ସହଯୋଗୀ ସାଥିମାନଙ୍କୁ ନେଇ ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ଖରିଫ ଧାନ ବିକ୍ରୟ ସମ୍ପର୍କିତ ଚାଷୀ ମାନଙ୍କୁ ସରକାରଙ୍କ ନିୟମାବଳୀ ଉପରେ ପାଲା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି। ଧାନର ସଠିକ୍ ମାନ, ଧାନବସ୍ତା ପରିଷ୍କାର, କଟନି ଛଟନି ନକରିବା, ଚାଷୀଙ୍କୁ ସହଜରେ ଟଙ୍କା ମିଳିବା ଏହିପରି ଅନ୍ୟ କେତେକ ନିୟମ ଉପରେ ପାଲା ପରିବେଷଣ କରି ସଚେତନ କରିଥିଲେ। ଏହି ଅବସରରେ ବ୍ଲକର ଆଖୁଆପାଳ, ପିତିରି ଓ ମୁଣ୍ଡେଇଲୋ ପ୍ରଭୃତି ପଞ୍ଚାୟତମାନଙ୍କରେ ଗୁରୁବାର ଦିନ ପରଜଙ୍ଗର ପୁରୁଖା ପାଲା ଗାୟକ ନିମାଇଁ ଚରଣ ତ୍ରିପାଠୀ ଓ ସାଥି ବାୟକ ସର୍ବେଶ୍ୱର ସାହୁ, ବସନ୍ତ ବାରିକ, ଉତ୍ସବ ସାମଲ, ବ୍ରଜବନ୍ଧୁ ମହାରଣା ଓ ନାରାୟଣ ସାହୁ ବିଭିନ୍ନ ପ୍ରକାର ଶୈଳୀରେ ସଙ୍ଗୀତ ପରିବେଷଣ କରି ଚାଷୀଙ୍କୁ ଖରିଫ ଧାନ ବିକ୍ରୟ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିଲ୍ଲା ପାଣି ପଞ୍ଚାୟତ କ୍ଷେତ୍ରୀୟ ଅଧିକାରୀ, କେନ୍ଦୁଝର ପକ୍ଷରୁ ସ୍ଥାନୀୟ ଅଡିଟୋରିୟମ ଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଗୁରୁବାର ପାଳିତ ହୋଇଯାଇଛି। କେନ୍ଦୁଝର କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ସୁଧାଂଶୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାଷୀର ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି କହିଥିଲେ। ସରକାର ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଏହା କିପରି ସଫଳ ରୂପାୟନ ହେବ ସେ ନେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସେ ନିଜେ ଜଣେ ଚାଷୀ ହୋଇଥିବାବେଳେ ଚାଷୀଙ୍କ ସମସ୍ୟା ନେଇ ଅବଗତ ଥିବାବେଳେ ଏହା କିପରି ଦୂର ହେବ ସେଥିପାଇଁ ସରକାର ବଦ୍ଧ ପରିକର ବୋଲି କହିଥିଲେ। ଜଳସେଚନର ସୁବିଧା ନିମନ୍ତେ ଜିଲ୍ଲାରେ ୮୭ଟି ପାଣି ପଞ୍ଚାୟତ ଗଠନ କରାଯାଇଥିବା ବେଳେ ପାଣି ପଞ୍ଚାୟତରେ ସାମିଲ ଥିବା ଚାଷୀମାନେ ଗଚ୍ଛିତ ଜଳକୁ ନିଜ ଚାଷରେ ବିନିଯୋଗ କରିବା ନିମନ୍ତେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତର ପକ୍ଷ ଦିବସ ଅବସରରେ ଚାଷୀଙ୍କ ବହୁବିଧ ଉନ୍ନତି କଳ୍ପେ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ରାଜ୍ୟ ସରକାର ଚାଷୀମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ମଜବୁତ କରିବା ପାଇଁ ଅନେକଗୁଡିଏ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଚାଷୀମାନେ ଏହାର ଫାଇଦା ନେବା ଉଠାଇବାକୁ ସିଂ କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଆନନ୍ଦପୁର ଅଶୋକ କୁମାର ସେଠୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ନାବାର୍ଡ଼ ଏଜିଏମ ଡି.କେ.ମଲ୍ଲିକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମେହେର, ଟିମ ଲିଡ଼ର ସପୋର୍ଟ ଅର୍ଗାନାଇଜେସନ ଅପେକ୍ସା ମିହିରେନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଧରପୁର କେନାଲ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ଭାଗିରଥି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍ତରୀୟ ଏହି ସମାବେଶରେ ସମସ୍ତ ବ୍ଲକର ପାଣି ପଞ୍ଚାୟତ ପ୍ରକଳ୍ପରୁ ଆସିଥିବା ଶତାଧିକ କୃଷକ ସଭ୍ୟ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବଣ୍ଟନ କରିଥିଲେ। ଆଦର୍ଶ ଚାଷୀ ଭାବେ ସଦର ବ୍ଲକର ଅଭିରାମ ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମୟଶ୍ରୀ ଚାଟାର୍ଜୀ ଉପସ୍ଥାପିକା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ, କେନ୍ଦୁଝର ର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୁକେସ୍ମିତା ନାୟକ ପ୍ରମୁଖ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଡକ୍ଟର ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧଦିବସ ପାଳିତ



ଧାମନଗର, (ଭାସ୍କର ନ୍ୟୁଜ୍): ନବ ଉତ୍କଳର ନିର୍ମାତା, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୩୮ ତମ ଶ୍ରାଦ୍ଧବାର୍ଷିକ ଧାମନଗର ସ୍ଥିତ ମହତାବ ସେବା ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାରମ୍ଭରେ ସେବା ସଦନ ପରିସରରେ ଥିବା ଡକ୍ଟର ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେବା ସଦନ ପରିଚାଳକ ତଥା ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବରିଷ୍ଠ ନାଗରିକ ପରିଷଦ ସଭାପତି ଅନିଲ କୁମାର ବାରିକ, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ସମ୍ପାଦକ ସଚିକାନ୍ତ ପଣ୍ଡା, ସମାଜ ସେବୀ ଶୁଶାନ୍ତ ରାଉତ, ସାମ୍ବାଦିକ କୈଳାସ ଗୁପ୍ତା, ଅଭିମନ୍ୟୁ ମଲିକ, ପ୍ରଦୀପ କୁମାର ମହାପାତ୍ର, ସୁଧାକର ଦାଶ, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନୀ ହବିବି, ସରୋଜ କୁମାର ସେଠୀ, ପ୍ରଧାନ ଶିକ୍ଷକ ମନୋଜ ସିଂ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ସରକାରଙ୍କ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏକ ଖଳାକୁ ଜଣେ ଠିକାଦାର ଜବରଦଖଲ କରିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଚାଷୀ ମହଲରେ ଦାବି ହୋଇଛି। ଭଦ୍ରେଶ୍ୱର ଥାନା କୁରୁଜଙ୍ଗା ଗ୍ରାମପଂଚାୟତ ଟି କୃଷି ବହୁଳ ଅଟେ। ଏହି ଅଞ୍ଚଳର ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ଧାନ, ମୁଗ ବିରି ଉତ୍ପାଦନ କରିବା ନିମନ୍ତେ ମାହାଙ୍ଗା ବ୍ଲକ ତରଫରୁ କୁରୁଜଙ୍ଗା ଗ୍ରାମରେ ଲକ୍ଷାଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ଏକ ଧାନ ଖଳା ନିର୍ମାଣ କରାଯାଇଥିଲା। ତେବେ ଏହି ଧାନଖଳା ଚାଷୀଙ୍କ କାର୍ଯ୍ୟରେ ଆସୁନଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଅଂଚଳର ଜଣେ ପ୍ରଭାବଶାଳୀ ଠିକାଦାର ଏହି ଉତ୍ପାଦନ ଖଳାକୁ ଜବର ଦଖଲ କରିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ଜଣକ ବେଆଇନ ଭାବେ ଏହି ଖଳାରେ ଇଟାଗୋଡି ବାଲି ଇତ୍ୟାଦି ସାମଗ୍ରୀ ମହଜୁଦ କରିଥିବାର ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଏଠାରେ ଅମଳ କରିପାରୁନଥିବାର ଅଭିଯୋଗ ହୋଇଛି। ତେବେ ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଖଳାକୁ ଜବରଦଖଲ ଉଚ୍ଛେଦ ନିମନ୍ତେ ସ୍ଥାନୀୟ ଚାଷୀମାନେ ମାହାଙ୍ଗା ବିଡ଼ିଓ ଓ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଠିକାଦାରଙ୍କ କବଳରୁ ଏହି ଜବର ଦଖଲକୁ ତୁରନ୍ତ ହଟାନଗଲେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଶିଶୁ ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ବିନ୍ଧାଣ ଗ୍ରାମର ସୁରେଶ ଚନ୍ଦ୍ର ନାୟକଙ୍କ ଶିଶୁପୁତ୍ର ସାଇପ୍ରକାଶ (୯) ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାଯାଇଛି। ନୂଆବର୍ଷ ଦିନ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଅଜଣା ବାଇକ ଧକ୍କା ଦେଇଥିଲା। ଗୁରୁତର ଆହତ ସାଇଙ୍କୁ ପରିବାର ଲୋକେ ଯାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ଯାଜପୁର ଥାନାରେ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି। ସାଇଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଶ୍ରୀରାମଚନ୍ଦ୍ର ପାଠାଗାରର ସମସ୍ୟା ସମାଧାନ ପାଇଁ ଦାବିପତ୍ର

ବାରିପଦା, (ଭାସ୍କର ନ୍ୟୁଜ୍): ନୂତନ ବର୍ଷ ଆରମ୍ଭରେ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ସହ 'ପରିବର୍ତ୍ତନ ମଞ୍ଚ' ପକ୍ଷରୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ଏବଂ ଆଲୋଚନା ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀରାମଚନ୍ଦ୍ର ପାଠାଗାରର ସମସ୍ୟା ସମାଧାନ କରିବା ପାଇଁ ସାମାଜିକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ପରିବର୍ତ୍ତନ ମଞ୍ଚ ପକ୍ଷରୁ ଏହି ପାଠାଗାରର ଅବସ୍ଥା ନେଇ ଅବଗତ କରାଯାଇଛି ଯେ, ଏହାର ସମସ୍ୟା ସମାଧାନ ପାଇଁ ତତ୍କାଳ ହସ୍ତକ୍ଷେପ ଆବଶ୍ୟକ। ଜିଲ୍ଲାପାଳ ଏଥିରେ ପ୍ରତିଶ୍ରୁତି ଦେଇଛନ୍ତି ଯେ ନିଜେ ପାଠାଗାର ପରିଦର୍ଶନ କରି ସମସ୍ୟାର ସମାଧାନ କରିବେ। ସେହି ସମୟରେ ପାଠାଗାରର ସୁରକ୍ଷା ଓ ସଞ୍ଚାଳନ ପାଇଁ ଏକ ନୂତନ କର୍ମକର୍ତ୍ତା କମିଟି ନିଯୁକ୍ତ କରାଯିବ। ପରିବର୍ତ୍ତନ ମଞ୍ଚ ପକ୍ଷରୁ ସଭାପତି ଶିବାଜୀ ମୌଳିକ, ସମ୍ପାଦକ ପାର୍ଥସାରଥୀ ରାୟ ଓ ବିଶିଷ୍ଟ ଆଇନଜୀବୀ ଓ ପୂର୍ବତନ ପାଠାଗାର ସମ୍ପାଦକ ବସନ୍ତ ମହାନ୍ତ ଜିଲ୍ଲାପାଳଙ୍କୁ, ବର୍ତ୍ତମାନ ଗ୍ରହଣ କରାଯାଇଥିବା କାର୍ଯ୍ୟର ନିମ୍ନମାନ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଏହାର ଗୁରୁତ୍ୱ ଓ ସଂରକ୍ଷଣ ପାଇଁ ଜିଲ୍ଲା ପ୍ରଶାସନକୁ ତତ୍କାଳ କାର୍ଯ୍ୟକ୍ଷମ ହେବାକୁ ଦାବି କରିଥିଲେ। ଏହି ଘଟଣା ଜିଲ୍ଲାର ଶିକ୍ଷା ଓ ସାହିତ୍ୟ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରାଯାଇଛି।

## ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ଜିଲ୍ଲା ଜଳସେଚନ ଅନୁଭାଗ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗୁରୁବାର ଦିନ ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ମାନ୍ୟବର ସାଂସଦ ନବଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଣି ପଞ୍ଚାୟତ ମାଧ୍ୟମରେ ଜଳବଣ୍ଟନର ସୁପରିଚାଳନା କରାଯାଇ ଚାଷକାର୍ଯ୍ୟରେ କିଭଳି ବିଶେଷ ଉନ୍ନତି ଆଣିବାକୁ ହେବ ତାହା ଉପସ୍ଥିତ ଚାଷୀ ଭାଇଭଉଣୀଙ୍କୁ ବୁଝାଇଥିଲେ। ଅନ୍ୟପକ୍ଷରେ ପାଣିର ଅପଚୟ ଓ ଅପବ୍ୟବହାର ନକରି ସହଭାଗୀ ଜଳସେଚନ ପରିଚାଳନାରେ ଚାଷ କାର୍ଯ୍ୟକୁ କିଭଳି ସଫଳତାର ସହ କାର୍ଯ୍ୟକାରୀ କରିବାକୁ ହେବ ତାହା ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ, ମାନ୍ୟବର ଅଧ୍ୟକ୍ଷା, ଜିଲ୍ଲାପରିଷଦ, ଭାରତୀ ହାଁସଦା, ମାନ୍ୟବର ବିଧାୟକ ସାରସକଣା ଭାଦବ ହାଁସଦା, ମାନ୍ୟବର ବିଧାୟକ ଉଦଳା ଭାସ୍କର ଚନ୍ଦ୍ର ମଡେଇ, ମାନ୍ୟବର ବିଧାୟକ ବାରିପଦା ପ୍ରକାଶ ଚନ୍ଦ୍ର ସୋରେନ, ମାନ୍ୟବର ବିଧାୟକ ରାଇରଙ୍ଗପୁର ଜଲେନ ନାଏକ ଏବଂ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ଇଂ ରମାକାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାପାଳ ସୟ କହିଥିଲେ ଯେ ଜଳର ସର୍ବୋତ୍କୃଷ୍ଟ ବିନିଯୋଗ କରିବା ସହ ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ସମଗ୍ର ଜିଲ୍ଲାରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ପ୍ରମୁଖ ମଞ୍ଚାସୀନ ଅତିଥି ମାନେ ଯୋଗ ଦେଇ ବିଭାଗୀୟ କାର୍ଯ୍ୟକ୍ରମ ବିଭିନ୍ନ ଯୋଜନା, ସହାୟତା ଓ ରିହାତି ପ୍ରଭୃତି ଉପରେ କହି କୃଷି ଜଳର ସମାବଣ୍ଟନକୁ କିଭଳି ନିଶ୍ଚିତ କରି ଫସଲରେ ଉନ୍ନତି ଆଣି ହେବ ତାହା ବୁଝାଇ ସଚେତନ କରାଇଥିଲେ। ପାଣିପଞ୍ଚାୟତ ପକ୍ଷ ପାଳନରେ ମୁଖ୍ୟ ଯନ୍ତ୍ରୀ ଇଂ ମହାପାତ୍ର ସଭାକୁ ସମ୍ବୋଧନ କରି ପାଣି ପଞ୍ଚାୟତ କ'ଣ, ଏହାର ଗଠନ ପ୍ରଣାଳୀ ଆବଶ୍ୟକତା କଣ, ଏହାଦ୍ୱାରା ଜଳ ବଣ୍ଟନ ସମସ୍ୟା ଓ ଏହାର ସମାଧାନସହ ସୁପରିଚାଳନା କିଭଳି ହୋଇଥାଏ, କେନାଲ ଗୁଡିକର ରକ୍ଷଣାବେକ୍ଷଣ ଓ ଜଳ ସେଚନ ସମ୍ବନ୍ଧୀୟ କ୍ଷେତ୍ରରେ ରେ ପାଣିପଞ୍ଚାୟତର ଅକାର ଓ କର୍ତ୍ତବ୍ୟ ଓ ଭୂମିକା ଉପରେ ବୁଝାଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପାଣି ପଞ୍ଚାୟତ ଉପରେ ଅନୁଷ୍ଠିତ ତର୍କ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସୂଚନାଥାଉକି, ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଜିଲ୍ଲା ବ୍ୟାପୀ ପାଣିପଞ୍ଚାୟତର ବିଭିନ୍ନ ଦିଗ ଉପରେ ଭାବେ ଚାଷୀ ସଚେତନତା ପାଇଁ ପାଣି ପଞ୍ଚାୟତ ରଥ ବାହାରିଥିଲା। ଏହି ରଥକୁ ଜିଲ୍ଲାପାଳ ସୟ ସବୁଜ ପତାକା ଦେଖାଇ ୨୨ ଡିସେମ୍ବର ଦିନ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଳସେଚନର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ, ଏହି କାର୍ଯ୍ୟକ୍ରମର ସଂଯୋଜନା ଇଂ ସୁବ୍ରତ କୁମାର ଦାଶ କରିଥିବା ବେଳେ ନିର୍ବାହୀ ଯନ୍ତ୍ରୀ, ପ୍ରସନ୍ନ ଦାସ ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଏବଂ ପ୍ରଧାନ ଶିକ୍ଷକ ସୋମନାଥ ସିଂହ କାର୍ଯ୍ୟକ୍ରମର ଆନୁଷ୍ଠାନିକ ମଞ୍ଚ ପରିଚାଳନା କରିଥିଲେ।

## ଅଟୋ ଓ ବାଇକ ମୁହାଁମୁହିଁ ଧକ୍କାରେ ଜଣଙ୍କ ମୃତ୍ୟୁ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମୁସାମୁଣ୍ଡି ଗୁଡ଼ା ଚକ୍ ନିକଟରେ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ସୂଚନାନୁସାରେ ଅଟୋ ନବରଙ୍ଗପୁର ଠାରୁ ନିଜ ଗ୍ରାମ କଣ୍ଟାଗାଁ ଅଭିମୁଖେ କିଛି ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ବାଇକରେ ଦୁଇ ଜଣ ଚିତ୍ରକୋଟ ଗ୍ରାମରୁ କୁମଝର ଗାଁକୁ ଫେରୁଥିଲେ। ବାଇକ ଆରୋହୀ ଦୁଇଜଣ ନବରଙ୍ଗପୁର ବ୍ଲକ୍ କୁମଝର୍ ଗ୍ରାମର ବୋଲି ଜଣାପଡ଼ିଛି। ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପଛପଟେ ବସିଥିବା ଯୁବକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଅଟୋରେ ଛଅଜଣ ଯାତ୍ରୀ ଥିବାବେଳେ ପ୍ରାୟ ସମସ୍ତେ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ବାଇକ ଦ୍ରୁତବେଗରେ ଥିବା ଯୋଗୁଁ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଆହତ ମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତ ଆହତଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ ଥିଲା। ମୃତ ବାଇକ ଚାଳକଙ୍କ ନାମ ଭଗବାନ ଧାକଡ (୩୩) ପିତା କୃଷ୍ଣ ଧାକଡ଼ ଗ୍ରାମ କୁମଝର ବୋଲି ଜଣାପଡ଼ିଛି। ଖବର ପାଇ ଘଟଣା ସ୍ଥଳରେ ତେନ୍ତୁଳିଖୁଣ୍ଟି ଥାନା ପୋଲିସ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବାଇକ୍ ଓ ଅଟୋକୁ ମଧ୍ୟ ଜବତ କରି ପୁଲିସ ଥାନାକୁ ନେଇଛି।

## ୧୮ ଜିଲ୍ଲାରେ କାମ ଆଗେଇ ଚାଲିଛି ଧାନ କିଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ଖରିଫ ଋତୁରେ ରାଜ୍ୟରେ ଯାରି ଧାନ କିଣା ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି । ବର୍ତ୍ତମାନ ବରଗଡ଼, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, ଦେବଗଡ଼, ଝାରସୁଗୁଡା, କେଉଁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡ, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ସମେତ ୧୮ଟି ଜିଲ୍ଲା ଧାନ କିଣା ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ଅନ୍ୟ ଜିଲ୍ଲାରେ ଏହି ଧାନ କିଣା ଆରମ୍ଭ କରାଯିବ । ଏଥିପାଇଁ ସମ୍ପୃକ୍ତ ଜିଲାରେ ବ୍ୟାପକ ପ୍ରସ୍ତୁତି ଯାରି ରହିଛି । ଏତଦବ୍ୟତୀତ ପଞ୍ଜିକୃତ ଚାଷୀ ମାନଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଟୋକନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ, ବର୍ତ୍ତମାନ ଏହି ଜିଲ୍ଲା ଗୁଡିକରେ ୧୫୯୧ଟି ମଣ୍ଡିରେ ଧାନ କିଣା ଯାରି ରହିଛି । ସେହିଭଳି ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ଧାନ କିଣା ପ୍ରକ୍ରିୟା ଉପରେ ନଜର ରଖିବା ସହ ଧାନ ସଂଗ୍ରହ ପ୍ରକିୟାକୁ ଯାଞ୍ଚ କରୁଛନ୍ତି । ବାହାର ରାଜ୍ୟର ଧାନ ଗାଡି ଏବଂ ଧାନ କିଣା ସମୟରେ ଆବଶ୍ୟକତା ଠାରୁ ଅଧିକ ଧାନ ରଖୁଥିବା ବ୍ୟବସାୟୀଙ୍କ ଉପରେ କଡା ନଜର ରଖାଯାଇଛି । ଏଥିନିମନ୍ତେ ଏହି ସବୁ ଜିଲ୍ଲାରେ ୧୯୦ଜଣ ଇନଫୋର୍ସମେଂଟ ଅଧିକାରୀ ନିଯୁକ୍ତ ଅଛନ୍ତି । ଏଭଳି ଘଟଣା ଜଣାପଡିବା ପରେ ତ୍ୱରିତ ପଦକ୍ଷେପ ନିଆଯାଉଛି । ଏଥିନିମନ୍ତେ ସମ୍ପୃକ୍ତ ଅଧିକାରୀ ମାନେ ଦିନରାତି ସେମାନଙ୍କ କାର୍ଯ୍ୟ ତୁଲାଉଛନ୍ତି । ଧାନ ବିକିବାର ୪୮ ଘଂଟା ମଧ୍ୟରେ ସେମାନଙ୍କ ଆକାଉଂଟକୁ ସର୍ବନିମ୍ନ ସହାୟତା ରାଶି ସହ ଇନପୁଟ ସହାୟତା ପ୍ରଦାନ କରାଯାଉଛି । ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଧାନ ବିକ୍ରୟ ଅର୍ଥ ରାଶି ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନିଆଯାଉଛି । ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଭତ୍ତା ବୃଦ୍ଧିକୁ ସ୍ୱାଗତ କଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ୱାଧୀନତା ସଂଗ୍ରାମୀଙ୍କ ଭତା ବୃଦ୍ଧିକୁ ସ୍ୱାଗତ କଲା ବିଜେଡି। କିନ୍ତୁ ଜରୁରୀକାଳୀନ ପରିସ୍ଥିତିରେ ଗିରଫ ମାନଙ୍କର ଭତ୍ତା ବୃଦ୍ଧିକୁ ବିରୋଧ କଲା ବିଜେଡି । ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ, ଭତ୍ତା ବୃଦ୍ଧି ପ୍ରସଙ୍ଗ ନିଶ୍ଚିତ ସ୍ୱାଗତ ଯୋଗ୍ୟ, ହେଲେ କେତେଜଣ ସ୍ୱାଧୀନତା ସଂଗ୍ରାମୀ ଅଛନ୍ତି । ଯେଉଁମାନଙ୍କ ସାଧନା, ତ୍ୟାଗ ବଳରେ ଭାରତ ସ୍ୱାଧୀନତା ଗ୍ରହଣ କଲା ସେମାନେ ପୂଜ୍ୟ ,ତାଙ୍କ ପ୍ରତି ଯେତେ କଲେବି ନିଅଂଟ ହେବ। ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ମୁଁ ଧନ୍ୟବାଦ ଦେଉଛି। ମିଶା ଆଇନରେ ବନ୍ଦୀଙ୍କୁ ଭତ୍ତା ପ୍ରଦାନ ପ୍ରସଙ୍ଗରେ ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରତିକ୍ରିୟା, ଇଏ ଗୋଟେ ଅସୁସ୍ଥ ପରମ୍ପରା। ସ୍ୱାଧୀନତା ସଂଗ୍ରାମୀ କୁହାଯାଉଛି ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରୁଛନ୍ତି, ବିଦେଶୀ ଶାସନ ବିରୋଧରେ ଯେଉଁମାନେ ସଂଗ୍ରାମ କଲେ ସେମାନେ ହେଲେ ସ୍ୱାଧୀନତା ସଂଗ୍ରାମୀ ମିଶା ବନ୍ଦୀ ମାନେ ସ୍ୱାଧୀନତା ଅଧିକାର କର୍ମୀ ସଂଗ୍ରାମୀ ନୁହନ୍ତି ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ଅଛି।

## ସର୍ବଭାରତୀୟ ଆଜାଦ ଚେଲେଞ୍ଜ କ୍ରିକେଟ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଡ଼େଇଭଲ ଦି ଆଜାଦ ସ୍ପୋର୍ଟସ ଏଣ୍ଡ କଲଚରାଲ କ୍ଲବ୍ ଅନୁକୂଲ୍ୟରେ ଅୟୋଜିତ ସର୍ବଭାରତୀୟ ଆଜାଦ ଚେଲେଞ୍ଜ କ୍ରିକେଟ କପ୍ ଗ୍ରୁପ ବିର ପ୍ରଥମ ମ୍ୟାଚ୍‌ରେ କଲିକତାକୁ ହରାଇ ରାମେଶ୍ୱର ସ୍ପୋଟିଂ, ଭୁବନେଶ୍ୱର ସେମିରେ ପ୍ରବେଶ। ଆଜିର ଖେଳରେ ଅତିଥି ଭାବେ ଉମେଶ ବେହେରା, ଇନ୍ଦ୍ରମଣି ମହାକୁଡ, ଏମ.ଡି ଖଲିଲଉଲ୍ ରହମାନ, ଏମ.ଡି କାୟମ ଓ ନନ୍ଦୀଆ ବେହେରା ଯୋଗଦେଇ ଉଭୟ ଦଳର ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଆଜିର ମ୍ୟାଚରେ ପଶ୍ଚିମବଙ୍ଗର କଲିକତା ବନାମ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କଲିକତା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇ ପ୍ରତିପକ୍ଷ ଦଳ ରାମେଶ୍ୱର ସ୍ପୋଟିଂକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରାମେଶ୍ୱର ସ୍ପୋଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ଓଭର ଖେଳରେ ୨୫ ଓଭର ଖେଳି ୮ଉଇକେଟ ହରାଇ ୨୫୭ରନ କରିଥିଲେ ଓ ପ୍ରତିପକ୍ଷ କଲିକତା ଦଳକୁ ବିଜୟ ଲକ୍ଷ ୨୫୮ ରନର ଟାର୍ଗେଟ ଦେଇଥିଲେ। ତେବେ କଲିକତା ଦଳ ନିର୍ଦ୍ଧାରିତ ୨୫ଓଭର ଖେଳୀ ୮ ଉଇକେଟ ହରାଇ ୨୫୪ ରନ କରିବାକୁ ସମର୍ଥ ହୋଇ ୩ ରନ ବ୍ୟବଧାନରେ ପରାସ୍ତ ହୋଇଥିଲା। ଆଜିର ଖେଳରେ ରଞ୍ଜିତ ପେନେଲ ଅମ୍ପେୟର ଲଲାଟ ନନ୍ଦ ଓ ରଞ୍ଜନ ମହାନ୍ତି ଅମ୍ପେୟର ଥିବାବେଳେ ତୃତୀୟ ଅମ୍ପେୟର ଭାବେ ଗୌରୀଶଙ୍କର ସିହ୍ନା କାର୍ଯ୍ୟ ତୁଲାଇଥିଲେ। ଖେଳର ଧାରା ବିବରଣୀ ଦେଇଥିଲେ ଏମ.ଡି ଅସଗୋର ଅଲ୍ଲୀ ଓ ଅବଦୁଲ ମଲ୍ଲିକ। ଖେଳ ପରିଚାଳନାରେ କ୍ଲବ ର ଇନ୍ଦ୍ରମଣି ମହାକୁଡ଼, ସମ୍ପାଦକ ଏମ.ଡି ସବୀର ଅଲ୍ଲୀ, ପୂର୍ବତନ ସମ୍ପାଦକ ଖୋଲିଲ ରୋହମନ, ନୁରୁଲ ଇସଲାମ, ଫରିମ ଓ କେଦାର, ଏମ ଡି କାୟମ ତଥା କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସର୍ବଭାରତୀୟ 'ଟାଙ୍ଗୀ କପ୍' ଫୁଟବଲ ଟୁର୍ଣ୍ଣାମେଣ୍ଟ




ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେବ ସର୍ବ ଭାରତୀୟ 'ଟାଙ୍ଗୀ କପ୍' ଫୁଟବଲ ଟୁର୍ଣ୍ଣାମେଣ୍ଟ। ଟାଙ୍ଗୀ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ହେଉଛି ଏହି ସର୍ବ ଭାରତୀୟ 'ଟାଙ୍ଗୀ କପ' ଫୁଟବଲ ଟୁର୍ଣ୍ଣାମେଣ୍ଟ। ଓଡ଼ିଶାରୁ ୪ ଟି ବଛାବଛା ଫୁଟବଲ ଟିମ୍ ଓ ଅନ୍ୟ ରାଜ୍ୟର ବଛା ବଛା ୪ଟି ଫୁଟବଲ ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି ବୋଲି ଆୟୋଜକ କମିଟିର ସଭାପତି ତଥା ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଏହି ସର୍ବ ଭାରତୀୟ 'ଟାଙ୍ଗୀ କପ' ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଉଦ୍‌ଯାପନ କରାଯିବ ଏବଂ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟିର ସମ୍ପାଦକ ତଥା କ୍ରୀଡ଼ା ସଙ୍ଗଠକ ବିଜୟ କୁମାର ରାଉତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସମାଜସେବୀ ବିଜୟ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ସୁନିଲ କୁମାର ମହାନ୍ତି, ନରେନ୍ଦ୍ର କୁମାର ମହାପାତ୍ର, ଉପେନ୍ଦ୍ର କୁମାର ସାହୁ, ବାଳକୃଷ୍ଣ ମିଶ୍ର, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ବଘେଇ କ୍ରିକେଟ କ୍ଲବ ଓ ଖଳିସାହି କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ବଘେଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫.୨ ଓଭର ଖେଳି ୭ ଉଇକେଟ ବିନିମୟ ରେ ୧୩୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଖଳିସାହି ଦଳ ୧୪.୪ ଓଭର ରେ ସମସ୍ତ ଉଇକେଟ ହରାଇ ୧୧୧ ରନ କରି ପରାଜିତ ହୋଇଥିଲା। ଏହି ମ୍ୟାଚ ବିଜୟ ଫଳରେ ବଘେଇ ଦଳ ଫାଇନାଲ ପ୍ରବେଶ କରିଛି। ଏହି ମ୍ୟାଚଟିକୁ ଆମ୍ପେୟର ଭାବେ ମଧୁ ମଙ୍ଗରାଜ ଓ ପିଣ୍ଟୁଆ ପ୍ରଧାନ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ୍ ସଭାପତି ନିରଞ୍ଜନ ନାୟକ ଓ ଟୁର୍ଣ୍ଣାମେଣ୍ଟ ପରିଚାଳକ ଶାନ୍ତନୁ ଛୋଟରାୟଙ୍କ ସମେତ ସଦସ୍ୟ ବିକାଶ, ରାଜା, ରାଜକିଶୋର, ରଘୁନାଥ, ଚଗଲା, ଟୁନା ଓ ବବଲି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀରାମକୃଷ୍ଣଙ୍କ କଳ୍ପତରୁ ଦିବସ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ୍ ପିଚୁକୁଳି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟିକାତାଲସ୍ଥ ଶ୍ରୀରାମକୃଷ୍ଣ ସେବାଶ୍ରମରେ ଶ୍ରୀରାମକୃଷ୍ଣ ପରମହଂସଙ୍କ କଳ୍ପତରୁ ଉତ୍ସବ ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବ୍ରହ୍ମଚାରୀ ରମେଶ ଶ୍ରୀରାମକୃଷ୍ଣ ଲୀଳାମୃତ ପୁସ୍ତକରୁ କଳ୍ପତରୁ ପ୍ରସଙ୍ଗ ଆବୃତ୍ତି କରିଥିଲେ। ସଦସ୍ୟ ଭକ୍ତବଲ୍ଲଭ ପଟ୍ଟନାୟକ ବେଦମନ୍ତ୍ର ପାଠ କରିଥିଲେ। ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ସହିତ କଳ୍ପତରୁ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟ ପ୍ରବକ୍ତା ସ୍ୱାମୀ ଭାଗବତାନନ୍ଦ ମହାରାଜ ଈଶ୍ୱର ପ୍ରାପ୍ତିର ମାର୍ଗ ସମ୍ବନ୍ଧରେ ଠାକୁର ରାମକୃଷ୍ଣ ପରମହଂସଙ୍କ ଉପଦେଶ ଅନୁସରଣ କରିବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନ୍ୟତମ ପ୍ରବାଚିକା ନଳିନୀ ସାହୁ ରାମକୃଷ୍ଣଙ୍କ ବାଲ୍ୟ ଜୀବନର ଅଲୌକିକ ଲୀଳା ସହିତ ୧୮୮୬ ଜାନୁଆରୀ ପହିଲାରେ ଭାବାବେଶରେ ଉପସ୍ଥିତ ସମସ୍ତ ଭକ୍ତମାନଙ୍କର ମନୋବାଞ୍ଛା ପୂରଣ କରିଥିଲେ। ଏହି ଦିନକୁ କଳ୍ପତରୁ ଦିବସ ଭାବରେ ରାମକୃଷ୍ଣ ସଂଘରେ ପାଳନ କରାଯାଏ ବୋଲି ମତବ୍ୟକ୍ତ କରିଥିଲେ। ମନୋଜ କୁମାର ଗୁମାନସିଂହ, ଅଜୟ କୁମାର ପାଲ, ମାନସୀ ପୃଷ୍ଟି, ଗୀତାଞ୍ଜଳି ସାହୁ, ଇନ୍ଦୁମତୀ ଦେଈ, କଳ୍ପନା ସାହୁ, ସୋନିଆ ପ୍ରଧାନ, ବାଲୁଙ୍କେଶ୍ୱର ଦାଶ, ନାରାୟଣ ସାହୁ ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ବରିଷ୍ଠ ସଦସ୍ୟ ପଦ୍ମଚରଣ ବିଶ୍ୱାଳ ନିର୍ମାଣାଧୀନ ରାମକୃଷ୍ଣ ମନ୍ଦିରକୁ ଯଥା ଶକ୍ତି ସାହାଯ୍ୟ ଜାରି ରଖିବାକୁ ଭକ୍ତମାନଙ୍କୁ ନିବେଦନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ରାହ୍ମଣମରା ଠାରୁ ମାଜଣା ରାସ୍ତା ନିମ୍ନମାନର ଅଭିଯୋଗ



ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅନ୍ତର୍ଗତ ମୋରଡ଼ା ସେକ୍ସନ ଅଫିସ ଅଧିନରେ ବ୍ରାହ୍ମଣମରା ଠାରୁ ମାଜଣା ଗ୍ରାମ ଉନ୍ନୟନ ବିଭାଗ ରାସ୍ତାରେ ବ୍ୟାପକ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ବ୍ରାହ୍ମଣମରା ଠାରୁ ମାଜଣା ରାସ୍ତାର ଉନ୍ନତି କରଣ ପାଇଁ ୨୫ ଲକ୍ଷ ଟଙ୍କା ଅଟକଳ ଥିବାବେଳେ କାର୍ଯ୍ୟାଦେଶ ଧିରେନ୍ଦ୍ର କୁମାର ବେହେରାଙ୍କ ନାମ ରେ ରହିଅଛି। କାମର ତଦାରଖ ପାଇଁ ବିଭାଗ ପକ୍ଷରୁ ଯନ୍ତ୍ରୀ ନିୟୋଜିତ ଅଛନ୍ତି। କାର୍ଯ୍ୟ ଚାଲୁଥିବା ସମୟରେ ଠିକାଦାର କାମକୁ ନିମ୍ନମାନର କରି ଅଧିକ ମୁନଫା କମାଇବା ପାଇଁ ଯୋଜନା କରିଥିବା ଅଞ୍ଚଳବାସୀ ପକ୍ଷରୁ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ କାର୍ଯ୍ୟର ଏଷ୍ଟିମେଟ ପ୍ରିମିକ୍ସ, ସିଲିକୁଟି ଓ ପିଚ୍ ସହିତ ଏକ ଇଞ୍ଚର ଥିକନେସ ରହିବାର ନିର୍ଦ୍ଦେଶ ନାମା ଥିବା ବେଳେ ଠିକାଦାର ସମ୍ପୂର୍ଣ୍ଣ ଚଞ୍ଚକତା କରି ଅଧିକାଂଶ ସ୍ଥାନ ରେ ଏକ ଇଞ୍ଚାରୁ କମ ଥିକନେସ ଥିବା ବେଳେ ଅଧିକାଂଶ ସ୍ଥାନରେ କେବଳ ସିଲିକୁଟି କରି ଅଧିକ ଅର୍ଥ ହଡ଼ପ କରିଥିବାର ଅଭିଯୋଗ ହୋଇଛି। ଯାହାକୁ ପ୍ରୋତ୍ସାହିତ କରିଛନ୍ତି ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଦୀପ୍ତି ଲେଙ୍କା ବୋଲି ଖୋଲାଖୋଲି ଅଭିଯୋଗ ହୋଇଛି। ତେବେ ସ୍ଥାନୀୟ ଲୋକେ ଗଣମାଧ୍ୟମକୁ ଖବର ଦେବା ପରେ ଘଟଣାସ୍ଥଳରେ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ଦେଖିବାକୁ ପାଇଥିଲେ, କାମ ସମୟରେ ନା ଥିଲେ ଠିକାଦାର ନା ଥିଲେ ଯନ୍ତ୍ରୀ। କେବଳ ଶ୍ରିମିକମାନେ ଛକାପଞ୍ଝାରେ ସିଲିକୁଟି ମାରିବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା। ତେବେ ଜଣେ ଶ୍ରମିକଙ୍କ ପ୍ରତିକ୍ରିୟା ନେବାରୁ କହିଥିଲେ ପ୍ରିମିକ୍ସ ସରିଯିବାରୁ ସିଲିକୁଟି ମାରି କାମ କରୁଛୁ। ଏଠି ପ୍ରଶ୍ନ ଉଠୁଛି ଗ୍ରାମ ଉନ୍ନୟନ ବିଭାଗକୁ ସରକାର କୋଟିକୋଟି ଟଙ୍କା ସାଧାରଣ ଲୋକଙ୍କ ଜୀବନ ଶୈଳୀ ସୁଗମ କରିବା ପାଇଁ ବ୍ୟବସ୍ଥା କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ପୁରା ଅଲଗା। ଏଠାରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ବ୍ୟାପକ ହରିଲୁଟ। ଯାହା ଗ୍ରାମ ଉନ୍ନୟନ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି। ଯାହାକୁ ନେଇ ଆମ ଗଣମାଧ୍ୟମ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ଦୀପ୍ତି ଲୋକଙ୍କ ପ୍ରତିକ୍ରିୟା ନେବାରୁ କହିଥିଲେ ପାଞ୍ଚ ଜାଗାରେ ଚାଲିଛି କାମ, ମୋ ପାଖରେ ସେଭଳି କିଛି ଅଭିଯୋଗ ନାହିଁ, ଯଦି କହୁଛ ତେବେ ମୁଁ ପରିଦର୍ଶନ କରି ଦେଖିବି। କଥା କଥାରେ ଠିକାଦାରଙ୍କ ଦୁର୍ନୀତିକୁ ଚପାଇବାକୁ ଚେଷ୍ଟା କରି ଗଣମାଧ୍ୟମ ପ୍ରତିନିଧିଙ୍କ କଥାକୁ ଏଡ଼ାଇ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ କ୍ୟାମେରାରେ କଏଦ ହୋଇଥିବା ଫୋଟ ଓ ଭିଡିଓରୁ ସ୍ପଷ୍ଟ ବାରିହୋଇଛି। ବ୍ରାହ୍ମଣମରା ଠାରୁ ମାଜଣା ରାସ୍ତାରେ ହୋଇଥିବା କାମ ଅତ୍ୟନ୍ତ ନିମ୍ନମାନର ହେବା ସହିତ ବ୍ୟାପକ ଆର୍ଥିକ ଅନିୟମିତତାର ଗନ୍ଧ ବାରି ହେଉଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ଅଛି ବୋଲି ମତପ୍ରକାଶ କରି ସମ୍ପୃକ୍ତ ଠିକାଦାରଙ୍କ ବିଲ ବନ୍ଦ କରିବା ସହିତ କାମର ମାନ ଯାଞ୍ଚ କରି ବିଭାଗୀୟ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ କରିଛନ୍ତି। ଯଦି ଉକ୍ତ ବିଭାଗ ସାଧାରଣ ଲୋକଙ୍କୁ ଠକିବାକୁ ଚେଷ୍ଟା କରେ ତେବେ ଆଗାମୀ ଦିନରେ ଜିଲ୍ଲାପାଳ ଓ ମନ୍ତ୍ରୀଙ୍କୁ ଏକ ଏକ ଦଫା ଦାବିପତ୍ର ଦିଆଯିବ ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନର ଡବଲ୍ ଇଞ୍ଜିନ ସରକାର ଡବଲ ବିକାଶ ଚାହୁଁଥିବା ବେଳେ ଏଠାରେ ଯନ୍ତ୍ରୀ ଡବଲ ଗାଫିଲାତି କରିବାରେ ମାହିର ବୋଲି ଛକ ବଜାରରେ ଖୋଲାଖୋଲି ଆଲୋଚନା ହେଉଛି।

## ଦୃଷ୍ଟି ଆଢୁଆଳରେ ମାଁ' ପେଙ୍ଗୁଳାଇ ଦେବୀଙ୍କ ମନ୍ଦିର





କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କାହିଁ କେଉଁ କାଳରୁ ଲୋକ କଥା ଅନୁଯାୟୀ ଏହି ଦେବୀଙ୍କ ମନ୍ଦିରକୁ ଅଞ୍ଚଳରେ ବନ୍ୟା ସମୟରେ ମା'ଙ୍କ ଅର୍ଦ୍ଦେଶରେ କୁମ୍ଭୀର ପିଠିରେ ବସୀ ପୂଜକ ଆସନ୍ତି। ଯେତେ ଝଡ଼ି ବର୍ଷା ହେଲେବି ମାଁ' ପେଙ୍ଗୁଲାଇଙ୍କୁ ପୂଜା ଅର୍ଚ୍ଚନା କରି ଫେରନ୍ତି। ମାଁ' ଏଠି ସ୍ୱୟଂ ଆବିର୍ଭୂତ। କେହି ମାଁ'କୁ ସ୍ୱପାନ କରିନାହାନ୍ତି ଏବଂ ରାତ୍ରୀ କାଳରେ ଘୋଡ଼ାରେ ଗାଁ'କୁ ଗାଁ' ବୁଲନ୍ତି ଦେବୀ। ଏହି ମନ୍ଦିରରେ ରହିଛି ଅନେକ ଅଲୌକିକ ମହିମା ଓ ପୌରାଣିକ ଗାଥା। ଏବେବି ସରକାରୀ ଦୃଷ୍ଟି ଆଢୁଆଳରେ ଏହି ମନ୍ଦିର ପଡ଼ିରହିଛି। ସରକାର ସମସ୍ତ ମଠ ମନ୍ଦିର ଉନ୍ନତୀ କରୁଛନ୍ତି ହେଲେ ଏଠି ସରକାରଙ୍କ କୃପା ଦୃଷ୍ଟି ପଡ଼ିନି। କାହିଁ କେଉଁ କାଳରୁ ଅଞ୍ଚଳର ଇଷ୍ଟଦେବୀ ମାଁ' ପେଙ୍ଗୁଲାଇ ଏଠି ପୂଜା ପାଉଛନ୍ତି। ଏଠି ଦିନ ଥିଲା ଘଞ୍ଚ ଜଙ୍ଗଲମୟ ଅରଣ୍ୟ, ବାଘଠୁ ଆରମ୍ଭ କରି କୁମ୍ଭୀର ବିଭିନ୍ନ ଜୀବଜନ୍ତୁ ବସବାସ କରୁଥିଲେ। ଏହି ସ୍ଥାନକୁ ଦିନ କିମ୍ବା ରାତ୍ରୀରେ ଲୋକ ଆସିବାକୁ ଭୟ କରନ୍ତି। ବନ୍ୟା ହେଲେ ଧୋୟା ୧୦ ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇଯାଇ ଥାଏ। ଯେତେ ଝଡ଼ିବର୍ଷା ହେଲେ ବି ମାଁ'ଙ୍କ ହୁକୁମ୍ ମାନି ଏକ କୁମ୍ଭୀର ପିଠିରେ ବସି ମାଁ'ଙ୍କ ପୂଜା ଅର୍ଚ୍ଚନା ପାଇଁ ଜଳପଥରେ ଗୋବିନ୍ଦପୁର ଗ୍ରାମରୁ ଦୀର୍ଘ ୭ କି.ମି ଅତିକ୍ରମ କରି ଆସନ୍ତି ସେତେ ବେଳର ପୂଜକ ପେଗେଲେଇ ନନା। କେବେ ମାଁ'ଙ୍କ ନୀତିକାନ୍ତି ବନ୍ଦ ରୁହେନି ଏଠି। ଏହି ମନ୍ଦିର ରହିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ରୁ ୩୦କି.ମି ଅତିକ୍ରମ କରି ଅସିଲେ କୁସୁମୀ ଗ୍ରାମରେ। ଏହା ସହିତ ଅଞ୍ଚଳରେ ଚାଷୀଙ୍କ ଚାଷ ଭଲ ହେଲେ ଏଠି ଚାଷୀ ଆସି ଗୁଡ଼ଖିରି ଭୋଗ ଅର୍ପଣ କରନ୍ତି ମାଁ'ଙ୍କୁ। ପଣା ସଂକ୍ରାନ୍ତି ଓ କାର୍ତ୍ତିକ ପୂର୍ଣ୍ଣିମାରେ ଅନେକ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳେ। ୧୯୬୧ ମସିହାରେ କୁସୁମୀ ଜନକଲ୍ୟାଣ ସମିତି ଦ୍ୱାରା ମନ୍ଦିର ସ୍ଥାପନ ହୋଇଥିଲେ ସୁଧା ତେବେ ଏବେ ବି ସରକାରି ଦୃଷ୍ଟି ଆଢୁଆଳରେ ଏହି ଦେବୀଙ୍କମନ୍ଦିର ରହିଛି। କିଛି ଆଖିଦୃଶିଆ କାର୍ଯ୍ୟ ହୋଇପାରିନି। ବିଭିନ୍ନଆଡୁ ଲୋକ ଆସି ଏହି ସ୍ଥାନରେ ପିକିନିକ୍ ଏ ମଜା ନିଅନ୍ତି। ଆଗକୁ ସରକାରୀ କିଛି ଅନୁଦାନ ଅର୍ଥ ମିଳେ ତେବେ ଏହି ମନ୍ଦିରର ଉନ୍ନତି ହୋଇପାରନ୍ତା ବୋଲି ଗ୍ରାମର ବରିଷ୍ଠ ଗ୍ରାମବାସୀ ରବୀନ୍ଦ୍ରଚନ୍ଦ୍ର ପଲାଇ, ପୂର୍ବତ ସରପଞ୍ଚ ପୁରୋଷ୍ଣମ ପଲାଇ, ସନ୍ତୋଷ କୁମାର ପତି ଶ୍ରଦ୍ଧାଳୁ ସମେତ ଅଞ୍ଚଳର ଜନସାଧାରଣମାନେ ନିବେଦନ କରିଛନ୍ତି।

## ପିଲାମାନଙ୍କ ଗହଣରେ ନୂଆବର୍ଷ ପାଳିଲେ ଜିଲ୍ଲାପାଳ



ଭବାନୀପାଟଣା, ( ଭାସ୍କର ନ୍ୟୁଜ୍) : ୨୦୨୪ ବର୍ଷକୁ ବିଦାୟ ଦେଇ ନୂଆ ଆଶା ଓ ଅଭିଳାଷକୁ ନେଇ ସୁନେଲି ସ୍ୱପ୍ନ ଦେଖୁଥିବା ଶିଶୁ ଯତ୍ନ ଅନୁଷ୍ଠାନର କୁନି କୁନି ଶିଶୁ ମାନଙ୍କ ସହିତ କିଛି ମୁହୂର୍ତ୍ତ କଟେଇଛନ୍ତି କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ। ନୂତନ ବର୍ଷ ୨୦୨୫କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କଳାହାଣ୍ଡି ପାଓ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲାର ଅନ୍ୟ ଅଧିକାରୀ ମାନେ ନୂଆବର୍ଷର ପ୍ରଥମ ସକାଳରେ ଉପସ୍ଥିତ ହୋଇଥିଲେ ଭବାନୀପାଟଣାସ୍ଥିତ ନେହେରୁ ସେବା ସଂଘ ଓ ବାଳଗୋପାଳ ସେବା ନିକେତନରେ। ଏହି ଅବସରରେ ଜିଲ୍ଲାପାଳ ଉଭୟ ଅନୁଷ୍ଠାନର ଅନ୍ତେବାସୀ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପିଲାମାନେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନବବର୍ଷରେ ଶିଶୁ ଯତ୍ନ ଅନୁଷ୍ଠାନର ପିଲାଙ୍କ ସହିତ ନିଜର ବହୁମୂଲ୍ୟ ସମୟ ଦେଇ ତାଙ୍କୁ ଉତ୍ସାହିତ କରିଥିବାରୁ ଏହି ଦୁଇଟି ଅନୁଷ୍ଠାନର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ଏବଂ ଧନ୍ୟବାଦ ଜଣାଇଥିଲେ। ଏଥିରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରୁପେଶ କୁମାର ହୋତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅନ୍ୟ କର୍ମକର୍ତ୍ତା ଅଂଶୁମାନ ବାବୁ ଓ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ଶ୍ରୀ ଦରଓ୍ୱାନ ସମସ୍ତଙ୍କୁ ନବର୍ଷରର ଶୁଭେଚ୍ଛା ଜଣାଇବା ସହିତ ପିଲାମାନେ ଭଲ ପାଠ ପଢି ଗୁରୁଜନଙ୍କ କଥା ମାନି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଟିକୁ ବାଲ ଗୋପାଳ ସେବା ନିକେତନର ପ୍ରତିଷ୍ଠାତା ହେମନ୍ତ ମୁଣ୍ଡ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ପରିଚାଳନା କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦର ସାମାଜିକ ସମରସତା

ଭବାନୀପାଟଣା, ( ଭାସ୍କର ନ୍ୟୁଜ୍ ) : ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ କଳାହାଣ୍ଡି ବିଭାଗ ଆନୁକୂଲ୍ୟରେ ଏକ ସାମାଜିକ ସମରସତା ସନ୍ଦେଶ ଯାତ୍ରା କଳାହାଣ୍ଡି ଓ ନୂଆପଡା ଜିଲ୍ଲାକୁ ନେଇ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ନଅଦିନ ଧରି ଚାଲିଥିବା ଏହି ସନ୍ଦେଶ ଯାତ୍ରା କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି କଳାହାଣ୍ଡି ଜିଲ୍ଲାର ଜୁନାଗଡ ବ୍ଲକର ଚିଚୈଗୁଡା ଠାରେ ପହଞ୍ଚି ସମାପନ ସମାରୋହ ଉତ୍ସବ ପାଳନ କରିଥିଲା। ଉକ୍ତ ସାମାଜିକ ସମରସତା ସନ୍ଦେଶ ଯାତ୍ରା ପାଇଁ ଗୋଟିଏ ରଥ ଭବାନୀପାଟଣା ସହରର ଯୋରପଡ଼ାସ୍ଥିତ ଚମ୍ପେଶ୍ୱର ମନ୍ଦିର ଠାରୁ ଏକ ସମରସତା ଯଜ୍ଞ ପରେ ଉଦ୍‌ଘାଟିତ ହୋଇ କଳାହାଣ୍ଡି ସାଙ୍ଗଠନିକ ଜିଲ୍ଲାର ସମସ୍ତ ପ୍ରଖଣ୍ଡ ପରିକ୍ରମା ପରେ କଲମପୁର, ଜୟପାଟଣା, କୋକସରା ଓ ଜୁନାଗଡ଼ ପ୍ରଖଣ୍ଡ ପରିକ୍ରମା କରି ଚିଚୈଗୁଡ଼ା ଗ୍ରାମରେ ପହଁଞ୍ଚିଥିଲା। ଅନୁରୂପ ଭାବେ ଅନ୍ୟ ଏକ ସାମାଜିକ ସମରସତା ରଥ






ନୂଆପଡ଼ା ଜିଲ୍ଲାର ପତରା ଡ୍ୟାମସ୍ଥିତ ଯୋଗେଶ୍ୱର ଶିବମନ୍ଦିର ଠାରୁ ସମରସତା ଯଜ୍ଞ ପରେ ଉଦ୍‌ଘାଟିତ ହୋଇ ନୂଆପଡ଼ା ଜିଲ୍ଲାର ସମସ୍ତ ପ୍ରଖଣ୍ଡ ପରିକ୍ରମା କରି ଧର୍ମଗଡ଼ ସାଙ୍ଗଠନିକ ଜିଲ୍ଲାର ଗୋଲାମୁଣ୍ଡା, ଧର୍ମଗଡ଼ ଓ କୋକସରା ପରିକ୍ରମା ପରେ ଚିଚୈଗୁଡ଼ା ଠାରେ ପହଞ୍ଚି ଥିଲା ଓ ସେଠାରେ କାର୍ଯ୍ୟକ୍ରମର ସମାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାପନ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ସୁଦର୍ଶନ ଦାସ, ମଧୁ ବାବା, ଭଗବାନ ଦାସ ବାବା, ରାମାୟଣୀ ବାବା, ଜୟକୃଷ୍ଣ ଦାସ ବାବା, ଅଶୋକ ବ୍ରହ୍ମଚାରୀ, ସୁଧୀର ଚୈତନ୍ୟ, ନରେଶ ଦାସ, ଅବୋଧ ବିହାରୀ, ମଣିରାମ ଦାସ ଇତ୍ୟାଦି ସାଧୁ ସନ୍ଥ ଉପସ୍ଥିତ ରହି ସମାଜର ଛୁଆଁଅଛୁଆଁ ମନୋଭାବ ଦୂର କରିବା ପାଇଁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ ସାମାଜିକ ସମରସତା ପ୍ରମୁଖ ଗୌତମ ସରକାରଜୀ ଓ ପ୍ରାନ୍ତ ସଭାପତି ଡ.ରାଜ କୁମାର ବଡପଣ୍ଡା ଓ ରାଜ୍ୟ ଉପସଭାପତି ଡା. ହେମାଙ୍ଗିନୀ ମେହେର ପ୍ରମୁଖ ଉପସ୍ଥିତ ରହି ସାମାଜିକ ସମରସତା ପୂର୍ଣ୍ଣ ଭେଦଭାବ ଓ ଛୁଆଁଅଛୁଆଁ ବିଚାର ବିହୀନ ଏକ ସଶକ୍ତ ରାଷ୍ଟ୍ରଭକ୍ତି ସଂସ୍କୃତି ସମ୍ପନ୍ନ ହିନ୍ଦୁ ସମାଜ ଗଠନ ପାଇଁ ମାଗଦର୍ଶନ ଦେଇଥିଲେ। ଉକ୍ତ ସଭାରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟନାରାୟଣ ସେନାପତି, ପ୍ରାନ୍ତ ସମରସତା ପ୍ରମୁଖ ସୂର୍ଯ୍ୟ ନାରାୟଣ ଯୋଷୀ, ପ୍ରାନ୍ତ କାର୍ଯ୍ୟାଳୟ ପ୍ରମୁଖ କିଶୋର ପଟେଲ, ପ୍ରାନ୍ତ ବଜରଙ୍ଗ ଦଳ ସଂଯୋଜକ ରାମଚନ୍ଦ୍ର ନାଏକ, ଧର୍ମଗଡ ଜିଲ୍ଲା ସଭାପତି ସୁରେନ୍ଦ୍ର ପଣ୍ଡା, ସଂପାଦକ ଚନ୍ଦ୍ରହାସ୍ୟ ମେହେର, କଳାହାଣ୍ଡି ଜିଲ୍ଲା ସଭାପତି ଶାନ୍ତନୁ ମୁଣ୍ଡ, ସଂପାଦକ ସେବକରାମ ସାହୁ, ମନୋଜ ମେହେର, ପଙ୍କଜିନୀ ମେହେର, ଶର୍ମିଷ୍ଠା ମେହେର ଏବଂ ବିଶ୍ୱହିନ୍ଦୁ ପରିଷଦର ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା, ମାତୃଶକ୍ତି ଓ ଦୁର୍ଗା ବାହିନୀର ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଶିକ୍ଷାବିତ ତ୍ରିଲୋଚନ ବାଗଙ୍କୁ ଡକ୍ଟରେଟ ଉପାଧି

ଧର୍ମଗଡ଼, (ଭାସ୍କର ନ୍ୟୁଜ) : ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ତ୍ରିଲୋଚନ ବାଗଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ପୁରୀ ଟାଉନହଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଓ୍ୱାଲର୍ଡ ଚାରିଟି ଓ୍ୱେଲଫେର ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ଏବଂ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ସୂଚକ ଉପାଧି ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବରୁ ସେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଶ୍ରୀ ବାଗ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗ୍ରାମରେ ଜନ୍ମଗ୍ରହଣ କରି ଶିକ୍ଷକତା ପେସାରୁ ଅବସର ଗ୍ରହଣ କରିସାରିଛନ୍ତି। ଅବସର ପରେ ଶ୍ରୀବାଗ ଗରିବ ଏବଂ ନିରକ୍ଷରଙ୍କ ଶିକ୍ଷା ଦିଗରେ ନିଶୁଳ୍କ ଭାବେ ଏବଂ ନିଜ ଉଦ୍ୟମରେ ଏକ ଟ୍ରଷ୍ଟ ଗଠନ କରି କାର୍ଯ୍ୟ କରୁଛନ୍ତି । ଶ୍ରୀବାଗ ପିଲାଙ୍କ ହସ୍ତଲିଖନ ପ୍ରଣାଳୀ ସମ୍ପର୍କରେ ସ୍ୱତନ୍ତ୍ର ପୁସ୍ତକ ରଚନା କରିଛନ୍ତି। ସେହିପରି ଦେଶର କିମ୍ବଦନ୍ତୀ ପୁରୁଷଙ୍କ ଆତ୍ମଜୀବନୀ ପୁସ୍ତକ 'ଆସ ଶୁଣିବା' ବେଶ ପାଠକୀୟ ଆଦୃତି ଲାଭ କରିଛି। ବିଭିନ୍ନ ମଞ୍ଚ, ଆକାଶବାଣୀ ଏବଂ ପତ୍ରପତ୍ରିକାରେ କଳାହାଣ୍ଡିର ମାଟି, ପାଣି, ପବନ, ସଂସ୍କୃତିକୁ ନେଇ ଅନେକ କବିତା ଶ୍ରୋତା ଏବଂ ପାଠକଙ୍କ ମନ ଛୁଇଁଛି। ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ସମ୍ମାନିତ ହୋଇ କଳାହାଣ୍ଡିକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କ ଏହି ସମ୍ମାନ ପରେ ଅଞ୍ଚଳରେ ଶୁଭେଛୁଙ୍କ ମହଲରେ ଖୁସିର ବାତାବରଣ ଖେଳିଯାଇଛି।




## ରାଷ୍ଟ୍ରୀୟ କଳା ମହୋତ୍ସବରେ ଚିତ୍ରକର କ୍ଷୀରସିନ୍ଧୁ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଉତ୍ତରପ୍ରଦେଶ ରାଜ୍ୟ ସାହରନପୁର ଜିଲ୍ଲା ସ୍ଥିତ ଡୁନ ଭେଲି ପବ୍ଲିକ ସ୍କୁଲ ଠାରେ ଆୟୋଜିତ ସୃଜନ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ 'ରାଷ୍ଟ୍ର କଳା ମହୋତ୍ସବ'ରେ କଳାହାଣ୍ଡିର ଯୁବ ଚିତ୍ରଶିଳ୍ପୀ କ୍ଷୀରସିନ୍ଧୁ ଭୋଇ ଯୋଗଦେଇ ନିଜ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିବାରେ ସଫଳତା ହୋଇଛନ୍ତି। ଡୁନ୍ ଭେଲି ଠାରେ ଅନୁଷ୍ଠିତ ଏଇ ଚିତ୍ରକଳା କର୍ମଶାଳାରେ ଦେଶର ୨୩ଟି ରାଜ୍ୟର ଶତାଧିକ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଥିଲା ବେଳେ ଓଡ଼ିଶାର ଏକମାତ୍ର ପ୍ରତିନିଧି ଭାବେ କଳାହାଣ୍ଡିର ଏହି ସୃଜନଶୀଳ ଶିଳ୍ପୀ କ୍ଷୀରସିନ୍ଧୁ ଯୋଗ ଦେଇଥିଲେ। ଏହି କର୍ମଶାଳାରେ କ୍ଷୀରସିନ୍ଧୁ ଡୁନ୍ ପବ୍ଲିକ ଭେଲି ଯୁକ୍ତ ଦୁଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଚିତ୍ରକଳା ପ୍ରଶିକ୍ଷଣ ପ୍ରଦାନ କରି ସେମାନଙ୍କୁ ଯେ ଖାଲି ମୁଗ୍ଧଚକିତ କରିଦେଇଥିଲେ ତାହା ନୁହେଁ କର୍ମଶାଳାରେ ସର୍ବ ଭାରତୀୟସ୍ତରର ଶତାଧିକ ସୃଜନଶୀଳ ଶିଳ୍ପୀମାନଙ୍କ ଗହଣରେ ଅତ୍ୟନ୍ତ ପ୍ରଭାବଶାଳୀ ଚିତ୍ର ଆଙ୍କି ଆୟୋଜକ ଓ ଦର୍ଶକମାନଙ୍କ ମନ କିଣି ନେଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଶ୍ରୀ ଭୋଇଙ୍କୁ ଚିତ୍ରକଳା କ୍ଷେତ୍ରରେ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ନିମନ୍ତେ ଉତ୍ତର ପ୍ରଦେଶ ରାଜ୍ୟମନ୍ତ୍ରୀ କୁଅଁର ବ୍ରଜେଶ ସିଂ ତାଙ୍କୁ ପୁରସ୍କୃତ କରିଥିଲେ। ଭବାନୀପାଟଣାର ଏଇ ଶିଳ୍ପୀ ଜଣକ ସଂପ୍ରତି ଭବାନୀପାଟଣାର ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶିକ୍ଷା-ଶିକ୍ଷକ ପ୍ରଶିକ୍ଷଣ ବିଭାଗର ନିମନ୍ତ୍ରିତ ଚାରୁକଳା ଅଧ୍ୟାପକ ଭାବେ କାର୍ଯ୍ୟରତ। ସେ ମଧ୍ୟ ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲର ଜଣେ ପୁରାତନ ଛାତ୍ର। ତାଙ୍କର ଏହି ସଫଳତାରେ ବିଭିନ୍ନ ମହଲରେ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି।

## ନିଆରା ଢଙ୍ଗରେ ନୂଆବର୍ଷ ପାଳିଲେ ଖଡୁରା ସମାଜ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ଇଂରାଜୀ ନବବର୍ଷକୁ ନେଇ ଲୋକଙ୍କ ମଧ୍ୟରେ ବେଶ ଉତ୍ସାହ, ଉଦ୍ଦୀପନା। କିଏ ମନ୍ଦିର ପରିଦର୍ଶନ କରି ନିଜର ଓ ପରିବାର ପାଇଁ ମଙ୍ଗଳ ମନାସୁଥିବାବେଳେ ଆଉ କେହି କେହି ଭୋଜିଭାତ କରି ନୂଆବର୍ଷର ପ୍ରଥମ ଦିନକୁ ପାଳନ କରିଛନ୍ତି। ତେବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ଠାରେ ନିଖିଳ ଉତ୍କଳ ଖଡୁରା ସମାଜ ତରଫରୁ ଏକ ନିଆରା ପଦକ୍ଷେପ ନିଆଯାଇଛି। କଳାହାଣ୍ଡି ଜିଲ୍ଲା ଖଡୁରା ସମାଜର ସଭାପତି ରବୀନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଲାଞ୍ଜିଗଡ ବ୍ଲକ ଖଡୁରା ସମାଜର କର୍ମକର୍ତ୍ତା ରମେଶ ଚନ୍ଦ୍ର ନାୟକ, ପରେଶ କୁମାର ନାୟକ, ସନାତନ ନାୟକ, ସତ୍ୟ ନାରାୟଣ ନାୟକ, ସୁନୀଲ କୁମାର ସୁବୁଦ୍ଧି, ମିଳନ କୁମାର ନାୟକ, ସୀମାଞ୍ଚଳ ନାୟକ, ସତ୍ୟାନନ୍ଦ ନାୟକ, ଭୋଳାନାଥ ନାୟକ ପ୍ରମୁଖ ଲାଞ୍ଜିଗଡ ସହର ସାରା ବୁଲି ଜନସାଧାରଣଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ନିଖିଳ ଉତ୍କଳ ଖଡୁରା ସମାଜ ଦ୍ୱାରା ପ୍ରସ୍ତୁତ କ୍ୟାଲେଣ୍ଡର ବଣ୍ଟନ କରିଥିଲେ। ଖଡୁରା ସମାଜର ଏତାଦୃଶ ଉଦ୍ୟମକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

## କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ ପାଳିତ



କୋକସରା, (ଭାସ୍କର ନ୍ୟୁଜ୍ ) : କାଳୀକୃଷ୍ଣ ସଂଘ ପକ୍ଷରୁ ପ୍ରତିବର୍ଷ ଜାନୁଆରୀ ପହିଲାକୁ ସଂକଳ୍ପ ଦିବସ ଭାବରେ ପାଳନ କରି ବିଭିନ୍ନ ପ୍ରକାରର ସଚେତନତା ଉଦ୍ଦେଶ୍ୟରେ ସଂକଳ୍ପ କରି ବର୍ଷ ତମାମ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥାଏ। ଏହି ଅବସରରେ କୋକସରା ବ୍ଲକ ଆମପାଣି ଜଗନ୍ନାଥ ମନ୍ଦିର ଠାରୁ ବୁଢାରଜା ମନ୍ଦିର ପର୍ଯ୍ୟନ୍ତ ନିଶାମୁକ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ପରିଚାଳକ ଆଧାତ୍ମିକ ଗବେଷକ ଶ୍ରୀଜଗଦାନନ୍ଦ ଜୀଙ୍କ ସମେତ କର୍ମକର୍ତ୍ତା ଓ ଭାଇଭଉଣୀମାନେ ସାମିଲ ହୋଇ ବିଭିନ୍ନ ନାରାଦେଇ ଥିଲେ। ପରେ ବଡପୋଡାଗୁଡା ପଞ୍ଚାୟତ ଅନ୍ତର୍ଗତ ବାବେକୋହରା ଖେଳପଡିଆ ଠାରେ ସଂକଳ୍ପ ଦିବସ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପାଟଯୋଶୀ, କାଳୀକୃଷ୍ଣ ସଂଘ ପ୍ରମୁଖ ଜଗଦାନନ୍ଦଜୀ, ବେଦବ୍ରହ୍ମ ସରୋଜାନନ୍ଦଜୀ, ସଭାପତି ସଂଜୟ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ନିରନ୍ତର ସେବାପାଇଁ ସର୍ବାନନ୍ଦ, ଦେବାନନ୍ଦ, ଗଣେଷ ରାମ ଅଗସ୍ତି, ଅରୁଣ କୁମାର ମହାନ୍ତି ଓ ଅମୀତା ମିଶ୍ରଙ୍କୁ ଜଗଦାନନ୍ଦଜୀ ସେବାପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ସାନପୋଡାଗୁଡାଠାରେ କାଳୀକୃଷ୍ଣ ସଂଘର ୪୨ତମ ବାର୍ଷିକ ଉତ୍ସବ ତଥା ଶ୍ରୀ ଶ୍ରୀ ମହାବିଷ୍ଣୁ ଯଜ୍ଞ ଦୁଇ ଦିନ ଧରି ୨୮ ମାର୍ଚ୍ଚ ରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ହେବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରିୟାନନ୍ଦ, ପ୍ରିୟାନନ୍ଦ, ମାଧବାନନ୍ଦ, ମୁକୁନ୍ଦାନନ୍ଦ, ଲକ୍ଷ୍ମୀକାନ୍ତ ଖମାରୀ, ଜିତେନ୍ଦ୍ର କୁମାର ପଣ୍ଡା, ତନୁକଲାଲ ନାଗ, ନବୀନ ରାଉତ, ତପନ ନାଏକ, ଅଚ୍ୟୁତ ଭଏସାଲ, ଦିଲ୍ଲୀପ ଠାକୁର, ଭୁବନେଶ୍ୱର ନାଏକ, ନିତ୍ୟାନନ୍ଦ ଧଙ୍ଗଡାମାଝୀ, ଗୌରାଙ୍ଗ ପୁଝାରୀ, ଗଜିନ୍ଦ୍ର ଭଏସାଲ, ବସନ୍ତ ଦାଶ, ବିଶ୍ୱ ନାଥ ଗଉଡ, ଝସ କେଶରୀ ନାଏକ, ଦୁର୍ବଳ ଧଙ୍ଗଡାମାଝୀ ସମେତ କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆ ସେଲ ସହଯୋଗ କରିଥିବାବେଳେ ବାବାକୋହରା ଶାଖା ସଂଘ କାର୍ଯ୍ୟକ୍ରମ ଆୟୋଜନରେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରୁ କାଳୀକୃଷ୍ଣ ସଂଘର ଭାଇଭଉଣୀମାନେ ଉପସ୍ଥିତ ଥିଲେ।

## ଡୋକରୀ ଚଞ୍ଚରା, କରକ ଜଳପ୍ରପାତରେ ଜମୁଛି ଭିଡ଼

କୋକସରା, (ଭାସ୍କର ନ୍ୟୁଜ) : ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି କଳାହାଣ୍ଡି। ଯେଉଁଠି ପାହାଡ, ଜଙ୍ଗଲ, ନଦୀ, ଝରଣା ସହ ପ୍ରକୃତି ଏକା ସାଙ୍ଗରେ ଦୃଶ୍ୟମାନ ହୁଏ। ଏଭଳି ସ୍ଥାନରେ ଶୀତୁଆ ସକାଳରେ ଶୀତର ମଜାନେବା ସହ ପ୍ରକୃତି କୋଳରେ ଦିନଟିଏ ବିତାଇ ନୂଆ ବର୍ଷରେ ପିକନିକ୍ କରିବା କିଏ ବା ନ ଚାହେଁ। ନୂଆବର୍ଷ ଅବସରରେ କୋକସରା ବ୍ଲକର ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳ ଗୁଡହାଣ୍ଡି ଡୋକରୀ ଚଞ୍ଚରା, ଆମପାଣି ସ୍ଥିତ 'କରକ' ଜଳପ୍ରପାତ ଓ ଡୁଡୁକାଠେଙ୍ଗା ପଞ୍ଚାୟତ ମୁଗୁନାପଦର ନିକଟରେ ଥିବା ବେହେରା ଡ୍ୟାମ୍ (କପାଟଦର) ଠାରେ ହଜାର ହଜାର ସଂଖ୍ୟାରେ ପିକନିକ୍ ପାର୍ଟିର ଭିଡ଼ ଦେଖିବାକୁ ମିଳିଥିଲା। ପର୍ଯ୍ୟଟନ ସ୍ଥଳୀ ଡୋକରୀ ଚଞ୍ଚରାଠାରେ ପିକନିକ୍ ପାଇଁ ଆସିଥିବା ପର୍ଯ୍ୟଟକମାନେ ନାଚଗୀତ କରିବା ସହ ସେଲଫି ଉଠାଇ ମଜା ନେଇ ଥିବାବେଳେ ଝରଣାର କୁଳୁକୁଳୁ ହୋଇ ବୋହି ଯାଉଥିବା ଜଳରାଶି, ଜଙ୍ଗଲି ପକ୍ଷୀମାନଙ୍କ ମନମତାଣିଆ ସ୍ୱରରେ ଭରପୁର ଆନନ୍ଦ ଉଠାଇଥିଲେ। ଏଠାକାର ପ୍ରାକୃତିକ ଝରଣାରୁ ବୋହି ଆସୁଥିବା ଜଳରାଶିରେ ପର୍ଯ୍ୟଟକ ମାନେ ଗାଧୋଇବା ସହ ବେଶ୍ ଆନନ୍ଦ ନେଇଥିଲେ। ସେହିପରି ଆମପାଣି ସ୍ଥିତ 'କରକ' ଜଳପ୍ରପାତରେ ମଧ୍ୟ ନୂଆ ବର୍ଷ ଅବସରରେ ଶହ ଶହ ଲୋକଙ୍କ ଭିଡ଼ ହୋଇଥିଲା। ବେହେରା ଡ୍ୟାମ୍ ଠାରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସବୁଜ ବନାନୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ପର୍ଯ୍ୟଟକମାନେ ବଣଭୋଜି ସହ ନାଚଗୀତରେ ମସଗୁଲ ହୋଇ ଏହି ଡ୍ୟାମ୍‌ଠାରେ ନୂଆବର୍ଷକୁ ଆନନ୍ଦରେ ଉପଭୋଗ କରିଛନ୍ତି। ଏହିସବୁ ସ୍ଥାନ ଗୁଡିକରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ, ପଡୋଶୀ ଜିଲ୍ଲା ନବରଙ୍ଗପୁର, କୋରାପୁଟ, ନୂଆପଡ଼ା ସମେତ ଜିଲ୍ଲାର ଅନେକ ସ୍ଥାନରୁ ପିକନିକ୍ ପାଇଁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ସେହିପରି କୋକସରା ବ୍ଲକର ଗୋତମୁଣ୍ଡା ସ୍ଥିତ ଅଠରନଳା, କନ୍ଦାଗଡ ନିକଟରେ ଥିବା ମୋଡୋସିଲ ଆଦି ସ୍ଥାନରେ ମଧ୍ୟ ପିକନିକ୍ ପାର୍ଟିର ଭିଡ଼ ଦେଖିବାକୁ ମିଳିଥିଲା।




## ରାଶିଫଳ


ଶୁକ୍ରବାର, ୦୩ ଜାନୁଆରୀ ୨୦୨୫




**ମେଷ:** ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ।




**ବୃଷ:** ଆଜି ଆପଣଙ୍କ ଦିନ ଉତ୍କଣ୍ଠାର ପରିପୂର୍ଣ୍ଣ ହେବ। ଖର୍ଚ୍ଚର ହଠାତ୍ ବୃଦ୍ଧି ଚିନ୍ତା କରିପାରେ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। କାର୍ଯ୍ୟାଳୟର କାର୍ଯ୍ୟରେ ବିଶେଷ ଧ୍ୟାନ ଦିଅନ୍ତୁ। ବ୍ୟବସାୟୀମାନଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆପଣଙ୍କ ପ୍ରିୟଜନଙ୍କ ପ୍ରେମ ଜିତିବାକୁ ଚେଷ୍ଟା କରୁଥିବା ଦେଖାଯିବ।



**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେକୌଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି, ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢିପାରେ।




**ସିଂହ:** ଆଜି ଆପଣଙ୍କ ଦିନଟି ବହୁତ ବ୍ୟସ୍ତରେ କଟିବ। ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରନ୍ତି।




**କନ୍ୟା:** ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି, ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍ । କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା:** ଆଜି ଆପଣଙ୍କର ଦିନ ମିଶ୍ରିତ ହେବ। କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟି ଅନୁଭବ କରିବେ। କିଛି ପବିତ୍ର ସ୍ଥାନ ଭ୍ରମଣର ଯୋଗ ରହିଛି। ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।



**ବିଛା:** ଆଜି ଆପଣ ଅନେକ ବାଧାର ସମ୍ମୁଖୀନ ହେବେ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।




**ଧନୁ:** ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।



**ମକର:** କୌଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ। ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ:** ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯